# ଧରିତ୍ରୀ
DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୪/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Monday, April 14/2025 Page 16 ₹ 7.00 | SAMBALPUR

୫୧ଶ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 139 ମୂଲ୍ୟ ₹୭/-


# ରାଜଧାନୀରେ ଶିଶୁ ଚୋରି

ରାଜ୍ୟର ହସ୍ପିଟାଲଗୁଡ଼ିକରୁ ଶିଶୁ ଚୋରି ଓ ବିକ୍ରି ଭଳି ଘଟଣା ନିୟମିତ ବ୍ୟବଧାନରେ ଘଟିଆସୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଶନିବାର ବିଳମ୍ବିତ ରାତିରେ ଶିଶୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ଜଣେ ଅସହାୟ ମହିଳାଙ୍କୁ ଟାର୍ଗେଟ କରିଛନ୍ତି। ରାମ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଜଣେ ଦୃଷ୍ଟିବାଧିତ ମା'ଙ୍କ ପାଖରୁ ତାଙ୍କ ଦେଢ଼ବର୍ଷର ଶିଶୁପୁତ୍ରକୁ ସେମାନେ ନେଇଯାଇଛନ୍ତି। ରାତି ପ୍ରାୟ ୨ଟାବେଳେ ଏହି ଘଟଣା ଘଟିଛି। ପିଲାକୁ ହରାଇ ଭାଙ୍ଗିପଡ଼ିଥିବା ମା' ଜୟନ୍ତୀ ମଲ୍ଲିକ ଏନେଇ ଖାରବେଳନଗର ଥାନାରେ ରବିବାର ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି। ଜୟନ୍ତୀଙ୍କୁ ଦେଖାଯାଉ ନ ଥିବାରୁ ଅଭିଯୁକ୍ତଜଣକ ଏହାର ସୁଯୋଗ ନେଇ ଏହି କାଣ୍ଡ ଘଟାଇଛନ୍ତି।

## ଦୃଷ୍ଟିବାଧିତ ମା' ପାଖରୁ ନେଇଗଲେ

ଭୁବନେଶ୍ୱର, ୧୩।୪ (ସତ୍ୟଜିତ୍ ରାଉତ)


ଜୟନ୍ତୀ ମଲ୍ଲିକ

ଦୃଷ୍ଟିବାଧିତ ଜୟନ୍ତୀ ୫ବର୍ଷ ହେବ ରାମମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଛନ୍ତି। ତାଙ୍କର ଦୁଇ ସନ୍ତାନ। ବଡ଼ଝିଅ ସାଇନ୍‌କୁ ୭ ବର୍ଷ ହୋଇଥିବାବେଳେ ବର୍ଷେ ୭ ମାସର ପୁଅ ଶୁଭମକୁ ଚେରି କରିନିଆଯାଇଛି। ଜୟନ୍ତୀ ନୀଳାଦ୍ରି ବିହାରସ୍ଥିତ ଏକ କନ୍ୟାଶ୍ରମରେ ରୁହନ୍ତି। ଦିନରେ ଭିକ୍ଷାବୃତ୍ତି କରି ରାତିରେ କନ୍ୟାଶ୍ରମକୁ ଫେରିଯାଆନ୍ତି। ରବିବାର ରାତିରେ ବର୍ଷା ହେବାରୁ ଜୟନ୍ତୀ ଆଶ୍ରମକୁ ଫେରିପାରି ନ ଥିଲେ। ସେ ରାତିରେ ରାମମନ୍ଦିର ସାମ୍ନାରେ ରହିଥିବା ସହ ଦୁଇପିଲା ମଧ୍ୟ ତାଙ୍କ ପାଖରେ ଥିଲେ। ରାତି ପ୍ରାୟ ୧୨ଟାବେଳେ ☞ ପୃଷ୍ଠା–୪

## ଓଡ଼ିଆ ନବବର୍ଷ ଅଭିନନ୍ଦନ

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।






# ଆଶ୍ରମ ସ୍କୁଲରେ ୨ୟ ଶ୍ରେଣୀ ଛାତ୍ରୀଙ୍କୁ ହତ୍ୟା ଅଭିଯୋଗ

ଉଦଳା, ୧୩।୪ (ସନ୍ତୋଷ କୁମାର ବାଞ୍ଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଶାଳଖୁଣ୍ଟା ଏସ୍‌ଏସ୍‌ଡି ଆଶ୍ରମ ବିଦ୍ୟାଳୟରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ମାତ୍ର ୩ ଫୁଟ୍ ଉଚ୍ଚରେ ଥିବା ବାଉଁଶରୁ ତାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଦୁନିଆ କ'ଣ ଭଲଭାବେ ଜାଣି ନ ଥିବା ଜଣେ କୋମଳମତି ଛାତ୍ରୀ ଆତ୍ମହତ୍ୟା କରିବା କଥାକୁ କେହି ଗ୍ରହଣ କରିପାରୁନାହାନ୍ତି। ତାଙ୍କୁ ହତ୍ୟା ପରେ ଆତ୍ମହତ୍ୟା ରୂପ ଦିଆଯାଇଥିବା ମୃତା ଛାତ୍ରୀଙ୍କ ବାପା ସୁଶାନ୍ତ ମଢ଼େଇ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୧୪୦/୨୫) ରୁଜୁ କରି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଥାନାରେ ଅଟକ ରଖିଛି। ଖବରପାଇ ଜିଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଉଦଳା ବିଡିଓ ସମରଜିତ କର, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ତହସିଲଦାର ସୁପ୍ରଭା ଦାସଙ୍କ ସମେତ ଶିଶୁ ମଙ୍ଗଳ ଅଧିକାରୀ ପହଞ୍ଚି ମୃତା ଛାତ୍ରୀଙ୍କ ପରିବାର ବର୍ଗଙ୍କ ସହିତ ଆଲୋଚନା କରିଛନ୍ତି।

ସୂଚନା ଅନୁଯାୟୀ, ଶାଳଖୁଣ୍ଟା ଏସ୍‌ଏସ୍‌ଡି ବିଦ୍ୟାଳୟରେ କପ୍ତିପଦା ବ୍ଲକ ଅଧୀନ ପଦ୍ମପୋଖରୀ ଗାଁର ସୁଶାନ୍ତଙ୍କ ଝିଅ କାନ୍ଦରୀ(୮) ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ। ଅପରାହ୍ନ ୨ଟା ବେଳେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଖାଦ୍ୟ ଖାଇବା ନିମନ୍ତେ ଯାଉଥିଲେ। ଏହି ସମୟରେ କାନ୍ଦରୀଙ୍କ ମୃତଦେହ ୩ ଫୁଟ୍ ଉଚ୍ଚ ଏକ ବାଉଁଶରେ ଝୁଲୁଥିବା ସାଙ୍ଗମାନେ ଦେଖିଥିଲେ। ଖବରପାଇ ହଷ୍ଟେଲ ମାଟ୍ରୋନ ଦୁଲାରୀ ହାଁସଦା ପହଞ୍ଚି ଅନ୍ୟ ଛାତ୍ରୀମାନଙ୍କ ସହିତ ମିଶି କାନ୍ଦରୀଙ୍କୁ ଉଦ୍ଧାର କରିଥିଲେ। ପରେ ପ୍ରଧାନଶିକ୍ଷକ ବୃନ୍ଦାବନ ପୃଷ୍ଟି ଏବଂ ମାଟ୍ରୋନ କାନ୍ଦରୀଙ୍କୁ ଉଦଳା ହସ୍ପିଟାଲ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ☞ ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ଭୁଲିବାନି ଯଶୱନ୍ତଙ୍କୁ







# ମହାବିଷୁବ ସଂକ୍ରାନ୍ତି ମତାମତ

## ପ୍ରତି ଓଡ଼ିଆଙ୍କ ପାଇଁ ବଡ଼ ଉତ୍ସବ



ମହାବିଷୁବ ବା ପଣାସଂକ୍ରାନ୍ତି ହେଉଛି ଓଡ଼ିଆ ନବବର୍ଷ। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ବଡ଼ ଉତ୍ସବ। ଘରେ ଘରେ ପିଠା, ପଣାର ବାସ୍ନା ମହକିବ। ବିଶେଷକରି ଯୌଥ ପରିବାରରେ ଥିବାରୁ ମୋର ଆନନ୍ଦ ଦୁଇଗୁଣିତ। ମହାବୀର ଜୟନ୍ତୀ ଥିବାରୁ ସକାଳୁ ହନୁମାନ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିବି। ମା', ଜେଜେମା'ଙ୍କ ସହ ଚଉରାରେ ଥିବା ତୁଳସୀ ଗଛକୁ ଗ୍ରୀଷ୍ମତାପରୁ ସୁରକ୍ଷା ଦେବାକୁ ଛୋଟ ଛିଦ୍ର ଥିବା ମାଟିପାତ୍ର ଝୁଲାଇବାରେ ସାହାଯ୍ୟ କରିବି। ବୃଦ୍ଧାଶ୍ରମ ଯାଇ ପିଠା,ପଣା ବାଣ୍ଟିବି। ସହରରେ ରହି ମଧ୍ୟ ଓଡ଼ିଆ ପର୍ବ ପରମ୍ପରାରେ ନିଜକୁ ସାମିଲ କରୁଥିବାରୁ ଭାରି ଖୁସି ଲାଗୁଛି।

**– ବର୍ଷା ପ୍ରିୟଦର୍ଶିନୀ କର, ଛାତ୍ରୀ**

## ପଣାସଂକ୍ରାନ୍ତିର ମହତ୍ତ୍ୱ ଅନେକ



ପଣା ସଂକ୍ରାନ୍ତିର ଅନେକ ମହତ୍ତ୍ୱ ରହିଛି। ଓଡ଼ିଆ ଘରର ପରମ୍ପରା, ସଂସ୍କୃତି ସହ ଏହି ସଂକ୍ରାନ୍ତି ଯୋଡିହୋଇ ରହିଛି। ଦିଅଁ ଦର୍ଶନ, ଓଡ଼ିଆ ନବବର୍ଷ ପାଳନ ଭିତରେ ପଣା ପିଇବାର ନିଆରା ଅନୁଭୂତି ରହିଛି। ପଣାରେ କ୍ଷୀର, ବେଲ, ନଡ଼ିଆ, କଦଳୀ, କମଳା, ଅଙ୍ଗୁର, ସେଓ ଏବଂ ଅନ୍ୟାନ୍ୟ ଫଳସବୁ ପଡ଼ିଥିବାରୁ ଶରୀରକୁ ପୋଷକ ତତ୍ତ୍ୱ ଓ ବିଭିନ୍ନ ଭିଟାମିନ୍ ମିଳିଥାଏ। ସେହିପରି ଗୋଲମରିଚ, ଗୁଜୁରାତି, ଅଦା ମଧ୍ୟ ପେଟ ସମସ୍ୟା ଦୂର କରିଥାଏ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ଶରୀରକୁ ସତେଜ ରଖେ।

**– ଦିଲୀପ ରାଉତ, ଶିକ୍ଷକ**

## ଓଡ଼ିଆଙ୍କ ଅସ୍ମିତାର ଦିବସ, ଓଡ଼ିଆ ଭାବେ ଗର୍ବ କରନ୍ତୁ



ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ହେଉଛି ଓଡ଼ିଆମାନଙ୍କର ଅସ୍ମିତାର ଦିବସ। ଏହି ଦିନକୁ ବିଶ୍ୱ ହିନ୍ଦୁ ପରିଷଦ ପୁରପଲ୍ଲୀରେ ମହାଆଡ଼ମ୍ବରରେ ପାଳନ କରିବ। ପ୍ରତ୍ୟେକ ଓଡ଼ିଆଙ୍କ ଘରେ ପିଠା ପଣା ସହ ଦାଣ୍ଡ, ବାରଣ୍ଡାରେ ଝୋଟି, ମୁରୁଜ ପକାଇ ପଣା ସଂକ୍ରାନ୍ତିକୁ ସ୍ୱାଗତ କରାଯିବ। ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ କଳା, ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର କରାଯିବ। ଜନ୍ମମାଟିଠାରୁ ଆରମ୍ଭ କରି ଦେଶବିଦେଶରେ ରହୁଥିବା ପ୍ରତ୍ୟକ ଓଡ଼ିଆ ନିଜକୁ ଜଣେ ସଚ୍ଚା ଓଡ଼ିଆ ଭାବେ ଗର୍ବ କରିବା ଆବଶ୍ୟକ।

**– ସୁଜିତ୍ କୁମାର ନାୟକ,**
**ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ, ବିଶ୍ୱ ହିନ୍ଦୁ ପରିଷଦ**

## ପରିବାର, ବନ୍ଧୁଙ୍କ ସହ ଖୁସି ମନାଇବାର ନିଆରା ଦିନ



ପଣାସଂକ୍ରାନ୍ତି, ହନୁମାନ ଜୟନ୍ତୀ ସହ ପୁଣି ଓଡ଼ିଆ ନବବର୍ଷ। ଏପରି ସ୍ୱତନ୍ତ୍ର ଦିନର ବହୁ ଗୁରୁତ୍ୱ ରହିଥିବାବେଳେ ପଣା ସଂକ୍ରାନ୍ତିରେ ପଣାର ସ୍ୱତନ୍ତ୍ରତା ରହିଛି। ଆମେ ମଧ୍ୟ ଘରେ ପଣା ପ୍ରସ୍ତୁତ କରିଥାଉ। ଗାଁରେ ଥିବାବେଳେ ବାଡ଼ିରୁ ବେଲ, ଫୁଟି କାକୁଡ଼ି, ନଡ଼ିଆ ସହଜରେ ମିଳିଯାଏ। ତା'ସହ ଯାହା ଆବଶ୍ୟକ ତାହା ମଧ୍ୟ ସବୁ ମିଳିଥାଏ। ଭୁବନେଶ୍ୱରରେ ଏହାସବୁ କିଣିବାକୁ ପଡୁଛି। ପଣା କରି ପରିବାର ଲୋକଙ୍କ ସହ ବନ୍ଧୁ, ପ୍ରିୟଜନଙ୍କୁ ବାଣ୍ଟି ଖୁସି ମନେଇବାର ଏହା ହେଉଛି ନିଆରା ଦିନ।

**– ସୁଚିତ୍ରା ମଲ୍ଲ, ଗୃହିଣୀ**

# ମହାବିଷୁବ ସଂକ୍ରାନ୍ତି: ଓଡ଼ିଆଙ୍କ ପାଇଁ ବଡ଼ଦିନ

ମହାନ୍ ଉତ୍କଳ ସଂସ୍କୃତିରେ ବର୍ଷ ଆରମ୍ଭ ହୁଏ ମହାବିଷୁବ ସଂକ୍ରାନ୍ତିରୁ। ତେଣୁ ଏହି ଦିନକୁ ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଏ। ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୁଏ ମେଷ ମାସ ବା ସୌର ବୈଶାଖ ମାସ। ଗଣନା ଅନୁସାରେ ଚଳିତ ବର୍ଷ ପାରମ୍ପରିକ ୧୯୩୭ ଶକାବ୍ଦର ପ୍ରଥମ ଦିବସକୁ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଭାବେ ପାଳନ କରାଯିବ। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏହା ସବୁଠାରୁ ବଡ଼ଦିନ। ଏହି ଦିନ ବସନ୍ତ ଋତୁ ବିଦାୟ ନେବା ସହ ଗ୍ରୀଷ୍ମଋତୁର ଆଗମନ ହୋଇଥାଏ। ମହାବିଷୁବ ସଂକ୍ରାନ୍ତିରେ ପ୍ରତ୍ୟେକ ଓଡ଼ିଆ ପଣା ପାନ କରିବାର ପରମ୍ପରା ରହିଛି। ତେଣୁ ଏହାକୁ ପଣା ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ।

ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଶାର ଜନଜୀବନ ମଧ୍ୟରେ ସୀମିତ ନାହିଁ, ଦେଶବିଦେଶରେ ଏହା ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ପଞ୍ଜାବରେ ବୈଶାଖୀ, ଆସାମରେ ବିହୁ, ମିଥିଳାରେ ଜୁଇର ଶିତଲ, ବଙ୍ଗଳାରେ ନବବର୍ଷ, କର୍ଣାଟକରେ ବିଷୁ ପର୍ବ, କେରଳରେ ବିଷୁ ଏବଂ ତାମିଲନାଡୁରେ ପୁଥାଣ୍ଡୁ ନାମରେ ଏହି ଦିନଟିକୁ ପାଳନ କରାଯାଏ। ଓଡ଼ିଶାରେ ଏହି ଦିନଟିକୁ ଲୋକମାନେ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ବ୍ରାହ୍ମଣ, ଗରିବ ଲୋକଙ୍କୁ ଏହିଦିନ ଛତୁଆ, ପଣା, ଛତା ଓ ତାଳପତ୍ରରେ ପ୍ରସ୍ତୁତ ପଙ୍ଖା ଦାନ କରିବାର ପରମ୍ପରା ରହିଛି। ପ୍ରତ୍ୟେକ ହିନ୍ଦୁ ପରିବାରରେ ଏହି ଦିନ ତୁଳସୀ ଚଉରାରେ ମାଟିରେ ତିଆରି ଠେକି ବସାହୁଏ। ଠେକିରେ ସରୁ କଣା କରି ଦୂବ ଲଗାଯାଇଥାଏ। ଚୈତ୍ର ପର୍ବ ନାମରେ ପରିଚିତ ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ବା ପତୁଆ ଯାତ୍ରା, ଦଣ୍ଡଯାତ୍ରା, ଉଡା ଯାତ୍ରା ଆଦି ମହାବିଷୁବ ସଂକ୍ରାନ୍ତି ପୂର୍ବରୁ ଶେଷ ହୋଇଥାଏ। ଏହି ଅବସରରେ ଓଡ଼ିଶାର ଛୋଟବଡ଼ ଦେବାଳୟଗୁଡ଼ିକ ଉତ୍ସବମୁଖର ହୋଇଉଠେ। ବିଭିନ୍ନ ସ୍ଥାନରେ ମେଳା, ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। କଟକର କଟକ ଚଣ୍ଡୀ,




ଯାଜପୁରର ବିରଜା, ଝଙ୍କଡ଼ର ଶାରଳା, କାକଟପୁରର ମଙ୍ଗଳା, ସମ୍ବଲପୁରର ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପାଇଁ ବହୁ ଜନସମାଗମ ହୁଏ। ସେଠାରେ ଝାମୁଯାତ୍ରା ଅନୁଷ୍ଠିତ ହୁଏ। ଉତ୍ତର ଓଡ଼ିଶାରେ ଏହାକୁ ଚଡ଼କ ପର୍ବ ଏବଂ ଦକ୍ଷିଣ ଓଡ଼ିଶାରେ ମେରୁଯାତ୍ରା ବୋଲି କୁହାଯାଏ।

ନବବର୍ଷକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥାଏ। ପୃଥିବୀର ବିଭିନ୍ନ ସଂସ୍କୃତି ଏବଂ ପରମ୍ପରାଗୁଡ଼ିକ ମଧ୍ୟରେ ଭାରତୀୟ ହିନ୍ଦୁଧର୍ମ, ସଂସ୍କୃତି ଓ ପରମ୍ପରାର ସ୍ଥାନ ସ୍ୱତନ୍ତ୍ର। ସନାତନ ଧର୍ମର ଅବଶିଷ୍ଟାଂଶ ହିଁ ପରବର୍ତ୍ତୀ ସମୟରେ ବା ଆଧୁନିକ ସମାଜରେ ହିନ୍ଦୁଧର୍ମ ନାମ ବହନ କରିଛି। ଏହା ବିଜ୍ଞାନସମ୍ମତ ଭିତ୍ତିଭୂମି ଉପରେ ଆଧାରିତ। ହିନ୍ଦୁଧର୍ମରେ ସମସ୍ତ କଳ୍ପନା ହିଁ ବାସ୍ତବ ରୂପ ବହନ କରିଛି। ତେଣୁ କୁହାଯାଇଛି ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ। କାଳ୍ପନିକ ମୂର୍ତ୍ତି, ଚିତ୍ରକଳା ଓ ଭାବନା ହିଁ ଈଶ୍ୱର ସାର ଅନୁଭବ ପ୍ରଦାନ କରିଥାଏ। କଳ୍ପନା ବିନା ବାସ୍ତବତା ପ୍ରାପ୍ତି ଅସମ୍ଭବ। ମାଧ୍ୟମ ବିନା ଈଶ୍ୱର ସତ୍ତାକୁ ଅନୁଭବ କରିବା ମଧ୍ୟ ଅସମ୍ଭବ। ଏହି ମୂର୍ତ୍ତି ପୂଜା, ଗୁରୁପୂଜା ଇତ୍ୟାଦି ମାଧ୍ୟମ ଆମ ଧର୍ମ ପରମ୍ପରାରେ ରହିଛି। ପୃଥିବୀ କମଳା ବା ଲେମ୍ବୁ ପରି ଗୋଲ। ଏହା ଭାରତୀୟ ବୈଜ୍ଞାନିକ ଓ ମୁନିଋଷିମାନେ କଳ୍ପନା କରିଥିଲେ ଏବଂ ତାହାକୁ ବାସ୍ତବ ରୂପ ମଧ୍ୟ ଦେଇଥିଲେ। ଦଶାବତାର ପାରମ୍ପରିକ କଳାକାରମାନେ ବହୁ ବର୍ଷ ପୂର୍ବରୁ ବରାହଙ୍କ ଦୁଇ ଦାନ୍ତ ଉପରେ ପୃଥିବୀର ଗୋଲାକାର ରୂପକୁ ସ୍ଥାପନ କରିଛନ୍ତି। ଏହାକୁ ମଧ୍ୟ ଆଧୁନିକ ବୈଜ୍ଞାନିକମାନେ ଗ୍ରହଣ କରିଛନ୍ତି। ପୂର୍ବରୁ ମୁନିଋଷିମାନେ କଳ୍ପନା କରିଥିବା କାଳ୍ପନିକ ରେଖା ଅକ୍ଷାଂଶ, ଦ୍ରାଘିମା, ସୁମେରୁ, କୁମେରୁ, ବିଷୁବରେଖା ଇତ୍ୟାଦିକୁ ମଧ୍ୟ ବାସ୍ତବରେ ପ୍ରମାଣିତ କରାଯାଇଥିବାରୁ ଆଧୁନିକ ବୈଜ୍ଞାନିକମାନେ ମଧ୍ୟ ଏହାକୁ ଭିତ୍ତିକରି ବାସ୍ତବ ନମୁନା ପାଇପାରୁଛନ୍ତି। ଏହି କାଳ୍ପନିକ ରେଖା ମଧ୍ୟରେ ବିଷୁବରେଖା ଅନ୍ୟତମ।

ହିନ୍ଦୁ ଧର୍ମରେ ଥିବା ବାର ରାଶିକୁ ଭିତ୍ତିକରି ଇଂରେଜମାନେ ୧୨ମାସ ଜାନୁୟାରୀ, ଫେବୃଆରୀ ଇତ୍ୟାଦି ନାମକରଣ କରିଛନ୍ତି। ଯେଉଁ ରାଶି ସହିତ ମଧ୍ୟ ରେଖା ଅର୍ଥାତ୍ ବିଷୁବ ରେଖା ସଂଯୁକ୍ତ ହୋଇଥିଲା ସେହି ମାସକୁ ରାଶି ଅନୁସାରେ ନାମିତ କରାଯାଉଥିଲା ଓ ସେହି ରେଖାଯୁକ୍ତ ଦିନଟିକୁ ସଂକ୍ରାନ୍ତି ବା ମାସର ପହିଲା ତଥା ତା'ର ପୂର୍ବଦିନକୁ ମାସନ୍ତ ବା ଗତ ମାସର ଶେଷଦିନ କୁହାଯାଉଥିଲା। ମେଷ ରାଶିରେ ବିଷୁବ ରେଖାର ସଂଯୁକ୍ତ ହେତୁ ବୈଶାଖ ମାସର ସଂକ୍ରାନ୍ତିଠାରୁ ମେଷ ମାସର ଆରମ୍ଭ ଘଟେ। ଏଣୁ ଏହି ଦିନଟି ବର୍ଷର ପ୍ରଥମ ମାସର ପହିଲା ହୋଇଥିବାରୁ ହିନ୍ଦୁମାନେ ଏହାକୁ ନବବର୍ଷ ଭାବେ ପାଳନ କରନ୍ତି। ବିଦେଶୀମାନେ ଜାନୁଆରୀ ମାସର ପହିଲାକୁ ନବବର୍ଷ ଭାବେ ଗ୍ରହଣ କରି ମଦ, ମାଂସ ଭଳି ତାମସିକ ଖାଦ୍ୟ ଖାଇ ପାଳନ କରୁଥିବା ବେଳେ ହିନ୍ଦୁ ଧର୍ମାବଲମ୍ବୀମାନେ ମେଷ ମାସକୁ ବର୍ଷର ପ୍ରଥମ ମାସ ଓ ବିଷୁବ ସଂକ୍ରାନ୍ତି ଦିନଟିକୁ ପହିଲା ବୋଲି ଭାବି ସାତ୍ତ୍ୱିକତାର ସହିତ ପଣା ସଂକ୍ରାନ୍ତି ନାମରେ ପାଳନ କରିଥାଆନ୍ତି। ଏହି ସଂକ୍ରାନ୍ତି ଦିନ ମେଷ ରାଶିରେ ରବି ଅବସ୍ଥାନ କରୁଥିବାରୁ ଏହାକୁ ମଧ୍ୟ ମେଷ ସଂକ୍ରାନ୍ତି, ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ବୋଲି କୁହାଯାଏ।

**– ସତ୍ୟ ମହାପାତ୍ର,**
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, 'ସତ୍ୟାଳୟ' ପ୍ଲଟ ନଂ –
୧୦୮୭/ଡି, ସେକ୍ଟର–୬, କଟକ,
ମୋ– ୯୬୫୮୧୦୫୫୩୨

# ବିଶ୍ୱର ସର୍ବୋଚ୍ଚ ପୋଲ ନିର୍ମାଣ କରୁଛି ଚାଇନା





**ବେଜିଂ,୧୩।୪**

ଚାଇନା ବିଶ୍ୱର ସର୍ବୋଚ୍ଚ ବ୍ରିଜ୍ ନିର୍ମାଣ କରୁଛି। ଦୁଇଟି ଘାଟି ମଧ୍ୟରେ ନିର୍ମିତ ହେଉଥିବା ଏହି ହୁଆଜିଆଙ୍ଗ ଗ୍ରାଣ୍ଡ କାନ୍ୟୋନ ବ୍ରିଜ୍ ୨ ମାଇଲ୍ ଦୀର୍ଘ ହୋଇଥିବାବେଳେ ଉଚ୍ଚତା ୨,୦୫୦ ଫୁଟ୍। ୩୨୪ ମିଟର ଉଚ୍ଚତା ବିଶିଷ୍ଟ ଏଫିଲ୍ ଟାୱାରଠାରୁ ଏହା ୨୦୦ ମିଟର ଅଧିକ ଉଚ୍ଚ ଏବଂ ୩ ଗୁଣ ଅଧିକ ଓଜନଦାର। ଜୁନ୍‌ରେ ସର୍ବସାଧାରଣଙ୍କ ପାଇଁ ଖୋଲିବାକୁ ଥିବା ଉକ୍ତ ପୋଲ ନିର୍ମାଣରେ ୨,୨୦୦ କୋଟି ଟଙ୍କା ବ୍ୟୟ ହେବ। ଏହି ପ୍ରକଳ୍ପ ଯୋଗୁ ଯାତ୍ରା ସମୟ ୧ ଘଣ୍ଟାରୁ ୧ ମିନିଟ୍‌କୁ ହ୍ରାସ ପାଇବ। ଏହି ସୁପର ପ୍ରୋଜେକ୍ଟ ଚାଇନାର ଇଞ୍ଜିନିୟରିଂ ସାମର୍ଥ୍ୟକୁ ପ୍ରଦର୍ଶିତ କରିବା ସହ ପାର୍ବତ୍ୟାଞ୍ଚଳ ରାଜ୍ୟ ଗୁଇଝୋଉକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବ ବୋଲି ଚାଇନା ରାଜନେତା ଝାଙ୍ଗ୍ ଶେଙ୍ଗଲିନ୍ କହିଛନ୍ତି। ବ୍ରିଜ୍‌ରେ ୨୨,୦୦୦ ଟନ୍ ଓଜନର ଇସ୍ପାତ ଫ୍ରେମ୍ ବ୍ୟବହାର କରାଯାଇଛି। ମାତ୍ର ୨ ମାସ ମଧ୍ୟରେ ଏହି ଫ୍ରେମ୍‌ଗୁଡ଼ିକୁ ଲଗାଯାଇଛି।

Government of India

**ଭାରତ ରତ୍ନ ଡକ୍ଟର ବି.ଆର. ଆମ୍ବେଦକରଙ୍କ**
**୧୩୫ତମ ଜୟନ୍ତୀରେ**
**ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ରାଷ୍ଟ୍ର**

**ଡକ୍ଟର ଆମ୍ବେଦକରଙ୍କ ସମାବେଶୀ ଭାରତର ସ୍ୱପ୍ନକୁ ମୋଦୀ ସରକାର କରୁଛନ୍ତି ସାକାର**

**ସୁଯୋଗ**


- ଟ.୪୪୭୦୦+ କୋଟିରୁ ଅଧିକ ଛାତ୍ରବୃତ୍ତି ଜରିଆରେ ପ୍ରାୟ **୮.୪ କୋଟି** ଏସସି/ଏସଟି ଛାତ୍ରଛାତ୍ରୀଙ୍କୁ ସହାୟତା
- **ପିଏମ ମୁଦ୍ରା ଯୋଜନା** ଅଧୀନରେ ଏସସି/ଏସଟି ହିତାଧିକାରୀଙ୍କୁ **ଟ.୪.୬+ ଲକ୍ଷ କୋଟି ଟଙ୍କାର ଋଣ**

**ଶ୍ରଦ୍ଧାଞ୍ଜଳି**

- ବାବାସାହେବଙ୍କ ଐତିହ୍ୟକୁ ସମ୍ମାନ ଦେବା ଲାଗି ପାଞ୍ଚଟି ପବିତ୍ର ସ୍ଥଳରେ **ପଞ୍ଚତୀର୍ଥର ବିକାଶ: ଜନ୍ମ ଭୂମି** (ମହୁ, ମଧ୍ୟପ୍ରଦେଶ), **ଶିକ୍ଷା ଭୂମି** (ଲଣ୍ଡନ), **ଦୀକ୍ଷା ଭୂମି** (ନାଗପୁର), **ମହାପରିନିର୍ବାଣ ଭୂମି** (ଦିଲ୍ଲୀ), **ଚୈତ୍ୟ ଭୂମି** (ମୁମ୍ବାଇ)

**ସମ୍ମାନ**

- **ପିଏମ ଆବାସ ଯୋଜନା** ଅଧୀନରେ ଏସସି/ଏସଟି ହିତାଧିକାରୀଙ୍କ ପାଇଁ ତିଆରି କରାଯାଇଛି ପ୍ରାୟ **୧.୫ କୋଟି** ପକ୍କା ଘର
- **୩.୪ କୋଟି** ଶୌଚାଳୟ ନିର୍ମାଣ ଦ୍ୱାରା ସ୍ୱଚ୍ଛତା ଓ ସମ୍ମାନ ସୁନିଶ୍ଚିତ
- **ଉଜ୍ଜ୍ୱଳା ଯୋଜନା** ଅଧୀନରେ ସ୍ୱଚ୍ଛ ରୋଷେଇ ଗ୍ୟାସ ଦ୍ୱାରା **୩ କୋଟିରୁ ଅଧିକ** ପରିବାର ସଶକ୍ତ
- **ଜଳ ଜୀବନ ମିଶନ** ଅଧୀନରେ **୩ କୋଟିରୁ ଅଧିକ** ଟ୍ୟାପ୍ ଜଳ ସଂଯୋଗ
- **ଆୟୁଷ୍ମାନ ଭାରତ** ଅଧୀନରେ **ପ୍ରତିବର୍ଷ ୫ ଲକ୍ଷ ଟଙ୍କା** ପର୍ଯ୍ୟନ୍ତ ମାଗଣା ଚିକିତ୍ସା
- ଏସସି/ଏସଟିଙ୍କ ଉପରେ ଅତ୍ୟାଚାରକୁ ରୋକିବା ଲାଗି **୧୪୫୬୬ ହେଲ୍ପଲାଇନ**



cbc 38101/13/0002/2526

**ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମରେ ଆପଣମାନଙ୍କୁ ସାଦର ଆମନ୍ତ୍ରଣ**

ତାରିଖ: ୧୪ ଏପ୍ରିଲ ୨୦୨୫
ସମୟ: ସକାଳ ୯.୩୦ରୁ ଅପରାହ୍ନ ୧୨.୩୦ ପର୍ଯ୍ୟନ୍ତ
ସ୍ଥାନ: ପ୍ରେରଣା ସ୍ଥଳ, ସଂସଦ ଭବନ ପରିସର

ପ୍ରବେଶ ଦ୍ୱାର: ପିଏଲ୍‌ବି ଗେଟ୍, ପଣ୍ଡିତ ପନ୍ତ ମାର୍ଗ

# ଦୁଇ ଯୁବକଙ୍କ ଜଙ୍ଗଲୀ ଭାଲୁକୁ ନିର୍ଯାତନା ଦେବା ଭିଡିଓ ଭାଇରାଲ

ମାଲକାନଗିରି, ୧୩।୪
(ନୃସିଂହ ଚରଣ ମହାନ୍ତି)



ନିର୍ଯାତନା ଦିଆଯାଉଥିବା ଭାଲୁ।


ଛତିଶଗଡ଼ର ବସ୍ତର ଡିଭିଜନରେ ଏକ ଜଙ୍ଗଲୀ ଭାଲୁ ପ୍ରତି ନିଷ୍ଠୁରତାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କେତେଜଣ ଗାଁ ଲୋକ ଭାଲୁର ଗୋଡ଼କୁ ତାର ସାହାଯ୍ୟରେ ଏକ ବାଡ଼ିରେ ବାନ୍ଧି ଦେଇଥିଲେ, ତା'ର ମୁହଁ ଏବଂ ପଞ୍ଝା ଭାଙ୍ଗି ଦେଇ ତା'ର ମୁଣ୍ଡକୁ ଆଘାତ କରିଥିଲେ। ଏହି ସମୟରେ ଭାଲୁଟି ଯନ୍ତ୍ରଣାରେ ଛଟପଟ ହେଉଥିଲା। ତାକୁ ନିର୍ଯାତନା ଦିଆଯିବା ପରେ ହତ୍ୟା କରାଯାଇଥିବା କୁହାଯାଉଛି। ଭାଇରାଲ ଭିଡିଓରେ ଦାବି କରାଯାଉଛି, ଏହା ସୁକ୍‌ମା ଜିଲା କେରାଲପାଲର ଘଟଣା। କିନ୍ତୁ ତାହା ସ୍ପଷ୍ଟ ହୋଇନାହିଁ। ପ୍ରାୟ ୨ ମିନିଟ୍ ୨୦ ସେକେଣ୍ଡର ଏହି ଭିଡିଓରେ, ଜଣେ ଗ୍ରାମବାସୀ ଭାଲୁର କାନ ଟାଣି ନିର୍ଯାତନା ଦେଉଥିବା ବେଳେ ଭାଲୁଟି ଚିତ୍କାର କରୁଥିବା ଦେଖାଯାଉଛି। ଅନ୍ୟ ଗାଁ ଲୋକଟି ଭାଲୁ ହାତ ଏବଂ ମୁଣ୍ଡରେ ଜୋରରେ ଆଘାତ କରୁଛନ୍ତି। ଭାଲୁକୁ ଏତେ ମାଡ଼ ଦିଆଯାଇଥିଲା ତା'ର ମୁହଁ ହାଡ ଭାଙ୍ଗି ସେଥିରୁ ରକ୍ତ ବାହାରୁଥିଲା। ଭିଡିଓରେ, ଯୁବକ ଜଣକ ପ୍ରଥମେ ଭାଲୁର ମୁଣ୍ଡକୁ ଆକ୍ରମଣ କରୁଥିବା ଏବଂ ତା'ପରେ ପଞ୍ଝା ଭାଙ୍ଗିବା ସହ ଲୋମକୁ ଟାଣିବା ଦେଖାଯାଇଥିଲା। ଯେଉଁଠି ଭାଲୁ ପ୍ରତି ଏଭଳି କରାଯାଉଥିଲା, ସେହି ସ୍ଥାନରେ ଗ୍ରାମର ମହିଳା ଏବଂ ପିଲାମାନେ ଠିଆ ହୋଇ ହସୁଥିବା ଭିଡିଓରେ ଦେଖିବାକୁ ମିଳୁଛି।

# ୧୫ରେ ଜନଶୁଣାଣି: ଟାରିଫ୍ ହ୍ରାସ ଅପେକ୍ଷାରେ ବିଦ୍ୟୁତ୍ ଉପଭୋକ୍ତା


## କେନ୍ଦ୍ରୀୟ କୋଇଲା ଆଇନ ଓ ଅଧିନିୟମକୁ ଓଇଆର୍‌ସିର ଉଲ୍ଲଂଘନ

ଭୁବନେଶ୍ୱର, ୧୩।୪
(ରବିନାରାୟଣ ଜେନା)

କେନ୍ଦ୍ରୀୟ କୋଇଲା ଆଇନ ଓ ଅଧିନିୟମକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଉଲ୍ଲଂଘନ କରୁଥିବାରୁ ରାଜ୍ୟରେ ବିଦୁତ୍ ଟାରିଫ୍ ଅଧିକ ରହିଛି। ନିୟମ ଅନୁଯାୟୀ ୟୁନିଟ୍ ପିଛା ୩ଟାଙ୍କା ଭିତରେ ରହିବା କଥା, ମାତ୍ର ଏହା ଏବେ ୩.୪୦ଟଙ୍କା ରହିଛି। ନିକଟରେ ଆୟୋଗଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଶୁଣାଣି ସମ୍ପୂର୍ଣ୍ଣ ହୋଇଥିବା ବେଳେ ମଙ୍ଗଳବାର ଏହାର ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣି ହେବ। ଯଦି ଆୟୋଗ କେନ୍ଦ୍ରୀୟ କୋଇଲା ଆଇନ ଓ ଅଧିନିୟମକୁ ଠିକଣା ଭାବେ କାର୍ଯ୍ୟକାରୀ କରନ୍ତି ତେବେ ବିଦ୍ୟୁତ୍ ଟାରିଫ୍ କମିବ ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ରବିବାର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି) ପରିଚାଳନାଧୀନ ଇବ୍ ଥର୍ମାଲରୁ ଉତ୍ପାଦିତ ବିଦ୍ୟୁତ ରାଜ୍ୟ ଚାହିଦାର ଏକ-ତୃତୀୟାଂଶ ପୂରଣ କରୁଛି। ଏହାର ନିର୍ମାଣାଧୀନ ୧୩୨୦ ମେଗାୱାଟ୍ କ୍ଷମତାବିଶିଷ୍ଟ ତୃତୀୟ ପର୍ଯ୍ୟାୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଅର୍ଦ୍ଧାଧିକ ବିଦ୍ୟୁତ ଚାହିଦା ପୂରଣ ହେବ। ଟାରିଫ୍ ଦୃଷ୍ଟିରୁ ଓପିଜିସି ବିଦ୍ୟୁତ୍ ମୂଲ୍ୟ କେନ୍ଦ୍ରୀୟ ତାପଜ ବିଦ୍ୟୁତଠାରୁ ଶସ୍ତା ହେଲେ ବି ବେଦାନ୍ତ, ଜିନ୍ଦଲ ଭଳି ଘରୋଇ ସଂସ୍ଥାଙ୍କ (ଆଇପିପି) ତୁଳନାରେ ଅକାରଣରେ ମହଙ୍ଗା ହେଉଛି। ଫଳରେ ରାଜ୍ୟର ଉପଭୋକ୍ତାମାନେ ଜାତୀୟ ହାର ତୁଳନାରେ ଅଧିକ ବିଲ୍ ପଇଠ କରିବାକୁ ବାଧ ହେଉଛନ୍ତି। ଉପଭୋକ୍ତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସ୍ୱତନ୍ତ୍ର କୋଇଲା ଖଣି ଆବଣ୍ଟନ ନୀତି ଆଧାରରେ କେନ୍ଦ୍ର ସରକାର ମନୋହରପୁର ଓ ଡିପ୍ ସାଇଡ୍ ମନୋହରପୁର ଭଳି ଦୁଇଟି ଉଚ୍ଚମାନର କୋଇଲା ଖଣିକୁ ଓପିଜିସିର କୋଇଲା ଚାହିଦା ପୂରଣ ପାଇଁ ୨୦୧୫ରେ ଆବଣ୍ଟନ କରିଥିଲେ। ଏହି ଖଣି ଦୁଇଟିକୁ ପାଇବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଓପିଜିସି ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିଃ (ଓସିପିଏଲ୍) ନାମରେ ସହଯୋଗୀ ସଂସ୍ଥା ଗଠନ କରିଥିଲେ। ୨୦୧୯ରୁ ଓସିପିଏଲ୍ ଏହି ଖଣିରୁ କୋଇଲା ଉତ୍ତୋଳନ କରି ଓପିଜିସିକୁ କୋଇଲା ଯୋଗାଇ ଆସୁଥିଲେ ହେଁ କେନ୍ଦ୍ରୀୟ ନୀତି ଅନୁଯାୟୀ ଉପଭୋକ୍ତାମାନେ ଯେଉଁ ପ୍ରତ୍ୟକ୍ଷ ଫାଇଦା ପାଇବା କଥା ସେଥିରୁ ବଞ୍ଚିତ ହେଉଛନ୍ତି। ଉଲ୍ଲେଖଯୋଗ୍ୟ, ଆବଣ୍ଟିତ କୋଇଲା ଖଣିରୁ ଉପଭୋକ୍ତାଙ୍କୁ ଫାଇଦା ଦେବା ଲକ୍ଷ୍ୟରେ କୋଇଲାର ମୂଲ୍ୟ ନିର୍ଣ୍ଣୟ ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ(ସିଇଆରସି)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ରେ କେନ୍ଦ୍ରୀୟ ଆୟୋଗ ଏଥିପାଇଁ ଆବଶ୍ୟକ ଅଧିନିୟମ ଲାଗୁ କରି କୋଇଲାର ଟନ୍ ପିଛା ମୂଲ୍ୟକୁ ୧,୦୦୦ ଟଙ୍କା ମଧ୍ୟରେ ସୀମିତ ରଖିଲେ। ଫଳରେ କେନ୍ଦ୍ରୀୟ ତାପଜ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ହାରାହାରି ୯୦୦ ଟଙ୍କା ଦରରେ କୋଇଲା ପାଉଛନ୍ତି। ବିଦ୍ୟୁତ ଆଇନର ଧାରା ୬୧ ଅନୁସାରେ କେନ୍ଦ୍ରୀୟ ଆୟୋଗଙ୍କ ଦ୍ୱାରା ଜାରି ନୀତି ଓ ନିୟମ ରାଜ୍ୟ ନିୟାମକ ଆୟୋଗଙ୍କ ପାଇଁ ଶିରୋଧାର୍ଯ୍ୟ। ମାତ୍ର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ରହସ୍ୟଜନକ ଭାବେ ଏପର୍ଯ୍ୟନ୍ତ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ଓପିଜିସି କୋଇଲା ମୂଲ୍ୟ ହାରାହାରି ଦୁଇଗୁଣ (ଟନ୍ ପିଛା ୧୮୦୦ ଟଙ୍କା) ରହୁଛି। ଆୟୋଗଙ୍କ ଏଭଳି ଉପଭୋକ୍ତା ମାରଣ ନୀତି ବିରୋଧରେ ୨୦୨୩ ଟାରିଫ୍ ଜନଶୁଣାଣି ବେଳେ ପ୍ରବଳ ବିରୋଧ କରାଯାଇଥିଲା। ଶେଷରେ ଓଇଆରସି କୋଇଲା ମୂଲ୍ୟ ନିର୍ଦ୍ଧାରଣ ପାଇଁ ୨୦୨୪ ମାର୍ଚ୍ଚ ୨୯ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉପରୋକ୍ତ ଅଧିନିୟମ ଅନୁଯାୟୀ ଏ ପର୍ଯ୍ୟନ୍ତ କୋଇଲା ମୂଲ୍ୟ ନିର୍ଣ୍ଣୟ ହୋଇ ନ ଥିବାବେଳେ ଆୟୋଗ ଓପିଜିସିର ଦ୍ୱିତୀୟ ପର୍ଯ୍ୟାୟ (ୟୁନିଟ୍ ୩ ଓ ୪) ପାଇଁ ଚଳିତ ମାସ ୧୫ ତାରିଖରେ ଜନଶୁଣାଣି ଦିନ ଧାର୍ଯ୍ୟ କରିଛନ୍ତି। କୋଇଲା ମୂଲ୍ୟ ନିର୍ଦ୍ଧାରଣ ପ୍ରସଙ୍ଗ ଏ ଯାଏ ସାର୍ବଜନୀନ ହୋଇ ନ ଥିବାବେଳେ ଆୟୋଗ କେଉଁ ସ୍ୱଚ୍ଛତା ଆଧାରରେ ଜନଶୁଣାଣି କରିବାକୁ ଯାଉଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଜନଶୁଣାଣି ବେଳେ ଓଇଆରସିଙ୍କ ପକ୍ଷରୁ କି' ପଦକ୍ଷେପ ଗ୍ରହଣ କରାଯାଉଛି ତାକୁ ରାଜ୍ୟବାସୀଙ୍କ ଅପେକ୍ଷା କରିଛନ୍ତି ବୋଲି ଶକ୍ତି ସମୀକ୍ଷକ ଆନନ୍ଦ କହିଛନ୍ତି।




# ପର୍ଯ୍ୟଟନ ବିକାଶରେ ସହାୟକ ଅଞ୍ଜୀ ଖଣ୍ଡ ରେଳ ବ୍ରିଜ୍



ଭୁବନେଶ୍ୱର, ୧୩।୪ (ଅନୁରାଧା ମହାରଣା)

ଭାରତର ପ୍ରଥମ କେବୁଲ ରେଳ ବ୍ରିଜ ଭାବେ ପରିଚିତ ଅଞ୍ଜୀ ଖଣ୍ଡ ବ୍ରିଜ୍ ଚେନାବ ବ୍ରିଜ୍‌ର ଦକ୍ଷିଣରେ ଥିବା ଅଞ୍ଜୀନଦୀର ଗଭୀରତାକୁ ବିସ୍ତାର କରିଛି। ଉଦାମପୁର-ଶ୍ରୀନଗର-ବାରମୁଲ୍ଲା ରେଳ ଲାଇନର କାତ୍ରା-ବନିହାଲ ସେକ୍ସନକୁ ସଂଯୋଗ କରୁଥିବା ଏହି କେବୁଲ ଜମ୍ମୁ ସହରଠାରୁ ପ୍ରାୟ ୮୦ କିଲୋମିଟର ଦୂରରେ ଅବସ୍ଥିତ। ତୁଷାରପାତ ଅଞ୍ଚଳରେ ଏହି ବ୍ରିଜ୍ ଭ୍ରମଣକୁ ସୁଗମ କରିବା ସହ ଯାତ୍ରୀଙ୍କୁ ଭଲ ଅନୁଭୂତି ପ୍ରଦାନ କରୁଛି। ଏହି ସେତୁ ଆଞ୍ଚଳିକ ସଂଯୋଗକୁ ସୁଦୃଢ଼ କରିବା ସହ କଶ୍ମୀରରେ ପର୍ଯ୍ୟଟନ ବିକାଶ ପଥ ପରିଷ୍କାର କରିଛି। ଏହି ବ୍ରିଜ୍‌ର ଉଚ୍ଚତା ୭ ମିଟର ଏବଂ ଲମ୍ବ ୨୫ ମିଟର ରହିଛି। ସେତୁର ଓଲଟା 'ୱାଇ' ଆକୃତିର ପାଇଲନ ମୂଳଦୁଆର ଉପରୁ ୧୯୩ ମିଟର ଉଚ୍ଚତାକୁ ଉଠିଥାଏ। ୮,୨୧୫ ମେଟ୍ରିକ ଟନ୍ ଇସ୍ପାତରେ ଏହା ତିଆରି ହୋଇଥିବା ଭାରତୀୟ ରେଳ ପକ୍ଷରୁ ସୂଚନା ଦିଆଯାଇଛି।

# ୭ ମାସର ଶିଶୁକନ୍ୟାଙ୍କୁ ବଳି ଦେଇଥିବା ମା'ଙ୍କୁ ଫାଶୀ ଦଣ୍ଡାଦେଶ

ବିଶାଖାପାଟଣା, ୧୩।୪

ତେଲଙ୍ଗାନାର ସୂର୍ଯ୍ୟପେଟସ୍ଥିତ ସ୍ଥାନୀୟ ଅଦାଲତ ରବିବାର ଏକ ମାମଲାର ଶୁଣାଣି କରି ବି. ଭାରତୀ ଓରଫ୍ ଲାସ୍ୟା (୩୨) ନାମ୍ନୀ ଜଣେ ମହିଳାଙ୍କୁ ନିଜ ୭ ମାସର ଶିଶୁକନ୍ୟାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଫାଶୀ ଦଣ୍ଡ ଶୁଣାଇଛନ୍ତି। ଲାସ୍ୟା ୨୦୨୧ରେ ସର୍ପ ଦୋଷରୁ ମୁକ୍ତି ପାଇବା ପାଇଁ ନିଜ ଶିଶୁକନ୍ୟାଙ୍କୁ ବଳି ଚଢ଼ାଇଥିଲେ। ଏହି ଅପରାଧ ଅତ୍ୟନ୍ତ ନିଷ୍ଠୁର ଏବଂ ଅମାନବୀୟ ହୋଇଥିବା ଦର୍ଶାଇ ଏହା ଦୁର୍ଲଭରୁ ଦୁର୍ଲଭତମ ଶ୍ରେଣୀରେ ଆସୁଥିବା କହି ସର୍ବୋଚ୍ଚ ଅଦାଲତ ଲାସ୍ୟାଙ୍କୁ ଫାଶୀ ଦଣ୍ଡ ଶୁଣାଇଛନ୍ତି। ଲାସ୍ୟା ଜଣେ ତାନ୍ତ୍ରିକଙ୍କ ପରାମର୍ଶରେ ନିଜ ଶିଶୁକନ୍ୟାଙ୍କୁ ବଳି ଦେଇଥିବା ନେଇ ତଦନ୍ତରୁ ଜଣା ପଡ଼ିଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଏଜି ଛକ, ସମୟ: ସକାଳ ୮ଟା ୩୦ । ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।
- ଉତ୍କଳ ବିକାଶ ପରିଷଦର ୨୭ତମ ବାର୍ଷିକ ଅଧିବେଶନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା ।
- ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ଭାରତୀୟ କ୍ଷେତମଜ୍‌ଦୁର ୟୁନିଅନ ପକ୍ଷରୁ ଶୋଭାଯାତ୍ରା, ସମୟ: ଅଶୋକ ନଗରସ୍ଥିତ ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ପଣା ଉତ୍ସବ, ସ୍ଥାନ: ଜନମଙ୍ଗଳ କ୍ୟାମ୍ପ, ମହାତ୍ମାଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୦ଟା ।
- ବାବାସାହେବ ଡ.ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ସେଣ୍ଟର ଫର ୟୁଥ୍ ସୋସିଆଲ ଡେଭଲପମେଣ୍ଟ(ସିୱାଇଏସ୍‌ଡି), ଫର୍ଚ୍ୟୁନ ଟାୱାର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନୂତନ ବର୍ଷ ପାଳନ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ଅପରାହ୍ନ ୪ଟା ୩୦ ।
- କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ମମତା ଦାଶଙ୍କ ଦୁଇଟି ପୁସ୍ତକର ଲୋକାର୍ପଣ ଉତ୍ସବ ଏବଂ କବିତା ଆସର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦ ।
- ସିଟିଜେନ୍ସ ଫୋରମ ଓଡ଼ିଶା ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଖାରବେଳ ନଗର(ପୁରୁଣା ସିଟି ଅଫିସ ପ୍ରାଙ୍ଗଣ), ସମୟ: ଅପରାହ୍ନ ୫ଟା ।
- ଓଡ଼ିଆ ନବବର୍ଷ ପାଳନ ଏବଂ ଓଡ଼ିଆ ପକ୍ଷର ଉଦ୍‌ଯାପନ ଉତ୍ସବ ସମାରୋହ, ସ୍ଥାନ: ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟ (କୃଷି ଶିକ୍ଷା ସଦନ), ସମୟ: ସନ୍ଧ୍ୟା ୬ଟା ।
- ଅଲ୍ ଓଡ଼ିଶା ଏସ୍‌ସି/ଏସ୍‌ଟି ବ୍ୟାଙ୍କ ଏମ୍ପ୍ଲୋୟିଜ୍ କନ୍‌ଫେଡେରେଶନ୍ ପକ୍ଷରୁ ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ।
- ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହର ସନ୍ଧ୍ୟା ଅଧିବେଶନ, ସ୍ଥାନ: କୃଷି ଶିକ୍ଷା ସଦନ, ସମୟ: ସନ୍ଧ୍ୟା ୬ଟା ।
- ମା'ତାରିଣୀଙ୍କ ପୀଠରେ ୨୭ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'ତାରିଣୀ ମନ୍ଦିର, ୨ୟ ପୋଷ୍ଟାଲ କଲୋନୀ ନିକଟ, ଭିଏସ୍‌ଏସ୍ ନଗର, ସମୟ: ସନ୍ଧ୍ୟା ୭ଟା ।
- ପୁଣ୍ୟ ଉତ୍କଳ ଫାଉଣ୍ଡେଶନର ବାର୍ଷିକ ଉତ୍ସବ, ସ୍ଥାନ: ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର, ସମୟ: ସନ୍ଧ୍ୟା ୭ଟା ।

## କଟକ

- ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ଗାନ୍ଧୀ ସ୍ମୃତି ପଡ଼ିଆ, ନିଜିଗଡ଼, ଟିଗିରିଆ, ସମୟ: ସକାଳ ୯ଟା ।
- ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ମା' କଳାପାଟଙ୍କ ମନ୍ଦିରଠାରୁ ନୂଆସଡ଼କ, ଟିଗିରିଆ, ସମୟ: ସକାଳ ୧୦ଟା ।
- ମା' ମଙ୍ଗଳାଙ୍କ ଝାମୁଯାତ୍ରା, ସ୍ଥାନ: ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ ବିଜୁ ଆଦର୍ଶ କଲୋନୀ, ସମୟ: ଅପରାହ୍ନ ୩ଟା ।
- ଦକ୍ଷିଣେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡା ପାଟଯାତ୍ରା, ସ୍ଥାନ: ନୂଆପାଟଣା, ଟିଗିରିଆ, ସମୟ: ଅପରାହ୍ନ ୪ଟା ।
- ରୁଦ୍ର କାଳୀଙ୍କ ଖଣ୍ଡାପାଟ ଯାତ୍ରା, ସ୍ଥାନ: ଜେମାଦେଇପୁର, ଟିଗିରିଆ, ସମୟ: ଅପରାହ୍ନ ୪ଟା ।
- ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ଆସର କାର୍ଯ୍ୟକ୍ରମ, ସ୍ଥାନ: ଓଟିଏମ୍ ବନମାଳୀ ଷ୍ଟୋର ପରିସର,ସମୟ: ଅପରାହ୍ନ ୫ଟା ।
- ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳନ, ସ୍ଥାନ: ଚୌଦ୍ୱାର ଗାନ୍ଧୀ ଛକସ୍ଥିତ ଅଭିରାମ ଆଶ୍ରମ ପରିସର, ସମୟ: ରାତି ୭ଟା ।

## ଖୋର୍ଦ୍ଧା

- ସାରସ୍ୱତ ମହାମିଳନ ପର୍ବ, ସ୍ଥାନ: ଗୀତାଭବନ ସଭାଗୃହ, ଖୋର୍ଦ୍ଧା, ସମୟ: ସକାଳ ୯ଟା ।
- କେନ୍ଦ୍ରୀୟ ସରକାରୀ କର୍ମଚାରୀ ସଂଘର ମହାବିଷୁବ ମିଳନ ଏବଂ ବାବାସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ଡି–୩୩ ଟ୍ରାଫିକ କଲୋନୀ, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା ।
- ପଞ୍ଚମୁଖି ମହାବୀର ଦେବଙ୍କ ବାର୍ଷିକ ଜନ୍ମ ଉତ୍ସବ, ସ୍ଥାନ: ବଡ଼ତୋଟା, ଜଟଣୀ, ସମୟ: ଅପରାହ୍ନ ୧ଟା ।
- ଝାମୁଯାତ୍ରା, ସ୍ଥାନ: ଦଳେଇପୁଟ, ସମୟ: ଅପରାହ୍ନ ୨ଟା ।
- ଝାମୁଯାତ୍ରା, ସ୍ଥାନ: ଧବଳେଶ୍ୱରଙ୍କ ପୀଠ, ଖୋର୍ଦ୍ଧା, ସମୟ: ଅପରାହ୍ନ ୩ଟା ।
- ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ମିଳନ, ସ୍ଥାନ: ଶ୍ୟାମମାଧବ ପାଠାଗାର, ସମୟ: ଅପରାହ୍ନ ୪ଟା ।
- ଝାମୁଯାତ୍ରା, ସ୍ଥାନ: ଓରାଙ୍ଗ, ସମୟ: ଅପରାହ୍ନ ୪ଟା ।
- ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ଓ ଅନୁସୂଚିତ ଜାତି ଓ ଜନଜାତି ପରିବାର ପକ୍ଷରୁ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଜୟୀ ରାଜଗୁରୁ ଟାଉନ ହଲ୍, ସମୟ: ଅପରାହ୍ନ ୫ଟା ।
- ଝାମୁଯାତ୍ରା, ସ୍ଥାନ: ଉଇଲିକିଶନ ନଗର, ସମୟ: ଅପରାହ୍ନ ୫ଟା ।
- ସିଦ୍ଧମହାବୀର ଦେବଙ୍କ ୨୧ତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଗୋପବନ୍ଧୁ ବଜାର, କଲେଜ ରୋଡ୍, ଜଟଣୀ, ସମୟ: ସନ୍ଧ୍ୟା ୬ଟା ।
- ସିଦ୍ଧମହାବୀର ଦେବଙ୍କ ୨୯ତମ ଜନ୍ମଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରେଲୱେ ଗୋଲେଇ ଓ ନିୟୁ ମାର୍କେଟ, ଜଟଣୀ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା ।
- ୩୪ତମ ବାର୍ଷିକ ଶ୍ରୀରାମଚରିତ ମାନସ, ପାରାୟଣ ଓ ପ୍ରବଚନ, ସ୍ଥାନ: ହନୁମାନ ମନ୍ଦିର, ଜରିପୁଟ, ସମୟ: ରାତି ୮ଟା ।

## ନୟାଗଡ଼

- ବିଷୁବ କବିତା ଆସର ଓ ପଣା ସେବନ କାର୍ଯ୍ୟକ୍ରମ, ସ୍ଥାନ: ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମ ଶରଣକୁଳ ନିକଟସ୍ଥ ବାଉଁଶିଆଁ, ସମୟ:ପୂର୍ବାହ୍ନ ୧୦ଟା ।

## ରାୟଗଡ଼ା

- ଭାଗବତ ତୁଙ୍ଗିରେ ହନୁମାନ ଜୟନ୍ତୀ, ସ୍ଥାନ: ଜଗମଣ୍ଡା ପାହାଡ଼, ପଦ୍ମପୁର, ସମୟ: ସକାଳ ୫ ଟା ।
- ହନୁମାନ ଜୟନ୍ତୀ ଅବସରରେ ହିନ୍ଦୁ ଜାଗରଣ ଶୋଭାଯାତ୍ରା, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର, ପଦ୍ମପୁର, ସମୟ: ସକାଳ ୭ ଟା ।
- ବାବା ସାହେବ ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ବସ୍‌ଷ୍ଟାଣ୍ଡ, ରାମା ଟକିଜ ଛକରେ ଥିବା ପ୍ରତିମୂର୍ତ୍ତି, ରାୟଗଡ଼ା, ସମୟ: ସକାଳ ୭ଟା ୩୦ ।
- ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗୁଣପୁର କଲେଜ ନିକଟ ଗଣେଶ ମନ୍ଦିର, ସମୟ: ସକାଳ ୮ଟା ।
- ଆମ୍ବେଡକରଙ୍କ ଜୟନ୍ତୀ ଉପଲକ୍ଷେ ସ୍ମୃତିଚାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୯ଟା ।
- ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ମୁନିଗୁଡ଼ା ଜଗନ୍ନାଥ ମନ୍ଦିର ପରିସର ହନୁମାନ ମନ୍ଦିର, ହାଟ ମୁନିଗୁଡ଼ା ହନୁମାନ ମନ୍ଦିର, ଶ୍ରୀରାମ ମନ୍ଦିର, ଟିକିରି ହନୁମାନ ମନ୍ଦିର, ସମୟ: ସକାଳ ୯ଟା ।
- ଆମ୍ବେଡକରଙ୍କ ଜୟନ୍ତୀ ସମାରୋହରେ ପଦଯାତ୍ରା ଓ ସଭା, ସ୍ଥାନ: ମୁନିଖୋଲ ଖେଳ ପଡିଆ, ମୁନିଗୁଡ଼ା, ସମୟ: ସକାଳ ୯ଟା ।
- ଡ ଭୀମାରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୁଡାରି ନୂଆ ବସ୍‌ଷ୍ଟାଣ୍ଡ, ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଦ୍ମପୁର ବିଜୁ କଲ୍ୟାଣ ମଣ୍ଡପ ସମୟ: ସକାଳ ୯ଟା, ପୂର୍ବାହ୍ନ ୧୦ ଟା, ସନ୍ଧ୍ୟା ୬ଟା ।
- ହନୁମାନ ଜୟନ୍ତୀ ଅବସରରେ ନଗର ପରିକ୍ରମା, ସ୍ଥାନ: ଜଗନ୍ନାଥ ମନ୍ଦିର, ରାୟଗଡ଼ା, ସମୟ: ଅପରାହ୍ନ ୪ ଟା ।
- ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବାଇକ୍ ରାଲି, ସ୍ଥାନ: ଗୁଡାରି ଜଗନ୍ନାଥ ମନ୍ଦିର ପରିସରରୁ ଆରମ୍ଭ, ସମୟ: ଅପରାହ୍ନ ୪ଟା ।
- କଳିଙ୍ଗ ସାହିତ୍ୟ ଘରର କବିତା ପାଠ ଉତ୍ସବ, ସ୍ଥାନ: ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର ସଭା ଗୃହ, ଗୁଣପୁର, ସମୟ: ଅପରାହ୍ନ ୪ଟା ।
- ତ୍ରୟଦୋଷ ବିଷୁବ ମିଳନ ସମାରୋହ, ସ୍ଥାନ: ଗୁଣପୁର ଜଗନ୍ନାଥ ପ୍ୟାଲେସ, ସମୟ: ସନ୍ଧ୍ୟା ୫ଟା ।

## ନବରଙ୍ଗପୁର

- ଡ ଆମ୍ବେଡ୍‌କରଙ୍କ ଜିଲାସ୍ତରୀୟ ଜୟନ୍ତୀ ପାଳନ ଉପଲକ୍ଷେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୮ଟା ।
- ଆମ୍ବେଡ଼କରଙ୍କ ଜୀବନୀ ସମ୍ପର୍କରେ ଆଲୋଚନାଚକ୍ର ଓ ସ୍ମୃତିସଭା, ସ୍ଥାନ: ନବରଙ୍ଗପୁର ନୋଡାଲ ଆର୍‌ସିଡି ହାଇସ୍କୁଲ, ସମୟ: ସକାଳ ୮ଟା ୩୦ ।
- ପାରମ୍ପରିକ ଖାଦ୍ୟ ଦିବସ, ଓଡିଆ ନବବର୍ଷ ପାଳନ ଓ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପିଠା, ହୁଳହୁଳି ଓ ଖୋଟି ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦ ।
- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ଡାବୁଗାଁ ଜୟନ୍ତୀ ନଗରସ୍ଥିତ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ବିଷୁବ ମିଳନ ଓ ସାରସ୍ୱତ ସମାରୋହ, ସ୍ଥାନ: ଦଗାଗୁଡ଼ା, ଉମରକୋଟ, ସମୟ ପୂର୍ବାହ୍ନ ୧୧ଟା ।
- ହନୁମାନ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୩ଟା ।
- ହନୁମାନ ଜୟନ୍ତୀ ଶୋଭାଯାତ୍ରା, ସ୍ଥାନ: ପାପଡ଼ାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ଅପରାହ୍ନ ୪ଟା ।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ବାଡେଲ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ।
- ମହାବିଷୁବ ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ, ସ୍ଥାନ: ହନୁମାନ ମନ୍ଦିର, ନନ୍ଦପୁର, ସମୟ: ସକାଳ ୭ଟା ।
- ହନୁମାନ ଜୟନ୍ତୀ, ସ୍ଥାନ: ହନୁମାନ ବାଟିକା ନାଲକୋ ଟାଉନଶିପ, ସମୟ: ସକାଳ ୭ଟା ।
- ମହାବିଷୁବ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ମା'କଣ୍ଠାବାଉଁଶୁଣୀ ପୀଠ, ଦାମନଯୋଡି, ସମୟ: ସକାଳ ୮ଟା ।
- ଆମ୍ବେଡକର ଜୟନ୍ତୀ, ସ୍ଥାନ: ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖ, ସମୟ: ସକାଳ ୯ ଟା ।
- ଆମ୍ବେଡକର ଜୟନ୍ତୀ, ସ୍ଥାନ: ଆମ୍ବେଡକର ଷ୍ଟାଡିୟମ୍ ନାଲ୍‌କୋ ଟାଉନଶିପ, ସମୟ: ସକାଳ ୯ଟା ।
- ଆମ୍ବେଡକର ସୋସାଇଟିର ପଦଯାତ୍ରା, ସ୍ଥାନ: ସୁନାବେଡା ଟ୍ରାଫିକ୍ ଛକ, ସମୟ: ସକାଳ ୯ଟା ।
- ହନୁମାନ ଜୟନ୍ତୀ ଅବସରରେ ଶୋଭଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସୁନାବେଡା–୧, ସମୟ: ସକାଳ ୯ଟା ୩୦ ।
- ଆମ୍ବେଡକରଙ୍କ ୧୩୪ତମ ଜୟନ୍ତୀ, ସ୍ମୃତି ସଭା, ସ୍ଥାନ: ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଆମ୍ବେଡକର ଜୟନ୍ତୀ ପାଳିତ,ବୈଠକ, ସ୍ଥାନ: ସାଗରଗୁଡା ଆମ୍ବତୋଟା, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା ।
- ହିନ୍ଦୁ ସମାଜର ବାଇକ୍ ଶୋଭଯାତ୍ରା, ସ୍ଥାନ: ଦାମନଯୋଡ଼ି ଛକ, ସେମିଳିଗୁଡା, ସମୟ: ଅପରାହ୍ନ ୪ଟା ୩୦ ।
- ଆମ୍ବେଡକର ଜୟନ୍ତୀ ଅବସରରେ ଶୋଭାଯାତ୍ରା, ସ୍ଥାନ: ମାଥାଲପୁଟ ହାଟପଦା, ସମୟ: ଅପରାହ୍ନ ୫ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସମୟ: ସକାଳ ୭ଟା ।
- ଏସ୍‌ଆର୍‌ଆଇଟି କଲୋନୀ ୱେଲଫେୟାର କମିଟି ପକ୍ଷରୁ ପୂଜାର୍ଚ୍ଚନା, ହୋମ ଯଜ୍ଞ, ସ୍ଥାନ: ଏସଆରଆଇଟି କଲୋନୀ ସ୍ଥିତ ହନୁମାନ ମନ୍ଦିର, ସମୟ: ସକାଳ ୮ଟା ।
- ଡ. ବିଆର ଅମ୍ବେଡକର ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ମୁଦିପଡା ଛକ ସ୍ଥିତ ପ୍ରତିମୂର୍ତ୍ତି, ସମୟ: ସକାଳ ୮ଟା ।
- ବୀର ହନୁମାନଙ୍କ ଅଭିଷେକ କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧହିଲ ସ୍ଥିତ ହନୁମାନ ମନ୍ଦିର, ସମୟ: ସକାଳ ୮ଟା ।
- ମହା ବିଷୁବ ସଂକ୍ରାନ୍ତି କାର୍ଯ୍ୟକ୍ରମ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସକାଳ ୯ଟା ।
- ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ : ଭଣ୍ଡାରିମାଲ ଗ୍ରାମ, ସମୟ : ସକାଳ ୯ଟା ।
- ଡ. ବିଆର ଅମ୍ବେଡକର ଜୟନ୍ତି କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା ।
- ପୁଷ୍ପ ପ୍ରଦର୍ଶନୀ ଓ କୃଷି ମେଳା, ସ୍ଥାନ: ସନାତନପାଲି ଗ୍ରାମ, ସମୟ: ସକାଳ ୯ଟା ୩୦
- ଜିଲାପ୍ରଶାସନ ଆୟୋଜନରେ ଓଡ଼ିଆ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ଧନକଉଡା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ : ବୁଦ୍ଧହିଲ ସ୍ଥିତ ହନୁମାନ ମନ୍ଦିର, ସମୟ : ସନ୍ଧ୍ୟା ୬ଟା ୪୫ ।
- ରାମଲୀଳା ମହୋତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ସନ୍ଧ୍ୟା ୭ଟା ।
- ରାମଲୀଳା ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ ଟା ।
- ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ମହାଆଳତୀ କାର୍ଯ୍ୟକ୍ରମ, ସ୍ଥାନ : ଜିଲସ୍କୁଲ ଛକ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ଡ. ବିଆର ଆମ୍ବେଡକରଙ୍କ ୧୩୫ ତମ ଜୟନ୍ତୀ ପାଳନ, ସ୍ଥାନ: ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ ।
- ହନୁମାନ ଜୟନ୍ତୀ ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ବୁର୍ଡା ଛକ ହନୁମାନ ମନ୍ଦିର, ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲାସ୍ତରୀୟ ଜନ ଶୁଣାଣି ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ।
- ଲୋଇସିଂହା ହନୁମାନ ଜୟନ୍ତୀ କମିଟି ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଓ ବାଇକ୍ ରାଲି, ସ୍ଥାନ: ରାମମନ୍ଦିର, ଲୋଇସିଂହା ବ୍ଲକ ,ସମୟ: ସନ୍ଧ୍ୟା ୬ ଟା ।
- ହନୁମାନ ଜନ୍ମୋତ୍ସବ ଉପଲକ୍ଷେ ବିଶାଳ ଶୋଭାଯାତ୍ରା, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା
- ଛନ୍ଦ ଚରଣ ସ୍ମରଣେ ଭୂମିକାର ବିଷୁବୋତ୍ସବ ୨୦୨୫, ସ୍ଥାନ: ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା ।
- ରାମଜୀ ନାଟକ ସଂସଦ ପକ୍ଷରୁ ରାମଲୀଳା, ସ୍ଥାନ: ଜଗନ୍ନାଥପଡା ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖ, ବଲାଙ୍ଗୀର, ସମୟ: ରାତି ୧୦ଟା ।

## ରାଉରକେଲା

- ହନୁମାନ ଜୟନ୍ତୀ, ସ୍ଥାନ: ଷ୍ଟେଶନ ରୋଡ୍, ସମୟ: ସକାଳ ୬ଟା ୩୦ ।
- ଯାଜ୍ଞସେନୀ ପରିବାର ପକ୍ଷରୁ ଓଡିଆ ନବବର୍ଷ ଓ ଆମ୍ବେଡ଼କର ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର–୧୭ ଷ୍ଟେଟବ୍ୟାଙ୍କ ସମ୍ମୁଖ, ସମୟ: ସକାଳ ୭ଟା ।
- ଦି ମିରର୍ ପକ୍ଷରୁ ପଣା ବଣ୍ଟନ, ସ୍ଥାନ: ଛେଣ୍ଡ ଉମାଶଙ୍କର ପୀଠ, ସମୟ: ସକାଳ ୮ଟା ୩୦ ।
- ଡ. ଆମ୍ବେଡ଼କରଙ୍କ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ରାଉରକେଲା ବନ୍ୟପ୍ରାଣୀ ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ।
- ରାଉରକେଲା ଗୃହରକ୍ଷୀ ସଂଘର ପଣା ସଂକ୍ରାନ୍ତି, ସ୍ଥାନ: ଡିଏଭି ଉଙ୍ଗାଛକ: ସମୟ: ସକାଳ ୯ଟା ।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଣାସଂକ୍ରାନ୍ତି ପାଳନ, ସ୍ଥାନ: ରାଉରକେଲା, ଛେଣ୍ଡ ଓ ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଏକତା ଫାଉଣ୍ଡେଶନ ପକ୍ଷରୁ ପଣା ବଣ୍ଟନ, ସ୍ଥାନ: ସେକ୍ଟର–୨୦ ପାଣିଟାଙ୍କି ଛକ, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀ ଲେଦର ଶୋରୁମ୍‌ର ଶୁଭ ଉଦ୍‌ଘାଟନ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ।
- ହନୁମାନ ମନ୍ଦିର ପକ୍ଷରୁ ଆଖଡ଼ା ଶୋଭାଯାତ୍ରା, ସ୍ଥାନ: କୋଏଲନଗର, ସମୟ: ଅପରାହ୍ନ ୪ଟା ୩୦ ।
- ଶନି ମନ୍ଦିର ପକ୍ଷରୁ ପଣା ବଣ୍ଟନ, ସ୍ଥାନ: କୋଏଲ ନଗର, ସମୟ: ଅପରାହ୍ନ ୫ଟା ।
- ଇସ୍ପାତ ସାହିତ୍ୟ ସଂସଦର ସାହିତ୍ୟ ସଭା, ସ୍ଥାନ: ସେକ୍ଟର–୭ ସଂସଦ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ।
- ଆଦର୍ଶ ପାଠାଗାର ପକ୍ଷରୁ ବିଷୁବ ମିଳନ, ସ୍ଥାନ: ସେକ୍ଟର–୫, ସମୟ: ସନ୍ଧ୍ୟା ୬ଟା ୩୦ ।
- ଆଦର୍ଶ ପାଠାଗାର ପକ୍ଷରୁ ବିଷୁବ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୫, ସମୟ: ସନ୍ଧ୍ୟା ୬ଟା ୩୦ ।
- ଗାରିମା ପରିବା ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ସେକ୍ଟର–୨୦, ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୪୦ ।

## ସୁନ୍ଦରଗଡ଼

- ଅରଣ୍ୟା ଅନୁଷ୍ଠାନ ଆନୁକୂଲ୍ୟରେ ବିଷୁବ ମିଳନ ଓ କବିତା ଆସର, ସ୍ଥାନ: ବୀରମିତ୍ର କ୍ଲବ, ନାରୀ କଲ୍ୟାଣ କେନ୍ଦ୍ର ପାଖ, ସମୟ: ସନ୍ଧ୍ୟା ୬ଟା୩୦ ।
- ଓଡ଼ିଆ ନବ ବର୍ଷ ପାଳନ ସମାରୋହ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା୩୦ ।
- ସୁନ୍ଦରଗଡ଼ ଆମ୍ବେଦକର ପରିବାର ପକ୍ଷରୁ ଡକ୍ଟର ବି ଆର୍ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ସୁନ୍ଦରଗଡ ସରକାରୀ କଲେଜ ନିକଟ ଯତରା ପଡିଆ, ସମୟ: ସନ୍ଧ୍ୟା ୭ଟା ।
- କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଡକ୍ଟର ବି ଆର ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ୧୦ଟା ।
- ଡକ୍ଟର ବିଆର ଆମ୍ବେଡକର ଜୟନ୍ତୀ ସମାରୋହ, ସ୍ଥାନ: ସଦ୍‌ଭାବନା ଭବନ, ସମୟ: ପୂର୍ବାହ୍ନ:୧୧ଟା ।
- ସରସ୍ୱତୀ ପ୍ରଚାରକ ଲକ୍ଷ୍ମୀକାନ୍ତ ଦାସଙ୍କ ଶୋକ ସଭା, ସ୍ଥାନ:ବନବାସୀ କଲ୍ୟାଣ ଆଶ୍ରମ,ସମୟ: ସନ୍ଧ୍ୟା ୮ଟା ।
- ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା ।

## ବରଗଡ଼

- ହନୁମାନ ଓ କରମସାନୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ସୁକୁଡ଼ା, ଭଟଲି, ସମୟ: ସକାଳ ୮ଟା ।
- ଆମ୍ବେଦକର ଜୟନ୍ତୀ ସମାରୋହ, ସ୍ଥାନ: କ୍ରୀଷ୍ଣା ବିକାଶ ଅଡିଟୋରିୟମ, ବରାହଗୁଡା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ହନୁମାନ ଜନ୍ମୋତ୍ସବ ଶୋଭାଯାତ୍ରା, ସ୍ଥାନ: ଅତାବିରା, ସମୟ: ପୂର୍ବାହ୍ନ ୧୦ଟା ।
- ହନୁମାନ ଜନ୍ମୋତ୍ସବ ଶୋଭାଯାତ୍ରା, ସ୍ଥାନ: ଗୋଡ଼ଭଗା, ସମୟ:ପୂର୍ବାହ୍ନ ୧୦ଟା ୩୦ ।
- ହନୁମାନ ଜନ୍ମୋତ୍ସବ ଶୋଭାଯାତ୍ରା,ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ଅପରାହ୍ନ ୫ଟା ।

## କଳାହାଣ୍ଡି

- ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଲାଞ୍ଜିଗଡ ସାପ୍ତାହିକ ବଜାର, ସମୟ: ସକାଳ ୭ଟା ।
- ହନୁମାନ ଜୟନ୍ତୀ ଉପଲକ୍ଷେ ପଞ୍ଚହାଣ୍ଡି ପଣା ଉତ୍ସବ, ସ୍ଥାନ: ଲାଞ୍ଜିଗଡ ବ୍ଲକ ପୋଖରିବନ୍ଧ ହନୁମାନ ବାଟିକା ପରିସର, ସମୟ: ପୂର୍ବାହ୍ନ ୧୧ଟା ।

## ବୌଦ୍ଧ

- ଜିଲାସ୍ତରୀୟ ଡ. ବି. ଆର୍. ଆମ୍ବେଡ଼କର ଜୟନ୍ତୀ ପାଳନ, ସ୍ଥାନ: ବୌଦ୍ଧ ଜିଲା ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ନବମ ଦିନ ନାଟକ ସେତୁବନ୍ଧ ପ୍ରତିଷ୍ଠା, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା ।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ନବମ ଦିବସ ନାଟକ ସୀତା ଠାବ ଓ ଲଙ୍କାପୋଡି, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା ।

## ଦେବଗଡ଼

- ଓଡ଼ିଆ ନବବର୍ଷ ଅବସରରେ ଖୋଟି, ହୁଳହୁଳି, ଚିତା, ମୁରୁଜ, ପିଠାପଣା ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ସକାଳ ୮ଟା ।
- ଓଡ଼ିଆ ନବବର୍ଷ ପାଳନ ଏବଂ ଭାରତ ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ବି. ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀ ରାମନବମୀ ମହୋତ୍ସବ ପୂଜା, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଆମେ କ୍ଲବ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଅବସରରେ ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ଥାନା ଛକ, ସମୟ: ମଧ୍ୟାହ୍ନ ୧୨ଟା ।
- ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ହନୁମାନ ଝଣ୍ଡା ନଗର ପରିକ୍ରମା, ସ୍ଥାନ: ଗୋପଳଜୀ ମନ୍ଦିର, ସମୟ: ଅପରାହ୍ନ ୪ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀ ରାମନବମୀ ମହୋତ୍ସବ ଅବସରରେ ଆଳତି ଓ ସମୂହ ହନୁମାନ ଚାଳିଶାପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୮ଟା ୩୦ ।
- ଜିଲାସ୍ତରୀୟ ଭାରତରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ, ସ୍ଥାନ: ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା ୩୦ ।
- ଡ. ବି ଆର ଆମ୍ବେଡକରଙ୍କ ୧୩୪ତମ ଜନ୍ମ ଦିବସ ଅବସରରେ ସୁବର୍ଣ୍ଣପୁର ସହରରେ ଶୋଭାଯାତ୍ରା, ସ୍ଥାନ: ପୌରପରିଷଦ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ପବିତ୍ର ହନୁମାନ ଜନ୍ମୋତ୍ସବ ଓ ଓଡିଆ ନବବର୍ଷ ଅବସରରେ ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ତରଭା ସହର, ସମୟ: ପୂର୍ବାହ୍ନ ୧୦ଟା ।
- ପବିତ୍ର ଶ୍ରୀ ହନୁମାନ ଜନ୍ମୋତ୍ସବ, ପଣା ସଂକ୍ରାନ୍ତି ଓ ଓଡିଆ ନବବର୍ଷ ଉପଲକ୍ଷେ ବିଶାଳ ପଦଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ସହର ଘୋଡାଘାଟପଡା ସ୍ଥିତ ପର୍ଶୁରାମ ଛକ, ସମୟ: ଅପରାହ୍ନ ୪ଟା ।
- ମୁଖ୍ୟମନ୍ତ୍ରୀ ଅନ୍ତଃକ୍ଲବ ଫୁଟବଲ୍ ଚାମ୍ପିୟନଶିପ୍‌ର ସପ୍ତମ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ।
- ଓଡ଼ିଆ ନବବର୍ଷ ଅବସରରେ ବଜରଙ୍ଗଦଳ ପକ୍ଷରୁ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ତରଭା ସହର ନୂଆପଡା, ସମୟ: ସନ୍ଧ୍ୟା ୬ଟା ୩୦ ।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ନବମ ଦିବସରେ ତୁଳସୀ ରାମାୟଣ ପଠନ ଓ ନାଟକ ରାମ ଅଭିଷେକ ପରିବେଷଣ, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୮ଟା ।
- ତରଭା ବ୍ଲକ ସରଗଜରେ ରାମନବମୀର ଅନ୍ତିମ ଦିବସ ଓ ନାଟକ ରାମ ଅଭିଷେକ ପରିବେଷଣ, ସ୍ଥାନ: ଗ୍ରାମ ସ୍ଥିତ ମଣ୍ଡପ, ସମୟ: ରାତି ୯ଟା ।
- ତରଭା ବ୍ଲକ ନକଟିକନା ଗାଁରେ ରାମଲୀଳାର ଶେଷ ସନ୍ଧ୍ୟା ଓ ରାମ ଅଭିଷେକ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ରାମଲୀଳା ମଣ୍ଡପ, ସମୟ: ରାତି ୯ଟା ।

## ନୂଆପଡ଼ା

- ହନୁମାନ ବିଗ୍ରହ ପ୍ରତିଷ୍ଠା, ସ୍ଥାନ:କୋମନା ବ୍ଲକ ତରବୋଡ଼ ଗାଁ ସମ୍ଭବ ପ୍ରଜେକ୍ଟ ସମ୍ମୁଖ ୩୫୩ ନମ୍ବର ଜାତୀୟ ରାଜପଥ କଡ଼ରେ, ସମୟ: ସକାଳ ୭ଟା ।
- ମହା ବିଷୁବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତି ପାଳନ, ସ୍ଥାନ:ନୂଆପଡ଼ା ସଦର ମହକୁମା ବ୍ଲକ କଲୋନି ସ୍ଥିତ ହନୁମାନ ମନ୍ଦିର, ସମୟ: ସକାଳ ୭ଟା ।
- ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ସପ୍ତମ ଦିବସ, ସ୍ଥାନ:ସ୍ଥାନୀୟ ପୋଲିସ ପଡ଼ିଆ ନୂଆପଡ଼ା, ସମୟ: ସକାଳ ୮ଟା ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ:ଖଡିଆଳ ବ୍ଲକ ଡକସର ଗାଁ, ସମୟ: ସକାଳ ୯ଟା ।
- ଓଡ଼ିଆ ନବବର୍ଷ ପାଳନ, ସ୍ଥାନ:ଜିଲାପାଳ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ୧୩୪ ତମ ଆମ୍ବେଦକର ଜୟନ୍ତି ପାଳନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ସମେଶ୍ୱରୀ ମନ୍ଦିର ଠାରୁ ଆମ୍ବେଦକର ଚୌକ ଖଡ଼ିଆଳ, ସମୟ: ଅପରାହ୍ନ ୪ ଟା ।
- ଫ୍ଲଡଲାଇଟ ତରବୋଡ ପ୍ରିମିୟର ଲିଗ କ୍ରିକେଟ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ।
- ଆମ୍ବେଦକର ଜୟନ୍ତି ପାଳନ ଅବସରରେ ହାସ୍ୟ କଳାକାର ଯୋଗେଶ ଜୋଜୋ ଦ୍ୱାରା ଷ୍ଟାର ନାଇଟ କାର୍ଯ୍ୟକ୍ରମ,ସ୍ଥାନ:ଆମ୍ବେଦକର ଚୌକ ଖଡିଆଳ, ସମୟ: ରାତି ୮ ଟା ।

## ଝାରସୁଗୁଡ଼ା

- ଆମ୍ବେଡକର ଜୟନ୍ତୀ ପାଳନ ଅବସରରେ ହରିଜନ ଆଦିବାସୀ ସମ୍ମିଳିତ ସଂଘ ପକ୍ଷରୁ ରାଲି, ସ୍ଥାନ: ସୁନାରୀମୁଣ୍ଡା, ସମୟ: ସକାଳ ୭ଟା ।
- ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ଡିଏମ୍‌ଏଫ୍‌ହଲ, ବେହେରାମାଲ, ସମୟ: ସକାଳ ୯ଟା ।
- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: କାଲୋପତ୍ରା ନାମ ମଣ୍ଡପ, ସମୟ: ସକାଳ ୯ଟା ।
- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜାର ସମାପନ ଉତ୍ସବ ପାଳନ, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୯ଟା ।
- ହନୁମାନ ମନ୍ଦିରରେ ସଂକ୍ରାନ୍ତି ପୂଜା, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଲେ ମଧ୍ୟ ସାମୟିକ ଅସୁସ୍ଥତା ଅନୁଭବ କରିବେ । ଆଜି ଘରକାମ ହେଉ କିମ୍ବା କର୍ମକ୍ଷେତ୍ରର କାମ ହେଉ ପ୍ରତ୍ୟେକ କାମରେ ଶୁଭ ଫଳ ମିଳିବ । ହଠାତ୍ ପରିସ୍ଥିତି ବଶତଃ ଭଙ୍ଗା ପଡିଯାଇଥିବା ବନ୍ଧୁଙ୍କ ସହ ସମ୍ପର୍କ ପୁଣି ଯୋଡି ହୋଇଯିବ । ଆର୍ଥିକ ଦିଗଟି ଭଲ ରହିବା ହେତୁ ମନ ଖୁସି ରହିପାରେ ।

**ବୃଷ** ଆଜି ଆତ୍ମୀୟଙ୍କ ଆତ୍ମୀୟତାର ଅସଲ ପରିଚୟ ପାଇ ଭୁଲ୍ ଧାରଣା ଦୂର ହୋଇଯିବ । ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ରାହୁଙ୍କ ପ୍ରଭାବରେ ନିଷ୍ପତ୍ତି ନେବାରେ ଭୁଲ୍ କରିପାରନ୍ତି । ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକନ୍ତୁ ନାହିଁ । ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ବଦଳରେ ଓଲଟା ଫଳ ଦୁଶ୍ଚିନ୍ତାର କାରଣ ପାଲଟି ଯିବ ।

**ମିଥୁନ** ଆଜି ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ମାନିତ ହେବେ । ଅନ୍ୟକୁ କଅଁଳେଇ କହି କାମ ହାସଲ କରିବା ସକାଶେ ଚେଷ୍ଟାକଲେ ଉପକୃତ ହୋଇପାରନ୍ତି । କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ । ପାରିବାରିକ ସ୍ତରରେ ଆତ୍ମୀୟମାନଙ୍କ ପରାମର୍ଶ ଲୋଡ଼ିପାରନ୍ତି ।

**କର୍କଟ** ମନ ଭଲ ଚାହୁଁଥିଲେ ମଧ୍ୟ ପରିସ୍ଥିତି ତାହାକୁ ସହଜରେ କରାଇ ଦେବ ନାହିଁ । ନୂତନ ଘରଟିଏ କିଣିବା,କିମ୍ବା ଯାନବାହନ କିଣିବା ସକାଶେ ମନ ବଳାଇ ପାରନ୍ତି । ପିଲାମାନଙ୍କର କୌଣସି ବ୍ୟତିକ୍ରମକୁ ସଜାଡିବା ପାଇଁ ଆଲୋଚନା କରିପାରନ୍ତି । ସ୍ତ୍ରୀଙ୍କ ପରାମର୍ଶ ମାନି ଚଳିଲେ କେତେକାଂଶରେ ଉପକୃତ ହେବେ ।

**ସିଂହ** ପରିବାରରେ ତର୍କବିତର୍କ କାରଣରୁ ଭାଇ, ଭଉଣୀଙ୍କ ସହ ମତାନ୍ତର ଘଟିପାରେ । ଏହାସାଙ୍ଗକୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡିବେ । କାର୍ଯ୍ୟବ୍ୟସ୍ତ କାରଣରୁ କୌଣସି କଥା ଠିକ୍ ରହିବ ନାହିଁ । ଅପେକ୍ଷା କରିଥିବା ଲୋକଟିର ଦେଖା ନ ପାଇବାରୁ ବିରକ୍ତି ଅନୁଭବ କରିପାରନ୍ତି ।

**କନ୍ୟା** ଆପଣ ପ୍ରତିକୂଳ ବାତାବରଣ ମଧ୍ୟରେ ଗତି କରୁଥିବାରୁ ମନ ଅଶାନ୍ତ ରହିପାରେ । କର୍ମକ୍ଷେତ୍ରରେ ସହକର୍ମୀଟିର ଭୁଲ୍ ବୁଝାମଣାକୁ ସୁଧାରି ନେବାରେ ସମର୍ଥ ହେବେ । ବନ୍ଧୁଙ୍କ ସହଯୋଗରୁ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ । ଅତୀତ କଥାକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ ।

**ତୁଳା** ପାରିବାରିକ ସ୍ତରରେ ପିଲାଙ୍କ ବିଳମ୍ବ ବିବାହକୁ ନେଇ ଦୁଶ୍ଚିନ୍ତା ବଢିଯିବ । ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ରହନ୍ତୁ । ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେଇ ପାରେ କିନ୍ତୁ ଏହି ଦିଗରେ ଅପେକ୍ଷା କରିଥିବା ବନ୍ଧୁଙ୍କଠାରୁ ଶୁଭ ସୂଚନା ପାଇବେ । ଅସମ୍ପୂର୍ଣ୍ଣ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ସକାଶେ ଚେଷ୍ଟିତ ହେବେ ।

**ବିଛା** ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଠପୋଷକତା ପ୍ରତ୍ୟେକ କାମକୁ ସାହସର ସହ ସମ୍ପନ୍ନ କରିବାର ପ୍ରେରଣା ଦେବେ । ଶିଳ୍ପ, ବ୍ୟବସାୟ ପାଇଁ ଦିନଟି ଭଲ । ଆପଣ ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ । ପାରିବାରିକ ସମସ୍ୟାର ସମାପ୍ତି ଘଟାଇବେ ଅବଶ୍ୟ ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ ।

**ଧନୁ** ଆଜି ଏକାଧାରରେ ମାନସିକ, ଶାରୀରିକ ଓ ଆର୍ଥିକ ଦିଗରୁ ଉନ୍ନତ ଫଳ ପାଇବେ । ପରିବାର ଓ ପରିବହନରେ କଳହର ସମ୍ଭାବନାକୁ ଏଡିହେବ ନାହିଁ । ଘରୋଇ କଥାକୁ କେନ୍ଦ୍ରକରି ଭାଇ ଭାଇ ଭିତରେ ମତପାର୍ଥକ୍ୟ ଦେଖା ଦେଇପାରେ । କର୍ମକ୍ଷେତ୍ରରେ ପରସ୍ପର ଦୋଷାରୋପ କରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି ।

**ମକର** କର୍ମକ୍ଷେତ୍ରର ସମସ୍ୟାର ସରଳ ସମାଧାନ ପାଇଁ ଚେଷ୍ଟା କରିପାରନ୍ତି । ଅଫିସରେ କଥା କଟାକଟି ହେତୁ ସୁସମ୍ପର୍କ ବ୍ୟାହତ ହେବ, ମାତ୍ର କିଛି ଅସୁବିଧା ପ୍ରାୟତଃ ହେବ ନାହିଁ । ଏକ ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇ ପାରେ । ଅଟକି ରହିଥିବା କାମଗୁଡିକୁ ଆଜି ବନ୍ଧୁଙ୍କ ସହାୟତାରେ କରିପାରିବେ ।

**କୁମ୍ଭ** ବିଭିନ୍ନ ଦୁଶ୍ଚିନ୍ତାରୁ ମାନସିକ ଅସ୍ଥିରତା ଲାଗିରହିବ । ସମସ୍ୟା ଭିତରେ ବୁଡି ରହିଥିଲେ ମଧ୍ୟ କାମର ଚାପ ବିଶ୍ରାମ ସକାଶେ ଅବସର ଦେବନାହିଁ । ଘରେ ବସି ରହିଥିଲେ ମଧ୍ୟ ସମସ୍ୟା ଆସିବ ଓ ଆପଣ ଆତ୍ମ ସଂଯମ ଓ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ । ନିଜ ପରିସରରେ ରହୁଥିବା ଆତ୍ମୀୟମାନେ ମିଥ୍ୟା ଅଭିଯୋଗ କରିପାରନ୍ତି ।

**ମୀନ** ଆଜି ଅସହିଷ୍ଣୁ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପ୍ରତିକୂଳତା ସୃଷ୍ଟିକରିବ । ପରିବାରରେ ମଧ୍ୟ ବିନା କାରଣରେ ଭୁଲ୍ ବୁଝାମଣାରୁ ଆପଣଙ୍କ ଉପରକୁ ଦୋଷ ଆସିପାରେ । ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍ ବିତଣ୍ଡା ସୃଷ୍ଟି ହେବାର ଆଶଙ୍କା ରହିଛି । ମାଲିମକଦ୍ଦମା ଓ କଚେରି ମାମଲା ତଥା ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରିବେ ।

ଆଜି ଓଡ଼ିଆ ନବବର୍ଷ, ମହାବିଷୁବ ପଣା ସଂକ୍ରାନ୍ତି, ଏପ୍ରିଲ ୧୪ ତାରିଖ, ହନୁମାନ ଜୟନ୍ତୀ, ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ, ତୁଳସୀ ମୂଳେ ଜଳଦାନ ଆରମ୍ଭ, ଡ. ଆମ୍ବେଡକର ଜୟନ୍ତୀ, ଅଗ୍ନିଶମ ଦିବସ, ବୈଶାଖ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା, ସୋମବାର, ରାଶି ନକ୍ଷତ୍ର– ସ୍ୱାତି/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫.୩୩ ଗତେ ଘ.୦୭.୦୬ ମଧ୍ୟେ, ଘ.୧୦.୩୨ ଗତେ ଘ.୦୧.୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୭.୦୬ ଗତେ ଘ.୦୮.୪୦ ମଧ୍ୟେ ରାହୁ କାଳ ।

ପ୍ରଥମ ପୃଷ୍ଠାରୁ...

## ରାଜଧାନୀରେ ଶିଶୁ...

ଜଣେ ବ୍ୟକ୍ତି ସେଠାକୁ ଆସି ସାନପୁଅ ସହ ଖେଳିଥିଲେ । ପୁଅକୁ କିଛି ଖାଦ୍ୟ ଦେବା ସହ ଜୁସ୍ ମଧ ପିଇବାକୁ ଦେଇଥିଲେ । କୋଳକୁ ନେଇ ମୋବାଇଲ ଫୋନ ଦେଖାଇଥିଲେ । ପିଲାଟି ମଧ ତାଙ୍କ ସହ ଖେଳିଥିଲା । ଏଭଳି ଦୁଇଘଣ୍ଟା ଧରି ବ୍ୟକ୍ତି ଜଣକ ପିଲା ସହ ହସିଖେଳି ସମୟ ବିତାଇଥିଲେ । ରାତି ପ୍ରାୟ ୨ଟାବେଳେ ଜୟନ୍ତୀ ତାଙ୍କ ସାନପୁଅର ପାଟି ଶୁଣିବାକୁ ପାଇ ନ ଥିଲେ । ପରିବେଶ ଶୂନଶାନ୍ ହୋଇଯାଇଥିବା ସତ୍ତ୍ୱେ ଜୟନ୍ତୀ ପାଟି କରି ଲୋକଙ୍କୁ ଡାକ ପକାଇବା ସହ ପୋଲିସର ସାହାଯ୍ୟ ଲୋଡ଼ିଥିଲେ । ଚୋରି ହୋଇଥିବା ପିଲାଟି ସ୍ତନପାନ ଛାଡ଼ି ନ ଥିଲା ବୋଲି ମା' ଜୟନ୍ତୀ ଦୁଃଖଭରା କଣ୍ଠରେ କାନ୍ଦି କହିଛନ୍ତି । ତେବେ ପିଲାକୁ ନେଇଯାଇଥିବା ଲୋକଟି ପ୍ରଥମ ଥର ସେଠାକୁ ଆସିଥିଲେ ବୋଲି ଜୟନ୍ତୀ କହିଛନ୍ତି । ସେପଟେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଛାନଭିନ୍ ଚଳାଇବା ସହ ଏକ ଅପହରଣ ମାମଲା(ନଂ.୧୬୨/୨୦୨୫) ରୁଜୁ କରିଛି । ପୋଲିସ ଟିମ୍ ଆଖପାଖ ଓ ଅନ୍ୟାନ୍ୟ ସ୍ଥାନର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଅନ୍ୟମାନଙ୍କୁ ମଧ ପଚରାଉଚରା କରିଛି । ପିଲାଟିକୁ ଅଭିଯୁକ୍ତଜଣକ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହାୟତାରେ ଘଟଣାସ୍ଥଳରୁ ଗାଡ଼ିରେ ବସାଇ ନେଇଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ତେବେ କଅଁଳ ପିଲାଟିକୁ ଫେରାଇ ଦେବାକୁ ଜୟନ୍ତୀ ଗଣମାଧ୍ୟମ ଜରିଆରେ ଆକୁଳ ନିବେଦନ କରିଛନ୍ତି । ଅନ୍ୟପକ୍ଷରେ ଖବର ପାଇ ରୁଚିକା ସମାଜ ମଙ୍ଗଳ ସଂଗଠନର କର୍ମକର୍ତ୍ତାମାନେ ପିଲାଟିକୁ ଖୋଜାଖୋଜି ଚଳାଇଛନ୍ତି । ଏଥିସହ ଜୟନ୍ତୀ ଓ ତାଙ୍କ ଝିଅର ସୁରକ୍ଷା ନେଇ ବ୍ୟବସ୍ଥା କରାଯାଉଛି । ଶିଶୁ କଲ୍ୟାଣ ସମିତି ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ମଧ ଏନେଇ ସଂଗଠନ ପକ୍ଷରୁ ଅବଗତ କରାଯାଇଥିବା ସୂଚନା ଦିଆଯାଇଛି ।

## ଆଶ୍ରମ ସ୍କୁଲରେ...

ଲୋକେ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ । ଏନେଇ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ମଧ୍ୟ ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ରବିବାର ଥିବାରୁ ଆଈ ସରସ୍ୱତୀ ବିଶ୍ୱାଳ କାନ୍ଦରୀଙ୍କୁ ଦେଖା କରିବାକୁ ଚାହିଁଥିବା ବେଳେ ସେ ଶୋଇଥିବା କହି ବିଦ୍ୟାଳୟ କର୍ତ୍ତୃପକ୍ଷ ଦେଖା କରାଇଦେଇ ନ ଥିଲେ । ଅପରାହ୍ନ ୩ଟା ୧୫ ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ୍ କରି କାନ୍ଦରୀ ଗୁରୁତର ଥିବା ପରିବାର ଲୋକଙ୍କୁ କହିଥିଲେ । ପରିବାର ଲୋକେ ହସ୍ପିଟାଲରେ ପହଞ୍ଚି କାନ୍ଦରୀଙ୍କ ମୃତ୍ୟୁ ଘଟିଥିବା ଦେଖିଥିଲେ । ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ତ୍ୱରାନ୍ୱିତ କରିଥିବା ବେଳେ କାନ୍ଦରୀଙ୍କ ବେକ ଏବଂ ଗାଲରେ ଦାଗ ରହିଥିବା ଦେଖିବାକୁ ମିଳିଛି । ଜିଲା ମଙ୍ଗଳ ଅଧିକାରୀ ମଲ୍ଲିକ ମେଡିକାଲରେ ପହଞ୍ଚି ଛାତ୍ରୀ ଜଣକ ଦୋଳିରେ ଗୁଡ଼ାଇ ହୋଇ ମୃତ୍ୟୁବରଣ କରିଥିବା କହିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ହଷ୍ଟେଲ କର୍ତ୍ତୃପକ୍ଷ, ମାଟ୍ରୋନ ଏବଂ ପ୍ରଧାନଶିକ୍ଷକଙ୍କ ଅବହେଳା ପାଇଁ ଏଭଳି ଘଟଣା ଘଟିଥିବା ମୃତା ଛାତ୍ରୀଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି ।



ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପଶ୍ଚିମବଙ୍ଗର ସରକାରୀ ସ୍କୁଲଗୁଡ଼ିକରୁ ୨୫ ହଜାରରୁ ଅଧିକ ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ହରାଇବାକୁ ନେଇ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଓ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାରଙ୍କ ନେତୃତ୍ୱରେ ଦଳ ପକ୍ଷରୁ ରାଜ୍ୟର ଟିଏମ୍‌ସି ସରକାରଙ୍କ ବିରୋଧରେ କରାଯାଇଥିବା ପ୍ରତିବାଦ ସଭା ।

# କ୍ଷମା ମାଗ, ନଚେତ୍ ନବୀନ ନିବାସ ଘେରିବୁ : ଭକ୍ତ

ଭୁବନେଶ୍ୱର,୧୩।୪(ରବିନାରାୟଣ ଜେନା)

ବିଜେଡି ପକ୍ଷରୁ ପଣ୍ଡିତ ଜବାହର ଲାଲ୍ ନେହେରୁଙ୍କ ସହ ଭି.କେ. ପାଣ୍ଡିଆନଙ୍କୁ ତୁଳନା କରାଯିବାକୁ ନେଇ କଂଗ୍ରେସ ତରଫରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କ୍ଷମାପ୍ରାର୍ଥନା ନ କଲେ ନବୀନ ନିବାସ ଘେରାଉ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରବିବାର ଭବାନୀପାଟଣାଠାରେ ଖବରଦାତାଙ୍କ ଏକ କାର୍ଯ୍ୟକ୍ରମରେ ଭକ୍ତ କହିଛନ୍ତି, ବିଜେଡିର କଟକ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଜଣେ କମ୍ପାନୀ ଚାକିରିଆ। ତାଙ୍କ ମୁହଁରେ ନବୀନବାବୁ ପାଣ୍ଡିଆନଙ୍କ ପ୍ରଶଂସା କରାଉଛନ୍ତି, ଯିଏକି ଦଳରେ ନାହାନ୍ତି। ନେହେରୁଙ୍କ ସହ ବିଜୁ ପଟ୍ଟନାୟକ କାମ କରିଥିଲେ। ହାତକୁ ହାତ ମିଶାଇ ସେ ବହୁତ ବଡ଼ ବଡ଼ କାର୍ଯ୍ୟ କରିଛନ୍ତି। ଆଜି ତାଙ୍କ ପୁଅ ନବୀନବାବୁ ସନ୍ତୃପ୍ତ ମିଶ୍ରଙ୍କ ଜରିଆରେ କେବଳ ଯେ

## ନେହେରୁଙ୍କ ସହ ପାଣ୍ଡିଆନଙ୍କୁ ତୁଳନା ପ୍ରସଙ୍ଗ

ନେହେରୁଙ୍କୁ ଅପମାନିତ କରିଛନ୍ତି ତା' ନୁହେଁ, ବିଜୁବାବୁଙ୍କୁ ମଧ୍ୟ ଅପମାନିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସଂତୃପ୍ତ କହିଥିଲେ ନେହେରୁ ଯେଭଳି ରାଷ୍ଟ୍ରର ହିତ କରି ମଧ୍ୟ ସମାଲୋଚିତ ହୋଇଥିଲେ ସେହିଭଳି ପାଣ୍ଡିଆନ୍ ରାଜ୍ୟର ବିକାଶ କରିଥିବା ସତ୍ତ୍ୱେ ତାଙ୍କୁ ସମାଲୋଚନା କରାଯାଉଛି। ତେଣୁ ରାଜ୍ୟବାସୀଙ୍କ ସାମ୍ନାରେ ନବୀନବାବୁ କ୍ଷମା ମାଗନ୍ତୁ, ଜବାବ ଦିଅନ୍ତୁ, ନଚେତ୍ ପ୍ରତିଧ୍ୱନି ଶୁଣିବେ। ନବୀନ ନିବାସ ଘେରାଉ କରାଯିବ ବୋଲି ଭକ୍ତ ଚେତାଇ ଦେଇଛନ୍ତି।

ଭକ୍ତ ପୁଣି କହିଛନ୍ତି, ପୂର୍ବର ବିଜେଡି ସରକାର ଯେଭଳି ଗଣମାଧ୍ୟମର କଣ୍ଠରୋଧ କରିଥିଲା, ଠିକ୍ ସେହିପରି ଭାଜପା ସରକାର ଖବରଦାତାଙ୍କ ଉପରେ ଅଙ୍କୁଶ ଲଗାଇଛି, ଯାହାଫଳରେ ଖବରଦାତାଙ୍କୁ ସେମାନଙ୍କ ଉଚିତ୍ ହକ୍ ମିଳିପାରୁନାହିଁ। ମାତ୍ର କଂଗ୍ରେସ ସେମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲା। ଯଦି ରାଜ୍ୟ ସରକାର ତୁରନ୍ତ ଖବରଦାତାଙ୍କ ଦାବି ପୂରଣ ନ କରନ୍ତି ତେବେ କଂଗ୍ରେସ ଏଥିପାଇଁ ଲଢ଼େଇ କରିବ।

ଭକ୍ତ କହିଥିଲେ ଯେ, ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ହେଲା ବିଜେଡି। ହେଲେ ସେମାନେ ଭାଜପାର ତୋଷାମଦ କରୁଛନ୍ତି। ବିଜେଡି ଯେଭଳି ଖବରଦାତାଙ୍କ ଅଧିକାରକୁ ବିଧାନସଭାରେ ନିୟନ୍ତ୍ରଣରେ ରଖିଥିଲା, ଭାଜପା ମଧ୍ୟ ସମାନ ନୀତି ଅନୁସରଣ କରୁଛି। ୱାକ୍‌ଫ ବିଲ୍‌କୁ ନେଇ ନବୀନବାବୁ ପ୍ରଥମେ ବିରୋଧ କରିବାକୁ ନିଷ୍ପତ୍ତି ନେଲେ ଏବଂ ବିଜୁବାବୁଙ୍କ ଏହା ସ୍ୱର ବୋଲି କହିଲେ, ହେଲେ ପରେ ସେ ସ୍ୱର ବଦଳାଇଦେଲେ। ଏହି ପ୍ରସଙ୍ଗରେ ଏତେ ତଳକୁ ନବୀନବାବୁ ଚାଲିଯାଇଛନ୍ତି ଯେ, ତାଙ୍କ ଦଳର ଲୋକେ ଏବେ ତାଙ୍କ ବିରୋଧରେ କହିବାକୁ ଜଣକ ପରେ ଜଣେ ଖୋଲାଖୋଲି ବାହାରୁଛନ୍ତି। ଏଥିରୁ ନବୀନଙ୍କ ତରୁଆପଣ ସ୍ପଷ୍ଟ ହେଉଛି। ନବୀନ ରାଜନୀତିର ମାନ ରଖନ୍ତୁ ବୋଲି ଭକ୍ତ କହିଛନ୍ତି।

# ତୈଳ ଉତ୍ପାଦ ଶୁଳ୍କ ବୃଦ୍ଧିର ସିଏଜି ଅଡିଟ୍ ହେଉ: କଂଗ୍ରେସ

ନୂଆଦିଲ୍ଲୀ,୧୩।୪

## ସରକାରୀ ନୀତି ଘରୋଇ କମ୍ପାନୀକୁ ଲାଭବାନ୍ କରୁଛି

ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ବୃଦ୍ଧି ଯୋଗୁ କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ଲୁଟୁଥିବା କଂଗ୍ରେସ ଅଭିଯୋଗ କରି ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛି। ସରକାରଙ୍କ ନୀତି ଯୋଗୁ ଘରୋଇ କମ୍ପାନୀଗୁଡ଼ିକ କିପରି ଲାଭବାନ୍ ହେଉଛନ୍ତି, ତାହାର ସିଏଜି ଅଡିଟ୍ କରାଯିବାକୁ ବିରୋଧୀ ଦଳ ଦାବି କରିଛି। ଜାଣିଶୁଣି ଅବହେଳା କରାଯାଉଛି ନା ଏହା ପଛରେ କୌଣସି ସଲାସୁତୁରା ରହିଛି, ତାହାର ତଦନ୍ତ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଏବଂ ସିବିଆଇ ଦ୍ୱାରା କରାଯାଉ ବୋଲି କଂଗ୍ରେସ କହିଛି।

ଦଳର ଯୋଗାଯୋଗ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଜୟରାମ ରମେଶ



ଜୟରାମ ରମେଶ

ଏକ୍ସ'ରେ ଲେଖିଛନ୍ତି, ମୋଦି ସରକାର ଟିକସ ବୋଝ ବଢ଼ାଇ ସାଧାରଣ ଲୋକଙ୍କୁ ଲୁଟୁଥିବାବେଳେ ଘରୋଇ ଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଲାଭବାନ ହେଉଛନ୍ତି। ଏହା ଖୋଲା ଆର୍ଥିକ ଶୋଷଣ ବୋଲି ସେ କହିଛନ୍ତି। ୨୦୧୪ ମେ'ରେ ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କ ୯ ଟଙ୍କା ୨୦ ପଇସା ଏବଂ ଡିଜେଲ ଉପରେ ୩ ଟଙ୍କା ୪୬ ପଇସା ଥିଲା। ମୋଦି ସରକାରରେ ତାହା ଯଥାକ୍ରମେ ୧୯ ଟଙ୍କା ୯୦ ପଇସା ଏବଂ ୧୫ ଟଙ୍କା ୮୦ ପଇସାକୁ ବୃଦ୍ଧି ପାଇଛି। ଗତ ୧୧ ବର୍ଷରେ ସରକାର ପେଟ୍ରୋଲିୟମ୍ କ୍ଷେତ୍ରରୁ ୩୯.୫୪ ଲକ୍ଷ କୋଟି ଟଙ୍କା ଆୟ କରିଥିବାବେଳେ ଲୋକଙ୍କୁ କୌଣସି ସୁବିଧା ଦେଇନାହାନ୍ତି। ୨୦୧୪ ମେ'ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପ୍ରତି ୧୦୮ ଡଲାର ରହିଥିବାବେଳେ ଏବେ ୬୫.୩୧ ଡଲାର ରହିଛି, ଅର୍ଥାତ୍ ୪୦ ପ୍ରତିଶତ ଶସ୍ତା ହୋଇଛି। ଏହା ସତ୍ତ୍ୱେ ପେଟ୍ରୋଲ ଏବଂ ଡିଜେଲ ଦର ଉପା ସରକାର ଅମଳର ମୂଲ୍ୟଠାରୁ ଅଧିକ ରହିଥିବା ଜୟରାମ କହିଛନ୍ତି। ୨୦୧୪ରେ ପେଟ୍ରୋଲ ଏବଂ ଡିଜେଲ ଦର ଦିଲ୍ଲୀରେ ଯଥାକ୍ରମେ ୭୧ ଟଙ୍କା ୪୧ ପଇସା ଏବଂ ୫୫ଟଙ୍କା ୪୯ ପଇସା ଥିବାବେଳେ ଏବେ ତାହା ୯୪ ଟଙ୍କା ୭୭ ପଇସା ଏବଂ ୮୭ ଟଙ୍କା ୬୭ ପଇସା ହୋଇଛି। ଲୋକଙ୍କୁ ଲୁଟ୍ କରାଯାଉଥିବାବେଳେ ଏଥିରେ କିଏ ଲାଭବାନ୍ ହେଉଛି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି। ସରକାରୀ କମ୍ପାନୀ ସମେତ ଘରୋଇ ତୈଳ କମ୍ପାନୀ ବିଶୋଧନ ଏବଂ ବିପଣନରୁ ବିପୁଳ ଲାଭ ଉଠାଉଛନ୍ତି। ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ହୋଇଥିବାରୁ ସିଏଜି ଏହାର ଅଡିଟ୍ କରିବା ଜରୁରୀ। ଜାଣିଶୁଣି ଅବହେଳା ନା ସଲାସୁତୁରା ହୋଇଛି, ତାହାର ତଦନ୍ତ ମଧ୍ୟ ହେବା ଆବଶ୍ୟକ ବୋଲି ଜୟରାମ କହିଛନ୍ତି।

# ୫ ସରପଞ୍ଚ, ୨ ସମିତି ସଭ୍ୟ, ୯ ୱାର୍ଡ ସଭ୍ୟ ଲାଗି ହେବ ଉପନିର୍ବାଚନ

ଛତ୍ରପୁର,୧୩।୪(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାର ୫ ପଞ୍ଚାୟତର ସରପଞ୍ଚ, ୨ ପଞ୍ଚାୟତ ସମିତିସଭ୍ୟ ଏବଂ ୯ ୱାର୍ଡ ସଭ୍ୟ ପଦବୀ ଖାଲି ରହିଛି। ଏହି ପଦବୀଗୁଡ଼ିକ ପୂରଣ ଲାଗି ଉପନିର୍ବାଚନ କରାଯିବାକୁ ରାଜ୍ୟ ନିର୍ବାଚନ କମିଶନ ସ୍ଥିର କରି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ପର୍କରେ ରାଜ୍ୟ ନିର୍ବଚନା କମିଶନ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ଜିଲାର ଜଗନ୍ନାଥ ପ୍ରସାଦ ବ୍ଲକ କୁତୁଡାଇ ଓ ବୁଢୁରୁଣ୍ଡି ପଞ୍ଚାୟତ ସରପଞ୍ଚ, କବିସୂର୍ଯ୍ୟନଗର ବ୍ଲକ୍ ବୋରସିଙ୍ଗି ପଞ୍ଚାୟତ ସରପଞ୍ଚ, ଶେରଗଡ଼ ବ୍ଲକ ଟାକରଡ଼ା ପଞ୍ଚାୟତ ସରପଞ୍ଚ ଏବଂ ସୋରଡ଼ା ବ୍ଲକ ଗାଙ୍ଗପୁର ପଞ୍ଚାୟତ ସରପଞ୍ଚ ପଦବୀ ଖାଲି ପଡ଼ିଥିବାରୁ ଉପନିର୍ବାଚନ ହେବ। କବିସୂର୍ଯ୍ୟନଗର ବ୍ଲକ୍ ଗୁଡ଼ିଆଳି ପଞ୍ଚାୟତ ସମିତିସଭ୍ୟ ଓ କୁକୁଡ଼ାଖଣ୍ଡି ବ୍ଲକ୍ ଡେଙ୍ଗାପଦର ପଞ୍ଚାୟତ ସମିତିସଭ୍ୟ ପଦବୀ ପାଇଁ ମଧ୍ୟ ଉପନିର୍ବାଚନ କରାଯିବ। ଜଗନ୍ନାଥପ୍ରସାଦ ବ୍ଲକ୍ ଅନ୍ଧେଇଗାଁ ପଞ୍ଚାୟତର ୩ ନମ୍ବର ୱାର୍ଡ ସଭ୍ୟ, ଗେରେଡ଼ା ପଞ୍ଚାୟତର ୬ ନମ୍ବର ୱାର୍ଡ ସଭ୍ୟ ଓ ଖମରାପଲି ପଞ୍ଚାୟତର ୧୨ ନମ୍ବର ୱାର୍ଡ ସଭ୍ୟ, କବିସୂର୍ଯ୍ୟନଗର ବ୍ଲକ ବୋଲୋସର ପଞ୍ଚାୟତର ୬ ନମ୍ବର ୱାର୍ଡ ସଭ୍ୟ, ଖଜାପାଲି ପଞ୍ଚାୟତର ୬ ଓ ୧୦ ନମ୍ବର ୱାର୍ଡ ସଭ୍ୟ ଏବଂ ପୋଲସରା ବ୍ଲକ୍ ତୁଙ୍ଗାପଡ଼ା ପଞ୍ଚାୟତର ୧୦ ନମ୍ବର ୱାର୍ଡ ସଭ୍ୟ, ଜକର ପଞ୍ଚାୟତର ୫ ନମ୍ବର ୱାର୍ଡ ସଭ୍ୟ ଓ ମଥୁରା ପଞ୍ଚାୟତର ୧୪ ନମ୍ବର ୱାର୍ଡ ସଭ୍ୟ ପଦବୀ ପାଇଁ ମଧ୍ୟ ଉପନିର୍ବାଚନ କରାଯିବାକୁ ସ୍ଥିର ହୋଇଛି। ଚଳିତ ଜାନୁଆରୀରେ ପ୍ରକାଶ ପାଇଥିବା ନିର୍ବାଚନମଣ୍ଡଳୀସ୍ତରୀୟ ଭୋଟର ତାଲିକାକୁ ଆଧାର କରି ଉପନିର୍ବାଚନ ହେବ। ନୂଆ ନାମ ସଂଯୋଗ କରାଯିବନି, କେବଳ ଉକ୍ତ ଭୋଟର ତାଲିକା ସଂଶୋଧନ ହେବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପ୍ରିଲ ୩୦ ମଧ୍ୟରେ ପଞ୍ଚାୟତର ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ମେ ୨ରୁ ୫ ମଧ୍ୟରେ ଉକ୍ତ ଆପତ୍ତି ଅଭିଯୋଗର ତଦନ୍ତ କରି ଫଇସଲା ହେବ ଏବଂ ମେ ୬ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

## ପ୍ରଣବ ବଳବନ୍ତଙ୍କ ଉପରେ ଆକ୍ରମଣ ଘଟଣା

# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ : ନବୀନ

ଭୁବନେଶ୍ୱର,୧୩।୪(ରବିନାରାୟଣ ଜେନା)

ଧର୍ମଶାଳାର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ଯୁବନେତା ପ୍ରଣବ ବଳବନ୍ତରାୟଙ୍କ ଉପରେ ଆକ୍ରମଣକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିନ୍ଦା କରିଛନ୍ତି। ରବିବାର ନବୀନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ପ୍ରଣବଙ୍କ ଉପରେ ସ୍ପଷ୍ଟ ଦିବାଲୋକରେ ସଂଘବଦ୍ଧ ଆକ୍ରମଣ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି। ଯଦି ଜନପ୍ରତିନିଧିମାନେ ରାଜ୍ୟରେ ଅସୁରକ୍ଷିତ, ତେବେ ସାଧାରଣ ଲୋକଙ୍କ ସୁରକ୍ଷା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅସାମାଜିକ ବ୍ୟକ୍ତି ଓ ସେମାନଙ୍କ କାର୍ଯ୍ୟକଳାପ ରୋକିବାରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ଏବଂ ଏକପାଖିଆ ମନୋଭାବ ଏପରି ଘଟଣାକୁ ଆହୁରି ପ୍ରୋତ୍ସାହିତ କରୁଛି। ସରକାର ରାଜନୈତିକ ହିଂସାକୁ ପ୍ରୋତ୍ସାହିତ ନ କରି ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

## Business

# ଲକି ଡ୍ର'ରେ ଲାଲ୍‌ଚନ୍ଦର ୩ ଗ୍ରାହକ ଲକ୍ଷପତି

ଭୁବନେଶ୍ୱର,୧୩।୪ (ଅଭୟ ଦାଶ)

ଲାଲ୍‌ଚନ୍ଦ ଜୁଏଲର୍ସର ଲୋକପ୍ରିୟ ଯୋଜନା 'କୌନ ବନେଗା ଲକ୍ଷପତି'ର ଲକି ଡ୍ର କାର୍ଯ୍ୟକ୍ରମ ଶନିବାର ଭୁବନେଶ୍ୱରର ହୋଟେଲ୍ ନିଉ ମାରିଅନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ଅଢେଇ ହଜାର ଗ୍ରାହକ ଉତ୍ସାହର ସହ ଭାଗ ନେଇଥିଲେ। ଏହି ପରିପ୍ରେକ୍ଷୀରେ ଚଳିତ ସିଜନ୍‌ର ୨ୟ, ୩ୟ ଏବଂ ୪ର୍ଥ ଲକ୍ଷପତି ବିଜେତା ଗ୍ରାହକ ଭାବେ ତିନି ଜଣଙ୍କ ନାମ ଘୋଷଣା କରାଯାଇଛି। ବିଶେଷ କରି ୨୦୨୫ ଜାନୁଆରୀ ପାଇଁ ବ୍ରହ୍ମପୁରର ଡି. ଗୀତା ଲାଲ୍‌ଚନ୍ଦର ବ୍ରହ୍ମପୁର ଶୋ'ରୁମ୍‌ରୁ ବିଜେତା ହୋଇଥିଲାବେଳେ ଫେବୃଆରୀ ପାଇଁ ଭଦ୍ରକର ଶର୍ମିଷ୍ଠା ମହାଳିକ ଲାଲ୍‌ଚନ୍ଦର ମାଷ୍ଟର କ୍ୟାଣ୍ଟିନ ଶୋ'ରୁମ୍‌ର ବିଜେତା ଏବଂ ମାର୍ଚ୍ଚ ପାଇଁ କେନ୍ଦ୍ରାପଡାର ଭାଗୀରଥି ସାମଲ ମାଷ୍ଟର କ୍ୟାଣ୍ଟିନ ଶୋ'ରୁମ୍‌ର ବିଜେତା ଭାବେ



ଡି. ଗୀତା



ଶର୍ମିଷ୍ଠା ମହାଳିକ



ଭାଗୀରଥି ସାମଲ

ଲକ୍ଷପତି ଘୋଷିତ ହୋଇଛନ୍ତି। ଏପରିକି ପ୍ରତ୍ୟେକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ଲାଲଚନ୍ଦର ଦିଲ୍ଲୀ ଶୋ'ରୁମ୍ ପାଇଁ ଏକ ସ୍ୱତନ୍ତ୍ର ଲକି ଡ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ଜଣ ଗ୍ରାହକଙ୍କୁ ଜଣକା ୫ ହଜାର ଟଙ୍କା ଲେଖାଏଁ ମୋଟ ଲକ୍ଷେ ଟଙ୍କା ପୁରସ୍କାର ଜିତିଥିବାବେଳେ ୨୦ ଜଣ ଗ୍ରାହକଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଲାଲଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କ ସମେତ ଓଲିଉଡ୍ ଅଭିନେତ୍ରୀ ଭୂମିକା, ସୂର୍ଯ୍ୟମୟୀ ଏବଂ ଅଭିନେତା କୁନା ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ବହୁ ହଜାର ଗ୍ରାହକଙ୍କ ସାମ୍ନାରେ ଏହି ଲକି ଡ୍ର'ର ଉଠାଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାବେଳେ ସେଥିମଧ୍ୟରୁ ଛୋଟ ପିଲାମାନଙ୍କୁ ମଞ୍ଚକୁ ଡକାଯାଇ ଲଟେରି ଉଠାଣ କରାଯାଇଥିଲା। ଅପରପକ୍ଷରେ ଲାଲଚନ୍ଦ୍‌ର ନୂଆ ହୀରା ସଂଗ୍ରହ 'ଆରୋହୀ'ର ଅନାବରଣ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି।

ସେହିଭଳି ଗ୍ରାହକମାନଙ୍କୁ ଉଚ୍ଚ ମାନ ଓ ସୁଲଭ ମୂଲ୍ୟରେ ହୀରା ଅଳଙ୍କାର ଯୋଗାଇ ଦେବାର ଲକ୍ଷ୍ୟ ନେଇ ଲାଲଚନ୍ଦ୍ 'ଆରୋହୀ' ହୀରା କଲେକ୍ସନ୍ ଆରମ୍ଭ କରିଛି ବୋଲି ଲାଲଚନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ ମତପ୍ରକାଶ କରିଛନ୍ତି। ହାଲୁକା ହୀରା ଅଳଙ୍କାରର ଏହି ସଂଗ୍ରହ ମାତ୍ର ୭ହଜାର ଟଙ୍କାରୁ ଆରମ୍ଭ ହେଉଛି। ସମସ୍ତ ହୀରା ଅଳଙ୍କାର ସାର୍ଟିଫାଏଡ୍ ଏବଂ ଏଥିରେ ୧୮ କ୍ୟାରେଟ୍ ଓ ୧୪ କ୍ୟାରେଟ୍ ବିଶିଷ୍ଟ ଏଚୟୁଆଇଡି ହଲମାର୍କ ସୁନା ବ୍ୟବହୃତ ହୋଇଛି।

ଲକି ଡ୍ରରେ ଭାଗନେଇଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ମାଗଣା ଉପହାର ପ୍ରଦାନ କରାଯାଇଥିଲା।

# ରିଅଲମି ସହ ଭୂମିର ବୁଝାମଣା

ଭୁବନେଶ୍ୱର,୧୩।୪

ରିଅଲମି ଏବଂ ଭୂମି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ବୁଝାମଣା ଜରିଆରେ ରିଅଲମି ଅଧିକରୁ ଅଧିକ ଯୁବଗୋଷ୍ଠୀଙ୍କୁ ଏକ ଉଜ୍ଜ୍ୱଳ, ଅଧିକ ଆଶାଜନକ ଭବିଷ୍ୟତ ଗଠନ କରିବା ପାଇଁ ଉପଯୁକ୍ତ କୌଶଳ, ସମ୍ବଳ ଏବଂ ସୁଯୋଗ ପ୍ରଦାନ କରିବ। ଅପରପକ୍ଷରେ ସେମାନଙ୍କୁ ସଶକ୍ତ କରିବା ପାଇଁ ସଂସ୍ଥା ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଭୂମିକୁ ଏକ ବୃହତ ସମୁଦାୟ ନିକଟରେ ପହଞ୍ଚିବା ଏବଂ ସମର୍ଥନ କରିବାରେ ସକ୍ଷମ କରିବ ଏବଂ ସେମାନଙ୍କୁ ଏକ ସଫଳ ମାର୍ଗ ନିର୍ମାଣ କରିବା ପାଇଁ ଆବଶ୍ୟକ ଉପକରଣ ପ୍ରଦାନ କରିବ। ଭୂମି ଏହି ସହଭାଗିତା ମାଧ୍ୟମରେ ଭୂମି ଫେଲୋସିପ୍, ସାମାଜିକ ଏବଂ ଭାବନାତ୍ମକ ଶିକ୍ଷା (ଏସ୍‌ଇଏଲ୍) କାର୍ଯ୍ୟକ୍ରମ, ସ୍କୁଲ ଅଫ ଏକ୍ସିଲେନ୍ସି, ଇଗ୍ନାଇଟ ଆଶ୍ରୟସ୍ଥଳୀ ଏବଂ ଭୂମି କ୍ଲବ୍ ଭଳି ପ୍ରମୁଖ ପଦକ୍ଷେପକୁ ସୁଦୃଢ଼ କରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷା, ନେତୃତ୍ୱ ଏବଂ ନାଗରିକ ସମ୍ପୃକ୍ତି ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ଅବହେଳିତ ଯୁବକମାନଙ୍କର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେବ। ରିଅଲମି ଯୁବକମାନଙ୍କୁ ଠିକ୍ ଉପକରଣ, ସମ୍ବଳ ଏବଂ ଜ୍ଞାନ ସହିତ ସଶକ୍ତ କରି ଏକ ଉଜ୍ଜ୍ୱଳ, ଅଧିକ ସମାବେଶୀ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରୁଛି। ଭୂମିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୈଷ୍ଣବୀ ଶ୍ରୀନିବାସନ କହିଛନ୍ତି, ଆମେ ସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷାର ଶକ୍ତିରେ ବିଶ୍ୱାସ କରୁ ଏବଂ ରିଅଲମି ସହିତ ଆମେ ଏହି ମିଶନକୁ ପରବର୍ତ୍ତୀସ୍ତରକୁ ନେବାରେ ସକ୍ଷମ ହୋଇଛୁ। ରିଅଲମିର ସମର୍ଥନରେ ଆମେ କେବଳ ଆମର ପହଞ୍ଚ ବଢାଉ ନାହୁଁ ବରଂ ଆମର କାର୍ଯ୍ୟକ୍ରମରେ ଅବିଶ୍ୱସନୀୟ ଗତି ମଧ୍ୟ ଯୋଡିଛୁ। ଆମେ ସମସ୍ତେ ମିଳିମିଶି ଦେଶର ପିଲା ଓ ଯୁବକମାନଙ୍କ ପାଇଁ ଶିଖିବା, ବଢିବା ଏବଂ ନେତୃତ୍ୱ ନେବା ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟି କରୁଛୁ। ସେହିଭଳି ରିଅଲମି ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଫିସର ତାଓ ଝାଙ୍ଗ କହିଛନ୍ତି, ଭୂମି ସହ ଆମର ସହଭାଗିତା ଏହି ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି।

# କାରାଟଲେନର ଏକ୍ସକ୍ଲୁସିଭ ଆଉଟଲେଟ୍

କଟକ,୧୩।୪(କାର୍ତ୍ତିକ ସାହୁ)

ଦେଶର ଅଗ୍ରଣୀ ଅଳଙ୍କାର ବ୍ରାଣ୍ଡ 'କାରାଟଲେନ୍'ର ଏକ୍ସକ୍ଲୁସିଭ୍ ଆଉଟଲେଟ୍ ରବିବାର କଟକର ସିଡିଏ ସେକ୍ଟର-୬ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ପୋଲିସ ଡିଜି(ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବିନାଶ ଛାପୋଲିଆ, ପ୍ରଦୀପ କୁମାର ଗୁପ୍ତା, କୈଳାସ ଚନ୍ଦ୍ର ଛାପୋଲିଆ ପ୍ରମୁଖ ଉପସ୍ଥିତ ଥିଲେ। କଟକ ସହରରେ କାରାଟଲେନ୍‌ର ଏହା ଦ୍ୱିତୀୟ ଷ୍ଟୋର ବୋଲି କମ୍ପାନୀର ରିଜିଓନାଲ ବିଜନେସ୍ ମ୍ୟାନେଜର ଅନିଶ ଦାସ ସୂଚନା ଦେଇ କହିଛନ୍ତି, ଅଧିକ ଲୋକଙ୍କ ପାଖରେ ଆକର୍ଷଣୀୟ ଗହଣା ପହଞ୍ଚାଇବା ଲକ୍ଷ୍ୟରେ ଦେଶରେ କାରାଟଲେନ୍‌ର ୩୦୦ରୁ ଅଧିକ ଷ୍ଟୋର୍ ଖୋଲାଯାଇଛି। ପ୍ରତିଟି ନୂଆ ଷ୍ଟୋରରେ ଅଧିକ ଲୋକ ଗହଣା ଡିଜାଇନ୍



କଟକ ସିଡିଏ-୬ଠାରେ କାରାଟଲେନ୍‌ର ନୂତନ ଶୋ'ରୁମ୍‌କୁ ଅତିରିକ୍ତ ପୋଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଫିତା କାଟି ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ କାରାଟଲେନ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଦେଖିବା, ପସନ୍ଦ କରିବା ଓ ଘରେ ବସି କ୍ରୟ କରିବା କିମ୍ବା ନିକଟସ୍ଥ ଷ୍ଟୋରରେ କ୍ରୟ କରିବା ସୁଯୋଗ ଦିଆଯାଉଛି। ଏଠାରେ ବ୍ରାଣ୍ଡରେ ପ୍ରସିଦ୍ଧ କଲେକ୍ସନ ଯଥା- ବଟରଫ୍ଲାଏ, ଆରାନ୍ୟା ଏବଂ ଓମବ୍ରେ ଉପଲବ୍ଧ ଅଛି। ଏହିସହିତ ଡିସନେ, ହାରି ପୋର୍ଟର ଓ ପେପା ପିଗ୍ ସହ ମନଲୋଭା କଲେକ୍ସନ ମଧ୍ୟ ରହିଛି। ଏହି ଷ୍ଟୋରରେ ଆଧୁନିକ ମଙ୍ଗଳସୂତ୍ର, ଦୈନିକ ବ୍ୟବହାର ହେବା ଯୋଗ୍ୟ ଇୟର ରିଂ, ଡାଏମଣ୍ଡ ରିଙ୍ଗ୍, ପିଲାଙ୍କ ପାଇଁ ଗହଣା ଏବଂ ଗିଫ୍ଟିଂ ଅପ୍‌ଶନ ମଧ୍ୟ ରହିଛି। କାରାଟଲେନ୍ ନୂଆ ସୋଲ୍ ଓ ଲୁନା ନାମକ ଦୁଇଟି ନୂତନ କଲେକ୍ସନ ଲଞ୍ଚ କରିଛି। ସମସ୍ତ ବର୍ଗର ଗ୍ରାହକଙ୍କ ପାଇଁ ବହୁପ୍ରକାର ଡିଜାଇନ୍‌ର ଗହଣା ଷ୍ଟୋର୍‌ରେ ଉପଲବ୍ଧ ରହିଛି। ଏବେ ଗ୍ରାହକଙ୍କ ପାଇଁ ୩୦,୦୦୦ ଟଙ୍କାର ଗହଣା କ୍ରୟ ଉପରେ .୫ ଗ୍ରାମ୍ ସୁନାମୁଦ୍ରା ମାଗଣା ମିଳୁଛି।

# ସୋନିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୩।୪

ସୋନି ଇଣ୍ଡିଆର ନୂତନ ଉତ୍ପାଦ 'ଲିଙ୍କବଡ୍‌ସ ଫିଟ୍ ଇୟରବଡ୍‌ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା କାନର ଆକୃତିକୁ ନେଇ ଦୀର୍ଘଦିନରୁ ସଂଗ୍ରହ କରାଯାଇଥିବା ତଥ୍ୟ ଆଧାରରେ ଲିଙ୍କବଡ୍‌ସ ଫିଟ୍ ପାଇଁ ସୋନି ପକ୍ଷରୁ ଏକ ନୂଆ ଏୟାର ଫିଟିଂ ସପୋର୍ଟର ବିକାଶ କରାଯାଇଛି। ଅପରପକ୍ଷରେ ଦିନତମାମ ବ୍ୟବହାର ଉପଯୋଗୀ ଭଳି ତାହାକୁ ବିକାଶ କରାଯାଇଛି। ଯେଉଁଥିରେ ଏୟାର ଫିଟିଂ ସପୋର୍ଟର ଓ ହାଲୁକା ଇୟରବଡ୍ ଟିପ୍‌ସ ରହିଛି, ଯାହା ଆରାମଦାୟକ ଅନୁଭବ ପ୍ରଦାନ କରିବ। ଯାହା ଆରାମଦାୟକ ଫିଟ୍, ପ୍ରିମିୟମ୍ ସାଉଣ୍ଡ ଓ ବୁଦ୍ଧିମାନ ନଏଜ୍ କଣ୍ଟ୍ରୋଲ୍ ସହିତ ବ୍ୟକ୍ତିଗତ ଅଡିଓ ବର୍ଗରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିବ। ଏୟାର ଫିଟିଂ ସପୋର୍ଟର ଓ କୋମଳ ଇୟରବଡ୍ ଟିପ୍‌ସ ସହିତ ଆସିଥିବା ଏହି ଇୟରବଡ୍‌ସ ହାଲୁକା ହୋଇଥିବାରୁ ତାହାକୁ ସାରା ଦିନ ପିନ୍ଧିହେବ।

# ରାମ ଚରଣ କାମ୍ପାର ନୂଆ ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୧୩।୪




ରାମ ଚରଣ

ରିଲାଏନ୍ସ ଗ୍ରୁପର ଥଣ୍ଡା ପାନୀୟ ବ୍ରାଣ୍ଡ୍ କାମ୍ପାକୋଲା (କାମ୍ପା)ର ନୂଆ ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ଦକ୍ଷିଣ ଭାରତୀୟ ସୁପରଷ୍ଟାର ରାମ ଚରଣ ନିଯୁକ୍ତ ହୋଇଛନ୍ତି। ଏପରିକି କାମ୍ପା ପୂର୍ବରୁ ଯୁବପିଢ଼ିଙ୍କ ପ୍ରିୟ ରହିଛି। ରାମ ଚରଣ ଏହା ସହ ଯୋଡି ହେବା ଫଳରେ ଏହାର ନୂତନ ଅଭିଯାନ ହେଉଛି-କାମ୍ପା ବାଲା ଜିଦ୍। ଏହା ସେହି ଜିଦର କାହାଣୀ ଯାହା ଜଣଙ୍କୁ ସାଧାରଣରୁ ବିଶେଷ କରିପାରିଛି। ଏହା ସେହି ଯୁବପିଢ଼ିଙ୍କ କାହାଣୀ ଯେଉଁମାନେ ପ୍ରତିଦିନ ଆହ୍ୱାନ ସହିତ ଲଢ଼ିଥାନ୍ତି, ପଡ଼ିଥାନ୍ତି, ଉଠିଥାନ୍ତି ଏବଂ ତା'ପରେ ଜିଦର ସହିତ ଆଗକୁ ବଢିଥାନ୍ତି। କାମ୍ପାର ଏହି ନୂତନ ଅଭିଯାନ ସେମାନଙ୍କ ଏହି ମନୋଭାବକୁ ସଲାମ କରୁଛି।

ଏ ସମ୍ପର୍କରେ ମାକେନ ୱାର୍ଲ୍ଡ ଗ୍ରୁପ୍ ଇଣ୍ଡିଆର ଅଧ୍ୟକ୍ଷ ତଥା ସିଇଓ ପ୍ରସୂନ ଯୋଶୀ କୁହିଛନ୍ତି, କାମ୍ପା ୱାଲି ଜିଦ୍' ଅଭିଯାନ ମାଧ୍ୟମରେ ଆମେ ଏଭଳି ଏକ ସତ୍ୟ ଉପସ୍ଥାପନ କରିବାକୁ ଚାହୁଁଥିଲୁ। ଯାହା ଆମ ଯୁବପିଢ଼ିଙ୍କ ହୃଦୟର ନିକଟତର ହୋଇ ରହିବ। ରାମ ଚରଣ ମଧ୍ୟ ଏହି ଯୁବପିଢ଼ିଙ୍କ ପରି-ଏକ ଏହିଭଳି ଶକ୍ତି ଯାହାକୁ ଅଟକାଇବା ସମ୍ଭବ ନୁହେଁ। ଏହି ଅଭିଯାନର ଆତ୍ମା ହେଉଛି ଏକ ବ୍ରାଣ୍ଡ୍ ଫିଲ୍ମ, ଯେଉଁଥିରେ ରାମ ଚରଣ କୌଣସି ଚରିତ୍ରରେ ନୁହେଁ ବରଂ ତାଙ୍କ ବାସ୍ତବ ଜୀବନର ସ୍ୱରୂପରେ ଆସିଛନ୍ତି। କ୍ୟାମେରା ସାମ୍ନାରେ ସେ କୌଣସି ସଂଳାପ କହିନାହାନ୍ତି କିମ୍ବା କୌଣସି କାଳ୍ପନିକ ଦୃଶ୍ୟରେ ନାହାନ୍ତି-ସେ କେବଳ ତାଙ୍କ ଜୀବନରେ ଯେଉଁଭଳି ବଞ୍ଚିଛନ୍ତି ତାହା ଦେଖାଇଛନ୍ତି, କଠିନ ପରିଶ୍ରମ, ସଂଘର୍ଷ ଏବଂ ବିଜୟର ଏକ ସତ୍ୟ କାହାଣୀ। ଫିଲ୍ମରେ ତାଙ୍କର ଅସଲ ଷ୍ଟଣ୍ଟ, ଦମଦାର ଆକ୍ସନ ଏବଂ ଆତ୍ମବିଶ୍ୱାସଭରା ଭାବନା ଆମକୁ କହୁଛି ଯେ ସଫଳତା ସହଜରେ ମିଳେ ନାହିଁ, କିନ୍ତୁ ଯଦି ଆପଣ ଦୃଢ଼ ସଂକଳ୍ପ ବା ଜିଦି ରହିଛି, ତେବେ କିଛି ମଧ୍ୟ ଅସମ୍ଭବ ନୁହେଁ।

# ବଜାରରେ ବାଇକୋନ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୩।୪

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବୈଦ୍ୟୁତିକ ସାମଗ୍ରୀ ନିର୍ମାତା 'ବାଇକୋନ'ର ନୂତନ ଉତ୍ପାଦ 'ସ୍ୱିଚ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ଓ ଡିଷ୍ଟ୍ରିବ୍ୟୁଟର ଏବଂ ରିଟେଲର ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ନୂତନ ଉତ୍ପାଦ 'ସ୍ୱିଚ' କୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଅପରପକ୍ଷରେ କମ୍ପାନୀର ସୋଲାର ଲାଇଟିଂ, ଏଲ୍‌ଇଡି, ମିନିଏଚର ସର୍କିଟ ବ୍ରେକର୍ସ, ଡିଷ୍ଟ୍ରିବ୍ୟୁଶନ୍ ବକ୍ସେସ, ୱାୟାରସ୍, କେବଲ ଓ ସ୍ୱିଚ ଭଳି ବିଭିନ୍ନ ସାମଗ୍ରୀକୁ ମଧ୍ୟ ଲୋକାର୍ପଣ କରାଯାଇଥିଲା। ସେହିଭଳି ଏହି ଅନାବରଣ ଉତ୍ସବରେ କମ୍ପାନୀର ଏମଡି ବିକ୍ରମ ଜୈନ, କାର୍ଯ୍ୟନର୍ବାହୀ ନିର୍ଦ୍ଦେଶକ ଅମନ ଜୈନ, ଜାତୀୟ ସେଲସ୍ ମୁଖ୍ୟ ଇରଫାନ ଖାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ପ୍ରଥମ ଥର ପାଇଁ ଓଡିଶା ବଜାରରେ ବାଇକୋନର ସ୍ୱିଚ୍ ଓ ଅନ୍ୟାନ୍ୟ ସାମଗ୍ରୀ ଲଞ୍ଚ ହୋଇଛି। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଡିଷ୍ଟ୍ରିବ୍ୟୁଟର ଏଂ ରିଟେଲର୍ ଉପସ୍ଥିତ ରହିଥିଲେ। ଏହି ଉତ୍ସବରେ ଡିଷ୍ଟ୍ରିବ୍ୟୁଟର ଏବଂ ରିଟେଲରଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅଯୋଜନ କରାଯାଇଥିଲା ଓ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ମାଧ୍ୟମରେ ସମ୍ମାନିତ କରାଯାଇଥିଲା।

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା

-ମହାବିଷୁବ ପଣା ସଂକ୍ରାନ୍ତି, ରାଧାରମଣ ଦେବ, ମହାବୀର ଓ ହନୁମାନ ଜୟନ୍ତୀ, ହଳ ନିଷେଧ



# ଭୁଲିବାନି ଯଶୱନ୍ତଙ୍କୁ

ଗଣତନ୍ତ୍ରର ୩ ମୁଖ୍ୟ ସ୍ତମ୍ଭ ବିଧାନପାଳିକା, ନ୍ୟାୟପାଳିକା ଓ କାର୍ଯ୍ୟପାଳିକାର ସାମ୍ବିଧାନିକ କର୍ତ୍ତବ୍ୟ ପାଳନକୁ ନେଇ ସାଧାରଣରେ ଆଲୋଚନା ହୋଇଥାଏ। ଭାରତରେ ମଧ୍ୟ ସେହି ସ୍ଥିତି ଜୋର୍ ଧରିଛି। ଯେହେତୁ ପ୍ରତିଟି ଖମ୍ବ ନିଜ ଗୁଣରେ ଗରୀୟାନ ସେହେତୁ ସେମାନେ ନିଜକୁ ବଡ଼ ଭାବିଥାନ୍ତି। ଦେଖିବାକୁ ଗଲେ ସମ୍ବିଧାନରେ ପ୍ରତ୍ୟେକଙ୍କର କାର୍ଯ୍ୟ ଉଲ୍ଲେଖ ରହିଥିଲେ ମଧ୍ୟ ତାହା ଅନୁପାଳନ ବେଳେ କେତେକାଂଶରେ ବ୍ୟତିକ୍ରମ ଦେଖାଦେଉଥାଏ। ବିଧାନପାଳିକା ନୀତି ଓ ନିୟମ ପ୍ରଣୟନ କରୁଥିବା ବେଳେ ତାହାକୁ କାର୍ଯ୍ୟପାଳିକା କାର୍ଯ୍ୟକାରୀ କରିଥାଏ। ଉପରୋକ୍ତ ଦୁଇଟିରେ କୌଣସି ଅସଙ୍ଗତି ଦେଖାଦେଲେ ନ୍ୟାୟପାଳିକାର ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଗ୍ରହଣ କରାଯାଏ। ତେବେ ନ୍ୟାୟପାଳିକା ମଧ୍ୟ ଗୋଟା ଅରୁଆ ଚାଉଳ ନୁହେଁ। କେବେଳ ନିକଟରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୱନ୍ତ ଭର୍ମାଙ୍କ ଘରୁ ପୁଳା ପୁଳା ପୋଡ଼ା ଟଙ୍କା ମିଳିବା ଓ ତା' ପରେ ଘଟିଥିବା ଘଟଣା ନୁହେଁ, ଅତୀତରେ ମଧ୍ୟ କେତେକ ବିଚାରପତିଙ୍କ କଳା ଗୁପ ପଦାରେ ପଡ଼ି ସାରିଛି। ତଥାପି ନ୍ୟାୟପାଳିକା ଉପରେ କେମିତି ଗୋଟେ ବିଶ୍ୱାସ ରହିଛି।

ଗତ ସପ୍ତାହରେ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ କାହିଁକି ବିଧାନସଭା ଦ୍ୱାରା ପାରିତ ୧୦ଟି ବିଲ୍ ଅଟକା ଯାଇଥିଲା, ସେ ସମ୍ପର୍କରେ ସୁପ୍ରିମକୋର୍ଟ କଡ଼ା ଭାଷାରେ ନିନ୍ଦା କରିଥିଲେ। ଶୀର୍ଷ ଅଦାଲତର ହସ୍ତକ୍ଷେପ ଅନୁଯାୟୀ ୧୧ ଏପ୍ରିଲରେ ତାମିଲନାଡୁ ସରକାର ଏକକାଳୀନ ୧୦ ବିଲ୍ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନା ମଞ୍ଜୁରୀରେ ଆଇନରେ ପରିଣତ କରିଛନ୍ତି। ଏହି ସମାନ ଦିନରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇ କହିଛନ୍ତି, ରାଜ୍ୟପାଳ କୌଣସି ବିଲ୍ ଉପରେ ବିଚାର ପାଇଁ ପଠାଇବାର ୩ ମାସ ମଧ୍ୟରେ ରାଷ୍ଟ୍ରପତି ତାହାକୁ ସମ୍ମତି ପ୍ରଦାନ କରିବାକୁ ବାଧ୍ୟ। ଅର୍ଥାତ୍ ବିଲ୍ ସଂକ୍ରାନ୍ତ ନିଷ୍ପତ୍ତି ନେବାର ସମୟସୀମା ରାଷ୍ଟ୍ରପତିଙ୍କ ପାଇଁ ଧାର୍ଯ୍ୟ ହେଲା। ଏହି ବିଷୟ ଦେଶରେ ପ୍ରଥମ ଥର ଶୁଣିବାକୁ ମିଳିଲା। ଭାରତରେ ରାଷ୍ଟ୍ରପତି ଜଣେ ରବରଷ୍ଟାମ୍ପ ଭାବେ ପରିଚିତ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସମ୍ବିଧାନରେ କୌଣସି ବିଲ ବା ବିଧେୟକକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସମୟସୀମା ସ୍ପଷ୍ଟ କରାଯାଇ ନ ଥିଲା। ସେହି କାର୍ଯ୍ୟକୁ ଅତି ସୁନ୍ଦର ଭାବେ ସୁପ୍ରିମକୋର୍ଟ କରି ଦେଖାଇଲେ। ଆଶ୍ଚର୍ଯ୍ୟ ଲାଗେ ଏଭଳି ଶକ୍ତି ସୁପ୍ରିମକୋର୍ଟ ଜଜ୍ ମାନେ ପ୍ରଦର୍ଶନ କରୁଛନ୍ତି। ଆଜିର ପରିସ୍ଥିତିରେ ସେହି ଆଶ୍ଚର୍ଯ୍ୟ ଖୁସିରେ ପରିଣତ ହେଉଛି। କାରଣ ଦେଶବ୍ୟାପୀ ବିଶିଷ୍ଟ ସମାଜରେ ଏକ ଦୃଢ଼ ଧାରଣା ସୃଷ୍ଟି ହେଉଥିଲା ଯେ ନ୍ୟାୟପାଳିକା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଗୋଡ଼ାଣି ହୋଇ ସବୁ ରାୟ ରାଜନୈତିକ ନେତାଙ୍କୁ ଖୁସି କରିବା ପାଇଁ ଯେମିତି ଉଦିଷ୍ଟ। ଏହା ପଛରେ ସ୍ପଷ୍ଟ କାରଣ ମଧ୍ୟ ରହିଛି। ଜଣଙ୍କ ପରେ ଜଣେ ଜଜ୍ ଅବସର ନେବା ପରେ ଯେଉଁଭଳି ଆକର୍ଷଣୀୟ ସରକାରୀ ପଦବୀ ତାଙ୍କ ପାଇଁ ଦୁଆର ମୁହଁରେ ଅପେକ୍ଷା କରି ରହୁଥିଲା, ସେଥିରୁ ଲୋକଙ୍କ ମନୋଭାବରେ ପରିବର୍ତ୍ତନ ଆସିଯାଇଥିଲା। ଦିଲ୍ଲୀ ହାଇକୋର୍ଟର ନ୍ୟାୟାଧୀଶ ଭର୍ମାଙ୍କ ଘରୁ ନଗଦ ଟଙ୍କା ମିଳିବା ସତ୍ତ୍ୱେ ତାଙ୍କୁ ବହିଷ୍କାର କରିବା ପରିବର୍ତ୍ତେ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରିବା ପଛରେ ଅନ୍ୟସବୁ ଜଜ୍‌ମାନଙ୍କର ଉଦ୍ଦେଶ୍ୟ ରହିଛି ବୋଲି ଓକିଲଙ୍କ ମହଲରେ ଯେଉଁ ଆଲୋଚନା ହେଲା, ତାହାର ଏକ ସକାରାତ୍ମକ ପ୍ରଭାବ ପଡ଼ିବାଭଳି ମନେହୁଏ।

ଏଭଳି ପ୍ରଚ୍ଛଦପଟରେ କୁହାଯାଇପାରେ ଯେ, ନିକଟରେ ସର୍ବୋଚ୍ଚ ଅଦାଲତ ନେଇଥିବା ଦୁଇଟି ନିଷ୍ପତ୍ତି ଏହାର ସ୍ୱଚ୍ଛତାକୁ ଅନେକାଂଶରେ ଦର୍ଶାଉଛି। ପ୍ରଥମଟି ହେଲା ପ୍ରଧାନ ବିଚାରପତିଙ୍କ ସମେତ ସବୁ ଜଜ୍ ସାଧାରଣରେ ସେମାନଙ୍କର ସମ୍ପତ୍ତି ତାଲିକା ଘୋଷଣା କରିବେ। ଯଶୱନ୍ତ ଭର୍ମାଙ୍କ ଯୋଗୁ ସୃଷ୍ଟି ହୋଇଥିବା ଅସ୍ୱାଭାବିକ ସ୍ଥିତି ପାଇଁ ଏଭଳି ଅବସର ଆସିଥିଲେ ମଧ୍ୟ ଏହା ନ୍ୟାୟପାଳିକାର ସ୍ୱଚ୍ଛତା ପ୍ରତି ଗୋଟିଏ ପାଦ ଅଗ୍ରସର ବୋଲି କୁହାଯାଇପାରେ। କାରଣ ପୂର୍ବରୁ ବିଚାରପତିମାନେ ସେମାନଙ୍କର ଆର୍ଥିକ ତଥ୍ୟ ଦେଉ ନ ଥିଲେ। ତେବେ ଏବର ଘୋଷଣା ଅନୁପାଳନ ହେଲେ ବିଚାରପତିଙ୍କ ଉତ୍ତରଦାୟିତ୍ୱ ବଢ଼ିପାରେ। ସୁପ୍ରିମକୋର୍ଟଙ୍କ ଦ୍ୱିତୀୟ ନିଷ୍ପତ୍ତି ହେଲା ପୂର୍ବଭଳି ହାଇକୋର୍ଟ ଜଜ୍ ହେବା ପାଇଁ ଯେଉଁ କୋହଳ ପଦ୍ଧତି ଥିଲା, ସେଥିରେ ପରିବର୍ତ୍ତନ ଆଣାଯାଇ ପ୍ରକ୍ରିୟାକୁ କଠୋର କରାଯାଇଛି। ଅର୍ଥାତ୍ ଚଳିତ ମାସ ପ୍ରାରମ୍ଭରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ହାଇକୋର୍ଟ ବିଚାରପତି ଚୟନରେ ସାକ୍ଷାତ୍କାର ପରୀକ୍ଷାକୁ ବାଧ୍ୟତାମୂଳକ କରିଦେଇଛନ୍ତି। ପୂର୍ବରୁ ହାଇକୋର୍ଟ କଲେଜିୟମ ଯେଉଁମାନଙ୍କ ନାମ ବିଚାରପତି ପାଇଁ ପ୍ରସ୍ତାବ ଦେଇ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ୩ଜଣିଆ ସୁପ୍ରିମକୋର୍ଟ କଲେଜିୟମକୁ ସୁପାରିସ କରୁଥିଲେ, ସେଥିରୁ ପ୍ରାୟ ୯୦ ପ୍ରତିଶତ ସଫଳତା ପାଉଥିଲା। ହେଲେ ନିକଟରେ ହୋଇଥିବା ସାକ୍ଷାତ୍କାର ପରୀକ୍ଷାରେ ହାଇକୋର୍ଟ କଲେଜିୟମ୍ ଦ୍ୱାରା ସୁପାରିସ ହୋଇ ଆସିଥିବା ନାମ ମଧ୍ୟରୁ ୫୦ ପ୍ରତିଶତ ଫେଲ୍ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆନ୍ଧ୍ରପ୍ରଦେଶ, ଆହ୍ଲାବାଦ, ବମ୍ବେ, କଲିକତା, ଦିଲ୍ଲୀ, ଗୁଜରାଟ, ମଣିପୁର, ଓଡ଼ିଶା, ପାଟନା, ରାଜସ୍ଥାନ, ତେଲଙ୍ଗାନା, ଉତ୍ତରାଖଣ୍ଡ ହାଇକୋର୍ଟ ପାଇଁ ସୁପାରିସ ହୋଇଥିବା ୧୦୧ ଜଣଙ୍କ ମଧ୍ୟରୁ ମାତ୍ର ୪୯ ଜଣ ବିଚାରପତି ହେବାକୁ ଉପଯୁକ୍ତ ବୋଲି ଜଣାପଡ଼ିଛି। ଆଗରୁ ସୁପାରିସ ହୋଇ ଆସୁଥିବା ନାମ ମଧ୍ୟରେ ପ୍ରିୟାପ୍ରୀତି କାମ ଦେଉଥିଲା। ଯେଉଁମାନଙ୍କ ନାମରେ ଗୋଇନ୍ଦା ରିପୋର୍ଟ ନକାରାତ୍ମକ ରହୁଥିଲା, ସେମାନେ ନାଁ ତାଲିକାରୁ ଉଠିପାରୁ ନ ଥିଲେ। ହେଲେ ଏବେ ସମସ୍ତେ ସାକ୍ଷାତ୍କାର ପରୀକ୍ଷା ଦେଲେ ସେମାନଙ୍କ ନ୍ୟାୟିକ ସୂକ୍ଷ୍ମ ବୁଝିବ ପ୍ରମାଣ ମିଳିପାରିବ। ଏଭଳି ପ୍ରକ୍ରିୟା ସୁପ୍ରିମକୋର୍ଟ ବିଚାରପତିଙ୍କ କ୍ଷେତ୍ରରେ ଲାଗୁ ହେବା ଦରକାର। ସେ ସମ୍ପର୍କରେ କିଛି ଖବର ଆସି ନାହିଁ। ତାହା ଲାଗୁ ହେଲେ ନବାଗତମାନେ ସେମାନଙ୍କର ସୁପ୍ରିମକୋର୍ଟ ବରିଷ୍ଠ ବିଚାରପତିଙ୍କ ପାଖରେ ସାକ୍ଷାତକାରର ସମ୍ମୁଖୀନ ହୋଇପାରନ୍ତେ। ଏମିତି ବି କୁହାଯାଇପାରେ ଯେ ଯୋଗ୍ୟ ବ୍ୟକ୍ତିଙ୍କୁ ବାଛିବା ପାଇଁ ନିର୍ଦ୍ଦିଷ୍ଟ ପରୀକ୍ଷା ଦେଇ ସମାଜର ସବୁ ବର୍ଗ ଗଣଦୃଷ୍ଟିପ୍ରାପ୍ତ ପ୍ରୟାସ କରୁଥିଲା ବେଳେ ରାୟ ଶୁଣାଉଥିବା ଶ୍ରେଣୀ ପ୍ରତି ସମାନ ପ୍ରକ୍ରିୟା ଲାଗୁ ହେବା ବାଞ୍ଛନୀୟ ଥିଲା। ଡେରିରେ ହେଲେ ମଧ୍ୟ ଆରମ୍ଭ ହୋଇଥିବା ପ୍ରକ୍ରିୟା ଆଗକୁ ବଳବତ୍ତର ରହିବା ସମସ୍ତେ ଚାହିଁବେ।

ଶେଷରେ ଏତିକି କୁହାଯାଇପାରେ ଗଣତନ୍ତ୍ରର ୩ ସ୍ତମ୍ଭ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିଲେ ସେମାନଙ୍କଠାରୁ ଅନ୍ୟମାନେ ଅନେକ କିଛି ଶିଖିପାରନ୍ତେ। ଏହାସହିତ ଆଉଟିକେ ଯୋଡ଼ିବା ପାଇଁ ଗଲେ କୁହାଯାଇପାରେ ସାଧାରଣ ନାଗରିକର ମଙ୍ଗଳ ମନାସିବାକୁ ହେଲେ ଏହିସବୁସ୍ତମ୍ଭମଧ୍ୟରେସବୁବେଳେଅପଡ଼ରହିବାଆବଶ୍ୟକ।ଯଦିତିନିବର୍ଗମଧ୍ୟରେଅତ୍ୟଧିକ ସମନ୍ୱୟ ଆସିଗଲା, ମିଳିମିଶି ଦେଶକୁ ଲୁଟିବେ ଓ ସମସ୍ତେ ପାଲଟିଯିବେ ଯଶୱନ୍ତ ଭର୍ମା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 3 | | | | | | |
| 7 | 8 | | | | | 2 | | 5 |
| | 6 | | | | | | | |
| | 7 | 6 | 9 | | | | | 4 |
| | | | 4 | | 2 | | 6 | |
| | | | 8 | 5 | | | | |
| | | | | | | | 4 | 1 |
| 9 | 1 | | 3 | | | | | 7 |
| 8 | | | 6 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | 2 | 4 | 1 | 3 | 7 | 8 |
| 4 | 1 | 8 | 5 | 3 | 7 | 2 | 9 | 6 |
| 7 | 2 | 3 | 9 | 8 | 6 | 1 | 5 | 4 |
| 8 | 3 | 7 | 4 | 5 | 9 | 6 | 2 | 1 |
| 1 | 5 | 9 | 6 | 2 | 8 | 4 | 3 | 7 |
| 2 | 4 | 6 | 7 | 1 | 3 | 5 | 8 | 9 |
| 3 | 9 | 4 | 8 | 6 | 2 | 7 | 1 | 5 |
| 5 | 7 | 1 | 3 | 9 | 4 | 8 | 6 | 2 |
| 6 | 8 | 2 | 1 | 7 | 5 | 9 | 4 | 3 |

ଗତକାଲିର ଉତ୍ତର

# ନୀତିଭ୍ରଷ୍ଟ ଶିକ୍ଷା ଓ ଛାତ୍ରୀଛାତ୍ର



ହରିଶଙ୍କର ମିଶ୍ର

ନିକଟ ଅତୀତରେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଦୁଇଟି ଭିଡିଓ ବେଶ୍ ହୃଦୟସ୍ପର୍ଶୀ। ପ୍ରଥମଟି ଆନ୍ଧ୍ରପ୍ରଦେଶର ଗୋଟିଏ ସ୍କୁଲରେ ପ୍ରାର୍ଥନା ଚାଲିଥିବାବେଳେ ପ୍ରଧାନଶିକ୍ଷକ ନିଜେ କାନ ଧରି ଉଠ୍‌ବସ୍ ହେବା ପରେ ପିଲାଙ୍କ ସାମ୍ନାରେ ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ। ଘଟଣାଟି ଅସଙ୍ଗତ ଲାଗୁଥିଲେ ବି ଏହା ପଛର ଉଦ୍ଦେଶ୍ୟ ନିଶ୍ଚିତ ସ୍ପର୍ଶକାତର। ଆଜିକାଲି ସ୍କୁଲସବୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷିତ ହୋଇଛି। ସେଥିପାଇଁ ଛାତ୍ରୀଛାତ୍ରମାନେ ବେପରୁଆ ହେଉଛନ୍ତି। ପୂର୍ବରୁ ପିଲାମାନଙ୍କୁ "ଅଭାବ ଉଦ୍ଭାବନ ପାଇଁ ପ୍ରେରଣା ଦିଏ'' ପଢ଼ାଯାଉଥିଲା। ବହି ଖାତାର ଅଭାବ, ମାସିକ ସ୍କୁଲ ଦେୟ ପୈଠ ପାଇଁ ଅଭାବ, ପ୍ରକୃତ ପାଠ୍ୟ ପିପାସୁଙ୍କ ପାଇଁ ଆହ୍ୱାନ ସୃଷ୍ଟି କରୁଥିଲା। ଶିକ୍ଷକମାନେ ବେଶ୍ କର୍ତ୍ତବ୍ୟନିଷ୍ଠ ଥିଲେ। ଗୁରୁ-ଶିଷ୍ୟ ପରମ୍ପରା ଅନନ୍ୟ ଥିଲା। ଶିକ୍ଷକମାନଙ୍କ କଠୋର ଆଚରଣ ସତ୍ତ୍ୱେ ହୃଦୟବାନ୍ ଥିଲେ। ସେଥିପାଇଁ ଛାତ୍ରୀଛାତ୍ରମାନେ ପାଠ୍ୟମନସ୍କ ହେଉଥିଲେ। ଶସ୍ତା ଲୋକପ୍ରିୟତା ପାଇଁ ମାଗଣା ଯୋଜନାରେ ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଯେଉଁ ଦିନରୁ ସାମିଲ କରାଗଲା, ସେଇଦିନରୁ ଶିକ୍ଷା ଅବକ୍ଷୟମୁଖୀ ହୋଇଗଲା। ସାମାନ୍ୟ ଆକଟ କଲେ ଶିକ୍ଷକଙ୍କୁ ବହୁମୂଲ୍ୟ ଦେବାକୁ ପଡୁଛି। କୌଣସି ଅଭିଯୋଗ ହେଲେ ଉପରିସ୍ଥ ଅଧିକାରୀ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସମର୍ଥନ କରୁଛନ୍ତି। "ଛାଟ ବାଜିଲେ ପାଠ ହୁଏ'' ବାକ୍ୟଟି ମୂଲ୍ୟହୀନ ହୋଇଯାଇଛି। ଚାଣକ୍ୟଙ୍କ ନୀତିରେ ପାଞ୍ଚ ବର୍ଷରୁ ଦଶବର୍ଷ ଅର୍ଥାତ୍ ପିଲାକୁ ପନ୍ଦର ବର୍ଷ ହେବା ପର୍ଯ୍ୟନ୍ତ ଶାସନ ମଧ୍ୟରେ ରଖାଯାଏ। ଆମ ଶାସ୍ତ୍ର ବିଧାନରେ ଯେଉଁ ପାଞ୍ଚ ଜଣ ପିତାଙ୍କ ସୂଚନା ରହିଛି, ତନ୍ମଧ୍ୟରୁ ଶିକ୍ଷକ ଅନ୍ୟତମ। କିନ୍ତୁ ସେଇ ଶିକ୍ଷକଙ୍କ ପାଇଁ ଲକ୍ଷ୍ମଣରେଖା ନିର୍ଦ୍ଧାରଣ ଆଜି ବିଷମ ଫଳ ଦେଉଛି। ସ୍କୁଲ କାନ୍ଥରେ ଲିଖିତ ଦେୟମୁକ୍ତ ଟେଲିଫୋନ ନମ୍ବର ଶିକ୍ଷକଙ୍କ ପାଇଁ କାଳଫାଶ ହୋଇଛି। ସେଥିପାଇଁ ସେମାନେ କିପରି ଶୀଘ୍ର ସ୍କୁଲ ସମୟ ସାରି ନିରାପଦରେ ଘରକୁ ଯିବେ ତାହାହିଁ ଭାବୁଛନ୍ତି। ଭିଡିଓରେ ଯେଉଁ ପ୍ରଧାନଶିକ୍ଷକ ଛାତ୍ରୀଛାତ୍ରଙ୍କ ଅଧୋଗତିକୁ ସହ୍ୟ କରି ନ ପାରି ନିଜକୁ ଦାୟୀ କରି ଆତ୍ମଦଣ୍ଡିତ ହେଉଥିଲେ, ତାହା ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକଙ୍କ ପାଇଁ ବିକଳ୍ପ ନୁହେଁ। ତାଙ୍କର ଏତାଦୃଶ ବାର୍ତ୍ତା ସମାଜ, ସରକାର, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପ୍ରଭାବିତ କଲା କି ସରକାର ବିଶୃଙ୍ଖଳା ଅଭିଯୋଗରେ ସେଇ ପ୍ରଧାନଶିକ୍ଷକଙ୍କ ଉପରେ ପୁନଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ତାହା ଅଜ୍ଞାତ ହେଲେବି ଭିଡିଓ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି।

ଦ୍ୱିତୀୟ ଘଟଣାଟି ଆମ ରାଜ୍ୟର। ଗଞ୍ଜାମ ଜିଲାର ଜଣେ ଖେଳ ଶିକ୍ଷକ। କଥା ମାଧ୍ୟମରେ ହସ ପରିବେଶ ସୃଷ୍ଟି କରନ୍ତି। ଗଣମାଧ୍ୟମରେ ମଧ୍ୟ ବେଶ୍ ସକ୍ରିୟ। ତାଙ୍କ ପରିବାରରେ ସମସ୍ତେ ଖେଳ ଶିକ୍ଷକ ଓ ଶିକ୍ଷୟିତ୍ରୀ। ମାଟ୍ରିକ୍ ପରୀକ୍ଷା ସରିବା ପରେ ଛାତ୍ରମାନଙ୍କ ଉନ୍ମତ୍ତକାଣ୍ଡର ଶିକାର ହୋଇଥିଲା ସେଇ ଜିଲାର ବିଭିନ୍ନ ବିଦ୍ୟାଳୟ। ପଙ୍ଖାଠାରୁ ଆଶାପତ୍ର ଦୁଆର ଝରକା କେହି ସେମାନଙ୍କ ଅତ୍ୟାଚାରରୁ ବର୍ତ୍ତି ନ ଥିଲେ। କିଏ ଅଙ୍ଗ ହରାଇଥିଲେ ତ କେହି ଖଣ୍ଡ ବିମଣ୍ଡିତ ହୋଇ ସ୍ଥାନଚ୍ୟୁତ ହୋଇଥିଲେ। ପାଠ୍ୟପୁସ୍ତକମାନେ ବୀଭତ୍ସ ଓ ବିକ୍ଷିପ୍ତ ଭାବରେ ବିଦ୍ୟାଳୟ ପରିବର୍ତ୍ତେ ରାସ୍ତାରେ ଆବର୍ଜନାର ଭ୍ରମ ସୃଷ୍ଟି କରୁଥିଲେ। ସେହି ଖେଳ ଶିକ୍ଷକ ତାହାକୁ ବ୍ୟଙ୍ଗାତ୍ମକ ଭାଷାରେ ମୃଦୁ ଆକ୍ଷେପମୂଳକ ଭିଡିଓ କରି ଗଣମାଧ୍ୟମରେ ଛାଡ଼ିଥିଲେ। ଏଥିରେ ମଧ୍ୟ ବିଭାଗୀୟ ତଦନ୍ତ ବା ଉତ୍ତରଦାୟିତ୍ୱ ନ୍ୟସ୍ତ ହେଲା କି ନାହିଁ ତାହା ଯେତିକି ମନକୁ ଆନ୍ଦୋଳିତ କଲା, ତତୋଽଧିକ ବିସ୍ମିତ କଲା ଯେ ଏହା କୁଆଡ଼େ ସମ୍ପୃକ୍ତ ସ୍କୁଲମାନଙ୍କର ଅଘୋଷିତ ପରମ୍ପରା।



ଜଣେ ବିଭାଗୀୟ ପଦାଧିକାରୀଙ୍କଠାରୁ ଏହାର କାରଣ ଏବଂ କେବେଠାରୁ ଏହା ଅଘୋଷିତ ପରମ୍ପରା ହୋଇଛି ଜାଣିବାକୁ ଚାହିଁବାରେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇଗଲେ। ଯେଉଁ ସ୍କୁଲରେ ଛାତ୍ରୀଛାତ୍ର ପାଠ ପଢ଼ି ଭବିଷ୍ୟତ ଗଢ଼ିବାର ପ୍ରଥମ ସୋପାନ ଅତିକ୍ରମ କରନ୍ତି, ସେମାନଙ୍କର ଏପରି ଆଚରଣ ତାଙ୍କୁ ଅସହ୍ୟ ହେଉଥିଲା। ଏଭଳି ପରିସ୍ଥିତିର ସମ୍ମୁଖୀନ ହେବା ଅକଳ୍ପନୀୟ ଏବଂ ଛାତ୍ରମାନଙ୍କର ଔଦ୍ଧତ୍ୟ ଅକ୍ଷମଣୀୟ ବୋଲି କହିଲେ। ସବୁଠାରୁ ତାଙ୍କୁ ମର୍ମାହତ କରୁଥିଲା ଅଭିଭାବକଙ୍କର ଅସମ୍ଭବ ନୀରବତା। ସେ ଏକଦା ସେଇ ଶିକ୍ଷା ଜିଲା ଦାୟିତ୍ୱରେ ଥିବାବେଳେ ଏହି ଅଘୋଷିତ ପରମ୍ପରା ଶୁଣି ପରୀକ୍ଷା ଶେଷଦିନ ପୋଲିସ ସହାୟତାରେ କିଛି ସ୍କୁଲରେ ଏହାକୁ ବନ୍ଦ କରିଥିବାବେଳେ କିଛି ଉଦ୍‌ଭ୍ରାନ୍ତ ଛାତ୍ରଙ୍କ କଟୁ ମନ୍ତବ୍ୟ ସେ ଏଯାବତ୍ ଭୁଲି ପାରିନାହାନ୍ତି। କିନ୍ତୁ ସେ ସ୍ୱୀକାର କଲେ ଯେ, ଯେବେଠାରୁ ସ୍କୁଲମାନଙ୍କୁ ଦଣ୍ଡମୁକ୍ତ ଅଞ୍ଚଳର ମାନ୍ୟତା ମିଳିଲା, ସେଇଦିନରୁ ଶିକ୍ଷା ଶିକ୍ଷକ ଓ ଶିକ୍ଷାୟତନଠାରୁ ଛାତ୍ରୀଛାତ୍ରଙ୍କ ଦୂରତା ନିଶ୍ଚିତ ବୃଦ୍ଧି ପାଉଛି। ଏହି ଦଣ୍ଡମୁକ୍ତ ଅଞ୍ଚଳର ବୁଦ୍ଧି ଯେଉଁମାନଙ୍କର ଉର୍ବର ମସ୍ତିଷ୍କରୁ ସୃଷ୍ଟି ହୋଇଛି, ସେମାନେ ଗୁରୁ-ଶିଷ୍ୟ ପରମ୍ପରା ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ ସାବ୍ୟସ୍ତ ହୋଇସାରିଛି। ସେମାନଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢ଼ନ୍ତି ନାହିଁ। ଅଧିକ ଅର୍ଥ ଦେଇ ବେସରକାରୀ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଶାସନ କରାଯାଏନାହିଁ। ବରଂ ସେମାନେ ସ୍କୁଲ ଅପେକ୍ଷା ଟିଉଶନ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରନ୍ତି। ସେଇମାନଙ୍କ ଚକ୍ରାନ୍ତରେ ସରକାରୀ ସ୍କୁଲରେ ମୂର୍ଖ ସୃଷ୍ଟି ପାଇଁ ଏପ୍ରକାର ନିୟମ ହୋଇଛି। ସହଜେ ରାଜ୍ୟର ସରକାରୀ ସ୍କୁଲରେ ଅଧିକାଂଶ ଶିକ୍ଷକ ଅପାରଗ। ଏଇ ନିୟମ ଯୋଗୁ କଙ୍କଡ଼ାକୁ ଗୋଳି ପାଣି ସୁହାଇବା ଭଳି ସଂଖ୍ୟାଧିକ ଅପାରଗ ଶିକ୍ଷକ ତା'ର ସୁଯୋଗ ବି ନେଉଛନ୍ତି। ଏହି ନିଷ୍ପତ୍ତି ସତ୍ତ୍ୱେ କୌଣସି ଶିକ୍ଷକ ଗୁରୁର କର୍ତ୍ତବ୍ୟ ଓ ଦାୟିତ୍ୱ ନିଜସ୍ୱ ସୃଜନୀ ଶକ୍ତି ବିନିଯୋଗ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପ୍ରଭାବିତ କରିପାରୁ ନାହାନ୍ତି। ବରଂ ଏଭଳି ଅଭାବନୀୟ ପରିସ୍ଥିତି ଓ ନିଜର ଶିଷ୍ୟାଶିଷ୍ୟଙ୍କ ଅମାନବୀୟ ଆଚରଣ ପାଖରେ ସେମାନେ ଅବନମିତ ହେଉଛନ୍ତି। ଯଦି ଆମର ନବେ ଦଶକ ପର୍ଯ୍ୟନ୍ତ ଶିକ୍ଷକ ଓ ଛାତ୍ରମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା, ସେତେବେଳେ ଗ୍ରାମ୍ୟ ସ୍କୁଲରେ ଆଞ୍ଚଳିକ ଶିକ୍ଷକ ନିଯୁକ୍ତି ହେଉଥିଲେ ନତୁବା ଶିକ୍ଷକମାନେ ସ୍କୁଲ ପାଖରେ ରହୁଥିଲେ। ସେମାନେ ଦୁଇ କିଲୋମିଟର ବ୍ୟାସାର୍ଦ୍ଧରେ ଥିବା ଗ୍ରାମମାନଙ୍କର ଛାତ୍ରୀଛାତ୍ରଙ୍କ ପାଠପଢ଼ା ଚାଲିଚଳଣି ଉପରେ ତୀକ୍ଷ୍ଣ ନଜର ରଖୁଥିଲେ। ଛାତ୍ରୀଛାତ୍ରଙ୍କ ପ୍ରତ୍ୟେକ ଅସୁବିଧା ବ୍ୟକ୍ତିଗତ ଭାବରେ ଜାଣିବା ସହ ପାଠପଢ଼ାରେ ଦୁର୍ବଳ ଥିଲେ ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଥିଲେ। ଫଳତଃ ଅଭିଭାବକମାନେ ମଧ୍ୟ ଶିକ୍ଷକଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିଲେ। ସେତେବେଳେ ସରକାରୀ ଶିକ୍ଷକ ମଧ୍ୟ ସ୍କୁଲ ନିକଟରେ ସରକାରୀ ଘର ବା ଭଡ଼ାଘରେ ରହୁଥିଲେ। ଏବେ ନୂତନ ପୁରାତନ ସରକାରୀ ଓ ପ୍ରାଥମିକ ସ୍କୁଲ ଶିକ୍ଷକମାନେ ଘରଭଡ଼ା ପାଉଛନ୍ତି। କିନ୍ତୁ କୌଣସି ଶିକ୍ଷକ ସ୍କୁଲ ପାଖରେ ରହୁନାହାନ୍ତି। ସମସ୍ତେ ସହରରେ ରହି ପାଠପଢ଼ାକୁ ଗୌଣ ମନେକରି ବିଭିନ୍ନ ବ୍ୟକ୍ତିଗତ ଓ ରାଜନୈତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛନ୍ତି।

ଅନେକ ସୂତ୍ରରୁ ତଥ୍ୟ ସଂଗ୍ରହରୁ ଜଣାପଡ଼ିଛି ଯେ, ଯେବେଠାରୁ ଓଏମ୍ଆର ମାଧ୍ୟମରେ ପଚାଶ ଶତାଂଶ ପରୀକ୍ଷା ସହ ନିଜ ସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ର ହେଲା, ସେଇ ସ୍କୁଲର ପରୀକ୍ଷାର୍ଥୀ ଶିକ୍ଷକଙ୍କ ସହଯୋଗରେ ଉତ୍ତୀର୍ଣ୍ଣ ହେବାକୁ ଚାହିଁଲେ। ଶିକ୍ଷକମାନେ ମଧ୍ୟ ସହଯୋଗ କରିଥିଲେ। ଫଳତଃ ସେହି ଅନୈତିକ କାର୍ଯ୍ୟ ଛାତ୍ରୀଛାତ୍ରଙ୍କ ଦାବି ବା ଅଧିକାର ହୋଇଗଲା। କିନ୍ତୁ ସମୟାନ୍ତରେ ସେଥିରେ ବାଧକ ବା ଅସଫଳ ହେବାର ପ୍ରତିକ୍ରିୟାରେ ସେମାନେ ସ୍କୁଲ ଆଶାପତ୍ର କ୍ଷତିର ଯେଉଁ ତାଣ୍ଡବଲୀଳା କରିଥିଲେ, ତାହା ହିଁ ଅଘୋଷିତ ପରମ୍ପରା ହୋଇଗଲା। ତେଣୁ ନୀତିଭ୍ରଷ୍ଟ ଶିକ୍ଷକ ପଥଭ୍ରଷ୍ଟ ଛାତ୍ରୀଛାତ୍ର ଏବଂ ସରକାରୀ ସ୍କୁଲରେ ପିଲାଙ୍କୁ ପଢ଼ାଉନଥିବା ମାତ୍ର ଲକ୍ଷ୍ୟଭ୍ରଷ୍ଟ ଶିକ୍ଷାନୀତି ନିର୍ଦ୍ଧାରଣ କରୁଥିବା ରାଜନୈତିକ ଓ ପ୍ରଶାସକଙ୍କ ପାଇଁ ଆମ ସରକାରୀ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହୋଇସାରିଛି, ଏହା ଦିବାଲୋକ ପରି ସତ୍ୟ ; ଯାହାକୁ ସଠିକ ବାଟକୁ ଆଣିବା ଅସମ୍ଭବ।

ଗୁଣ୍ଡିଚା ବିହାର, ପୁରୀ -୨
ମୋ: ୭୯୭୮୭୮୫୪୭୮

# ପୁରୁଷ ଆଇନ କେତେ ଜରୁରୀ



ରାନୀ ନାୟକ

ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର କମିଶନ ଗଠନ କରିବାର ନିଷ୍ପତ୍ତି ନେବା ଏକ ଜଟିଳ ପ୍ରସଙ୍ଗ। କାରଣ ସମାଜର ଗୋଟିଏ ବର୍ଗ ଏହାର ଆବଶ୍ୟକତା ଥିବାର କହୁଥିବାବେଳେ ଅନ୍ୟ ଏକ ବର୍ଗ ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଉଛନ୍ତି। ତେବେ ପୁରୁଷ କମିଶନ ଗଠନର ଯଥାର୍ଥତା ଅଛି କି ନାହିଁ ଏହି ପ୍ରସଙ୍ଗ ଉଠାଇବାର ମୂଳ ଉଦ୍ଦେଶ୍ୟ କ'ଣ ଟିକେ ଦୃଷ୍ଟି ପକାଇବା। ପ୍ରଥମେ କିଛି ଘଟଣା ଓ ମତ ଉପରେ ଆଲୋଚନା କରିବା ପରେ ଯାଇ ବିଚାରକରିବା ପୁରୁଷ ଆଇନର କେତେ ଆବଶ୍ୟକତା ଅଛି ଆଉ କେତେ ଅନାବଶ୍ୟକ।

ପୂର୍ବରୁ ଆଲୋଚନା କରିଛନ୍ତି ବହୁଚର୍ଚ୍ଚିତ ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ବିଷୟରେ ପୁଣି ଦେହରୁ କ୍ଷତ ଲିଭିନି ଆଉ ଏକ ଆତ୍ମହତ୍ୟା ମାନବ ଶର୍ମା କରିଛନ୍ତି। ସେ ବି ମଧ୍ୟ ସମାନ ଭାବେ ସ୍ତ୍ରୀଙ୍କଠାରୁ ଅତ୍ୟାଚାରିତ ହୋଇ ପ୍ରାଣ ତ୍ୟାଗ କରିଛନ୍ତି। ତେବେ ଏଠି ଗୋଟିଏ ପ୍ରଶ୍ନ ଆସୁଛି କ'ଣ ସତରେ ପୁରୁଷ ଏତେ ଦୁର୍ବଳ ହୋଇଗଲାଣି ଯେ କିଛି ରାସ୍ତା ନ ପାଇ ଆତ୍ମହତ୍ୟାର ବାଟ ବାଛିନେଉଛି। ଏମିତି ବହୁ ଘଟଣା ଏବେ ଘଟୁଛି ଏବଂ ଅତୀତରେ ମଧ୍ୟ ଘଟିସାରିଛି। ତେବେ ଅସଂଖ୍ୟ କୁଆ ଆଗେ ଗୋଟିଏ ପାରାର ରାବ ଶୁଭିପାରିନାହିଁ। ଅନେକ ସମୟରେ ମହିଳାଙ୍କୁ ସୁରକ୍ଷା ପାଇଁ କରାଯାଇଥିବା ଆଇନକୁ ସେମାନେ କିଛି ସ୍ଥାନରେ ଅସ୍ତ୍ର ରୂପେ ଅପବ୍ୟବହାର କରୁଛନ୍ତି।

ଯଦି ଦେଖିବା ଗତ ୨ ଦଶନ୍ଧି ମଧ୍ୟରେ ମହିଳାମାନେ ଅଧିକ ସଂଖ୍ୟାରେ ମାମଲା ଦାୟର କରୁଛନ୍ତି। ସେଥିମଧ୍ୟରୁ ସର୍ବାଧିକ ମାମଲା ପ୍ରତିଶୋଧପରାୟଣତାରୁ ହେଉଛି। ୨୦୨୦ରେ ଏହିପରି ଜଣେ ମହିଳା ତାଙ୍କର ପୁରୁଷ ବନ୍ଧୁଙ୍କ ନାମରେ ବଳାତ୍କାର ମାମଲା ଦାଏର କରିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଦୀର୍ଘ ବର୍ଷ ଧରି ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ ବୋଲି ଅଭିଯୋଗ କରିଥିଲେ। କିନ୍ତୁ ଏହା ଗ୍ରହଣଯୋଗ୍ୟ ହେଲାନାହିଁ। ଏହିପରି ଅନେକ ଘଟଣା ଘଟୁଛି। ଏହାର ଅର୍ଥ ନୁହେଁ, ମହିଳାମାନେ ନିର୍ଯାତିତା ହେଉନାହାନ୍ତି କିମ୍ବା ସବୁ ମାମଲା ଉଦ୍ଦେଶ୍ୟମୂଳକ। କିନ୍ତୁ କହିବାର କଥା ହେଉଛି, ପୁରୁଷଙ୍କ ଉପରେ ମିଛ ମାମଲାର ସଂଖ୍ୟା ବଢୁଛି ଏବଂ ଜଣେ ବ୍ୟକ୍ତି ଦଣ୍ଡପାଇ ନିର୍ଦ୍ଦୋଷରେ ଖଲାସ ହେଉଥିବା ଦେଖିବାକୁ ମିଳୁଛି। ଏସବୁ ଘଟଣାବଳୀର ତର୍ଜମା କଲେ, ଏହା ମଧ୍ୟ ସାମ୍ନାକୁ ଆସୁଛି ଯେ ପୁରୁଷମାନେ ଏଭଳି ମିଛ ମାମଲାରୁ ସୁରକ୍ଷା ପାଇବାଯୋଗ୍ୟ। କିନ୍ତୁ ଏହି ପ୍ରସଙ୍ଗକୁ ନେଇ ଓକିଲ ମହେଶ କୁମାର ତିୱାରୀ ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ପୁରୁଷ କମିଶନ ଗଠନ ଲାଗି ଆବେଦନ କରିଥିଲେ। ଉକ୍ତ ଆବେଦନରେ ୨୦୨୧ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟକୁ ଆଧାରକରି ଦର୍ଶାଇଥିଲେ ଏବଂ ସେ ଯୁକ୍ତି ବାଢ଼ି କହିଥିଲେ, ୩୩.୨ ଓ ୪.୮ ପ୍ରତିଶତ ପୁରୁଷ ପାରିବାରିକ ଓ ବିବାହଜନିତ ସମସ୍ୟା ଯୋଗୁ ଆତ୍ମହତ୍ୟା କରିଛନ୍ତି। ଏହି ତଥ୍ୟ ପ୍ରମାଣ କରୁଛି କି, ପୁରୁଷ ନିର୍ଯାତନା କେତେ ଗୁରୁତର ହେବାକୁ ଯାଉଛି ଏବଂ ମହିଳା ସୁରକ୍ଷା ଆଇନର କିପରି ଅପବ୍ୟବହାର ହେଉଛି। କିନ୍ତୁ ଏହା ସତ୍ତ୍ୱେ ପୁରୁଷ କମିଶନ ଗଠନ ପ୍ରସ୍ତାବକୁ ସୁପ୍ରିମ କୋର୍ଟ ୨୦୨୩ ଜୁଲାଇରେ ଖାରଜ କରିଦେଇଥିଲେ।



କର୍ମକ୍ଷେତ୍ରରେ ହେଉ କିମ୍ବା ଘରେ ଯଦି ଜଣେ ପୁରୁଷ କ'ଣ ଟିକେ କହିଦେଉଛନ୍ତି, ମହିଳା ଜଣକ ଆଇନ ବ୍ୟବସ୍ଥାକୁ ଢାଲକରି ଅଭିଯୋଗ ଲଗାଉଛି, ଡରାଉଛି ବା ଧମକାଉଛି। ତେଣୁ ପୁରୁଷଟିଏ ଲୋକଲଜ୍ଜାରେ ଚୁପ୍ ରହୁଛି। କେତେକେ ମୁହଁଖୋଲି ବିବାଦ, ଛାଡ଼ପତ୍ର ବା ଆପୋସ ସମାଧାନ କରୁଛନ୍ତି କିମ୍ବା ଅତୁଲ ସୁଭାଷଙ୍କ ଭଳି ଜୀବନ ହାରିଦେଉଛନ୍ତି। ଏହା ନିଶ୍ଚିନ୍ତ ଯେ, ବର୍ତ୍ତମାନ ଯୌତୁକ ନିର୍ଯାତନା ହାର କମିଛି। କିନ୍ତୁ ସୋସିଆଲ ମିଡିଆରେ ବ୍ଲାକ୍‌ମେଲିଂ, ପରକୀୟା ପ୍ରୀତି ଆଦି ଅପରାଧ ବଢ଼ିଛି। ପୁରୁଷ ଓ ମହିଳା ସମକକ୍ଷ ହୋଇଯିବାରୁ ନିଜ ନିଜର ଅଧିକାର ପାଇଁ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଭୁଲିଯାଉଛନ୍ତି। ତେଣୁ ସମାଜରେ ପୁରୁଷ ଆତ୍ମହତ୍ୟା ହେଉ କିମ୍ବା ଇଞ୍ଜିନିୟର ଅତୁଲଙ୍କ ମାମଲା ସମାଜ ପାଇଁ ଏକ ଚେତାବନୀ। ଏଥିପାଇଁ ନ୍ୟାୟ ବ୍ୟବସ୍ଥା ଦାୟୀ। ଯଦି ଅଧିକ ସଂଖ୍ୟାରେ ଥିବା କୌଣସି ଗୋଷ୍ଠୀ ନିର୍ଯାତିତ କିମ୍ବା ପ୍ରଭାବିତ ହେଉଥା'ନ୍ତି ତାଙ୍କ ସୁରକ୍ଷା ପାଇଁ କମିଶନ ଗୋଟିଏ ପ୍ଲାଟ୍‌ଫର୍ମ ଭଳି କାମକରେ ; ଯେମିତି ସଂଖ୍ୟାଲଘୁ ଓ ଏସ୍‌ସିଏସ୍‌ଟି କମିଶନ। ଥାନା କଚେରି ନ ଦେଇ ଆଇନ ପରିସର ଭିତରେ ଆପୋସ ସମାଧାନ ପାଇଁ କମିଶନ କାର୍ଯ୍ୟ କରିଥାଏ। ପୁରୁଷ କମିଶନର ଆବଶ୍ୟକତା ନାହିଁ। ମହିଳା କମିଶନରେ ଉଭୟ ମହିଳା ଓ ପୁରୁଷ ପକ୍ଷଙ୍କ ଅଭିଯୋଗ ଶୁଣି ବିଚାର କରାଯାଏ। କାହାକୁ ଦଣ୍ଡ ଦେବା ଲାଗି କମିଶନର ଅଧିକାର ନାହିଁ। ସେମାନେ କେବଳ କାଉନ୍‌ସେଲିଂ ମାଧ୍ୟମରେ ସମାଧାନ କରନ୍ତି କିମ୍ବା ପୋଲିସକୁ କେସ୍ ବିଷୟରେ ଜବାବ ମାଗନ୍ତି। ପୁରୁଷ କମିଶନ ହେଲେ ସମାଜରେ ବିଭକ୍ତୀକରଣ ସୃଷ୍ଟିହେବ। ଅର୍ଥାତ୍ କିଛି ଅସୁବିଧା ହେଲେ ମାଆ, ସ୍ତ୍ରୀ ବା ଭଉଣୀ ମହିଳା କମିଶନକୁ ଯିବେ ଆଉ ବାପା, ଭାଇ, ସ୍ୱାମୀ ମଧ୍ୟ ପୁରୁଷ କମିଶନକୁ ଯିବେ। ଏମିତି ହେଲେ ପରିବାର ବିଭକ୍ତ ହୋଇଯିବ। ଏଣୁ ଯେଉଁ ଆଇନ ବ୍ୟବସ୍ଥା ଅଛି ତାକୁ ସୁଦୃଢ଼ କରାଯାଉ ଏବଂ କୋର୍ଟରେ ତାରିଖ ନ ଗଡ଼ାଇ ମାମଲାର ବିଚାର ଯଥାଶୀଘ୍ର କରାଯାଉ।

ଯଦି ଅନ୍ୟ ଦିଗଟି ଦେଖିବା, ଅର୍ଥାତ୍ ପୁରୁଷ କମିଶନର ଆବଶ୍ୟକତାକୁ ନେବା ତେବେ ଏହାର ଯଥାର୍ଥତା ଅନେକ ରହିଛି। କାରଣ ଲିଙ୍ଗଗତ ଦୃଷ୍ଟିରୁ ଯଦି ପୁରୁଷ ମହିଳା ସମାନ ତେବେ ଏହା ଗଠନ ହେବା କଥା ନିଶ୍ଚିନ୍ତ। କାରଣ ଏକ ରିପୋର୍ଟକୁ ଆଧାରକରି ଯଦି ନେବା ଭାରତରେ ପ୍ରତି ଘଣ୍ଟାରେ ପ୍ରାୟ ୪ଜଣ ଓ ବର୍ଷକୁ ୩୧,୫୦୦ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ଏହା କହିବାର ଉଦ୍ଦେଶ୍ୟ ହେଉଛି ମହିଳାଙ୍କ ପାଇଁ ଯଦି ଏତେ ଆଇନ ବ୍ୟବସ୍ଥା ଥାଇ ମଧ୍ୟ ସେମାନେ ସୁରକ୍ଷିତ ନୁହନ୍ତି ତେବେ ପୁରୁଷମାନେ ମଧ୍ୟ ମଣିଷ, ତାଙ୍କ ପାଇଁ କୌଣସି ଆଇନ ବ୍ୟବସ୍ଥା ହିଁ ନାହିଁ, ତେବେ ସେମାନେ କେତେ ସୁରକ୍ଷିତ ହୋଇପାରିବେ। ଉପରେ ଆଲୋଚନା କରିଥିଲେ କି କିପରି କେତେଜଣ ମହିଳା ଆଇନର ଅପବ୍ୟବହାର କରୁଛନ୍ତି। ତେବେ ଯେଉଁ ନିରୀହ ମହିଳାଙ୍କ ପାଇଁ ଆଇନ ଗଢ଼ାଯାଇଛି ସେମାନେ ତାହାର ଲାଭ ଉଠାଇପାରୁ ନାହାନ୍ତି ବରଂ କେତେଜଣ ମହିଳା ଏହାର ଅପବ୍ୟବହାର କରୁଛନ୍ତି। ତେବେ ପୁରୁଷ କମିଶନ ଗଠନ କରିବାରେ କ'ଣ ଅସୁବିଧା। ଗଠନ ହେଲେ କେତେକେ ଏହାର ଅପବ୍ୟବହାର କରିବେ ଆଉ କେତେଜଣ ପୁରୁଷ ତ ସୁରକ୍ଷା ପାଇପାରିବେ। ତେବେ ବେଳ ଥାଉ ଥାଉ କାହିଁକି ବନ୍ଧ ନ ବାନ୍ଧିବା। ନଚେତ୍ ଦିନ ଆସିବ ମହିଳାମାନେ ଯେପରି ଅବସ୍ଥା ଭୋଗୁଥିଲେ ସେହି ଅବସ୍ଥା ପୁରୁଷମାନେ ଭୋଗିବାକୁ ପ୍ରସ୍ତୁତ ହୋଇଯିବେ।

ମୋ: ୭୬୦୬୯୯୬୦୫୩

## ଏଇ ଭାରତରେ

ଚୋରର ବିଭିନ୍ନ ଜିନିଷ ଚୋରି କରିବା କଥା ସମସ୍ତେ ଶୁଣିଥିବେ। ହେଲେ ଚୋରି କରିଥିବା ଜିନିଷକୁ ଚୋର କେବେ ସେହି ସ୍ଥାନକୁ ଫେରାଇବାକୁ ଆସିବା କଥା ଶୁଣିଛନ୍ତି! ଏକଥା ହୁଏତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ମନେ ହୋଇପାରେ। ମାତ୍ର ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ରାଜସ୍ଥାନର ବିକାନେରର ତୋଲିଆସର ଗାଁରେ। ଏହି ଗାଁରେ ଥିବା କାଳଭୈରବଙ୍କ ମନ୍ଦିର ଆଗରୁ କିଛି ଦିନ ତଳେ ଏକ ମୋଟର ସାଇକେଲ ଚୋରି ହୋଇଯାଇଥିଲା। ମନ୍ଦିର ପୂଜାରେ ସାମିଲ ହେବା ପାଇଁ ଜଣେ ଯୁବକ ବାହାରେ ଗାଡି ରଖି ମନ୍ଦିର ଭିତରକୁ ଯାଇଥିଲେ। ମାତ୍ର ଫେରିବା ବେଳକୁ ତାଙ୍କ ଗାଡି ଚୋରି ହୋଇଯାଇଥିଲା। ମନ୍ଦିର ବାହାରେ ଲାଗିଥିବା ସିସିଟିଭି ଫୁଟେଜ୍ ଦେଖିବା ପରେ ଏହା ସ୍ପଷ୍ଟ ଜଣାପଡିଥିଲା। ଏହାପରେ ପୋଲିସ ଏହି ଘଟଣାରେ ପଚରାଉଚରା ଆରମ୍ଭ କରି ଚୋର ଖୋଜିବାରେ ଲାଗି ପଡିଥିଲା। ହେଲେ ପୋଲିସ ଚୋର ନିକଟରେ ପହଞ୍ଚିବା ପୂର୍ବରୁ ଚୋର ନିଜେ ଆସି ଗାଡି ଫେରାଇ ଦେଇ ଯାଇଥିଲେ। ଗାଡି ଚୋରି ହେବାର ଠିକ୍ ଦୁଇ ଦିନ ପରେ ଚୋର ମନ୍ଦିର ସାମ୍ନାକୁ ଆସି ଯଥା ସ୍ଥାନରେ ଗାଡି ରଖି ଦେଇ ଯାଇଥିଲେ। ଖାଲି ସେତିକି ନୁହେଁ ଚୋରି କରିଥିଲେ ବୋଲି ପଶ୍ଚାତାପ କରି ଭୁଲ୍ ମାଗିବା ସହିତ ବସ ଉଠ ହୋଇ ଠାକୁରଙ୍କ ଆଗରେ କ୍ଷମା ପ୍ରାର୍ଥନା ବି କରିଥିଲେ। ଏସବୁ ଦୃଶ୍ୟ ରେକର୍ଡ ହୋଇଥିଲା ସିସି ଟିଭିରେ। ଏବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜୋରଦାର ଚର୍ଚ୍ଚା ହେଉଛି। କେତେଜଣ କହୁଛନ୍ତି ପ୍ରଭୁ କାଳଭୈରବଙ୍କର କୃପାରୁ ଏପରି ହେଲା ତ ଆଉ କେତେକଙ୍କ ମତରେ ମାନବିକତା ଥିବାରୁ ଚୋର ଏପରି କରିଛି।

## ଚିରନ୍ତନୀ

ଧରାର କେଉଁ ଅତଳ ତଳୁଁ
ଉଠିଲା ଭେଦି ବିଶ୍ୱମରୁ
ସକଳ ପଥେ ସକଳ ଘାଟେ
ଚକିତ କଲା ବାଜି,
ଶବଦ ନବ ଉଠିଲା କାହୁଁ ରାଜି।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଛର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ନିଜର ପ୍ରଚାର ଓ ପ୍ରସାର ପାଇଁ,ବହୁ ଯତ୍ନ ସହକାରେ ଆମେ ବୃକ୍ଷରୋପଣ କରୁଛେ ସତ, କିନ୍ତୁ ପରବର୍ତ୍ତୀ ସମୟରେ ଏବଂ ଗଛ ଲଗାଇବା ପରେ ସେଠାକୁ ଆଉ ଯାଉନାହାନ୍ତି। ଫଳରେ ଯତ୍ନ ଅଭାବରୁ ସେସବୁ ଖାଉଁଳି ଶୁଖି ଡାଙ୍ଗ। ଦାୟିତ୍ୱ ଅଭାବରୁ କରିପାରୁନାହେଁ ରୋପିତ ଚାରା ବୃକ୍ଷରେ ମୁନ୍ଦାଏ ଜଳସିଞ୍ଚନ। ରୋପିତ ବୃକ୍ଷ ତା'ର ଚେର ବିସ୍ତାର କରି ବଞ୍ଚି ପାରିଲା ପର୍ଯ୍ୟନ୍ତ ତା'ର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଗଛକୁ ବଞ୍ଚାଇବାରେ ନିଜର ସହୃଦୟତା ଓ ମହତ୍ ଉଦ୍ଦେଶ୍ୟ ପ୍ରତିପାଦନ କରିବା କର୍ତ୍ତବ୍ୟ ହେବା ଉଚିତ । ସରକାର ନିୟମିତ ବ୍ୟବଧାନରେ ରୋପିତ ବୃକ୍ଷ ଚାରାରେ ପାଣି ମୁନ୍ଦାଏ ଦେବାରେ ପଦକ୍ଷେପ ଗ୍ରହଣ କଲେ ଭଲହୁଅନ୍ତା। ଏହାସହିତ ରାସ୍ତାର ଦୁଇପାର୍ଶ୍ୱରେ ଥିବା ଗ୍ରାମବାସୀ ନିଜର ଦୈନିକ କର୍ମବ୍ୟସ୍ତତା ମଧ୍ୟରୁ କିଛି ସମୟ ବାହାର କରି ରାସ୍ତାକଡ଼ର ବୃକ୍ଷ ମୂଳରେ ପାଣି ଦେଲେ ପରିବେଶ ସୁରକ୍ଷାର ଶିକ୍ଷଣୀୟ ପ୍ରେରଣା ଯୋଗାଇବ। ବିଶେଷତଃ, ରାଜପଥକୁ ଦୁଇଭାଗ କରୁଥିବା ମଧ୍ୟଭାଗରେ ବହୁ ଗଛ ଲଗାଯାଇଛି। ପାଣିଦେବା ଅଭାବରୁ ସେସବୁ ବଢିପାରୁନାହିଁ। ସେହିପରି ପଥପାର୍ଶ୍ୱରେ ଛାଇ ଓ ଶୀତଳ ପ୍ରଦାନ ନିମନ୍ତେ ନୂତନ ଭାବେ ବହୁ ଗଛ ବାଉଁଶ ଏବଂ ଲୁହା ଜାଲି ଭିତରେ ଲଗାଯାଇଛି ଯାହା ଅତ୍ୟନ୍ତ ପ୍ରଶଂସନୀୟ।

-ଅଶୋକ କୁମାର ଆଢ଼୍ୟ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱର, ୧୩।୪(ତପନ ସ୍ୱାଇଁ)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୭ମ ଜୁନିୟର ୧୮ ବର୍ଷରୁ କମ୍ କମଳା ପରିଡ଼ା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକ ଦଳ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ୬୫ ରନ୍‌ରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ରାମେଶ୍ୱର ନିର୍ଦ୍ଧାରିତ ୩୫ ଓଭରରେ ୧୯୯ ରନ୍‌କରି

**କମଳା ପରିଡ଼ା ସ୍ମାରକୀ ୧୮ ବର୍ଷରୁ କମ୍ କ୍ରିକେଟ**

ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଶାଶ୍ୱତ ରାଉତ ସର୍ବାଧିକ ୪୮ ଓ ସୋହମ୍ ପଟ୍ଟନାୟକ ୩୮ ରନ୍ କରିଥିଲେ। ଅତିରିକ୍ତଭାବେ ପାରାମାଉଣ୍ଟ ବୋଲର ୩୮ ରନ୍ ବ୍ୟୟ କରିଥିଲେ। ଅଧିନାୟକ ସ୍ୱାଗତ ମିଶ୍ର ୪ଟି ଏବଂ ବିଜୟ ସିଂ ଓ ପ୍ରଜ୍ଞା କୁମାର ପତ୍ରି ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୦୦ ରନ୍ ବିଜୟ ଲକ୍ଷ୍ୟରେ ପାରାମାଉଣ୍ଟ ୩୨.୪ ଓଭରରେ ୧୩୪ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା।



ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଦଳର ଖେଳାଳି ଓ ଅତିଥିମାନେ।

ସେକ୍ ନକିବ ସର୍ବର ୩୨ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଶୁଭ୍ରକାନ୍ତ ପରିଡ଼ା ଓ ସୋହମ୍ ପଟ୍ଟନାୟକ ୩ଟି ଲେଖାଏ ଏବଂ ସ୍ୱୟମ୍ ପଣ୍ଡା ୨ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସୋହମ୍ ପଟ୍ଟନାୟକ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ପାରାମାଉଣ୍ଟର ଦୁର୍ଗା ପ୍ରସାଦ ମଲିକ ପ୍ଲେୟର ଅଫ୍ ଦି ସିରିଜ, ରାମେଶ୍ୱରର ଶୁଭାଶିଷ ମଲିକ ଶ୍ରେଷ୍ଠ ବ୍ୟାଟର, ଶୁଭ୍ରକାନ୍ତ ପରିଡ଼ା ଶ୍ରେଷ୍ଠ ବୋଲର ଓ ତୀର୍ଥଙ୍କର ସାହୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଅମ୍ପାୟର ସାରାଂଶ କୁମାର ଓ ପ୍ରିୟବ୍ରତ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାମେଶ୍ୱର ସ୍ପୋର୍ଟିଂ ସଭାପତି ସୁରେଶ କୁମାର ରାଉତରାୟ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମିର ମହାନ୍ତି, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ଉପସଭାପତି ରାଧାନାଥ ମହାପାତ୍ର, ବିଏସ୍‌ଏନ୍‌ଏଲ୍‌ର ସହକାରୀ ଜେନେରାଲ ମ୍ୟାନେଜର ଅରବିନ୍ଦ ପ୍ରସାଦ ବଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ଦୀପକ ମଙ୍ଗରାଜ, ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ପରେଶ ପଟେଲ, କୋଷାଧ୍ୟକ୍ଷ ବିଜୟ କୁମାର ରଥ, ପୂର୍ଣ୍ଣ ମହାରଣା, ନିର୍ମଳ ବିଶ୍ୱାଳ, ମାନସ ସାହୁ, ବିଶ୍ୱଜିତ ମଲିକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆର୍‌ବି ଚେସ୍ ; ସାର୍ଥକ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୧୩।୪ (ତପନ ସ୍ୱାଇଁ)**

ପୋଖରୀପୁଟଠାରେ ଥିବା ଆର୍‌ବି ଚେସ୍ ସେଣ୍ଟର୍ ଆନୁକୂଲ୍ୟରେ ଅନୁଷ୍ଠିତ ଚେସ୍ ଟୁର୍ନାମେଣ୍ଟରେ ସାର୍ଥକ ମହାନ୍ତି ଚାମ୍ପିୟନ ହୋଇଛନ୍ତି। ବିନିଥ ନାୟକ ରନରଅପ୍ ଏବଂ ସତ୍ୟ ସ୍ୱରୂପ ତ୍ରିପାଠୀ ୨ୟ ରନରଅପ୍ ହୋଇଛନ୍ତ। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ଆଦ୍ୟା ଅଭିତ ଦାସ, ରୁଦ୍ର ପ୍ରତାପ ସାହୁ, କନିଥ୍ ବେଦାନ୍ତ, ସୁଶ୍ରୀ ସଙ୍ଗୀତା ତ୍ରିପାଠୀ, ସତ୍ୟ ନାରାୟଣ ସ୍ୱାଇଁ, ଇହାନ ଚୌଧୁରୀ ଏବଂ ସାଇ ଶ୍ରେୟଂସ ଟପ୍-୧୦ ଫିନିଶ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟ ଗୁଇନ୍ଦା ଇନସ୍ପେକ୍ଟର ପ୍ରିୟଦର୍ଶିନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଷ୍ଠାତା ପି.ବି. ସାମନ୍ତସିଂ ଏବଂ ମୁଖ୍ୟ ପ୍ରଶିକ୍ଷକ ଦେବୀ ପ୍ରସାଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ କରାଟେ ଗ୍ରେଡିଂରେ ୩୫୦ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୧୩।୪(ତପନ ସ୍ୱାଇଁ)**

ଉତ୍କଳ କରାଟେ ସ୍କୁଲ ପରିସରରେ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଅଛି। ଏହାର ବିଭିନ୍ନ ବେଲ୍ଟ ପରୀକ୍ଷାରେ ମୋଟ ୩୫୦ କରାଟେ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୁବନେଶ୍ୱରର ସତ୍ୟନଗର, ଡୁମୁଡୁମା, ରଶ୍ମିବିହାର, ପଟିଆ, ଚନ୍ଦ୍ରଶେଖରପୁର, ଟଙ୍କପାଣି , ରସୁଲଗଡ଼, କଳ୍ପନା, ଡେକାଥଲନ, ଉରାଳି ଓ ମୁଖ୍ୟ କାର୍ଯ୍ୟାଳୟରୁ ପିଲାମାନେ ବ୍ରାଉନ୍, ବ୍ଲୁ, ଗ୍ରୀନ୍, ଅରେଞ୍ଜ୍, ୟେଲୋ ବେଲ୍ଟରେ ପରୀକ୍ଷା ଦେଇଥିଲେ। ସେନ୍‌ସେଇ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ରାହୁଲ ପ୍ରଧାନ, ଆଶିଷ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟ ନନ୍‌ଚାକୁ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୧୩।୪(ତପନ ସ୍ୱାଇଁ)**

ରାଜ୍ୟ ନନ୍‌ଚାକୁ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ପ୍ରଥମ ରାଜ୍ୟ ନନ୍‌ଚାକୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ସବ୍‌ଜୁନିୟର, କ୍ୟାଡେଟ୍, ଜୁନିୟର ଓ ସିନିୟର ମହିଳା ଏବଂ ପୁରୁଷ ବର୍ଗରେ ମୋଟ ୮୨ ପ୍ରତିଯୋଗୀ ଭାଗ ନେଇଥିଲେ। ନନ୍‌ଚାକୁ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ବାବୁଲ ବର୍ମା ଏବଂ ମିଡିଆ ସଂଯୋଜକ ବିଜୟ ଖୁସ୍‌ୱାହା ଉପସ୍ଥିତ ରହି ଏକ ନନ୍‌ଚାକୁ ବୈଷୟିକ ସେମିନାର ଆୟୋଜନ କରିବା ସହ ପ୍ରତିଯୋଗିତାର ପ୍ରତ୍ୟକ୍ଷଦର୍ଶୀ ରହିଥିଲେ। ଓଡ଼ିଶା ରାଜ୍ୟ ନନ୍‌ଚାକୁ ସଂଘର ସମ୍ପାଦକ ଦୀପକ କୁମାର ସାମନ୍ତରା, ଖାରବେଳ ମଲ୍ଲିକ, ସନ୍ତୋଷ କୁମାର ମହାରଣା, ଅବିନାଶ ପୁହିର, ସପନ କୁମାର ମିଶ୍ର, ପ୍ରଦୀପ କୁମାର, ବିଜନ କୁମାର ଦଳବେହେରା, ବିଜୟ କୁମାର ସାମଲ, ବିଜୟ କୁମାର ମୁଣ୍ଡା, ସର୍ବେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।




ରାଜ୍ୟ ନନ୍‌ଚାକୁ ପ୍ରତିଯୋଗିତାରେ ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ସନ୍ତରଣରେ ଲୁକାସ ମାର୍ଟେନ୍ସଙ୍କ ନୂଆ ବିଶ୍ୱ ରେକର୍ଡ

**ଷ୍ଟକ୍‌ହୋମ,୧୩।୪(ଏପି)**

ଜର୍ମାନୀର ଅଲିମ୍ପିକ ଚାମ୍ପିୟନ ଲୁକାସ ମାର୍ଟେନ୍ସ ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ ରେକର୍ଡ ଭଙ୍ଗ କରିଛନ୍ତି। ସ୍ୱିମ୍ ଓପନ୍ ଷ୍ଟକ୍‌ହୋମରେ ସେ ଏହି ସଫଳତା ପାଇଛନ୍ତି। ସେ ପ୍ରଥମ ସନ୍ତରଣକାରୀ ଭାବେ ୩ ମିନିଟ୍ ୪୦ ସେକେଣ୍ଡର ବାଧାକୁ ଅତିକ୍ରମ କରିଛନ୍ତି। ଶନିବାର ଅନୁଷ୍ଠିତ ରେସ୍‌ରେ ସେ ୩:୩୯.୯୬ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ପୂର୍ବରୁ ଥିବା ଜାତୀୟ ରେକର୍ଡକୁ ସେ ଏକ ଦଶମିକ ୧୧ ସେକେଣ୍ଡରେ ପଛରେ ପକାଇଥିଲେ। ଜର୍ମାନୀର ପୂର୍ବତନ ସନ୍ତରଣକାରୀ ପଲ୍ ବିଡରମ୍ୟାନ୍‌ଙ୍କ ନାମରେ ପୂର୍ବରୁ ବିଶ୍ୱ ରେକର୍ଡ ଥିଲା। ସେ ୨୦୦୯ରେ ୩:୪୦.୦୭ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ୨୩ ବର୍ଷୀୟ ମାର୍ଟେନ୍ସ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ୩:୪୧ ସେକେଣ୍ଡ ଟାଇମିଂ ସହ ୪୦୦ ମିଟର ଫ୍ରିଷ୍ଟାଇଲ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

# ଅଲକାରାଜଙ୍କୁ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟାଇଟଲ

**ମୋନାକୋ, ୧୩।୪ (ଏପି):** କାର୍ଲୋସ ଅଲକାରାଜ ଚଳିତ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଷଷ୍ଠ ମାଷ୍ଟର୍ସ ଓ ମୋଟ ଉପରେ ୧୮ତମ ଟାଇଟଲ। ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ୨୧ ବର୍ଷୀୟ ଅଲକାରାଜ ୩-୬, ୬-୧, ୬-୦ ସେଟରେ ଆହତ ସମସ୍ୟା ଦେଇ ଗତି କରୁଥିବା ଲରେଞ୍ଜୋ ମୁସେଟିଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ଯୋଗୁ ଅଲକାରାଜ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ନଂ-୨କୁ ଉନ୍ନୀତ ହେବେ ବୋଲି ଜଣାପଡ଼ିଛି। ମ୍ୟାଚ୍‌ର ଶେଷ ତଥା ତୃତୀୟ ସେଟରେ କ୍ୟାରିୟରରେ ପ୍ରଥମ ଥର ପାଇଁ ମାଷ୍ଟର୍ସ ୧୦୦୦ ଟୁର୍ନାମେଣ୍ଟର ଫାଇନାଲ ଖେଳୁଥିବା ୨୩ ବର୍ଷୀୟ ମୁସେଟିଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା। ଏଥିଲାଗି ସେ କୋର୍ଟ ଉପରେ ଚିକିତ୍ସା କରାଇଥିଲେ। ଏହାସତ୍ତ୍ୱେ ମ୍ୟାଚର ଶେଷ ଆଡ଼କୁ ସେ ଠିକ ମୁଭ କରିପାରୁନଥିଲେ। 'ମୁଁ ଏଭଳି ମ୍ୟାଚ ଜିତିବାକୁ ଚାହେଁ ନାହିଁ। ମୁଁ ସତରେ ମୁସେଟିଙ୍କ ଲାଗି ଦୁଃଖିତ। ପ୍ରଥମ ଥର ମଣ୍ଟେ କାର୍ଲୋ ଜିତିଥିବାରୁ ଖୁସି ଅଛି। ପୂରା ଟୁର୍ନାମେଣ୍ଟରେ ମୁଁ ଯେଉଁ ଭଳି ଖେଳିଲି, ସେଥିଲାଗି ମୁଁ ଗର୍ବିତ' ବୋଲି ଅଲକାରାଜ କହିଛନ୍ତି।

# ପ୍ରତି ଛକା, ଉଇକେଟ ଲାଗି ୧ ଲକ୍ଷ

**କରାଚି, ୧୩।୪:** ବର୍ତ୍ତମାନ ପରିସ୍ଥିତିରେ ପାଲେଷ୍ଟାଇନକୁ ସହାୟତା ଯୋଗାଇବା ଲାଗି ପାକିସ୍ତାନ ସୁପର ଲିଗ୍(ପିଏସ୍ଏଲ୍)ର ଦଳ ମୁଲ୍‌ତାନ ସୁଲ୍‌ତାନ ପକ୍ଷରୁ ଏକ ଚାରିଟେବଲ ଅଭିଯାନ ଘୋଷଣା କରାଯାଇଛି। ଦଳୀୟ ଖେଳାଳିମାନେ ଚଳିତ ପିଏସ୍ଏଲ୍‌ରେ ମାରିବାକୁ ଥିବା ପ୍ରତ୍ୟେକ ଛକା ଏବଂ ନେବାକୁ ଥିବା ପ୍ରତି ଉଇକେଟ ଲାଗି ୧ ଲକ୍ଷ ପାକିସ୍ତାନୀ ଟଙ୍କା ବା ୩୫୬ ଆମେରିକୀୟ ଡଲାର ପାଲେଷ୍ଟାଇନର ଚ୍ୟାରିଟି ଲାଗି ଦିଆଯିବ। ଆମେ ଚଳିତ ପିଏସ୍ଏଲ୍ ସିଜନରେ ପାଲେଷ୍ଟାଇନରେ ଥିବା ଚ୍ୟାରିଟି ଫାଉଣ୍ଡେଶନକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛୁ। ମୁଲ୍‌ତାନ ସୁଲ୍‌ତାନର ଯେକୌଣସି ବ୍ୟାଟର ଛକା ମାରିଲେ, ଆମେ ପାଲେଷ୍ଟାଇନର ଚ୍ୟାରିଟିକୁ ୧ ଲକ୍ଷ ଟଙ୍କା ଦେବୁ। ଆମ ବୋଲରମାନେ ବି ଏହି ଅଭିଯାନର ଅଂଶ ହେବାକୁ ଚାହୁଁଛନ୍ତି। ଏଣୁ ଆମେ ପ୍ରତି ଉଇକେଟ ପିଛା ୧ ଲକ୍ଷ ଟଙ୍କା ଦାନ କରିବୁ। ମୁଖ୍ୟତଃ ଛୁଆଙ୍କ ଲାଗି କାମ କରୁଥିବା ଚ୍ୟାରିଟି ପାଇଁ ଆମେ ଏହି ଦାନ କରିବୁ ବୋଲି ଫ୍ରାଞ୍ଚାଇଜ୍‌ର ମାଲିକ କହିଛନ୍ତି।

**Classified Everyday**
**0674-2580101, 9692975378**



**REAL ESTATE**
**SALE**

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439



**FOR RENT**

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Positively health benefited SPA by expert female therapist. 9114559860. D-76907

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Newly open Jyoti SPA positively health benefits (Expert therapist). 8458067955. D-76908

**AFFIDAVIT**

By virtue of an affidavit sworn before the Notary Public, Nuapada, I, Hemalata Sinha @ Kalar, D/o- Balaram Sinha, W/o- Santosh Kalar, R/o- Gadtor, P.S./Dist.- Nuapada, Odisha declare that in Bank of Baroda S.B Ac No.-87300100003669 my name has been mentioned as Hemalata Kalar. That in Aadhaar Card vide No.-xxxx xxxx 5900 my name has been mentioned as Hemalata Sinha. That both the names is one and same person. D-159

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Tangi, on dated 19.03.2025, I, Puja Parida, D/o- Laxmidhar Parida, At- Godipatana Sahi, P.O./P.S.- Tangi, PIN- 752023, Dist.- Khorda, declare that I have changed my name from Puja Parida to Parida Pooja Laxmidhar. Henceforth, I shall be known as Parida Pooja Laxmidhar for all purposes. D-157

I, Binay Ekka, S/o- Libnus Ekka, R/o- At- Kiralaga, P.O.- Kurumkel, Dist.- Sundargarh declare that in Aadhaar Card bearing No.- xxxx xxxx 5129 my name has been wrongly mentioned as Biraj Ekka instead of Binay Ekka. By this affidavit No.-1394, dated 09.04.2025 sworn before the Executive Magistrate, Subdega I have changed my name to Binay Ekka for all future purposes. D-156

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LOST**

ହଜିଯାଇଥିବା ମୂଳ କବଲା- ମୁଁ, ଇ ଶ୍ରୀଧର ପାତ୍ର, ପିତା- ନାଗେଶ୍ୱର ପାତ୍ର, ପ୍ଲଟ୍ ନଂ- ୩୨, ଗୌତମ ନଗର, ପୋଷ୍ଟ- ବିଜେବି ନଗର, ଭୁବନେଶ୍ୱର, ଖୋର୍ଦ୍ଧାରେ ବାସ କରୁଅଛି। ମୋବାଇଲ୍ ନମ୍ବର- ୯୪୩୮୦୨୪୭୧୪, ହଜିଯାଇଥିବା କବଲାର ବିବରଣୀ: ଖାତା ନମ୍ବର- ୧୦୫୭/୩୧୩୯, ପ୍ଲଟ୍ ନମ୍ବର- ୧୩୬୫/୩୯୫୫/୪୯୦୫, କ୍ଷେତ୍ର ୦.୦୨୧ ଡିସିମିଲ ଏବଂ ଖାତା ନମ୍ବର- ୧୦୫୭/୩୨୮୨, ପ୍ଲଟ୍ ନମ୍ବର- ୧୩୬୫/୩୯୫୫/୪୯୦୪, କ୍ଷେତ୍ର ୦.୦୪ ଡିସିମିଲ ଏବଂ ଖାତା ନମ୍ବର- ୧୦୫୭/୩୧୮୬, ପ୍ଲଟ୍ ନମ୍ବର- ୧୩୭୧/୩୯୫୪, କ୍ଷେତ୍ର- ୦.୦୧୯ ଡିସିମିଲି ଏବଂ ପ୍ଲଟ୍ ନମ୍ବର- ୧୩୬୫/୩୯୫୫/ ୪୯୦୪/୪୯୯୨, କ୍ଷେତ୍ର- ୦.୧୩ ଡିସିମିଲି, ବିକ୍ରୟ ଡିଡ୍ ନମ୍ବର- ୧୧୦୮୨୧୧୧୯୦୮, ତାରିଖ- ୦୪।୧୦।୨୦୨୧ ଏବଂ ନଂ.- ୧୧୦୮୨୩୦୬୯୫୦, ତାରିଖ- ୨୩।୦୫।୨୦୨୩ ଏବଂ ନଂ.- ୧୧୦୮୨୧୧୧୯୨୨, ତାରିଖ- ୦୪।୧୦।୨୦୨୧, **SBI RACPC**, ଭୁବନେଶ୍ୱରରୁ ଗୃହ ଋଣ (**BR** କୋଡ୍- ୦୪୪୮୫)ରୁ ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସପକ୍ଷରେ ଶ୍ରୀ ବଳରାମ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ପୂର୍ବ ମୂଳ ବିକ୍ରୟ ଡିଡ୍ ନଂ- ୧୦୫୩୭, ତାରିଖ- ୧୩।୧୦।୨୦୦୬ ଏବଂ ବିକ୍ରୟ ଡିଡ୍ ନଂ.- ୧୦୪୨୨, ତାରିଖ- ୧୧।୧୦।୨୦୦୬ କାଦମ୍ବିନୀ ପାତ୍ରଙ୍କ ସପକ୍ଷରେ ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସପକ୍ଷରେ ଏବଂ ବିକ୍ରୟ ଡିଡ୍ ନଂ- ୧୧୦୮୨୦୧୧୨୦୦, ତାରିଖ- ୨୪।୧୨।୨୦୨୦ରେ, ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସପକ୍ଷରେ, ସୁକଦେବ ମାର୍ଥାଙ୍କ ସପକ୍ଷରେ ଏବଂ ବିକ୍ରୟ ଡିଡ୍ ନଂ.- ୧୧୦୮୨୦୦୫୩୨୦ ଥିବା ବିକ୍ରୟ ଡିଡ୍, ସୁକଦେବ ମାର୍ଥାଙ୍କ ସପକ୍ଷରେ ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ତାରିଖ ୧୫।୦୭।୨୦୨୦ରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା ଏବଂ ମୂଳ ଖାତା ନଂ- ୧୦୫୭/୧୬୯୭ ତାରିଖ ୧୦।୦୪।୨୦୨୫ରେ ପଳାସୁଣୀ ଅଞ୍ଚଳରେ କବଲା ହଜିଯାଇଥିଲା। ଏହି ସମ୍ପର୍କରେ ମୁଁ ମଞ୍ଚେଶ୍ୱର ପୋଲିସ୍ ଷ୍ଟେସନ, ଭୁବନେଶ୍ୱରରେ ରିପୋର୍ଟ ଦାଖଲ କରିଛି, କ୍ରମିକ ନଂ.- ୦୧୫, ତାରିଖ- ୧୨।୦୪।୨୦୨୫ରିଖ। ଧ-୧୬୦

**ମନେ ପଡ଼ନ୍ତି**

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




**୰ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ**
(ପୂର୍ବତନ ରାଜ୍ୟ ସୂଚନା କମିଶନର)
ପୋଖରୀପୁଟ, ଭୁବନେଶ୍ୱର
ଆପଣ ଚାରି ବର୍ଷ ହେଲା କନ୍ଦାଇ ଦେଇ ଚାଲିଗଲେ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା।
ଶୋକାକୁଳ ପରିବାର ଓ ବନ୍ଧୁବର୍ଗ। ଧ-୭୭୦୫୦

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଇଂ. ଲଳାଟେନ୍ଦୁ ପଟ୍ଟନାୟକ**
ପୋଖରୀପୁଟ, ଭୁବନେଶ୍ୱର
ଆପଣ ଚାରି ବର୍ଷ ହେଲା କନ୍ଦାଇ ଦେଇ ଚାଲିଗଲେ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା।
ଶୋକାକୁଳ ପରିବାର ଓ ବନ୍ଧୁବର୍ଗ। ଧ-୭୭୦୫୧

**୧୮ତମ ଶ୍ରାଦ୍ଧବାର୍ଷିକୀ**
**୧୪।୦୪।୨୦୨୫ (ସୋମବାର)**



**୰ଡା. କ୍ଷୀରୋଦ କୁମାର ରଥ**
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ ଧ-୧୬୭

**ଶ୍ରଦ୍ଧାଞ୍ଜଳି**



**୰ ବିମ୍ବାଧର ମିଶ୍ର**
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
୨୫ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁ ବାନ୍ଧବଙ୍କ ବିନମ୍ର ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଲି, ପୁଅ-ଶିବୁ, ବୁବୁ ବୋହୂ-ସୋନି, ସୋନାଲି ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍ ନାତି-ପିଟୁ,ଡୁଡୁଲ, ନାତୁଣୀ-ଗୁଗ୍ଲୁ, ନନ୍ଦୁ ଧ-୭୭୮୪୨

## ସଂକ୍ଷେପରେ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସର୍ଭେ ପାଇଁ ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ,୧୩।୪(ପି.ଟି.)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ପ୍ରଭାବଶୀଳତା ଆକଳନ ଲାଗି ଏହାର ସ୍ୱତନ୍ତ୍ର ସର୍ଭେ କରାଯିବା ଆବଶ୍ୟକ ବୋଲି କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ କମିଟି ପ୍ରସ୍ତାବ ଦେଇଛି। ବର୍ତ୍ତମାନ ଦେଖାଦେଇଥିବା ଚ୍ୟାଲେଞ୍ଜଗୁଡ଼ିକୁ ଦୃଷ୍ଟିରେ ରଖି ଯୋଜନାରେ ସୁଧାର ଆଣିବା ଉପରେ କମିଟି ଜୋର୍ ଦେଇଛି। ପାର୍ଲାମେଣ୍ଟର ବଜେଟ ଅଧିବେଶନ କାଳରେ କମିଟି ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଗ୍ରାମାଞ୍ଚଳ ବିକାଶ ଏବଂ ପଞ୍ଚାୟତିରାଜ ସଂସଦୀୟ ସ୍ଥାୟୀ କମିଟି ଉକ୍ତ ଯୋଜନାରେ କାର୍ଯ୍ୟଦିବସ ସଂଖ୍ୟା ୧୦୦ରୁ ୧୫୦କୁ ବଢ଼ାଇବା ସହ ଦୈନିକ ମଜୁରି ଅନ୍ୟୂନ ୪୦୦ ଟଙ୍କା କରିବାକୁ ପ୍ରସ୍ତାବ ଦେଇଥିଲା। ଗ୍ରାମାଞ୍ଚଳରେ ନିଯୁକ୍ତି ଗ୍ୟାରେଣ୍ଟି ଦେଉଥିବା ଏହି ଯୋଜନା ପାଇଁ କମ୍ ବ୍ୟୟବରାଦକୁ ନେଇ କମିଟି ଉଦ୍‌ବେଗ ପ୍ରକାଶ କରିବା ସହ ଏହା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ସାମାଜିକ ଅଡିଟ୍ କରାଯିବା ଉପରେ ଗୁରୁତ୍ୱ ଦେଇଥିଲା।

### ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ, ୮ ମୃତ

ବିଶାଖାପାଟଣା, ୧୩।୪

ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀ ଜିଲା କୋଟାଭୁରାଟଲା ଗ୍ରାମ ନିକଟରେ ଥିବା ଏକ ବାଣ ଫ୍ୟାକ୍ଟ୍ରିରେ ରବିବାର ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ୭ ଜଣ ଆହତ ହୋଇଛନ୍ତି। ଦମକଳ ବାହିନୀ, ପୋଲିସ ଏବଂ ସ୍ଥାନୀୟ ଲୋକେ ଫ୍ୟାକ୍ଟ୍ରିରେ ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଆହତଙ୍କୁ ବିଶାଖାପାଟଣାର କିଙ୍ଗ ଜର୍ଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ପିଏମ୍‌ଏନ୍‌ଆର୍‌ଏଫ୍ ଫାଣ୍ଡିରୁ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି। ବିସ୍ଫୋରଣର କାରଣ ସମ୍ପର୍କରେ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



ହାଇଦ୍ରାବାଦରେ କେନ୍ଦ୍ରର ୱକ୍‌ଫ ଆଇନ ବିରୋଧରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ବେଳେ ବିଶାଳ ସମାବେଶ।

# ପଳାଅ ନ ହେଲେ ଜେଲ

## ବିନା ପଞ୍ଜୀକରଣରେ ଆମେରିକାରେ ରହୁଥିବା ବିଦେଶୀଙ୍କୁ ନିର୍ଦ୍ଦେଶ

ୱାଶିଂଟନ୍,୧୩।୪

ଆମେରିକାରେ ବିନା ପଞ୍ଜୀକରଣରେ ୩୦ ଦିନରୁ ଅଧିକ ସମୟ ଧରି ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଟ୍ରମ୍ପ ପ୍ରଶାସନର ନୂଆ ଛାଟ। ଏଣିକି ଏଭଳି ବିଦେଶୀମାନେ ଆମେରିକା ଛାଡ଼ି ପଳାଇବେ ନଚେତ୍ ସେମାନଙ୍କୁ ଜେଲ ଯିବାକୁ ପଡ଼ିବ ବୋଲି ଦେଶର ଗୃହ ସୁରକ୍ଷା ବିଭାଗ (ଡିଏଚ୍‌ଏସ୍) ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାନୁଆରୀ ୨୦ରେ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ରେସିପ୍ରୋକାଲ ଟାରିଫ୍ ଲାଗୁ କରିବା ସହ ଆପ୍ରବାସନ ନୀତିକୁ କଠୋର କରିଛନ୍ତି। ଏହା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ଡିଏଚ୍‌ଏସ୍ ପକ୍ଷରୁ ଶନିବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ପୋଷ୍ଟ କରାଯାଇଥିବା ଏକ ନିର୍ଦ୍ଦେଶନାମା ବେଆଇନ ଆପ୍ରବାସୀଙ୍କ ମଧ୍ୟରେ ହଡ଼କମ୍ପ ସୃଷ୍ଟି କରିଛି। ଡିଏଚ୍‌ଏସ୍ ଅନୁଯାୟୀ, ଆମେରିକାରେ ବିନା ପଞ୍ଜୀକରଣରେ ୩୦ ଦିନରୁ ଅଧିକ ସମୟ ରହିବା ଏକ ଅପରାଧ। ଯଦି କୌଣସି ବିଦେଶୀ ନାଗରିକ ବିନା ପଞ୍ଜୀକରଣରେ ରହୁଥିବେ ତାଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ କୁହାଯାଇଛି। ବେଆଇନ ଏଲିୟନ୍‌ମାନେ ଆମେରିକାରୁ ନ ପଳାଇଲେ ଉଭୟ ଜେଲଦଣ୍ଡ ଭୋଗିବେ ଓ ଜରିମାନା ମଧ୍ୟ ଦେବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଅଫିସ୍ ଏବଂ ଡିଏଚ୍‌ଏସ୍ ସେକ୍ରେଟାରି କ୍ରିଶି ନୋଏମ୍‌ଙ୍କୁ ଉକ୍ତ ପୋଷ୍ଟରେ ଟ୍ୟାଗ୍ କରାଯାଇଛି। ଏହି ପୋଷ୍ଟ ସମସ୍ତ ବିଦେଶୀ ଏଲିୟନ୍‌ଙ୍କ ପାଇଁ ସ୍ୱଷ୍ଟ ସନ୍ଦେଶ ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ଏହି ପଦକ୍ଷେପ ଯୋଗୁ ଏଚ୍-ଆଇବି କିମ୍ବା ଷ୍ଟୁଡେଣ୍ଟ ଭିଜା ଭଳି ଆଇନଗତ ଭିଜା ଧାରକଙ୍କ ପରମିଟ୍ ଉପରେ ତତ୍କାଳ କୌଣସି ପ୍ରଭାବ ପଡ଼ିବ ନାହିଁ। କିନ୍ତୁ ଏହାଦ୍ୱାରା ଆପ୍ରବାସନ ପ୍ରବର୍ତ୍ତନ ନୀତି ଆହୁରି କଠୋର ହୋଇଛି। ତେବେ ଯେଉଁ ଏଚ୍-୧ବି ଭିଜା ଧାରକ ଚାକିରି ହରାଇ ଗ୍ରେସ୍ ଅବଧି ପରେ ମଧ୍ୟ ଆମେରିକାରେ ରହୁଛନ୍ତି, ସେମାନେ ପ୍ରଭାବିତ ହେବେ। ଯେଉଁମାନେ ଦେଶ ଛାଡ଼ି ନ ଯିବେ, ସେମାନଙ୍କୁ ଦିନକୁ ୯୯୮ ଡଲାର ଜରିମାନା ଦେବାକୁ ପଡ଼ିବ। ଏପରି କି ଭବିଷ୍ୟତରେ ଆମେରିକାକୁ ପ୍ରବେଶ ପାଇଁ ଅନୁମତି ମଧ୍ୟ ମିଳିବ ନାହିଁ। ସେମାନଙ୍କ ପ୍ରବାସନ ଉପରେ ଆଜୀବନ ରୋକ ଲଗାଯିବ। ଆତ୍ମପ୍ରତ୍ୟର୍ପଣ ସୁରକ୍ଷିତ। ଏହାଦ୍ୱାରା ବିଦେଶୀ ଲାଭାନ୍ୱିତ ହେବେ ବୋଲି ଡିଏଚ୍‌ଏସ୍ ପକ୍ଷରୁ କୁହାଯାଇଛି।

### ଅନ୍‌ଲାଇନ ସ୍ଥାୟୀ ଲୋକ ଅଦାଲତ ସେବା ଆରମ୍ଭ

**ଦେଶରେ କେରଳ ପ୍ରଥମ**

ନୂଆଦିଲ୍ଲୀ,୧୩।୪

ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ଲକ୍ଷ୍ୟ ନେଇ କେରଳ ଦେଶର ପ୍ରଥମ ରାଜ୍ୟ ଭାବେ ଅନ୍‌ଲାଇନ୍ ସ୍ଥାୟୀ ଲୋକ ଅଦାଲତ ସେବା ଆରମ୍ଭ କରିଛି। ଏଥିରେ ଅନ୍‌ଲାଇନରେ ଅଭିଯୋଗ ଦାଏର କରାଯିବା ସହ ଶୁଣାଣି ସୁବିଧା ଉପଲବ୍ଧ ହେବ। କେରଳ ରାଜ୍ୟ ନ୍ୟାୟିକ ସେବା କର୍ତ୍ତୃପକ୍ଷ (କେଇଏଲ୍‌ଏସ୍‌ଏ)ର ଏହି ପଦକ୍ଷେପ ନ୍ୟାୟ ମିଳିବା କ୍ଷେତ୍ରରେ ରହିଥିବା ବ୍ୟବଧାନ ଦୂର କରିବାରେ ପ୍ରଯୁକ୍ତି ଉପଯୋଗ କରାଯିବାର ଏକ ଉଲ୍ଲେଖନୀୟ ଘଟଣା। ନିକଟରେ କେରଳର ଥିରୁଭାନନ୍ଥପୁରମ୍, ଏର୍ନାକୁଲମ ଏବଂ କୋଝିକୋଡ୍‌ରେ ୩ଟି ସ୍ଥାୟୀ ଲୋକ ଅଦାଲତର ଆୟୋଜନ କରାଯାଇଥିଲା। ଏବେ ମଧ୍ୟ ଦୂରଦୂରାନ୍ତ ଅଞ୍ଚଳର ବାଦୀ ଓ ପ୍ରତିବାଦୀମାନଙ୍କୁ ଛୋଟମୋଟ ଦାବି ଉପସ୍ଥାପନ ନିମନ୍ତେ ଏହିସବୁ କେନ୍ଦ୍ରକୁ ଯିବା ପାଇଁ ଦୀର୍ଘପଥ ଅତିକ୍ରମ କରିବାକୁ ପଡୁଥିଲା। ନୂଆ ଡିଜିଟାଲ କେନ୍ଦ୍ର ଯୋଗୁ ଆବେଦନକାରୀ ରାଜ୍ୟର ଯେକୌଣସି ସ୍ଥାନରୁ ଅନ୍‌ଲାଇନରେ ମାମଲା ଫାଇଲ୍ କରିପାରିବେ। ଫଳରେ ସେମାନଙ୍କ ସମୟ ଓ ସମ୍ବଳ ସଞ୍ଚୟ ହେବା ସହ ଦୀର୍ଘ ପଥ ଅତିକ୍ରମ କରିବାକୁ ପଡ଼ିବ ନାହିଁ। ଆଗାମୀ ମେ'ରୁ ଏହି ସୁବିଧା ପୂରାଦମ୍‌ରେ କାର୍ଯ୍ୟକାରୀ ହେବାକୁ ଯାଉଛି।

### ୟୁକ୍ରେନ୍‌ରେ ରୁଷିଆର ମିଶାଇଲ ମାଡ଼: ୨୪ ମୃତ

କିଭ୍,୧୩।୪

ୟୁକ୍ରେନ୍‌ର ସୁମି ସହରରେ ରବିବାର ରୁଷିଆର ମିଶାଇଲ୍ ମାଡ଼ରେ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ୮୪ ଜଣ ଆହତ ହୋଇଛନ୍ତି। ପାଲ୍‌ମ ଉତ୍ସବ ପାଳନ ପାଇଁ ପୂର୍ବାହ୍ନ ୧୦ଟା ୧୫ ମିନିଟ୍ ସମୟରେ ସହର ମଧ୍ୟଭାଗରେ ଲୋକେ ରୁଣ୍ଡ ହୋଇଥିବାବେଳେ ୨ଟି ବାଲିଷ୍ଟିକ୍ ମିଶାଇଲ ମାଡ଼ ହୋଇଥିଲା। ସେଠାରୁ ଧୂଆଁ ଉଠିବା ସହ ମୃତଦେହଗୁଡ଼ିକ ପଡ଼ିରହିଥିବା ଭିଡିଓରୁ ଦେଖିବାକୁ ମିଳିଛି। ଉତ୍ସବ ସମାବେଶ ଉପରେ ରୁଷିଆର ଡବଲ ମିଶାଇଲ୍ ଆକ୍ରମଣକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନିନ୍ଦା କରିଛନ୍ତି।

## ରିଭ୍ୟୁ ପିଟିଶନ୍ ଦାଖଲ କରିପାରେ କେନ୍ଦ୍ର

**ବିଲ୍ ଉପରେ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ଭୂମିକା ନେଇ ସୁପ୍ରିମକୋର୍ଟଙ୍କ ରାୟ**

ନୂଆଦିଲ୍ଲୀ,୧୩।୪

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ବିରୋଧରେ ରାଜ୍ୟ ସରକାର ଦାଏର କରିଥିବା ମାମଲାର ଶୁଣାଣି କରି ଗତ ୮ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ରାୟ ବିରୋଧରେ ରିଭ୍ୟୁ ପିଟିଶନ୍ ଦାଏର ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରସ୍ତୁତି ଚଳାଇଛି। ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍‌କୁ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତି ଅଯଥା ପକାଇ ରଖିପାରିବେ ନାହିଁ। ରାଜ୍ୟପାଳ ପଠାଇଥିବା ବିଲ୍ ଉପରେ ନିଷ୍ପତ୍ତି ନେବା ନିମନ୍ତେ ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ପାଇଁ ୩ ମାସ ସମୟସୀମା ଧାର୍ଯ୍ୟ କରିଥିଲେ। ଏହା ବିରୋଧରେ ମନ୍ତ୍ରଣାଳୟ ରିଭ୍ୟୁ ପିଟିଶନ ଦାଖଲ ଲାଗି ବିଚାର କରୁଛି। ସୁପ୍ରିମକୋର୍ଟଙ୍କ ରାୟ ଯୋଗୁ ରଦ୍ଦ ବିଲ୍ ପୁଣି ସଚଳ ହେବା ପାଇଁ ବାଟ ଖୋଲିଯାଇଛି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ, କୌଣସି ବିଲ୍ ନିର୍ଦ୍ଦିଷ୍ଟ ଅଧିବେଶନ କାଳରେ ଗୃହୀତ ହୋଇ ନ ପାରିଲେ, ତାହାକୁ ପୁଣିଥରେ ମୂଳ ରୂପରେ କିମ୍ବା ରାଷ୍ଟ୍ରପତି ଦେଇଥିବା ସଂଶୋଧନ ପ୍ରସ୍ତାବ ସହ ପୁନର୍ବାର ବିଧାନସଭାରେ ଉପସ୍ଥାପନ କରିବାକୁ ପଡ଼ିଥାଏ। ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କୁ ମତାମତ ଉପସ୍ଥାପନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇ ନ ଥିବାରୁ ଏହା ବିରୋଧରେ ରିଭ୍ୟୁ ପିଟିଶନ ଦାଏର କରିବା ଆବଶ୍ୟକ ପଡୁଥିବା ଅଧିକାରୀମାନେ କହିଛନ୍ତି।

## ପୁଣି ବିବାଦରେ ତାମିଲନାଡୁ ରାଜ୍ୟପାଳ

**କଲେଜ ପିଲାଙ୍କୁ କହିଲେ 'ଜୟ ଶ୍ରୀରାମ' କୁହ**

ମଦୁରାଇ,୧୩।୪




ଆର୍.ଏନ୍. ରବି

ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ନ ଦେଇ ଦୀର୍ଘଦିନ ପକାଇରଖିବା ଘଟଣାରେ ଗତ ୮ ତାରିଖରେ ସୁପ୍ରିମକୋର୍ଟରୁ ଭର୍ତ୍ସିତ ହୋଇଥିବା ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ପୁଣିଥରେ ବିବାଦ ଘେରକୁ ଆସିଛନ୍ତି। ମଦୁରାଇର ଏକ ଇଞ୍ଜିନିୟରିଂ କଲେଜ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ବେଳେ ରାଜ୍ୟପାଳ ଛାତ୍ରୀଛାତ୍ରଙ୍କୁ ଜୟ ଶ୍ରୀରାମ ସ୍ଲୋଗାନ ଦେବାକୁ କହିଥିଲେ। କମ୍ବ ରାମାୟଣମ୍ ଲେଖିଥିବା ପୁରାତନ କବିଙ୍କୁ ସମ୍ମାନ ଦେବାକୁ ଯାଇ ଛାତ୍ରୀଛାତ୍ର ଜୟ ଶ୍ରୀରାମ ଜପ କରିବାକୁ କହୁଥିବା ସମୟର ଭିଡିଓ ଭାଇରାଲ ହୋଇଛି। ଏହା ଶ୍ରୀରାମଙ୍କ ମହାନ ଭକ୍ତଙ୍କ ପାଇଁ ଏକପ୍ରକାର ଶ୍ରଦ୍ଧାଞ୍ଜଳି ହେବ। ଆମେ ସମସ୍ତେ ଜୟ ଶ୍ରୀରାମ କହିବା ବୋଲି ରବି ଶନିବାର କଲେଜ ପିଲାମାନଙ୍କୁ କହିଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ଶାସକ ଦଳ ଡିଏମ୍‌କେ ସମାଲୋଚନା କରିବା ସହ ତାଙ୍କୁ ଆର୍‌ଏସ୍‌ଏସ୍‌ର ମୁଖପାତ୍ର ବୋଲି କହିଛି। ଏହା ଦେଶର ଧର୍ମନିରପେକ୍ଷତା ମୂଲ୍ୟବୋଧର ବିରୁଦ୍ଧାଚରଣ କରୁଛି। କାହିଁକି ରାଜ୍ୟପାଳ ବାରମ୍ବାର ସମ୍ବିଧାନର ଉଲ୍ଲଂଘନ କରିବାକୁ ଚାହୁଁଛନ୍ତି ବୋଲି ଡିଏମ୍‌କେ ମୁଖପାତ୍ର ଧରଣୀଧରନ୍ ପ୍ରଶ୍ନ କରିଛନ୍ତି। ଜୟ ଶ୍ରୀରାମ ସ୍ଲୋଗାନ ପାଇଁ ରାଜ୍ୟପାଳଙ୍କୁ କଂଗ୍ରେସ ବିଧାୟକ ଆସାନ ମୌଲାନା ନିନ୍ଦା କରିଛନ୍ତି। ସେ ଧାର୍ମିକ ବିଚାରଧାରାର ପ୍ରଚାର କରୁଥିବା ଜଣେ ଧର୍ମଗୁରୁ ଭଳି ଭାଷଣ ଦେଉଥିବା ମୌଲାନା କହିଛନ୍ତି।

## ମହାକାଶରୁ ରାତିରେ ଏମିତି ଦିଶୁଛି ଭାରତ

ୱାଶିଂଟନ, ୧୩।୪



ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରୁ ନିଆଯାଇଥିବା କିଛି ଚମତ୍କାର ଫଟୋକୁ ରବିବାର ଆମେରିକୀୟ ମହାକାଶ ସଂସ୍ଥା (ନାସା) ଏକ୍ସ'ରେ ଶେୟାର କରିଛି। ନାସା ପକ୍ଷରୁ ୪ଟି ଫଟୋ ଶେୟାର କରାଯାଇଛି, ଯେଉଁଥିରେ ଆଇଏସ୍‌ଏସ୍‌ରୁ ରାତ୍ରି ସମୟରେ ମଧ୍ୟପଶ୍ଚିମ ଆମେରିକା, ଭାରତ, ଦକ୍ଷିଣପୂର୍ବ ଏସିଆ ଏବଂ କାନାଡା କିପରି ଦେଖାଯାଉଛି, ତାହା ଜଣାପଡ଼ିଛି। ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖାଯାଇଛି, ଏହି ୪ ଫଟୋ ମାଧ୍ୟମରେ ଉପରେ ତାରା, ତଳେ ପୃଥିବୀର ବିଭିନ୍ନ ସହରର ଆଲୋକ ଏବଂ ପୃଥିବୀର ଦିଗ୍‌ବଳୟକୁ ଘୋଡ଼ାଇ ରଖୁଥିବା ବାୟୁମଣ୍ଡଳୀୟ ଚମକକୁ ଏକସଙ୍ଗେ ଦେଖାଯାଇପାରିବ।

ନାସା ଶେୟାର କରିଥିବା ଭାରତର ରାତି ସମୟର ଫଟୋ ଅତ୍ୟନ୍ତ ଚମତ୍କାର ହୋଇଛି। ମହାକାଶରୁ ଭାରତର ସହରଗୁଡ଼ିକ ଆଲୋକରେ ଝଲସୁଥିବା ନେଇ ଏହି ଫଟୋରେ ଦେଖିବାକୁ ମିଳିଛି। ତାରାଗୁଡ଼ିକର ଚାଦରରେ ଭାରତ ଆଚ୍ଛାଦିତ ହେବା ପରି ମନେହେଉଛି। ସେହିପରି ଏହି ଫଟୋ ଭାରତର ଘନ ଜନସଂଖ୍ୟାକୁ ମଧ୍ୟ ଦର୍ଶାଉଛି। ଭାରତର ବଡ଼ ବଡ଼ ସହରଗୁଡ଼ିକ ଆଲୋକର ଜାଲ ପରି ବିଛାଇ ହୋଇ ରହିଥିବା ନେଇ ଏହି ଫଟୋରେ ଦେଖିବାକୁ ମିଳିଛି। ମହାକାଶରୁ ଭାରତର ସୌନ୍ଦର୍ଯ୍ୟକୁ ଉକ୍ତ ଫଟୋ ଦର୍ଶାଉଛି ବୋଲି ଅନେକ ୟୁଜର୍ସ କହିଛନ୍ତି। ପୃଥିବୀ ଖୁବ୍ ଆଶ୍ଚର୍ଯ୍ୟଜନକ ହୋଇଥିବା ନେଇ ମଧ୍ୟ ସେମାନେ କହିଛନ୍ତି। ନାସା ଅନୁଯାୟୀ, ଆଇଏସ୍‌ଏସ୍ ପୃଥିବୀଠାରୁ ୩୭୦ରୁ ୪୬୦ କିଲୋମିଟର ଉଚ୍ଚତାରେ ଘୂରି ବୁଲୁଛି। ପୃଥିବୀଠାରୁ ଏତେ ଉଚ୍ଚତାରେ ଥିବା କାରଣରୁ ଆଇଏସ୍‌ଏସ୍ ନିୟମିତ ଭାବେ ପୃଥିବୀର ବିଭିନ୍ନ ପ୍ରାନ୍ତର ସୁନ୍ଦର ଓ ଆଶ୍ଚର୍ଯ୍ୟଜନକ ଫଟୋକୁ ଶେୟାର କରିଥାଏ। ପ୍ରକାଶ ଯେ, ଆଇଏସ୍‌ଏସ୍‌ରୁ ନାସା ଆଷ୍ଟ୍ରୋନଟ୍ ଡୋନାଲ୍ଡ ପେଟିଟ୍ ଗତ ଫେବୃଆରୀରେ ପ୍ରୟାଗରାଜରେ ଚାଲିଥିବା କୁମ୍ଭମେଳାର ଫଟୋ ଶେୟାର କରିଥିଲେ ଯାହାକୁ ଭାରତୀୟମାନେ ପସନ୍ଦ କରିଥିଲେ।

## ଚାଇନାରେ ଗର୍ଲଫ୍ରେଣ୍ଡଙ୍କ ସହ ଦେଖାଦେଲେ ଆମିର

ବେଜିଂ

ଚାଇନାରେ ଆୟୋଜିତ ମକାଉ ଇଣ୍ଟରନ୍ୟାଶନାଲ କମେଡି ଫେଷ୍ଟିଭାଲରେ ବଲିଉଡ୍ ଅଭିନେତା ଆମିର ଖାନ୍ ଓ ତାଙ୍କ ଗର୍ଲଫ୍ରେଣ୍ଡ ଗୌରୀ ସ୍ପ୍ରାଟ୍‌ଙ୍କୁ ଏକାଠି ଦେଖିବାକୁ ମିଳିଛି। ଏହି ଅବସରରେ ଦୁହେଁ ପରସ୍ପରର ହାତ ଧରି ଅନ୍ୟ ସେଲିବ୍ରିଟିଙ୍କ ସହ ମିଶି ଫଟୋଗ୍ରାଫରଙ୍କୁ ପୋଜ୍ ଦେଉଥିବାର ନଜରକୁ ଆସିଛନ୍ତି। ଏହାସହ ପ୍ରଥମଥର ପାଇଁ କୌଣସି ପବ୍ଲିକ୍ ଇଭେଣ୍ଟରେ ଆମିର ଏବଂ ଗୌରୀଙ୍କୁ ଏକାଠି ଦେଖିବାକୁ ମିଳିଛି। ମକାଉ ଇଣ୍ଟରନ୍ୟାଶନାଲ କମେଡି ଫେଷ୍ଟିଭାଲରେ ଏହି ଯୋଡ଼ି ଭାରତୀୟ ପାରମ୍ପରିକ ପୋଷାକରେ ନଜରକୁ ଆସିଛନ୍ତି। ଆମିର କଳା ରଙ୍ଗର କୁର୍ତ୍ତା ଏବଂ ପାଇଜାମା ପିନ୍ଧିଥିବାବେଳେ କାନ୍ଧରେ ଏକ ଶାଲ ଘୋଡ଼ାଇଥିଲେ। ସେହିପରି ଗୌରୀ ହାଲୁକା ନୀଳ ରଙ୍ଗର ଫୁଲ ଥିବା ପ୍ରିଣ୍ଟେଡ୍ ଶାଢ଼ି ପିନ୍ଧିଥିଲେ। ଏହି ଅବସରରେ ପ୍ରସିଦ୍ଧ ଚାଇନା ଅଭିନେତା ଶେନ୍ ଟେଙ୍ଗ ଓ ଅଭିନେତ୍ରୀ 'ମା ଲି'ଙ୍କ ସହ ଆମିର ଏବଂ ଗୌରୀ ଷ୍ଟେଜ୍ ଶେୟାର କରିଥିଲେ।



ଗର୍ଲଫ୍ରେଣ୍ଡ ଗୌରୀ ସ୍ପ୍ରାଟ୍‌ଙ୍କ ସହ ଆମିର ଖାନ୍।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
51 Years
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୪/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Monday, April 14/2025 Page 16 ₹ 7.00 SAMBALPUR
୫୧ଶ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 139 ମୂଲ୍ୟ₹୭/-

# ଶ୍ରୀମନ୍ଦିର କ୍ୟାଲେଣ୍ଡର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ନବବର୍ଷର କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

**ପୁରୀ, ୧୩।୪(ଅଜିତ୍ କୁମାର ମହାନ୍ତି)**

ଓଡ଼ିଆ ନବବର୍ଷ ଅବସରରେ ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା କ୍ୟାଲେଣ୍ଡର ପ୍ରକାଶ ପାଇଛି। ପୂର୍ବରୁ ଏହି କ୍ୟାଲେଣ୍ଡର ମୁଦ୍ରଣ ପରେ ଦେବାର୍ପଣ ହୋଇଥିବାବେଳେ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଲୋକାର୍ପଣ କରିଛନ୍ତି। ସେହିପରି ପ୍ରଥମଥର ଲାଗି ପ୍ରକାଶିତ ଶ୍ରୀମନ୍ଦିରର ସୁଦୃଶ୍ୟ ସୂଚନା ପୁସ୍ତିକା ମଧ୍ୟ ଲୋକାର୍ପଣ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତ ଶୁଭକାର୍ଯ୍ୟ ଓଡ଼ିଆ କ୍ୟାଲେଣ୍ଡର ଅନୁଯାୟୀ କରାଯାଇଥାଏ। ତେଣୁ ଏହି କ୍ୟାଲେଣ୍ଡର ଲୋକଙ୍କ ପାଇଁ ଓଡ଼ିଆ ଅସ୍ମିତା। ମହାପ୍ରଭୁଙ୍କୁ ଦର୍ଶନ କରି ଓଡ଼ିଶାବାସୀଙ୍କ ମଙ୍ଗଳ ଓ ଉନ୍ନତି କାମନା କରିଛି। ସୋମବାର ଓଡ଼ିଆ ନବବର୍ଷ ଉପଲକ୍ଷେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ☞ପୃଷ୍ଠା–୪

# ଚିଲ ନେଇଗଲା ଶ୍ରୀମନ୍ଦିର ବାନା

## ଶୁଭ ଅଶୁଭକୁ ନେଇ ଚର୍ଚ୍ଚା

**ପୁରୀ, ୧୩।୪(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ପତିତପାବନ ବାନା ନେଇ ଏକ ଚିଲ ଉଡ଼ିଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ସାଧାରଣରେ ବିଭିନ୍ନ ଆଲୋଚନା ହେଉଥିବାବେଳେ ଶୁଭ ଅଶୁଭ ନେଇ ଭକ୍ତଙ୍କ ମଧ୍ୟରେ ଆଶା ଓ ଆଶଙ୍କା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଶନିବାର ଅପରାହ୍ଣରେ ଚୂନରା ସେବାୟତମାନେ ପ୍ରତ୍ୟେକ ଦିନ ଭଳି ନୀଳଚକ୍ରରେ ନୂତନ ବାନା ବାନ୍ଧିବା ସହ ଲାଗିହୋଇଥିବା ବାନାକୁ ଓଲାଗି କରିଥିଲେ। ତେବେ ଓଲାଗି ପରେ ଚିଲ ସେହି ବାନାକୁ ନେଇ ଉଡ଼ିଯାଉଥିବା କୁହାଯାଉଛି। ସେହିପରି ଅନ୍ୟ କେତେଜଣ ରବିବାର ପୂର୍ବାହ୍ନରେ ଏପରି ଘଟଣା ଘଟିଥିବା କହୁଛନ୍ତି। ଭାଇରାଲ ଭିଡିଓରେ ଦେଖିବାକୁ ମିଳୁଛି ଯେ, ଏକ ଚିଲ ସଦୃଶ ପକ୍ଷୀ ଶ୍ରୀମନ୍ଦିର ☞ପୃଷ୍ଠା–୪



# ୱକ୍‌ଫ ଆଇନକୁ ବିରୋଧ ବଢ଼ୁଛି

ଧର୍ମୀୟ ବା ଦାତବ୍ୟ କାର୍ଯ୍ୟ ଉଦ୍ଦେଶ୍ୟରେ ମୁସଲିମ୍‌ମାନଙ୍କ ଦାନ ସମ୍ପତ୍ତିର ପରିଚାଳନା ପାଇଁ ଭାରତରେ ୧୯୯୫ରୁ ପ୍ରଚଳିତ ୱକ୍‌ଫ ଆଇନରେ କେନ୍ଦ୍ର ସରକାର ସଂଶୋଧନ ଆଣି ଏହାର ରୂପରେଖ ବଦଳାଇ ଦେଇଛନ୍ତି। ନୂଆ ୱକ୍‌ଫ ସଂଶୋଧନ ବିଧେୟକ, ୨୦୨୫ ଏପ୍ରିଲ ୩ ରେ ଲୋକ ସଭା ଓ ୪ରେ ରାଜ୍ୟ ସଭାରେ ପାରିତ ହେବା ପରେ ୫ ତାରିଖରେ ଏହା ଆଇନରେ ପରିଣତ ହୋଇଛି। ତେବେ ସରକାର ଉକ୍ତ ଆଇନ ବଳରେ ମୁସଲମାନ ସମ୍ପ୍ରଦାୟର ଅଧିକାର ଛଡ଼ାଇ ନେବାକୁ ଉଦ୍ୟମ କରୁଥିବା ଦର୍ଶାଇ ଏହାକୁ ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ଶୁକ୍ରବାର ନମାଜ ପାଠ ପରେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ପାଟନା ଓ ଲକ୍ଷ୍ନୌ ଆଦି ସହରରେ ସଂଖ୍ୟାଲଘୁ ବ୍ୟକ୍ତି ଓ ସଙ୍ଗଠନଗୁଡ଼ିକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ଏହି ବିକ୍ଷୋଭ ଉଗ୍ରରୂପ ଧାରଣ କରିଛି। ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୩ ଜଣଙ୍କ ମୃତ୍ୟୁ ଘଟିବା ସହ ବହୁ ଲୋକ ଆହତ ହୋଇଛନ୍ତି। ପଶ୍ଚିମବଙ୍ଗର ମାଲଦା, ଦକ୍ଷିଣ ୨୪ ପ୍ରଗଣା ଓ ହୁଗୁଳି ଆଦି ମୁସଲିମ ବହୁଳ ଜିଲାରେ ମଧ୍ୟ ହିଂସାକାଣ୍ଡ ଘଟିଛି। ଏସବୁ ଘଟିଚାଲିଥିବାବେଳେ ସାମ୍ବିଧାନିକ ଅଦାଲତ ନୀରବଦ୍ରଷ୍ଟା ସାଜି ରହିପାରିବେ ନାହିଁ ବୋଲି କଲିକତା ହାଇକୋର୍ଟ କହିବା ସହ ମୁର୍ଶିଦାବାଦର ହିଂସା ପ୍ରଭାବିତ ଅଞ୍ଚଳରେ କେନ୍ଦ୍ରୀୟ ବଳ ମୁତୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଆସାମର ସିଲଚର ସମେତ ଦେଶର ଆଉ କେତେକ ସ୍ଥାନରେ ମଧ୍ୟ ୱକ୍‌ଫ ଆଇନ ବିରୋଧୀ ବିକ୍ଷୋଭ ଦେଖିବାକୁ ମିଳିଛି। କଟକରେ ରାଜ୍ୟ ମାଇନୋରିଟି ସଂଘ ପକ୍ଷରୁ ସଂଶୋଧିତ ୱକ୍‌ଫ ଆଇନ ବିରୋଧରେ ଆସନ୍ତା ୧୯ ତାରିଖରେ ବିକ୍ଷୋଭ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଦିନ ହାଇଦ୍ରାବାଦରେ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନଲ ଲ' ବୋର୍ଡ ପକ୍ଷରୁ ମଧ୍ୟ ବିକ୍ଷୋଭ କରାଯିବ ବୋଲି ସ୍ଥାନୀୟ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସି କହିଛନ୍ତି।




ମଧ୍ୟପ୍ରଦେଶ ଜବଲପୁରରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ରବିବାର ୱକ୍‌ଫ ଆଇନ ବିରୋଧୀ ବିକ୍ଷୋଭ।

**କୋଲକାତା/ନୂଆଦିଲ୍ଲୀ, ୧୩।୪**

- ମୁର୍ଶିଦାବାଦରୁ ୪୦୦ ହିନ୍ଦୁଙ୍କ ଗଣପଳାୟନ: ଭାଜପା
- ହିଂସା ପ୍ରଭାବିତ ଅଞ୍ଚଳରେ ୫ କମ୍ପାନୀ ବିଏସ୍‌ଏଫ୍

ପଶ୍ଚିମବଙ୍ଗରେ ୱକ୍‌ଫ ଆଇନ ଲାଗୁ ହେବାକୁ ଦିଆଯିବ ନାହିଁ। ରାଜ୍ୟରେ ମୁସଲମାନମାନଙ୍କ ସମ୍ପତ୍ତିଗତ ଅଧିକାର ବଳବତ୍ତର ରହିବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିବା ପରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ତେଜିଥିଲା। ମୁର୍ଶିଦାବାଦରେ ନୂଆ ୱକ୍‌ଫ ଆଇନ ବିରୋଧୀ ହିଂସାରେ ୩ ଜଣଙ୍କ ଜୀବନ ଯିବା ସହ ସଂଘର୍ଷରେ ଜଡ଼ିତ ୧୫୦ରୁ ଊର୍ଦ୍ଧ୍ୱ ଗିରଫ ହେବା ପରେ ଜମାଇତ୍ ଉଲେମା–ଇ–ହିନ୍ଦ୍ ମୁଖ୍ୟ ମହମୁଦ୍ ମଦାନୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ମଦାନୀ କହିଛନ୍ତି, ଭାଜପା ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଆଇନ ଆଣିଛି। ସଂସ୍କାର ନାମରେ ମୁସଲମାନମାନଙ୍କ ଦାନ ଜମି ଛଡ଼ାଇନେବା ପାଇଁ ଏଥିରେ ବ୍ୟବସ୍ଥା କରାଯାଇଛି। ହିଂସାକାଣ୍ଡ ଭିଆଇଲେ ଆନ୍ଦୋଳନ ନ୍ୟୂନ ହୋଇଯିବ। ତେଣୁ ଅହିଂସା ଉପାୟରେ ବିକ୍ଷୋଭ ଜାରି ରଖିବାକୁ ସେ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ପରାମର୍ଶ ଦେଇଛନ୍ତି।

କେବଳ ମୁସଲିମ୍ ଧର୍ମଗୁରୁ ନୁହନ୍ତି, ରାଜନେତାମାନେ ମଧ୍ୟ ଏହି ପ୍ରସଙ୍ଗରେ ନାନା ମତ ମନ୍ତବ୍ୟ ଦେବାରେ ଲାଗିଛନ୍ତି। ରାଜନୈତିକ ବୟାନବାଜି ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରିଛି। ପଶ୍ଚିମବଙ୍ଗର ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ରବିବାର କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରଙ୍କ ତୁଷ୍ଟୀକରଣ ରାଜନୀତି ଯୋଗୁ କଠୋରପନ୍ଥୀ ତତ୍ତ୍ୱ ଉତ୍ସାହିତ ହୋଇ ହିଂସା ଭିଆଉଛନ୍ତି। ମୁର୍ଶିଦାବାଦର ଧୁଲିଆନ୍‌ରେ ହିଂସା ଯୋଗୁ ୪୦୦ରୁ ଊର୍ଦ୍ଧ୍ୱ ହିନ୍ଦୁ ଘରଦ୍ୱାର ଛାଡ଼ି ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ସେମାନେ ମାଲଦାର ନଦୀ ଭିତରେ ଓ ସ୍କୁଲଗୁଡ଼ିକରେ ଆଶ୍ରୟ ନେଇଛନ୍ତି ବୋଲି ଶୁଭେନ୍ଦୁ କହିବା ସହ କେତେଜଣ ହିଂସା ପ୍ରଭାବିତ ଲୋକଙ୍କ ସାକ୍ଷାତ୍‌କାର ବେଳର ଭିଡିଓକୁ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଉକ୍ତ ଭିଡିଓରେ ଜଣେ ବ୍ୟକ୍ତି କହୁଛନ୍ତି, ତାଙ୍କ ଘର ଜାଳି ଦିଆଯାଇଛି। ପୋଲିସ ସାହାଯ୍ୟ ନ କରିବାରୁ ସେମାନେ ଗାଁ ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ଭାଜପା ନେତା ତରୁଣ ଚୁଘ ମମତାଙ୍କୁ ଆଧୁନିକ ଯୁଗର ମହମ୍ମଦ ଅଲୀ ଜିନ୍ନା ଭାବେ ଅଭିହିତ କରି ତାଙ୍କ ଦଳର କାର୍ଯ୍ୟକୁ ୧୯୪୦ ଦଶକରେ ମୁସଲିମ୍ ଲିଗ୍‌ର କାର୍ଯ୍ୟ ସହ ତୁଳନା କରିଛନ୍ତି। ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା ହିଂସା ପାଇଁ ମମତା ସରକାରଙ୍କୁ ଦାୟୀ କରିଛନ୍ତି। କଂଗ୍ରେସ ଏମ୍‌ପି ଇଶା ଖାନ୍ ଚୌଧୁରୀ ଟିଏମ୍‌ସି ସରକାରଙ୍କୁ ସର୍ବଦଳୀୟ ବୈଠକ ଡାକିବାକୁ ଅନୁରୋଧ କରିଛନ୍ତି। ହିଂସା ପ୍ରଭାବିତ ୪ ଜିଲାରେ ହିନ୍ଦୁମାନଙ୍କ ଉପରେ ଲଗାତର ଆକ୍ରମଣ ହେଉଥିବା ଦର୍ଶାଇ ☞ପୃଷ୍ଠା–୪

DADLS-12



ବାର୍ତ୍ତା



ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ଡ. ହରି ବାବୁ କମ୍ଭମ୍‌ପାଟି)

ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶା ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆମ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଏହି ଦିବସରେ ଆସନ୍ତୁ, ଓଡ଼ିଶାର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0509/2526

## ୧୨୦ ବୋତଲ କଫ୍ ସିରପ ଜବତ, ୨ ଗିରଫ

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁରରେ ଜିଲା ବରେଇପାଲି ଥାନା ପୋଲିସ ରବିବାର ଚଢ଼ାଉ କରି ଶହେ ମିଲିଲିଟର ବିଶିଷ୍ଟ ୧୨୦ ବୋତଲ ସିଲ୍ କଫ ସିରପ ଓ ୧୦ ଷ୍ଟ୍ରିପ୍ ନାଇଟ୍ରୋଜେପାମ୍ ନିଶା ବଟିକା ଜବତ କରିଛି। ଏହାସହ ବେଆଇନ୍ ଚାଲାଣ ହେଉଥିବା ୨ଶହ ମିଲିଲିଟର ବିଶିଷ୍ଟ ୪୦ ଦେଶୀ ମଦ ପାଉଚ୍, ୨.୫ ଲିଟର ଅପମିଶ୍ରିତ ତରଳ ପଦାର୍ଥ ଭର୍ତ୍ତି ଏକ ପ୍ଲାଷ୍ଟିକ୍ ଜାର ଓ ୧୦ ହଜାର ୫୦୦ ଟଙ୍କା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବରେଇପାଲି ଥାନା ମିଲପଡ଼ାର ଅଜୟ ଗୋପ ଓ କ୍ଷେତରାଜପୁର ଥାନା ଷ୍ଟେଶନପଡ଼ାର ପ୍ରେମ ପ୍ରକାଶ ମହାନନ୍ଦ।

**ସଂକ୍ଷେପରେ**

## ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଗୋଇନ୍ଦା ନିର୍ଦ୍ଦେଶକ

ସମ୍ବଲପୁର, ୧୩।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ସହରରେ ଶାନ୍ତି ଶୃଙ୍ଖଳାର ସହିତ ହନୁମାନ ଜୟନ୍ତୀ ଓ ଶୋଭାଯାତ୍ରା ସମ୍ପନ୍ନ କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଗୋଇନ୍ଦା ନିର୍ଦ୍ଦେଶକ ତଥା ଏଡିଜି ଆରପି କୋଚେ ରବିବାର ସମ୍ବଲପୁର ଗସ୍ତରେ ଆସି ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସନ୍ଧ୍ୟାରେ ସମ୍ବଲପୁର ରିଜର୍ଭ ପୋଲିସ ପଡ଼ିଆରେ ସୁରକ୍ଷା ବ୍ୟବସ୍ଥା ପାଇଁ ଦାୟିତ୍ୱ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେଇ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ଏଥିରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁଙ୍କ ସମେତ ଜିଲାସ୍ତରୀୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆମ ରୁଚି, ଆମ ଖାଦ୍ୟ ମେଳା

ନାକଟିଦେଉଳ, ୧୩।୪(ବୈକୁଣ୍ଠନାଥ ସାହୁ)

ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରବିବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ରୁଚି, ଆମ ଖାଦ୍ୟ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ମିଶନ ଶକ୍ତି ସଭାଗୃହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧିକାରୀ ରେବତୀ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ, ମିଶନ ଶକ୍ତିର ବ୍ଲକ ସଂଯୋଜକ ସୌମ୍ୟରଞ୍ଜନ କର୍ଣ୍ଣ ଏବଂ ଗ୍ରାମୀଣ ଆବାସ ଯୋଜନାର ବ୍ଲକ ସଂଯୋଜକ ସମରେନ୍ଦ୍ର ମାଝୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପାରମ୍ପରିକ ଦେଶୀ ଓଡ଼ିଆ ଖାଦ୍ୟ ପ୍ରସ୍ତୁତି ଏବଂ ଏହି ଖାଦ୍ୟ ଖାଇବା ଦ୍ୱାରା ଆମର ସ୍ୱାସ୍ଥ୍ୟ ଠିକ୍ ରହିଥାଏ ବୋଲି ଅତିଥିମାନେ ପ୍ରକାଶ କରିବା ସହ ପ୍ରତ୍ୟେକ ପରିବାରରେ ଆମର ଦୈନନ୍ଦିନ ଜୀବନରେ ଏହି ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ଦିନକୁ ଦିନ ବିଲୁପ୍ତ ହେବାକୁ ବସିଥିବା ପାରମ୍ପରିକ ଖାଦ୍ୟକୁ ବଜାୟ ରଖିବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମାଣ୍ଡିଆ, ଚାଉଳ ଏବଂ ଗାଈ କ୍ଷୀରରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟକୁ ପ୍ରସ୍ତୁତ କରାଯାଇ ମେଳାରେ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗ୍ରାମର ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଶେଷରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦୦ ଚିତ୍ରକଳା, ୬୦ ହସ୍ତକଳା ପ୍ରଦର୍ଶିତ

**ଚିତ୍ରକଳା ପ୍ରଦର୍ଶନୀ ଫ୍ୟୁଜନ -୨୦୨୫**

ସମ୍ବଲପୁର,୧୩।୪(ବି.ଶଙ୍କର)

ବନ୍ଦନା ଆର୍ଟ ଆୟୋଜନରେ ଚିତ୍ରକଳା ପ୍ରଦର୍ଶନୀ ଫ୍ୟୁଜନ-୨୦୨୫ ସମ୍ବଲପୁର ସହର ଫାର୍ମ ରୋଡ ସ୍ଥିତ ସିଟି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି । ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡାଙ୍କ ପରିଚାଳନରେ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ଚିତ୍ରଶିଳ୍ପୀ ଭୋଲାନାଥ ନାୟକ ମୁଖ୍ୟ ଅତିଥି ଓ ବୃନ୍ଦାବନ ମହାରଣା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଚିତ୍ରକଳା ପ୍ରଦଶନୀରୁ ଶୁଭାରମ୍ଭ କରିଥିଲେ। ଏଥିସହ କନିଷ୍ଠ ଏବଂ ବରିଷ୍ଠ ଚିତ୍ରକରଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳରୁ ୩୩ ଜଣ ବରିଷ୍ଠ ଓ କନିଷ୍ଠ ଚିତ୍ରଶିଳ୍ପୀଙ୍କ କଳାକୃତୀ ପ୍ରଦର୍ଶିତ ହୋଇଥିଲା । ଏଥିରେ ମୋଟ ୨୦୦ଟି ଚିତ୍ରକଳା ଏବଂ ୬୦ଟି ହସ୍ତକଳା ସାମିଲ ଥିଲା ।

ସଂପ୍ରତି ଶ୍ରୀରମ ନବମୀ ମହୋତ୍ସବ ଓ ବୀର ହନୁମାର ଜୟନ୍ତୀ ଚାଲିଛି। ତେଣୁ ପ୍ରଦର୍ଶନୀରେ ଅଯୋଦ୍ଧାର ଶ୍ରୀରାମଙ୍କ


ଚିତ୍ରକଳା ପ୍ରଦର୍ଶନୀ ଫ୍ୟୁଜନ-୨୦୨୫ରେ ଅତିଥିଙ୍କ ସହ ଚିତ୍ରକରମାନେ ।

ଚିତ୍ରକଳା ଜୀବନ୍ତ ହୋଇଥିଲା। ସେହିପରି ବୀରହନୁମାନଙ୍କ ଚିତ୍ର ମଧ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏଥିସହ ପ୍ରଦର୍ଶନୀରେ ଶ୍ରୀଜଗନ୍ନାଥ, ଗୌତମ ବୁଦ୍ଧ, ଗଣେଷ, ସମଲେଇ ଦେବୀ, ଶିବଲିଙ୍ଗ, ଚଢ଼େ ବସାରେ ମା' ଓ ଶାବକ, ପୁରୁଣା ଲଣ୍ଠନ, ମଙ୍ଗାରେ ମହିଳାଙ୍କ ସମ୍ବଲପୁରୀ ବସ୍ତ୍ର ପ୍ରସ୍ତୁତ, ବର୍ଷା ଦିନରେ ଗ୍ରାମର ଦୃଶ୍ୟ, ପରିବେଶ ସୁରକ୍ଷା, ପାରମ୍ପରିକ ଖାଦ୍ୟ ପ୍ରଭୃତି ଚିତ୍ରକଳା ଉପସ୍ଥିତ ଦର୍ଶକମାନଙ୍କୁ ବିଭୋର କରିଥିଲା । ସେହିପରି ପ୍ରଥମ ଶ୍ରେଣୀରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ୪ଟି ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ସହରର ବିଭିନ୍ନ ବିଦ୍ୟାଳୟରୁ ୨୫୦ଜଣ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। କାନଭାସରେ ଛାତ୍ରୀଛାତ୍ରମାନେ ସୂକ୍ଷ୍ମତୁଳୀର ସ୍ୱର୍ଶ ଓ ସପ୍ତରଙ୍ଗର ମିଶ୍ରଣରେ ଜୀବନ୍ତ ଚିତ୍ର ଆଙ୍କିଥିଲେ। ସେମାନେ ଜୀବନ ଯାତ୍ରା, ଦଣ୍ଡାୟମାନ ହୋଇଥିବା ଶେଷ ବୃକ୍ଷ, ଚିପକୋ ଆନ୍ଦୋଳନ ଏବଂ ସମ୍ବଲପୁର ପାରମ୍ପାରିକ ସାଂସ୍କୃତିକ ଓ ଐତିହ୍ୟ ବିଷୟକୁ ନେଇ ଚିତ୍ର ଆଙ୍କି ଥିଲେ। ବିଚାରକ ଭାବେ ଚିତ୍ରଶିଳ୍ପୀ ସୁଜାତା ବେହେରା, ପ୍ରେମଚାନ୍ଦ ରାଉତ ଯୋଗଦେଇ ଚିତ୍ରକଳାଗୁଡ଼ିକର ମୂଲ୍ୟାୟନ କରିଥିଲେ। ଚିତ୍ରଶିଳ୍ପୀ ସାଂସ୍କୃତିକା ପୁରୋହିତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣକାରୀ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କୃତୀଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କନୱର ସଞ୍ଜୟ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜଳିଗଲା କପଡ଼ା ଦୋକାନ


ଅଗ୍ନିକାଣ୍ଡରେ କପଡା ଦୋକାନ ହୁହୁ ହୋଇ ଜଳୁଛି।

କୁଚିଣ୍ଡା, ୧୩।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ସହରର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ହରିନାରାୟଣ ମାର୍କେଟ କମ୍ପ୍ଲେକ୍ସର ତୃତୀୟ ମହଲାରେ ନିଆଁ ଲାଗି କ୍ୱାଲିଟି କଲେକ୍ସନ ନାମକ କପଡା ଦୋକାନ ଜଳିଯାଇଛି। କୁଚିଣ୍ଡା ସହ ଝାରସୁଗୁଡା, ଲଇକେରା, କୋଲାବିରା ଓ ଜମନକିରାର ଅଗ୍ନିଶମ ବାହିନୀ କର୍ମଚାରୀ ଦମକଳ ଗାଡି ସହାୟତାରେ ଦୀର୍ଘ ୭ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି କୁଚିଣ୍ଡା ଅଗ୍ନିଶମ ଅଧିକାରୀ ଜୀବନ ଟପ୍ପୋ କହିଛନ୍ତି। ରବିବାର ସକାଳ ପ୍ରାୟ ସାଢେ ୭ଟାରେ ଦୋକାନ ମାଲିକ ମନୋଜ ସାହୁ ଦୋକାନ ଖୋଲି ଠାକୁର ପୂଜା କରିଥିଲେ। ପରେ ଦୋକାନ କର୍ମଚାରୀ ତୃତୀୟ ମହଲାକୁ ଯିବା ସମୟରେ ନିଆଁ ଦେଖି ପାଟି କରିଥିଲେ। କିଛି ସମୟ ପରେ ନିଆଁର ପ୍ରକୋପ ବଢି ଦୋକାନର ଚାରିପଟେ ବିସ୍ତାରିତ ହୋଇଯାଇଥିଲା। ଖବର ପାଇ କୁଚିଣ୍ଡା ଅଗ୍ନିଶମ ବିଭାଗର ଦମକଳ ଗାଡି ପହଞ୍ଚିଥିଲା। ମାତ୍ର ନିଆଁର ପ୍ରକୋପ ବଢିଥିବାରୁ ଅନ୍ୟ ୪ଦମକଳ ଗାଡିର ସହାୟତା ନିଆଯାଇଥିଲା। କ୍ଷୟକ୍ଷତିର ସଠିକ ଆକଳନ ହୋଇପାରିନାହିଁ।

## ଜନ୍ମୋତ୍ସବକୁ ଭବ୍ୟ, ଦିବ୍ୟ କରିବାକୁ ଗୁରୁତ୍ୱ

**ପର୍ଶୁରାମ ଜନ୍ମୋତ୍ସବ ପ୍ରସ୍ତୁତି ବୈଠକ**

ସମ୍ବଲପୁର,୧୩।୪(ବି.ଶଙ୍କର)

ଧନୁପାଲି ଗୋପାଳଜୀ ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ ସମ୍ବଲପୁର ଶାଖାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବାଶିଷ ପୁରୋହିତଙ୍କ ଆବାହକତ୍ୱ, ଫାଣିନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ ଅରବିନ୍ଦ ନାୟକ ପରିଚାଳନାରେ ଅନୁଷ୍ଠିତ ବୈଠକରେ ବ୍ରାହ୍ମଣ ସମାଜର ବିଭିନ୍ନ ସମସ୍ୟା ଏବଂ ତା'ର ନିରାକରଣ ଉପରେ ଆଲୋଚନା ହୋଇଥିଲା। ଆଗାମୀ ୩୦ ତାରିଖରେ ପ୍ରଭୁ ପର୍ଶୁରାମଙ୍କ ଜୟନ୍ତୀ ପାଳନ କରାଯିବାକୁ ସ୍ଥିର ହୋଇଛି। କାର୍ଯ୍ୟକ୍ରମର ସଫଳ ସମ୍ପାଦନ ସକାଶେ ଆବାହକ ମଣ୍ଡଳୀ ଏବଂ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଆବାହକ ମଣ୍ଡଳୀ ସଦସ୍ୟ ଭାବେ ପଣ୍ଡିତ ଅମରନାଥ ମିଶ୍ର, ପଣ୍ଡିତ କାଳିଦାସ ପଣ୍ଡା, ପଣ୍ଡିତ ମହେନ୍ଦ୍ର ମିଶ୍ର, ଅରବିନ୍ଦ ନାୟକ, ବସନ୍ତ ମିଶ୍ର, ରାମ ମିଶ୍ର, ରଣଜିତ ରଥ, ଦେବାଶିଷ ପୁରୋହିତ, ସୌରଭ ରଞ୍ଜନ ମହାପାତ୍ର, ରାମେଶ୍ୱର ପୁରୋହିତ, ତୃପ୍ତିମୟୀ ପଣ୍ଡା, ଅନମୋଲ ଦାସ, ପ୍ରଦୀପ ସୂପକାର, ସଂଯୋଶ ପଣ୍ଡା ମନୋନୀତ ହୋଇଛନ୍ତି। ମିଡିଆ ପ୍ରଭାରୀ ଭାବେ ଆତ୍ମାରାମ ସୂପକାର ଏବଂ ବ୍ୟୋମକେଶ ପଣ୍ଡାଙ୍କ ଚୟନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଅଶୋକ ପାଢୀ, ବିଷ୍ଣୁ ଗୁରୁ, ସଞ୍ଜୟ ବାବୁ, ସୁଧିର ପଣ୍ଡା, ରାଜେନ୍ଦ୍ର ତ୍ରିପାଠୀ, ମୋହିନି ମୋହନ ଦାସ, ପଣ୍ଡିତ ମନମୋହନ ପାଣିଗ୍ରାହୀ, ରବି ପଣ୍ଡା, ରାଜ କିଶୋର ପଣ୍ଡା, ଜଗଦୀଶ ତ୍ରିପାଠୀ, ସଞ୍ଜୀବ ଷଡଙ୍ଗୀ, ସୁରଜ୍ ଗୁରୁ, ଦିଲୀପ ମହାପାତ୍ର ସଦସ୍ୟ ରହିଛନ୍ତି। ବ୍ରାହ୍ମଣ ମହିଳା କମିଟି ସଦସ୍ୟା ଭାବେ ଭାରତୀ ପଣ୍ଡା, ଶକୁନ୍ତଳା ମହାପାତ୍ର, ସୁନନ୍ଦା ପୂଜାରୀ, ସବିତା ପାଣିଗ୍ରାହୀଙ୍କୁ ରଖାଯାଇଛି। କାର୍ଯ୍ୟକାରୀ କମିଟିରେ ପଣ୍ଡିତ ରାହାସ ବିହାରୀ ପଣ୍ଡା, ଅବିନାଶ ପାଣିଗ୍ରାହୀ, ଜଳନ୍ଧର ନାୟକ, ସନ୍ତୋଷ ଗୁରୁ, ଅଶୋକ ପଣ୍ଡା, ପଣ୍ଡିତ ପ୍ରସନ୍ନ କର ଓ ମହେଶ ଶର୍ମା ଏବଂ ଭଗବାନ ଶ୍ରୀପର୍ଶୁରାମ ଜନ୍ମୋତ୍ସବ ସମିତିର ସଂଯୋଜକ ଭାବେ ନିଶିକାନ୍ତ ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି । ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ ମୁଖ୍ୟ ସଂଯୋଜକ ବେଣୁଧର ଦାଶ ତାଙ୍କ ବକ୍ତବ୍ୟରେ ଆଗାମୀ ୩୦ ତାରିଖରେ ପାଳିତ ହେବା ପାଇଁ ସ୍ଥିରୀକୃତ ହୋଇଥିବା ଶ୍ରୀପର୍ଶୁରାମ ଜନ୍ମୋତ୍ସବକୁ ଭବ୍ୟ ଓ ଦିବ୍ୟ କରିବା ନେଇ ଆହ୍ୱାନ ଦେଇଥିଲେ।

## ପାମ ସଣ୍ଡେରେ ପଦଯାତ୍ରା, ଧାର୍ମିକ ସଭା

ସମ୍ବଲପୁର,୧୩।୪(ବି.ଶଙ୍କର)

ପବିତ୍ର ପାମ ସଣ୍ଡେ ଅବସରରେ ପଦଯାତ୍ରା ଓ ଧାର୍ମିକ ସଭା ବୁର୍ଲା ଟ୍ରିନିଟି ଚର୍ଚ୍ଚରେ ପାଳିତ ହୋଇଯାଇଛି । ସକାଳ ୯ଟାରେ ପଦଯାତ୍ରା ସହର ପରିକ୍ରମା କରିଥିଲା। ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ପାମ ଶାଖା ନେଇ ବୁର୍ଲା ଟ୍ରିନିଟି ଚର୍ଚ୍ଚରୁ ବାହରି ବୁର୍ଲା ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ପରେ ଚର୍ଚ୍ଚରେ ପାଷ୍ଟର ଆଶୀର୍ବାଦ ଲିମା ଏହି ଅବସରରେ ପାମ ସଣ୍ଡେର ଅର୍ଥ, ଯୀଶୁଙ୍କର ବିଜୟ ଜୟଯାତ୍ରା ଓ ତାଙ୍କର ନମ୍ରତା ବିଷୟରେ କହିଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମ ସମାଜରେ ଶାନ୍ତି, ସଦଭାବ ଓ ଏକତାକୁ ବଢ଼ାଇଥାଏ। ଯାହା ସମସ୍ତଙ୍କୁ ନମ୍ରତା ଓ ପ୍ରେମରେ ଆଗକୁ ନେଇଯାଏ। ଚର୍ଚ୍ଚର ଅଧକ୍ଷ ଅଭିଷେକ ଲିମା ଓ ଅମନ କାର୍ଯ୍ୟକ୍ରମ ପରିଚାଳନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

## ଅମୃତ ଭାରତ ଯୋଜନାରେ ରେଢ଼ାଖୋଲ ରେଳଷ୍ଟେଶନ

**କାୟାକଳ୍ପ ପରିବର୍ତ୍ତନ ପାଇଁ ୨୬ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ**

ସମ୍ବଲପୁର, ୧୩।୪(ଭବାନୀ ଶଙ୍କର ଭୋଇ)

ଅମୃତ ଭାରତ ଯୋଜନାରେ ସମ୍ବଲପୁର ଜିଲାର ରେଢ଼ାଖୋଲ ରେଳଷ୍ଟେଶନକୁ ଅନ୍ତର୍ଭୁକ୍ତ କରାଯାଇଛି। ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ରେଢ଼ାଖୋଲ ରେଳଷ୍ଟେଶନର କାୟାକଳ୍ପ ପରିବର୍ତ୍ତନ ପାଇଁ ୨୬ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଷ୍ଟେଶନର ପୁରୁଣା କୋଠା ସନ୍ନିକଟରେ ଆଉ ଏକ ସୁଦୃଶ୍ୟ ବିଲଡିଂ ନିର୍ମିତ ହେବ। ଷ୍ଟେଶନ ପାଇଁ ଦୁଇଟି ପ୍ରବେଶ ଦ୍ୱାର ରହିବ। ସାମ୍ନା ରାସ୍ତା ତଳେ ଥିବା ବେଳେ ଷ୍ଟେଶନ ଅନେକ ଉଚ୍ଚତାରେ ଅଛି । ତେଣୁ ସହଜ ପ୍ରବେଶ ପାଇଁ ଦୁଇଟି ଲିଫ୍ଟ ନିର୍ମିତ ହେବ। ଏହା ସହିତ ଗାଡିଗୁଡ଼ିକ ଯେପରି ସିଧାସଳଖ ପ୍ରବେଶ ଦ୍ୱାର ସାମ୍ନାକୁ ଯାଇପାରିବ ଓ ଯାତ୍ରୀ ଓହ୍ଲାଇ ପ୍ରବେଶ କରିପାରିବେ ତା'ର ମ୍ୟାପ ବ୍ୟବସ୍ଥା କରାଯିବ। ଏହି ପ୍ରବେଶ ଓ ପ୍ରସ୍ଥାନସ୍ଥଳଟି ବିମାନବନ୍ଦର ଭଳି ସାତୋଟି ଛାତଯୁକ୍ତ ସେଡ ରହିବ। ସାମ୍ନାରେ ଘାସ ଗାଲିଚା ଯୁକ୍ତ ସୁନ୍ଦର ଉଦ୍ୟାନ ତିଆରି କରାହେବ। ଏହାଦ୍ୱାରା ରେଢାଖୋଲ ରେଲ ଷ୍ଟେଶନ କୋଠା ମଧରେ ଯାତ୍ରୀ ସୁବିଧାର ଉନ୍ନତିକରଣ ହେବ । ଫୁଟ ଓଭରବ୍ରିଜ ୧୨ ମିଟର ଚଉଡା ବିଶିଷ୍ଟ ହେବ। ରେଳଷ୍ଟେଶନରେ ଉନ୍ନତ ପରିଶ୍ରାଗାର ଓ ପାଇଖାନା ରହିବ। ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ବିଶେଷ ସୁବିଧା କରାଯିବ । ଏହାସହ ଯାତ୍ରୀଙ୍କ ସୁବିଧା ପାଇଁ ୱାଇଫାଇ ଓ ଡିଜିଟାଲ ବୋର୍ଡ଼ ମଧ ରହିବ ବୋଲି ରେଳ ମଣ୍ଡଳ ପକ୍ଷରୁ ସୂଚନା ରହିଛି ।

# ସମଲେଇ ଆଦପୀଠରେ ଚୈତ୍ର ପର୍ବ ଉଦ୍‌ଯାପିତ

ସମ୍ବଲପୁର, ୧୩।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ଚାଉଁରପୁରସ୍ଥିତ ସମଲେଇ ଆଦୀପୀଠରେ ରବିବାର ଚୈତ୍ରପର୍ବ ଉଦ୍‌ଯାପିତ ହୋଇଯାଇଛି। ଚୈତ୍ରପର୍ବ ଅବସରରେ ବିଗତ ୩୭ବର୍ଷ ହେବ ଏହି ଅବସରରେ ଆୟୋଜିତ ୨୪ ପ୍ରହର ନାମଯଜ୍ଞ ମଧ ଉଦଯାପିତ ହୋଇଥିଲା। ଏଥିରେ ଶାନ୍ତନୁ ଭୋଇ ଏବଂ ନୀଳିମା ଭୋଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଏହାପୂର୍ବରୁ ଶନିବାର ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଦ୍ୱାରା ମହାନଦୀରୁ କଳସୀରେ ଜଳ ଆଣି ସମଲେଇଙ୍କ ଆଦୀପୀଠରେ ମା'ଙ୍କୁ ଜଳାଭିଷେକ କରାଯାଇଥିଲା। ରାଜା ବଳରାମ ଦେବ ୧୫୪୪ ମସିହାରେ ପ୍ରଥମ କରି ମା' ସମଲେଇଙ୍କୁ ଚାଉଁରପୁରଠାରେ ପ୍ରତ୍ୟକ୍ଷ ଦର୍ଶନ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ସେହି ଦିନଠାରୁ ଚାଉଁରପୁରକୁ ସମଲେଇଙ୍କ ଆଦୀପୀଠ ଭାବେ ଗ୍ରହଣ କରାଯାଇଛି। ସମ୍ବଲପୁର ବଡବଜାରଠାରେ ରାଜା ବଳରାମ ଦେବ ମା' ସମଲେଇଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଇବା ପରେ ସେହି ମନ୍ଦିରକୁ ମା'ଙ୍କ ମୁଖ୍ୟ ମନ୍ଦିର ଭାବେ ଗ୍ରହଣ କରାଯାଇଥାଏ । ତେବେ ଚାଉଁରପୁରରେ ଥିବା ସମଲେଇ ମନ୍ଦିର ଏବେମଧ ଆଦୀପୀଠ ଭାବେ ସାଧାରଣରେ ଗ୍ରହଣ କରାଯାଇଥାଏ । ଅନ୍ୟ ପକ୍ଷରେ ଏହି ଆଦୀପୀଠରେ ଶତାଧୀକ ବର୍ଷ ହେବ ଚୈତ୍ର ପର୍ବ ଅବସରରେ ଜଳାଭିଷେକ କରାଯାଇ ଆସୁଛି। ଏହି କାର୍ଯ୍ୟକ୍ରମ ଆୟୋଜନରେ ସରୋଜ ମାହାପାତ୍ର, ଆଦିତ୍ୟ ନାୟକ, ଶିବ ଶଙ୍କର ବଢାଇ, ସୌମ୍ୟଜିତ ମାଝୀ, ଶ୍ରୀମନ୍ତ ବେହେରା, ସୁଧାଂଶୁ ବଢାଇ, କେଦାର ଭୋଇ ଦେବେନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ ।

# ପାରମ୍ପରିକ ଓଡ଼ିଆ ଖାଦ୍ୟ ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟବର୍ଦ୍ଧକ


ପାନ୍ଥନିବାସରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ।

**ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସରେ ପାରମ୍ପରିକ ଖାଦ ପ୍ରଦର୍ଶନୀ**

ସମ୍ବଲପୁର, ୧୩।୪(ପ୍ରମୋଦ ବହିଦାର)

ଓଡ଼ିଆ ପକ୍ଷ-୨୫ ପାଳନର ୧୩ତମ ଦିବସରେ ପାଳିତ ପାରମ୍ପରିକ ଖାଦ୍ୟ ଦିବସରେ ଦେଖିବାକୁ ମିଳିଥିଲା ଅନେକ ସୁସ୍ୱାଦୁ ବ୍ୟଞ୍ଜନର ସମ୍ଭାର। ସମ୍ବଲପୁର ପାନ୍ଥନିବାସଠାରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ଜିଲାର ବିଭିନ୍ନ ଅଞ୍ଚଳର ପ୍ରାୟ ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ପିଠା, ମଣ୍ଡା, କାକରା, ମାଣ୍ଡିଆ ଜାଉ, ରୋଜକେକ୍, ଗଜା, ଚାଉଳ ପୋଡ଼ପିଠା, କାନମୁଣ୍ଡା ଆଦି ବିଭିନ୍ନ ପ୍ରକାର ଅତ୍ୟନ୍ତ ସୁସ୍ୱାଦୁ ଓଡ଼ିଆ ବ୍ୟଞ୍ଜନ ପ୍ରଦର୍ଶିତ ହୋଇଥିଲା। ପାନ୍ଥନିବାସ ମହାନଦୀ ପ୍ରେକ୍ଷାଳୟରେ ରବିବାର ପୂର୍ବାହ୍ନରେ ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଭୋଇ କହିଥିଲେ, ଓଡ଼ିଆ ଘର ଖାଦ୍ୟ ଯେ କେବଳ ସ୍ୱାଦିଷ୍ଟ ତାହା ନୁହେଁ ବରଂ ଏହା ଅତ୍ୟନ୍ତ ସ୍ୱାସ୍ଥ୍ୟକର ଓ ପୋଷକତତ୍ତ୍ୱରେ ଭରପୁର। ଆମ ହାଣ୍ଡିଶାଳରୁ ଲୁପ୍ତପ୍ରାୟ ଏଭଳି ବ୍ୟଞ୍ଜନର ପୁନରୁଦ୍ଧାର ଓ ଲୋକଙ୍କ ମଧରେ ଆଦୃତ କରିବା ଲକ୍ଷ୍ୟରେ ଏହି ଉତ୍ସବ ଏକ ପ୍ରୟାସ । ଏଥିରେ ଜିଲା ସଂସ୍କୃତି ଅଧିକାରୀ ମାମୁନୀ ଆଚାର୍ଯ୍ୟ, ଜିଲା ଭାରପ୍ରାପ୍ତ ମଙ୍ଗଳ ଅଧିକାରୀ ପୂର୍ଣ୍ଣିମା ତ୍ରିପାଠୀ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଭାରତୀ ବେଶ୍ରା, ସହକରୀ ଜିଲାାପଳ ସ୍ମୃତି ରଞ୍ଜନ ରାଉତ, ଜିଲା ପର୍ଯ୍ୟଟନ ବିଭାଗ ସହାରୀ ନିର୍ଦ୍ଦେଶକ ରବିନ୍ଦ୍ର ଦଳେଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନକୁ ନେଇ ଅନୁଷ୍ଠିତ ପ୍ରଦର୍ଶନୀରେ ମାନେଶ୍ୱରର ମା' ସମଲେଇ ଏସ୍‌ଏଚ୍‌ଜି ପ୍ରଥମ, ସୁନାପାଲିର ବିଟା ଏସ୍‌ଏଚ୍‌ଜି ଦ୍ୱିତୀୟ ଓ ଧନକଉଡ଼ାର ଜୟ ମା' ଚଣ୍ଡି ଏସ୍‌ଏଚ୍‌ଜି ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ଏସ୍‌ଏଚ୍‌ଜିମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଗୋଷ୍ଠୀଙ୍କୁ ମାନପତ୍ର ସହ ୫ ହଜାର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଗୋଷ୍ଠୀଙ୍କୁ ମାନପତ୍ର ସହ ୩ ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଗୋଷ୍ଠୀଙ୍କୁ ମାନପତ୍ର ସହିତ ୨ ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା।

DSPL-32

ଓଡ଼ିଆ ପକ୍ଷ ୨୦୨୫


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଆ ପକ୍ଷ ପାଳନ

ମହା ବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

୧୪ ଏପ୍ରିଲ ୨୦୨୫

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

OIPR-03029/13/0045/2526

**ଉର୍ଲେ ରାମଲୀଳା: ସୀତାଚୋରି ନାଟକ ମଞ୍ଚସ୍ଥ**

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନଂ ୧୦ ଉର୍ଲେ ରାମଲୀଳା ମହୋତ୍ସବର ରବିବାର ଥିଲା ଅଷ୍ଟମ ସନ୍ଧ୍ୟା। ଏହି ସନ୍ଧ୍ୟାରେ ସୀତାଚୋରି, ଜଟାୟୁ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ରାବଣ ଭୂମିକାରେ ପ୍ରଦୀପ ପଣ୍ଡା, ସୀତା ବିନୋଦ କୁଅଁର, ଜଟାୟୁ ପକ୍ଷୀ ଶରତ ମିଶ୍ରଙ୍କ ଅଭିନୟ ଦର୍ଶକଙ୍କ ହୃଦୟସ୍ପର୍ଶୀ ହୋଇଥିଲା। ଗୀତିକାର ପ୍ରସନ୍ନ ଷଡ଼ଙ୍ଗୀ କଣ୍ଠ ଦାନ କରିଥିଲେ।

# ବୀରମହାରାଜପୁର ବିଧାୟକ ଓୟୁଏଟି ବୋର୍ଡ ସଦସ୍ୟ



ବିଧାୟକ ଇଂ. ରଘୁନାଥ ଜଗଦଲା।

ବୀରମହାରାଜପୁର,୧୩।୪(ଯୁଗଳ କିଶୋର ମିଶ୍ର)

ବୀରହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଓ ପ୍ରଯୁକ୍ତି ବିଦ୍ୟାଳୟ(ଓୟୁଏଟି )ର ପରିଚାଳନା ବୋର୍ଡ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି । ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଓ ପ୍ରଯୁକ୍ତି ବିଦ୍ୟାଳୟ ପରିଚାଳନା ବୋର୍ଡ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ବିଧାୟକ ବୋର୍ଡ ସଦସ୍ୟ ହେବାପରେ ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ, ଓକିଲ ସଂଘର ସଭାପତି ରାଧାକାନ୍ତ ମହାକୁଡ଼, ସପ୍ତଦିପା ସାହିତ୍ୟ ସଂସଦ ସଭାପତି ଡ଼ ଦ୍ୱୀତିକୃଷ୍ଣ ପଣ୍ଡା, ସୁବର୍ଣ୍ଣପୁର ଜିଲା ଭାଜପା ସଭାପତି ବେଣୁଧର ଦାସ, ବରିଷ୍ଠ ଭାଜପା ନେତା ବିଶ୍ୱମ୍ଭର ମିଶ୍ର, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଅଶୋକ କୁମାର ପୃଷ୍ଟି, ବରିଷ୍ଠ ନେତା ବିଶ୍ୱମ୍ଭର ମିଶ୍ର,ବୀରମହାରାଜପୁର ମଣ୍ଡଳ ସଭାପତି ସୁମନ୍ତ ଜଗଦଲା, ସତ୍ୟବ୍ରତ ମିଶ୍ର ପ୍ରମୁଖ ଶୁଭେଛା ଜଣାଇଛନ୍ତି। ବିଧାୟକ ଜଗଦଲା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମୁଁ ଓୟୁଏଟିର ଛାତ୍ର ଥିଲି ଏବେ ସେହି ଅନୁଷ୍ଠାନର ସେବା କରିବା ଦାୟିତ୍ୱ ମିଳିଛି। ଏଣୁ ଓୟୁଏଟିକୁ ବିଶ୍ୱ ଦରବାରରେ କିପରି ପ୍ରତିପାଦିତ କରାଯାଇ ପାରିବ ସେଥିପ୍ରତି ଧ୍ୟାନ ଦେବି ବୋଲି କହିଛନ୍ତି ।

# ପାରମ୍ପରିକ ଓଡ଼ିଆ ଖାଦ୍ୟର ପୁନରୁଦ୍ଧାରକୁ ଗୁରୁତ୍ୱ

ବୌଦ୍ଧ,୧୩।୪(ଅଜିତ କୁମାର ବାରିକ)

ଓଡିଆ ପକ୍ଷର ୧୩ତମ ଦିବସରେ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ପାରମ୍ପରିକ ଖାଦ୍ୟ ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲା ସଂଗ୍ରହାଳୟଠାରେ ଆୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀକୁ ମୁଖ୍ୟଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, କନ୍ଧମାଳ ଏମ୍‌ପି ପ୍ରତିନିଧି ଦେବାଶିଷ ପୁରୋହିତ, ଜିଲା ଭାଜପା ସଭାପତି ପ୍ରେମାନନ୍ଦ ମିଶ୍ର, ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଜିଲା କ୍ରୀଡ଼ା ଅଧିକାରୀ ସୁଦାମ ଚରଣ ସ୍ୱାଇଁ, ସଂସ୍କୃତି ଅଧିକାରୀ ଅକ୍ରୁର ଜାନୀ, ଜିଲା ସମାଜ ମଙ୍ଗଳ ଅଧିକାରୀ କନକଲତା ନାୟକ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଯୋଗଦେଇ ପାରମ୍ପରିକ ଖାଦ୍ୟ ସମ୍ପର୍କରେ ସଚେତନତା ଓ ଦୈନନ୍ଦିନ ଜୀବନରେ ଏହାର ଉପଯୋଗିତା ଉପରେ ନିଜ ମତବ୍ୟକ୍ତ କରିଥିଲେ। ଜିଲାପାଳ ପଣ୍ଡା ପାରମ୍ପରିକ ଖାଦ୍ୟ ପ୍ରସ୍ତୁତିରେ ପ୍ରତି ଓଡିଆ ପରିବାରର ଗୌରବମୟ ଅତୀତକୁ ମନେ ପକାଇବା ସହିତ ଏହା ଶରୀର ପାଇଁ ଭଲ ବୋଲି ମତ ଦେଇଥିଲେ। ବର୍ତ୍ତମାନ ସମୟ ଆଳରେ କମ୍ ସମୟ ମଧ୍ୟରେ ଖାଦ୍ୟ ପ୍ରସ୍ତୁତ କରିବାକୁ ଯାଇ ଆମେ ବିଭିନ୍ନ କ୍ଷତିକାରକ ରାସାୟନିକ ବ୍ୟବହୃତ ଖାଦ୍ୟ ଖାଇ ଭବିଷ୍ୟତ ପିଢି ପାଇଁ ବିପଦ ଡାକି ଆଣୁଛୁ। ତେଣୁ ହଜି ଯାଉଥିବା ପାରମ୍ପରିକ ଓଡିଆ ଖାଦ୍ୟ ସାମଗ୍ରୀର ପୁନରୁଦ୍ଧାର ପାଇଁ ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରକ୍ଷା ତଥା ପରିଯୋଜନା ଅଧିକାରୀ ସନ୍ତୋଷିନୀ ଭୋଇ ସ୍ୱାଗତ ସଙ୍ଗୀତ ଓ ଜିଲା ସଂସ୍କୃତି ଅଧିକାରୀ ଅକ୍ରୁର ଜାନି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସ୍ୱଚ୍ଛସାଥୀ ଓ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ।




ପାରମ୍ପରିକ ଖାଦ୍ୟ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ମହିଳାମାନେ ପ୍ରସ୍ତୁତ କଲେ ପାରମ୍ପରିକ ଖାଦ୍ୟ

ସୋନପୁର,୧୩।୪(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡିଶା ଦିବସ ଏପ୍ରିଲ ୧୦ାରୁ ଆରମ୍ଭ ହୋଇଛି ଓଡ଼ିଆ ପକ୍ଷ। ଏହା ଆସନ୍ତା ୧୪ ତାରିଖ ସୋମବାର ପର୍ଯ୍ୟନ୍ତ ଚାଲିବ। ଏହି କ୍ରମରେ ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ରବିବାର ପାରମ୍ପରିକ ଖାଦ୍ୟ ଦିବସ ପାଳନ ଅବସରରେ, ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହରାଞ୍ଚଳର ୧୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନେ ବିଭିନ୍ନ କିସମର ପାରମ୍ପରିକ ପିଠା, ଦହି ବରା, ଚକୁଳି, ମଣ୍ଡା ପିଠା, ଖିରି ଓ ମାଣ୍ଡିଆରୁ ପ୍ରସ୍ତୁତ ପିଠା ସହିତ ସୁବର୍ଣ୍ଣପୁର ଜିଲାର ପ୍ରସିଦ୍ଧ ଚାଉଳ ବରା, ମୁଗ ବରା, ଆରିଶା ଆଦି ପ୍ରସ୍ତୁତ କରିଥିଲେ। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ପୌର ନିର୍ବାହୀ ଅଧିକାରୀ ରୁଷି ମାଝୀ, ପୌରପରିଷଦ ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଓ କାଉନସିଲର ବୃନ୍ଦ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଉତ୍ତମ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିବା ମହିଳାମାନଙ୍କୁ ଏହି ଅବସରରେ ପୁରସ୍କୃତ କରା ଯାଇଥିଲା।



ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ପିଠା ଓ ଖାଦ୍ୟକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ମଣ୍ଡଳସ୍ତରୀୟ ମାନବ ଅଧିକାର କର୍ମୀ ସମ୍ମିଳନୀ



ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

ସୋନପୁର,୧୩।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ମାନବ ଅଧିକାର ସାମ୍ମୁଖ୍ୟ ତରଫରୁ ଜିଲାରେ କାର୍ଯ୍ୟରତ ମାନବ ଅଧିକାର କର୍ମୀମାନଙ୍କୁ ନେଇ ଏକ ସମ୍ମିଳନୀ ତଥା ଏକ ଦ୍ୱିବସୀୟ ତାଲିମ ଶିବିର ସୁବର୍ଣ୍ଣପୁରସ୍ଥିତ ଏକ ଗେଷ୍ଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜାତୀୟ ମାନବ ଅଧିକାର ସାମୁଖ୍ୟର ରାଷ୍ଟ୍ରୀୟ ସଭାପତି ରମେଶ ଭାରତୀ, ଉପସଭାପତି ତପନ କୁମାର ପାଢୀ, ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ, ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ପୁରୋହିତ, ମୁଖ୍ୟବକ୍ତାଭାବେ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ଅଧାପିକା ଡ. ସରସ୍ୱତୀ ଦାସ, ବୌଦ୍ଧ ଜିଲା ମାନବ ଅଧିକାର ସାମୁଖ୍ୟ କର୍ମକର୍ତ୍ତା ସୁବେଦାର ଲଳିତ ସାହୁ, ଦିବ୍ୟଲୋଚନ କର୍ଣ୍ଣ, ଦେବାଶିଷ ପଲିଆ ଓ ସଭାପତି ପ୍ରଶାନ୍ତ କୁମାର କର୍ଣ୍ଣ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର ଓ ବଲାଙ୍ଗୀର ଜିଲାର ମାନବାଧିକାର କର୍ମୀ ଯୋଗ ଦେଇଥିଲେ। ସୁବର୍ଣ୍ଣପୁର ଜିଲା ସଭାପତି ଦୁଃଖିଶ୍ୟାମ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ପାଦକ ସଞ୍ଜୟ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ରକ୍ତଦାନ ଶିବିର, ୩୧ ୟୁନିଟ ରକ୍ତ ସଂଗ୍ରହ

ବିନିକା, ୧୩।୪ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସମାଜ ତରଫରୁ ବାର୍ଷିକ ବୈଠକ ଉପଲକ୍ଷେ ଏକ ରକ୍ତଦାନ ଶିବିର ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପରିବାର କେନ୍ଦ୍ରୀୟ ସଭାପତି ବିଜୟ ମହାକୁଡ଼ ଫିତାକାଟି ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସାଧାରଣ ସମ୍ପାଦକ ଦେବାଶିଷ କଲତା, ଉପସଭାପତି ହରିହର ଚନ୍ଦ, କୋଷାଧ୍ୟକ୍ଷ ଡୋଳାମଣି ବାରିକ, ସଂଯୋଜକ ଗୋପାଳ ଚନ୍ଦ୍ର ବାରିକ ଯୋଗଦେଇଥିଲେ। ଏଥିରେ ୭ ମହିଳାଙ୍କ ସମେତ ମୋଟ ୩୧ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର ପରିଚାଳକ ଦେବାଶିଷ ମିଶ୍ର ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ସଦସ୍ୟ ଭୁବନେଶ୍ୱର ପାତ୍ର, ଗନ୍ଧର୍ବ ମାହାର, କାହ୍ନୁଚରଣ କର୍ଣ୍ଣ ଶିବିର ପରିଚାଳନା କରିଥିଲେ।

# ବାଉଁଶୁଣୀରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

ବାଉଁଶୁଣୀ,୧୩।୪(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଓଡିଆ ପକ୍ଷ ଅବସରରେ ରବିବାର ଅପରାହ୍ନ ୧ଟା ସମୟରେ ବ୍ଲକସ୍ତରୀୟ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଯୁଧିଷ୍ଠିର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ୱାହିଦା ବେଗମ, ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଭା ହୋଇଥିଲା। ଅତିଥିମାନେ ଓଡିଆମାନଙ୍କ ପାରମ୍ପରିକ ଖାଦ୍ୟପେୟ ଉପରେ ଆଲୋଚନା କରିଥିଲେ। ପରେ ମିଶନ ଶକ୍ତି ମହିଳାମାନଙ୍କ ପକ୍ଷରୁ ପ୍ରସ୍ତୁତ ପାରମ୍ପରିକ ଖାଦ୍ୟକୁ ଅତିଥିମାନେ ଖାଇଥିଲେ।

# ଟାଇଗର ଏକାଦଶ, ନଟରାଜ ଫାଇଟର ବିଜୟୀ

**ବହଳପଦର ପ୍ରିମିୟର ଲିଗ କ୍ରିକେଟ**



ବିଜୟୀ ନଟରାଜ ଫାଇଟର ଦଳର ଖେଳାଳିମାନେ।

ଅମରପାଲି,୧୩।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଖେଳ ପଡ଼ିଆରେ ଦଧିବାମନ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨ୟ ବହଳପଦର ପ୍ରିମିୟର ଲିଗ କ୍ରିକେଟର ରବିବାର ୨ଟ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ୟଙ୍ଗ ଫାଇଟରକୁ ହରାଇ ଟାଇଗର ଏକାଦଶ ବିଜୟୀ ହୋଇଥିବା ବେଳେ ଅପରାହ୍ନ ମ୍ୟାଚରେ କିଙ୍ଗସ ଏକାଦଶକୁ ହରାଇ ନଟରାଜ ଏକାଦଶ ବିଜୟୀ ହୋଇଛି। ରବିବାର ପ୍ରଥମ ମ୍ୟାଚରେ ୟଙ୍ଗ ଫାଇଟର ଦଳ ପ୍ରଥମେ ବ୍ୟାଟିଂ କରି ୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ କରିଥିଲା। ଜବାବରେ ଟାଇଗର ଏକାଦଶ ଦଳ ୭.୧ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ମ୍ୟାଚରେ କିଙ୍ଗସ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୪୮ରନ କରିଥିଲା। ଜବାବରେ ନଟରାଜ ଫାଇଟର ଦଳ ୯.୩ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ୧୪୯ ରନ କରି ବିଜୟୀ ହୋଇଥିଲା। ମ୍ୟାଚ ଗୁଡିକରେ ଚନ୍ଦ୍ର ଲୁହା ଓ ରାକେଶ ପ୍ରଧାନ ଆମ୍ପାୟାର ଓ ମାନସ ନନ୍ଦ ସ୍କୋରିଂ ଏବଂ ପ୍ରଣବ ନନ୍ଦ ଅନଲାଇନ ସ୍କୋରିଙ୍ଗ କରିଥିଲେ।

# ନାଟକ ‘ଲଙ୍କାଦହନ’ ମଞ୍ଚସ୍ଥ


**ବୌଦ୍ଧ ରାମଲୀଳା ଯାତ୍ରାର ଅଷ୍ଟମ ଦିବସ**



ରାମଲୀଳାରେ ପରିବେଷିତ ନାଟକର ଦୃଶ୍ୟ।

ବୌଦ୍ଧ,୧୩।୪(ଅଜିତ କୁମାର ବାରିକ)

ବୌଦ୍ଧର ଗଣପର୍ବ ରାମଲୀଳା ଯାତ୍ରା ରବିବାର ଅଷ୍ଟମ ଦିବସରେ ପହଞ୍ଚିଛି। ଏହି ଦିବସରେ ନାଟ୍ୟାଭିନୟରେ କିଷ୍କିନ୍ଧ୍ୟାର ବାନର ରାଜା ବାଳୀଙ୍କୁ ବଧ କରିବା ପରେ ଶ୍ରୀରାମଚନ୍ଦ୍ର ମିତ୍ର ସୁଗ୍ରୀବଙ୍କ ରାଜାଭିଷେକ କରାଇଛନ୍ତି। ପରେ ରାଜା ସୁଗ୍ରୀବଙ୍କ ଆଦେଶକ୍ରମେ ବାନର ବୀରମାନେ ଚାରିଦିଗକୁ ସୀତାଙ୍କ ସନ୍ଧାନରେ ଯାତ୍ରା କରିଛନ୍ତି। ତିନି ଦିଗରୁ ସୀତାଙ୍କ କୌଣସି ସନ୍ଧାନ ମିଳି ନ ଥିବାବେଳେ ଯୁବରାଜ ଅଙ୍ଗଦଙ୍କ ନେତୃତ୍ୱରେ ହନୁମାନ, ଜାମ୍ବବାନ ଆଦି ସେନା ପ୍ରମୁଖମାନେ ସମୁଦ୍ର କୂଳରେ ପହଞ୍ଚିଛନ୍ତି। ବୀର ହନୁମାନ ସାତ ସମୁଦ୍ର ଲଂଘନ କରି ରାବଣର ସ୍ୱର୍ଣ୍ଣମୟୀ ଲଙ୍କାଗଡରେ ପହଞ୍ଚିଛନ୍ତି ଏବଂ ଅଶୋକ ବାଟିକାରେ ମାତା ସୀତାଙ୍କ ଦର୍ଶନ କରିଛନ୍ତି। ଅଶୋକ ବାଟିକା ହନୁମାନଙ୍କ ଦ୍ୱାରା ଧ୍ୱଂସ ହେବା ପରେ ରାବଣର ପୁତ୍ର ଅକ୍ଷୟ କୁମାର ହନୁମାନଙ୍କୁ ବନ୍ଦୀ କରିବାକୁ ଆସି ନିହତ ହୋଇଛନ୍ତି। ଏଥିରେ ଉତ୍‌କ୍ଷିପ୍ତ ହୋଇ ରାବଣ ଇନ୍ଦ୍ରଜିତଙ୍କୁ ପଠାଇ ହନୁମାନଙ୍କୁ ବନ୍ଦୀ କରି ରାଜ ଦରବାରରେ ଉପସ୍ଥିତ କରାଇଛନ୍ତି। ସେଠାରେ ରାବଣ ହନୁମାନଙ୍କ ଲାଙ୍ଗୁଡରେ ନିଆଁ ଲଗାଇ ଛାଡିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାକ୍ଷସମାନେ ହନୁମାନଙ୍କ ଲାଙ୍ଗୁଡରେ ନିଆଁ ଲଗାଇଦେବା ପରେ ସେ ସମ୍ପୂର୍ଣ୍ଣ ଲଙ୍କା ନଗରୀରେ ନିଆଁ ଲଗାଇ ସୀତାଙ୍କ ସନ୍ଦେଶ ନେଇ ପୁଣିଥରେ ସାତ ସମୁଦ୍ର ପାରିହୋଇ ଫେରିଯାଇଛନ୍ତି। ହୃଦାନନ୍ଦ ମେହେରଙ୍କ ରଚିତ ଓ ଭବାନୀଶଙ୍କର ମହାପାତ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଚତୁର୍ଭୁଜ କର, ତ୍ରିନାଥ ମାହାର ଓ କାବୁ ବୋଷ ପ୍ରମୁଖ କଣ୍ଠଦାନ କରିଥିଲେ। ସେହିପରି ନୃତ୍ୟଗୁରୁ ଗୋପାଳକୃଷ୍ଣ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ରାମଲୀଳା ନାଟ୍ୟ ସଂସଦ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, କାର୍ଯ୍ୟକାରୀ ସଭାପତି ଜୟ ନାରାୟଣ ମହାନ୍ତି, ସମ୍ପାଦକ ମନୋଜ କୁମାର ସାହୁ ପ୍ରମୁଖ ସହଯୋଗ କରୁଛନ୍ତି। ନାଟକ ଆରମ୍ଭରୁ ନୃତ୍ୟନାଟିକା ଲକ୍ଷେ ହୀରା ପରିବେଷଣ କରାଯାଇଥିଲା।



# ବଢୁଛି ଅପରାଧ, ମରିଯାଉଛି ମାନବିକତା

ରାଉରକେଲା,୧୩।୪(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲାରେ ଗତ ୬ ମାସ ମଧ୍ୟରେ ଅପରାଧ ବୃଦ୍ଧି ପାଇଛି। ଏହାକୁ ଆୟତ୍ତ କରିବାରେ ପୋଲିସ ପ୍ରଶାସନ ବିଫଳ ହୋଇଥିବା କୁହାଯାଉଛି। ଏହି ସମୟ ମଧ୍ୟରେ ବଳାତ୍କାର, ହତ୍ୟାକାଣ୍ଡ ଓ ଆପରାଧିକ ଜଘନ୍ୟ ଘଟଣା ଘଟିଯାଇଛି। ମାଫିଆଗିରି, ପ୍ରେମବ୍ୟାପାର, ପୂର୍ବ ଶତ୍ରୁତାରୁ ପ୍ରତିଶୋଧ ଆଦି ଏହାର କାରଣ ବୋଲି ଜଣାପଡିଛି। ସମାଜରେ ଏପରି ଅପରାଧ ଘଟୁଥିବାବେଳେ ପୀଡିତଙ୍କୁ ବଞ୍ଚାଇବା ପାଇଁ କୌଣସି ସାମାଜିକ ସହଯୋଗ ମିଳୁ ନ ଥିବା ଚର୍ଚ୍ଚା ହେଉଛି। ଗତ ସୋମବାର ଛେଣ୍ଡ ଥାନା ନିକଟରେ ଯୁବକଙ୍କୁ ଗୋଡାଇ ଗୋଡାଇ ହତ୍ୟା କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀ ଅପରାଧ ଘଟୁଥିଲେ ମଧ୍ୟ ଆକ୍ରମଣକାରୀଙ୍କୁ ରୋକିବାକୁ ସାହସ ଜୁଟାଇ ନ ଥିଲେ। ସମ୍ଭବତଃ ସ୍ଥାନୀୟ ଲୋକେ ଉକ୍ତ ମାମଲାରେ ହସ୍ତକ୍ଷେପ କରିଥିଲେ ଯୁବକଙ୍କ ପ୍ରାଣ ବଞ୍ଚିଯାଇଥାନ୍ତା। ଇସ୍ପାତ ସହରରେ ଏତାଦୃଶ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

## ସାମାଜିକ ପ୍ରତିବଦ୍ଧତା ହ୍ରାସ ପାଉଛି



ଏପରି ଘଟଣାରୁ ସାମାଜିକ ଦୃଷ୍ଟିଭଙ୍ଗୀ ବଦଳିଥିବା ପରିଲକ୍ଷିତ ହୋଇଛି। ଲୋକେ ଦିନକୁଦିନ ବ୍ୟକ୍ତିକେନ୍ଦ୍ରିକ ହୋଇଯାଉଛନ୍ତି। ସାମାଜିକ ପ୍ରତିବଦ୍ଧତା ହ୍ରାସ ପାଉଛି। ପ୍ରଶାସନର ଉଦାସୀନତା ଯୋଗୁ କୌଣସି ଘଟଣାରେ ଲୋକମାନେ କଳହ ମଧ୍ୟକୁ ଟାଣିହେବାକୁ ପସନ୍ଦ କରୁନାହାନ୍ତି। ପୀଡ଼ିତକୁ ସାହାଯ୍ୟ କରିଥିବା ସେଭଳି ଲୋକଙ୍କୁ ପରବର୍ତ୍ତୀ ସମୟରେ ପୋଲିସର ସହଯୋଗ ମିଳୁନାହିଁ। ବିବେକହୀନତା ଯୋଗୁ ଆଗାମୀ ଦିନରେ ଏପରି ଘଟଣା ଅଧିକ ସଂଖ୍ୟାରେ ସଂଘଠିତ ହେବ, ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ। ପୋଲିସ ମଧ୍ୟ ଏକାଧିକ ଦାୟିତ୍ୱରେ ରହି ଅଧିକ ଚାପଗ୍ରସ୍ତ ହୋଇପଡୁଛି।

–ଗିରୀଶ ମହାପାତ୍ର, ଆଇନଜୀବୀ

## ବିବେକପଣିଆର ଘୋର ଅଭାବ ରହିଛି



"ପୂର୍ବ ସମୟ ଭଳି ଏବେ ଲୋକଙ୍କ ମଧ୍ୟରେ ବିବେକପଣିଆର ଘୋର ଅଭାବ ରହିଛି। ସାଧାରଣ ମଣିଷ ନିଜକୁ ଦେଖୁଛି ଅନ୍ୟକୁ ଦେଖୁନି। ଏହି ସ୍ୱାର୍ଥପରତା ଭାବନା ଯୋଗୁ ସାମାଜିକ କ୍ଲିଷ୍ଟତା ବଢୁଛି। ଜଣେ ଯୁବକଙ୍କୁ ସଂଘଠିତ ଆକ୍ରମଣରେ ତାଙ୍କୁ ବଞ୍ଚାଯାଇପାରିଥାନ୍ତା। ହେଲେ ଝମେଲା ଭିତରକୁ ଟାଣି ହେବାକୁ କାହାର ସାହସ ହେଲା ନାହିଁ। ସୁତରାଂ ଭାଇଚାରାର ଖୁବ୍ ଅଭାବ ରହିଛି।

–ପୁଷ୍ପା ଲେଙ୍କା, ସାମାଜିକ କର୍ମୀ

## ଥାନାରୁ ଶହେ ମିଟର ଦୂରରେ ସୁରକ୍ଷା ମିଳୁନି

"ଯଦି ସଚ୍ଚୋଟ ଭାବେ ଚିନ୍ତା କରାଯାଏ ତେବେ ଏହି ଘଟଣାରେ ପୀଡିତ ଜଣେ ବଡ଼ ଲୋକ ହୋଇଥିଲେ ସେ ସହଯୋଗ ପାଇଥାନ୍ତେ। ଜଣେ ସାଧାରଣ ଯୁବକଙ୍କୁ ପ୍ରାଣରକ୍ଷା ସମ୍ଭବ ହେଲାନାହିଁ। ସମାଜରେ ସାହାସୀ ଲୋକଙ୍କ ଅଭାବ ସାଙ୍ଗକୁ ପୋଲିସ ଗୋଇନ୍ଦା ବିଭାଗର ଅପାରଗତା ଏଥିପାଇଁ ମୁଖ୍ୟତଃ ଦାୟୀ। ପୋଲିସ ଥାନାରୁ ଶହେ ମିଟର ଦୂରରେ ଲୋକଙ୍କୁ ସୁରକ୍ଷା ମିଳୁନି। ପୋଲିସର ଲୋକଙ୍କ ସହ ସମନ୍ୱୟ କମୁଛି। ଜନବହୁଳ ଅଞ୍ଚଳରେ ଏପରି ହତ୍ୟାକାଣ୍ଡକୁ ସହଜରେ ଗ୍ରହଣ କରାଯାଇ ନ ପାରେ।



–ରବି ରାୟ, ସଭାପତି, ରାଉରକେଲା କଂଗ୍ରେସ

## ସମାଜରେ ସ୍ୱାର୍ଥପରତା ବଢୁଛି



"ମଣିଷ ମଧ୍ୟରେ ସ୍ୱାର୍ଥପରତା ବଢୁଛି। ଘର ପାଖରେ ଅଘଟଣ ହେଲେ ଲୋକେ କବାଟ ଖୋଲି ପ୍ରତିବାଦ କରିବାକୁ ସାହସ କରୁନାହାନ୍ତି। ଅନେକ ସ୍ଥାନରେ ଲୋକେ ପ୍ରତିବାଦ କରି ଆକ୍ରମଣର ଶିକାର ହୋଇଥିବା ନଜିର ରହିଛି। କେବଳ ମୁଁ ବଞ୍ଚିବି ଏବଂ ରୋଜଗାର କରି ଚଳିବା ଉପରେ ସମାଜ ଆବଦ୍ଧ ରହିଛି। ମାନିବକତା ମରିଯାଉଛି। ସମାଜରେ ଏଭଳି ମାନସିକତାର ପରିବର୍ତ୍ତନ ହେବା ଉଚିତ୍।

–ସୁଦାମ ଦାଶ, ଆଇନଜୀବୀ, ବାସନ୍ତୀ କଲୋନି

## ମାନବିକତା ମରିଯିବା ନିରାଟ ସତ୍ୟ

'କାଦୁଅରେ ପଶିବି କାହିଁକି, ଗୋଡ଼ ଧୋଇବି କାହିଁକି' ନ୍ୟାୟରେ ମାନବିକତା ପାଳନ କରାଯାଉଛି। ମାନବିକତା ମରିଯିବା ନିରାଟ ସତ୍ୟ। ଏପରି ମାନସିକତାଧାରୀ ଲୋକ ସଚେତନ ହେଉନାହାନ୍ତି। ଅନେକ ମାମଲାରେ ସାକ୍ଷୀ ଓ ପୀଡ଼ିତମାନଙ୍କୁ ସହଯୋଗ କରିବା ପାଇଁ ଲୋକେ ପଛଘୁଞ୍ଚା ଦେଉଛନ୍ତି। ସେହିପରି ସାହାଯ୍ୟ ପାଇଁ କିଛିକାଂଶରେ ଆର୍ଥିକ ସ୍ଥିତି ସବଳ ଓ ସେବା ପ୍ରତି ସମର୍ପଣଭାବନା ରହିବା ଅତ୍ୟନ୍ତ ଜରୁରୀ ।



–ଲକ୍ଷ୍ମୀଧର ନାୟକ, ପୂର୍ବତନ ସୈନିକ

## ପରସ୍ପରକୁ ସାହାଯ୍ୟ ମନୋବୃତ୍ତି ନାହିଁ



"ମଣିଷ ଦେଖୁଛି ଆଉ ମଣିଷ ମରୁଛି। ପୋଲିସ ମୁତୟନ ହୋଇପାରୁନାହିଁ। ମୁକେଶ ହତ୍ୟାକାଣ୍ଡ ଘଟଣାରେ ପ୍ରତ୍ୟକ୍ଷଦର୍ଶୀ ଲୋକମାନେ ଆୟତ୍ତ କରିପାରିଥାନ୍ତେ। ପରସ୍ପରକୁ ସାହାଯ୍ୟ ମନୋବୃତ୍ତି ନାହିଁ। ଲୋକଙ୍କ ରୁଗ୍‌ଣ ମାନସିକତା ଯୋଗୁ ଏହାସମ୍ଭବ ହୋଇପାରୁନାହିଁ। ରାଉରକେଲା ଏକ ଶୃଙ୍ଖଳିତ ସହର। କ୍ରମାଗତ ଅପରାଧ ପୋଲିସ ଓ ସାମାଜିକ ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସଚେତନତା ଓ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଗଲେ ଏହା ପ୍ରତିରୋଧ କରାଯାଇପାରିବ।

–କଳ୍ପନା ଲେଙ୍କା, ରାଜ୍ୟ ଉପସଭାନେତ୍ରୀ, ଭାଜପା ମହିଳା ମୋର୍ଚ୍ଚା

# ଅଲ୍ ଇଣ୍ଡିଆ ଫୁଟ୍‌ବଲ: କଟକ ଚାମ୍ପିୟନ

ରାଉରକେଲା,୧୩।୪(ଦିନେଶ ମିଶ୍ର)

ରାଉରକେଲା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମରେ ଆୟୋଜିତ ୧୯ତମ ଅଲ୍ ଇଣ୍ଡିଆ ବିଜୁ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଶନିବାର ରାତିରେ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌କୁ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆରଏସ୍‌ପିର ପୂର୍ବତନ ନିର୍ଦ୍ଦେଶକ ଅତନୁ ଭୌମିକ, ପୂର୍ବତନ ଭାତୀୟ ଫୁଟବଲ ଖେଳାଳି ଭାରତୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ଓ ଏଫ୍‌ଏଓ କଟକ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏଫ୍‌ଏଓ କଟକ ଦଳ ରାଉରକେଲା ସ୍ପୋର୍ଟସ ଆସୋସିଏଶନ (ଆରଏସ୍‌ଏ) ଦଳକୁ ୧–୦ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚରେ ଏଫ୍‌ଏଓ କଟକ ଦଳ ମ୍ୟାଚ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ଦଳର ଫରଓ୍ୱାର୍ଡ ଖେଳାଳୀ ରାହୁଲ ମୁଖୀ ମ୍ୟାଚ୍‌ର ୫୨ ମିନିଟ୍‌ରେ ଆରଏସ୍‌ଏ ଦଳ ବିପକ୍ଷରେ ଗୋଟିଏ ଗୋଲ୍ ମାରି ଦଳକୁ ବିଜୟୀ କରିଥିଲେ। ଆରଏସ୍‌ଏ ଦଳ ଏହି ଗୋଲ ବଦଳରେ କଟକ ବିପକ୍ଷରେ କୌଣସି ଗୋଲ କରି ନ ପାରି ପରାଜିତ ହୋଇଥିଲା। ଚାମ୍ପିୟନ କଟକ ଦଳକୁ ଏକ ଲକ୍ଷ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଆରଏସ୍‌ଏ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ବେଷ୍ଟ ସ୍କୋରର ଭାବେ ଆରଏସ୍‌ଏ ଦଳର ଆଦିନ୍ ତିର୍କୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ଗୋଲକିପର ଭାବେ ଆରଏସ୍‌ଏ ଦଳର ଅମିତ ତନ୍ତୀ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ କଟକ ଫୁଟବଲ ଦଳର ରାହୁଲ ମୁଖୀ ପୁରସ୍କୃତ ହୋଇଥିଲେ। ରେଫରୀ ଶିବଶଙ୍କର ପଣ୍ଡା, ଲିଙ୍ଗରାଜ ପ୍ରଧାନ, ଦିଲୀପ କୁମାର ରାଉତ ଓ ରୋସନ ଖାନଙ୍କ ସହ ମ୍ୟାଚ୍ କମିଶନର ଦୁର୍ଗାମାଧବ ନାୟକ ଖେଳ ପରିଚାଳନା କରିଥିଲେ।



ଅତିଥିମାନଙ୍କ ଗହଣରେ କୃତୀ ଦଳର ଖେଳାଳି।

# ସାବାସ ଯୋଜନାରେ ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ



ସାବାସ ଯୋଜନାରେ କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୧୩।୪(ବିପ୍ଳବ ରଞ୍ଜନ ଦାଶ)

ସେଲ୍ ସାବାସ ଯୋଜନାର ଅଧୀନରେ ଆର୍‌ଏସ୍‌ପି ଅଧିକାରୀ ଓ କର୍ମଚାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଏବଂ ସଫଳତା ପାଇଁ ପୁରସ୍କୃତ କରାଯାଇଛି। ମାନବ ସମ୍ବଳ ବିଭାଗ କାର୍ମିକଙ୍କ ପାଇଁ ଗତ ୪ତାରିଖରେ ସମାଧାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ପୁରସ୍କାର ଉତ୍ସବରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସମେତ ୯ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ମାନବ ସମ୍ବଳ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ୭ତାରିଖରେ ସମାଧାନ ସମ୍ମିଳନୀ କକ୍ଷରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗ କାର୍ଯ୍ୟନିର୍ବାହୀଙ୍କ ସମେତ ୧୧ଜଣ କର୍ମଚାରୀଙ୍କୁ ସେଲ ପୁରସ୍କୃତ କରାଯାଇଥିଲା। ସିଜିଏମ୍ ଏସ୍. ଏନ୍. ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବେ ଅର୍ଥ ବିଭାଗ କାର୍ମିକଙ୍କ ପାଇଁ ବିଭାଗର ଚିନ୍ତନ ସମ୍ମିଳନୀ କକ୍ଷରେ ୮ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରୀଆ ଅଧ୍ୟକ୍ଷତା କରି ୯ଜଣ ଅଧିକାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଇଡି ଓ୍ୱାର୍କସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅନ୍ୟ ଏକ ସମାରୋହରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ୫୦ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବି. ଆର୍. ପଲାଇ ଏହି ସମାରୋହରେ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଇଡି ମାଇନ୍ସ ସମ୍ମିଳନୀ କକ୍ଷରେ ଆୟୋଜିତ ଅନ୍ୟ ଏକ ଉତ୍ସବରେ ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି ସିଂହ କର୍ମଚାରୀ ଓ ଅଧିକାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।


# ଆମ୍ବେଡ଼କର ଜୟନ୍ତୀ ପାଇଁ ବକ୍ତୃତା, କୁଇଜ୍ ପ୍ରତିଯୋଗିତା

ରାଉରକେଲା,୧୩।୪(ବିପ୍ଳବ ରଞ୍ଜନ ଦାଶ): ଭାରତୀୟ ସମ୍ବିଧାନର ସ୍ଥପତି ଭାରତ ରତ୍ନ ଡକ୍ଟର ବି. ଆର୍. ଆମ୍ବେଡ଼କରଙ୍କ ଜୟନ୍ତୀ ପାଳନ ଅବସରରେ ଆର୍‌ଏସ୍‌ପିର ଇଡି ଏଚ୍‌ଆର ସଚିବାଳୟର ସମାଧାନ ସମ୍ମିଳନୀ ହଲରେ ବିବିଧ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏହି କ୍ରମରେ ଗତ ୧୦ତାରିଖରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଅଧିକାରୀଙ୍କ ସମେତ ୧୫ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବିଚାରକଙ୍କ ପ୍ୟାନେଲରେ ଏଚ୍‌ଆର ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ଦିବ୍ୟା ସାହୁ, କୋକ୍ ଓଭେନ ବିଭାଗର ସିନିୟର ମ୍ୟାନେଜର ଧୀରଜ ଶର୍ମା ଏବଂ ଏଚ୍‌ଆର ବିଭାଗ ସିନିୟର ମ୍ୟାନେଜର ଏସ୍. କେ. ସେନାପତି ସାମିଲ ହୋଇଥିଲେ। ଗତ ୧୧ତାରିଖ ଏକ ଅନଲାଇନ କୁଇଜ ପ୍ରତିଯୋଗିତାରେ ଅଧିକାରୀଙ୍କ ସମେତ ୯୦ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଆପ୍–ଆଧାରିତ କୁଇଜରେ ସ୍କ୍ରିନରେ ଲାଇଭ ଫଳାଫଳ ପ୍ରଦର୍ଶିତ ହୋଇଥିଲା। କୋକ୍ ଓଭେନ ବିଭାଗ ଏଜିଏମ ସମ୍ପଦ ମିଶ୍ର କୁଇଜ ମାଷ୍ଟର ଭାବେ କାର୍ଯ୍ୟ କରିଥିଲେ। ଏଚ୍‌ଆର ବିଭାଗ ଏଜିଏମ ସୁଶ୍ରୀ ଜ୍ୟୋତି ଓରେୟା, ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ମାରିଆ ସିନ୍ଧୁର ଏବଂ କୋକ୍ ଓଭେନ ବିଭାଗର ଡେପୁଟି ମ୍ୟାନେଜର ଆଲୋକ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀର ୩୮ତମ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ

ରାଉରକେଲା,୧୩।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର–୫ସ୍ଥିତ ଶ୍ରୀଅରବିନ୍ଦ ଯୋଗ ମନ୍ଦିର ପକ୍ଷରୁ ଦୁଇଦିନ ବ୍ୟାପୀ ଚାଲିଥିବା ଶ୍ରୀଅରବିନ୍ଦଙ୍କ ପବିତ୍ର ଶ୍ରୀତନୁ ସ୍ମାରକୀର ୩୮ତମ ପ୍ରତିଷ୍ଠା ଦିବସ ରବିବାର ଉଦ୍‌ଯାପିତ ହୋଇଛି। ଏହି ଉପଲକ୍ଷେ ଜଳଯୋଗ, ଧ୍ୟାନ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କ୍ଷିତିଶ ଚନ୍ଦ୍ର ଉଦ୍‌ଗାତା ଆଲୋଚନାଚକ୍ର ସଂଯୋଜନା କରିଥିଲେ। ଆଲୋଚକ ଭାବେ ପ୍ରଭାତ କୁମାର ନାୟକ ଓ ଉର୍ମିଳା ରାଉତ ପୂର୍ଣ୍ଣାଙ୍ଗ ଶିକ୍ଷାର ପୁନରୁତ୍‌ଥାନ ଏବଂ ମୋ ବିନା ତାଙ୍କ ପ୍ରକାଶ ନାହିଁ ଶୀର୍ଷକରେ ଆଲୋଚନା କରିଥିଲେ। ପୂର୍ଣ୍ଣାଙ୍ଗ ଶିକ୍ଷା ଅର୍ଥାତ୍ ମଣିଷ କେବଳ ଶିକ୍ଷା ମାଧ୍ୟମରେ ରୋଜଗାର କରିବା ନୁହେଁ ବରଂ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଗୁଣ, କର୍ମ, ସେବା, ଚରିତ୍ର ଆଦିରେ ଉତ୍ତମୀ ହେବା, ଆଚରଣ ଓ ଉଚ୍ଚାରଣରେ ଭଦ୍ରତା ରଖିବା, ଶିକ୍ଷା ମାଧ୍ୟମରେ ସମାଜ ସହ ଦେଶ ଏବଂ ରାଷ୍ଟ୍ର ହିତ ସାଧନରେ ବ୍ରତୀ ହେବା ଆବଶ୍ୟକ। ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାର ମୂଳ ଆଧାର ଏସବୁ ଉପରେ ସର୍ବଦା ପର୍ଯ୍ୟବେକ୍ଷିତ ବୋଲି ଆଲୋଚକ କହିଥିଲେ। ସମାରୋହର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାଚକ୍ରରେ ଡକ୍ଟର ଜ୍ୟୋତ୍ସ୍ନା ପଟ୍ଟନାୟକ, ଡକ୍ଟର ରାଜ୍ୟବର୍ଦ୍ଧନ ପଟ୍ଟନାୟକ, କଳ୍ପନା ଚୌଧୁରୀ, ତପସ୍ୱିନୀ କର, ଅରୁନ୍ଧତି ନନ୍ଦୀ ଓ ଶ୍ରୀଧର ସାହୁ ପୂର୍ଣ୍ଣାଙ୍ଗ ଶିକ୍ଷା ପାଇଁ ସ୍ୱାସ୍ଥ୍ୟ ଏବଂ ସଂହତି ଶୀର୍ଷକ ଆଲୋକପାତ କରିଥିଲେ। ସେହିପରି ଶନିବାର ଆଲୋଚନାଚକ୍ରକୁ ଡ. କିଶୋରୀ ଦାସ ସଂଯୋଜନା କରିଥିଲେ। ବିଶ୍ୱନାଥ ଆଇଚ ଧନ୍ୟବାଦ ଅର୍ପଣ କରିଥିଲେ।




# ସଙ୍କୁଚିତ ହେଉଛି ସର୍ଭିସ୍ ରାସ୍ତା



ଆର୍‌ଜିଏଚ୍ ସମ୍ମୁଖ ବାଇପାସ ସର୍ଭିସ ରାସ୍ତା ଉପରେ ଠେଲା ଲାଗିଛି।

ରାଉରକେଲା,୧୩।୪(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ମହାନଗର ନିଗମ**
- ରାସ୍ତାକଡ଼ରେ ଅବୈଧ ବ୍ୟବସାୟ ପସରା
- ବିଭାଗୀୟ ପ୍ରଶାସନ ନୀରବଦ୍ରଷ୍ଟା

ରାଉରକେଲା ଡେଲି ମାର୍କେଟରୁ–ପାନପୋଷ ଯାଏଁ ୮କିମି ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ରହିଛି ଶତାଧିକ ସର୍ଭିସ ରାସ୍ତା। ଏହି ବାଇପାସ ରାସ୍ତା ସହରାଞ୍ଚଳର ବିଭିନ୍ନ ବସ୍ତିକୁ ସଂଯୋଗ କରୁଛି। ଏହି ରାସ୍ତା ବସ୍ତିବାସିନ୍ଦାଙ୍କ ଜୀବନରେଖା ହୋଇଥିବାବେଳେ ଏହା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଲୋକେ ରାସ୍ତାକଡ଼ରେ ବିଭିନ୍ନ ବ୍ୟବସାୟ ପସରା ଖୋଲୁଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ଏଥିଯୋଗୁ ଯାତ୍ରୀ, ଯାନବାହନ ଯାତାୟାତରେ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି।

ଆର୍‌ଜିଏଚ୍ ସମ୍ମୁଖ ବାଇପାସ୍ ରାସ୍ତା ସିଧାସଳଖ ସିଭିଲଟାଉନଶିପ୍ ଅଞ୍ଚଳ, ହନୁମାନ ବାଟିକା ସହିତ ଓଭରବ୍ରିଜ୍ ଦେଇ ଛେଣ୍ଡକୁ ସଂଯୋଗ କରୁଛି। ଉକ୍ତ ବାଇପାସ୍ ରାସ୍ତାରେ ସକାଳୁ ସନ୍ଧ୍ୟା ଯାଏଁ ଚା, ଚାଟ୍, ଜଳଖିଆ ଆଦି ଠେଲା ଲଗାଯାଉଥିବା ବେଳେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଉଛି। ଏଥିସହ ଆର୍‌ଜିଏଚ୍‌କୁ ବିଭିନ୍ନ ଯାନବାହନ ଯୋଗେ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ସେହିପରି ପାଓ୍ୱାର ହାଉସ୍ ବାଇପାସ୍ ରାସ୍ତାରୁ ଆର୍‌ଏମ୍‌ସି କାର୍ଯ୍ୟାଳୟକୁ ଯିବା ରାସ୍ତା ମଧ୍ୟ ଦିନକୁ ଦିନ ଜବରଦଖଲ ହୋଇ ଚାଲିଛି। କେବଳ ଏହି ରାସ୍ତା ନୁହେଁ ସହରର ଅଧିକାଂଶ ବାଇପାସ୍ ରାସ୍ତା ଜବରଦଖଲ ହୋଇଚାଲିଛି। ଅନ୍ୟପକ୍ଷେ ଆର୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଏ ଦିଗରେ ସେଭଳି ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଉଲ୍ଲେଖନୀୟ, ରାଉରକେଲାରେ ୧୦୦କିମି ବିଶିଷ୍ଟ ରିଂରୋଡ୍ ନିର୍ମାଣ ପାଇଁ ଚୂଡାନ୍ତ ହୋଇଛି। ରାଉରକେଲା ସହରକୁ ଚତୁଃପାର୍ଶ୍ୱରୁ ଯୋଡିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସହରର ବାଇପାସ ସର୍ଭିସ ରାସ୍ତାଗୁଡିକରୁ ଏବେଠାରୁ ଜବରଦଖଲ ହଟାନଯାଏ ତେବେ ଆଗକୁ ବିଭାଗୀୟ ପ୍ରଶାସନ ପାଇଁ ଏହା ବଡ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ ବୋଲି ଆଲେଶଚନା ହେଉଛି। ଏଣୁ ତୁରନ୍ତ ସହରର ବାଇପାସ ସର୍ଭିସ ରାସ୍ତାଗୁଡିକୁ ଜବରଦଖଲମୁକ୍ତ କରିବାକୁ ଦାବି ହେଉଛି।

ଏ ନେଇ ଆର୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗ ଅଧିକାରୀ ସ୍ୱାଧୀନ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ମୁଖ୍ୟମାର୍ଗ ତଥା ବାଇପାସ୍ ସର୍ଭିସ ରୋଡ୍ ଉପରେ ଦୋକାନ ଖୋଲିବା ଅବୈଧ। ଏଣୁ ଏ ନେଇ ଆମେ କାହା ପ୍ରତି ଦୟା ରଖୁନାହୁଁ। ବହୁ ଅମାନିଆଁ ଦୋକାନୀ ଏଭଳି କରୁଛନ୍ତି। ଆଗକୁ ଏ ନେଇ ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ। ତେବେ ପାଖାପାଖି ୧୫ଦିନ ତଳୁ ବାସନ୍ତୀ କଲୋନି ମୁଖ୍ୟମାର୍ଗରୁ ଦୋକାନ ଗୁଡିକ ଉଚ୍ଛେଦ କରାଯାଇଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ମନୋଜ ଉପାଧ୍ୟାୟ କୁହନ୍ତି, ଆମ ହସ୍ପିଟାଲ ସମ୍ମୁଖ ବାଇପାସ୍ ରାସ୍ତା ସଙ୍କୁଚିତ ଯୋଗୁ ସବୁବେଳେ ଜାମ୍ ହେଉଛି। ଏଣୁ ଆର୍‌ଏମ୍‌ସିକୁ ଜଣାଇ ବାଇପାସ୍ ରାସ୍ତାରୁ ଅତିକ୍ରମଣ ଧାରା ହଟାଯିବ ବୋଲି ସେ କହିଥିଲେ।

# ଜୟ ହନୁମାନ, ଜୟ ଶ୍ରୀରାମ ଧ୍ୱନିରେ ଗାଁ ପ୍ରକମ୍ପିତ


ନୂଆପଡ଼ାଠାରେ ଆୟୋଜିତ ଶୋଭାଯାତ୍ରାରେ ପିଲାମାନଙ୍କ ରାମ, ଲକ୍ଷ୍ମଣ ଓ ହନୁମାନ ବେଶ।


ଖଡ଼ିଆଳଠାରେ ହନୁମାନ ଜୟନ୍ତୀରେ ବାହାରିଥିବା ଶୋଭାଯାତ୍ରା।

**ନୂଆପଡ଼ା,୧୩।୪ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ପରକୋଡ ଗାଁରେ ହନୁମାନ ଜୟନ୍ତି ଉପଲକ୍ଷେ ବଜରଙ୍ଗ ଦଳ ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଆବାଳ ବୃଦ୍ଧ ବନିତା ସମସ୍ତେ ଏକାଠି ହୋଇ ରାମ, ଲକ୍ଷ୍ମଣ ସୀତା, ହନୁମାନ ବେଶରେ ନାବାଳିକାମାନଙ୍କୁ ସୁସଜ୍ଜିତ କରି ଟ୍ରାକ୍ଟରକୁ ରଥ ପରି ସଜାଇ ଗାଁ ହନୁମାନ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ।। ଏଥିରେ ଘଂଟ ବାଦ୍ୟ

## ହନୁମାନ ଜୟନ୍ତୀରେ ଶୋଭାଯାତ୍ରା

ସହ ସଂକୀର୍ତନ,ବୀର ବାଦ୍ୟର ତାଳେ ତାଳେ ଦର୍ଶକ ମାନେ ଝୁମି ଉଠିଥିଲେ । ଜୟ ହନୁମାନ,ଜୟ ଶ୍ରୀରାମ ଧ୍ୱନିରେ ଗାଁ ପ୍ରକମ୍ପିତ ହୋଇ ଉଠିଥିଲା। ଏହି କାର୍ଯ୍ୟକ୍ରମ ପ୍ରତି ବର୍ଷ ହନୁମାନ ଜୟନ୍ତିରେ ଅନୁଷ୍ଠିତ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ଭାଜାପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ମୁଖ୍ୟଅତିଥି, ବରିଷ୍ଠ ଆଇନଜୀବୀ ଧନିରାମ ସାହୁ, ହରିଶ୍ଚନ୍ଦ୍ର ପଣ୍ଡା,ଶ୍ୟାମ କେଶରୱାନୀ, ରାକେଶ ଜୈନ, ସଦାନନ୍ଦ ଯୋଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗାଁର ସମସ୍ତେ ସାମିଲ ହୋଇ ଦିନତମାମ ଲୋକଙ୍କ ସେବା କାର୍ଯ୍ୟ କରିଥାନ୍ତି । ରାସ୍ତାଘାଟ ସଫା କରିବା ସହ ରାସ୍ତା କଡରେ ଥଣ୍ଡା ପାନୀୟ ଜଳ,ସରବତ,ଲେମ୍ବୁପାଣି ଦେବା ସହ ଭଣ୍ଡାରା କରି ଦୁଇ ଓଳି ଲୋକଙ୍କ ଖାଇବା ପାଇଁ ଦେଇଥିଲେ। ଅସହାୟ, ଦୁଃଖି ଦରିଦ୍ର, ବୃଦ୍ଧା, ବୃଦ୍ଧମାନଙ୍କୁ ଅନ୍ନବସ୍ତ୍ର ପ୍ରଦାନ କରିଥିଲେ।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳଠାରେ ଜୈ ମାତା ଦି ଗ୍ରୁପ ପକ୍ଷରୁ ଭବ୍ୟ ଶ୍ରୀ ହନୁମାନ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ଖଡ଼ିଆଳ ଅଗ୍ରସେନ ଭବନ ଠାରୁ ବାହାରି ସହର ପରିକ୍ରମା କରିଥିଲା । ଜୈ ମାତା ଦି ଗ୍ରୁପର ସଭାପତି ଓମ୍ ପ୍ରକାଶ ଚୌଧୁରୀ, ଉପ ସଭାପତି କମଲ ବରମା, କୋଷାଧ୍ୟକ୍ଷ ନୀତେଶ ତ୍ରିବେଦି ଓ ସହ କୋଷାଧ୍ୟକ୍ଷ ଶ୍ରବଣ ସୋନୱାନି, ମହେନ୍ଦ୍ର ଯାଦବ, ପ୍ରବୀଣ ତ୍ରିବେଦି, ଲକ୍ଷ୍ମଣ ଦୂରିଆ, ଅର୍ଜୁନ ପ୍ରଧାନୀ, ବିକାଶ ବରମା, ଦୀପକ ବର୍ମା ବିଶାଳ ଅଗ୍ରୱାଲ, ବିଶାଳ ଯାଦବ, ଆୟୁଷ ପାଣ୍ଡେ, ଅମିତ ପାଣ୍ଡେ, ସୋନୁ ଠାକୁର, ଗୋଲୁ ଠାକୁର, ଧ୍ରୁବ ବର୍ମା, ଡିଙ୍କୁ, ଗଣେଷ ସାହୁ ପ୍ରମୁଖ ହନୁମାନ ଭକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ଅନ୍ତର୍ଜାତୀୟ ଶିଶୁ, ଯୁବ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ

**ଭବାନୀପାଟଣା,୧୩।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନରେ ରବିବାର ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭବାନୀପାଟଣା ସଦର ଏସ୍‌ଡିପିଓ ଆଇପିଏସ ଅଜିଙ୍କ୍ୟ ମାନେ, ସମ୍ମାନିତ ଅତିଥି କଳାହାଣ୍ଡି ଜିଲା ଶିକ୍ଷାଅଧିକାରୀ ରାଧାକାନ୍ତ ଛତ୍ରୀ, ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡ.ନାଗେଶର ରାଓ , ଚଳଚ୍ଚିତ୍ର ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ର, ପର୍ପଲ ଫିଲ୍ମ ଲ୍ୟାବସର ପ୍ରତିଷ୍ଠାତା ଶ୍ୱେତା ପରଖ, ରାଷ୍ଟ୍ରଦୂତ ଜର୍ଜିଆରୁ ଆନା ଡୋବୋର୍ଜଗିନିଡଜେ, ଲିଥୁନିଆରୁ ସୁଶ୍ରୀ ରାସା ଓଜିଉନାଇଟେ, ୟୁକ୍ରେନରୁ ଭୋଲୋର୍ଡିମି ପ୍ରିଗୁଲା, ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି . ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି . ରାମ କୁମାର, ଏକାଡେମୀକ ଇନ ଚାର୍ଜ ଡି . ବିଜୟା, ପରିଚାଳନା କମିଟି ସଦସ୍ୟା ଡି . ପଦ୍ମିନୀ, ସମାଚାର ଜଷ୍ଟ କ୍ଲିକର ଦେବେନ୍ଦ୍ର ବିଶି , ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ଆରତି ମିଶ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଆରମ୍ଭରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପର୍ପଲ ଫିଲ୍ମ ଲ୍ୟାବସର



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ପ୍ରତିଷ୍ଠାତା ତଥା ଶିଶୁ ଚଳଚ୍ଚିତ୍ର ନିର୍ମାତା ଶ୍ୱେତା ପରଖ ଏହା ସମ୍ପର୍କରେ ବିଷଦ ବ୍ୟାଖ୍ୟା କରିଥିଲେ। ଜିତେନ୍ଦ୍ର ମିଶ୍ର ଚଳଚ୍ଚିତ୍ର ନିର୍ଦ୍ଦେଶକ ସିଫସି ଶିଶୁ ଚଳଚ୍ଚିତ୍ର ସମ୍ପର୍କରେ ବାଖ୍ୟା କରିଥିଲେ। ଜର୍ଜିଆରୁ ରାଷ୍ଟ୍ରଦୂତ ସୁଶ୍ରୀ ଆନା ଡୋବୋର୍ଜଗିନିଡଜେ, ଲିଥୁନିଆରୁ ସୁଶ୍ରୀ ରାସା ଓଜିଉନାଇଟେ, ୟୁକ୍ରେନରୁ ଭୋଲୋର୍ଡିମି ପ୍ରିଗୁଲା ଶିଶୁ ଚଳଚ୍ଚିତ୍ର ସମ୍ପର୍କରେ ନିଜ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଡି.ନାଗେଶର ରାଓ ମାନବ ଜୀବନରେ ଚଳଚ୍ଚିତ୍ରର ଭୂମିକା ଓ ବିଶେଷ କରି ଶିଶୁମାନଙ୍କ ଉପରେ କିପରି ପ୍ରଭାବ ପକାଇଥାଏ ତାହା ବ୍ୟାଖ୍ୟା କରିଥିଲେ। ମୁଖ୍ୟ ଅତିଥି ଏସ୍‌ଡିପିଓ ଚଳଚ୍ଚିତ୍ର ମଣିଷ ଜୀବନରେ କିପରି ପ୍ରଭାବ ପକାଇଥାଏ ତାହା ଆଲୋକପାତ କରିଥିଲେ। ଏହି ଉତ୍ସବ ଅବସରରେ କଳା ଗ୍ରାମ ଏକାଡେମୀ ନୂଆ ଦିଲ୍ଲୀ ରବି ରତ୍ନ ସାହୁ, ରାଜ କୁମାର ସାହୁ, ପୂର୍ଣ୍ଣିମା ସା, ଜୁଲି ସା (ସାଧାରଣତନ୍ତ୍ର ଦିବସରେ ଅଂଶ ଗ୍ରହଣ କରି ଗିନିଜ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଥିବା ) ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଦୁଇ ଛାତ୍ରୀ ଜୁଲି ସା ଓ ପୂର୍ଣ୍ଣିମା ସାଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଅତିଥିମାନଙ୍କୁ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ତରଫରୁ ଉପଢୌକନ ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ସିଫସି ସଂସ୍ଥା ତରଫରୁ ଆନ୍ତର୍ଜାତୀୟ ଶିଶୁ ଓ ଯୁବ ଚଳଚ୍ଚିତ୍ର ମହୋତ୍ସବର ମାସ୍କଟ ଉନ୍ମୋଚିତ ହୋଇ ଆନୁଷ୍ଠାନିକ ଭାବରେ ସମସ୍ତ ଅତିଥିମାନଙ୍କ ଦ୍ୱାରା କ୍ଲାବ ବୋର୍ଡ କ୍ଲିକ କରି ଚଳଚ୍ଚିତ୍ର ଶୁଭମୁକ୍ତି ହୋଇଥିଲା। ଶେଷରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି ରାମ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଚଳଚ୍ଚିତ୍ର ମହୋତ୍ସବ ୧୫ ତାରିଖ ଯାଏଁ ଚାଲିବ। ଏଥିରେ ୧୫ ଦେଶର ପିଲାଙ୍କ ଦ୍ୱାରା ୩୦ରୁ ଊର୍ଦ୍ଧ୍ୱ ଫିଚର ଫିଲ୍ମ, କ୍ଷୁଦ୍ର ଫିଲ୍ମ, ଡକୁମେଣ୍ଟାରୀ ଆଦି ପ୍ରଦର୍ଶିତ ହେବ।

# ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଖାଦ୍ୟା ପ୍ରଦର୍ଶନୀ କରାଯାଉଛି।

**ଭବାନୀପାଟଣା,୧୩।୪(ଉତ୍ତମ କୁମାର ଦାଶ)**

ଓଡ଼ିଆ ପକ୍ଷ ପାଳନ ଅବସରରେ କଳାହାଣ୍ଡି ଜିଲା ସ୍ତରୀୟ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବରେ ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ ନିଶା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସିଂ ରାଉତ, ଭବାନୀ ଶଙ୍କର ନିଆଲ, କଳାହାଣ୍ଡି ଏମପିଙ୍କ ପ୍ରତିନିଧି ଜୟ ଶଙ୍କର ନାଏକ, ସତ୍ୟ ନାରାୟନ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆଙ୍କ ପାରମ୍ପରିକ ଆମ ରୁଚି ଆମ ଖାଦ୍ୟ ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଆଜିର ଦିନରେ ଫାଷ୍ଟ ଫୁଡ ପ୍ରତି ଅଧିକ ରୁଚି ନ ରଖି ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ ବିଶେଷ କରି ମିଲେଟ ମିଶନର ସଫଳତା ଉପରେ ସମସ୍ତେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ଓଡ଼ିଆଙ୍କ ପାରମ୍ପରିକ ବିଭିନ୍ନ ଖାଦ୍ୟରେ ପଖାଳ, ଶାଗ, ବଡ଼ି ଚୁରା, ମାଣ୍ଡିଆରେ ପ୍ରସ୍ତୁତି ଜାଉ, ପୋଡ ପିଠା, ଆରିସା କାଖରା, କାଙ୍ଗୁ ଖିରି, କାଞ୍ଜି ଅତି ସୁନ୍ଦର ଭାବେ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଇଥିଲା। ଅତିଥିମାନଙ୍କୁ ଏସବୁ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଏହି ସବୁ ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ ସୁସ୍ୱାଦୁ ହୋଇଥିବାରୁ ଅତିଥିମାନେ ଜିଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଓ ମିଶନ ଶକ୍ତିର ମହିଳାମାନଙ୍କୁ ପ୍ରଶଂସା କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ନିଆଁ

**ନୂଆପଡା,୧୩।୪ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳ ମଧୁସୁଦନ ଦାସଙ୍କ କାର୍ଯ୍ୟାଳୟର ପ୍ରଥମ ମହଲା କ୍ଷିପ୍ର ଲେଖକ (ଷ୍ଟେନୋ)ଙ୍କ କୋଠରୀରେ ରବିବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଆସବାପତ୍ର ପୋଡି ପାଉଁଶ ହୋଇଯାଇଛି। ନୂଆପଡ଼ା ଅଗ୍ନୀଶମ ବାହିନୀ ଓ ଖରିଆର ରୋଡ ଅଗ୍ନୀଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ିନଥିବା ବେଳେ ଏସିରୁ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ରବିବାର ଛୁଟି ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ ଥିଲା। ସକାଳ ପ୍ରାୟ ସାଢେ ୯ଟାରେ ଜିଲାପାଳ କାର୍ଯ୍ୟାଳୟର ରାତ୍ର ଜଗୁଆଳି ଲୋଚନ ସୁମୁରି କାର୍ଯ୍ୟାଳୟ ଭିତରରୁ ଧୂଆଁ ବାହାରିବା ଦେଖି କ୍ଷିପ୍ର ଲେଖକ (ଷ୍ଟେନୋ) ଅନୀଲ ଦାସଙ୍କୁ ଫୋନ କରି କହିଥିଲେ। ଖବର ପାଇ ଅନୀଲ ଜିଲାପାଳ ସହ ସମ୍ପର୍କ କରି କାର୍ଯ୍ୟାଳୟକୁ ପହଞ୍ଚିଥିଲେ । ସେତେବେଳକୁ ଜିଲାପାଳ କାର୍ଯ୍ୟାଳୟର ଚାରିଆଡ଼େ ଧୂଆଁରେ ଭରି ଯାଇଥିଲା। ଖବର ପାଇ ନୂଆପଡା ଅଗ୍ନୀଶମ ବାହିନୀ ଓ ଖରିଆର ରୋଡ ଅଗ୍ନୀଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷିପ୍ର ଲେଖକଙ୍କ କୋଠରୀ ସମ୍ମୁଖରେ ଜିଲାପାଳଙ୍କ କୋଠରୀ ଥିବାରୁ ସମସ୍ତେ ସମ୍ବେଦନଶୀଳ ଥିଲେ। କିନ୍ତୁ ଠିକଣା ସମୟରେ ଅଗ୍ନୀଶମ ବାହିନୀ ନିଆଁକୁ ଆୟତ୍ତ କରିଥିବାରୁ ଅନ୍ୟ କୋଠରୀକୁ ନିଆଁ ବ୍ୟାପି ନ ଥିଲା। ନିଆଁ ଲିଭାଇବା ପର୍ଯ୍ୟନ୍ତ କୋଠରିରେ ଥିବା ଏସି, କମ୍ପୁଟର, ଆସବାପତ୍ର, ଚୌକି, ଟେବୁଲ ଆଦି ପ୍ରାୟ ଲକ୍ଷାଧିକ ଟଙ୍କାର ଜିନିଷ ପୋଡି ଯାଇଛି। ନିଆଁ ଲିଭା ସମୟ ଜିଲାପାଳ, ଜିଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ଜନ ସାଧାରଣ ଉପସ୍ଥିତ ଥିବା ବେଳେ ଟିପିଡବ୍ଲୁଡିଏଲର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କର୍ମଚାରୀମାନେ ମଧ ଘଟଣାସ୍ଥଳକୁ ପହଞ୍ଚି ଥିଲେ।

# ଜିଏନ୍‌ଏମ୍ କଲେଜରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ



ମଞ୍ଚାସୀନ ଅତିଥି ବୃନ୍ଦ।

**ନୂଆପଡ଼ା,୧୩।୪ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ଗୋପିନାଥ ଜିଏନ୍‌ଏମ୍ ଟ୍ରେନିଂ କଲେଜଠାରେ ରବିବାର ବୃତ୍ତି ପରାମର୍ଶ ବା ଛାତ୍ର ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣ୍ଡୱାନା ସେବା ସଂଘ ଓ ଟ୍ରଷ୍ଟି ନୂଆପଡ଼ା ସଭାପତି ବଜରଙ୍ଗ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲାପାଳ ମଧୁସୁଦନ ଦାସ ମୁଖ୍ୟଅତିଥି, ଗଣ୍ଡୱାନା ଗଣ୍ଡ ମହାସଂଘ ଜାତୀୟ କାର୍ଯ୍ୟକାରୀ ସଭାପତି ଖାମ ସିଂ ମାଝି ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ଟ୍ରଷ୍ଟି ସଭ୍ୟା କିରଣ କୁମାରୀ ମାଝି, ପ୍ରଶାସନିକ ଅଧିକାରୀ ନନ୍ଦ କିଶୋର ପାତ୍ର, ଗଣ୍ଡ ସମାଜ ପାୱାରତୋଳା ସର୍କଲ ସଭାପତି ବିଜୟ ଶଙ୍କର ମାଝି, ବିଶୋରା ସର୍କଲ ସଭାପତି ପଦ୍ମ ମାଝି, ଠାକୁରପାଲି ସର୍କଲ ସଭାପତି ହେମଦେବ ମାଝି, ବୋଡେନ ବ୍ଲକ ସଭାପତି ମଝିଆ ମାଝି, ମୁଢେଲା ସର୍କଲ ସଭାପତି ପ୍ରଦୀପ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। କ୍ୟାରିୟର କାଉନସେଲିଂ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମାନବୃଦ୍ଧି ହେବା ସହ ଦକ୍ଷତା ବଢିଥାଏ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲା ସହେତ କଳାହାଣ୍ଡି, ବଲାଙ୍ଗିର, ବରଗଡ଼, ସମ୍ବଲପୁର ଜିଲା ତଥା ଖଡ଼ିଆଳ, ବୋଡ଼େନ, ସିନାପାଲି ଅଞ୍ଚଳର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମାଟ୍ରିକ, ଯୁକ୍ତ ଦୁଇ ଓ ବିଏ ପାସ କଲା ପରେ ଛାତ୍ରୀଛାତ୍ରମାନେ କଣ କରିବେ ସେ ଉପରେ ବିଶେଷ ଆଲୋଚନା ହୋଇଥିଲା । କୌଣସି ଚାକରୀ ନ ହେଲେ ମତ୍ସ ପାଳନ, କୁକୁଡ଼ା, ବତକ, ଗାଈ ପାଳନ ଭଳି ସରକାରଙ୍କ ଅନେକ ଯୋଜନା ରହିଛି । ସେ ଉପରେ ବିଶେଷ ଭାବରେ ଧ୍ୟାନ ଦେଇ ନିଜର ଜୀବନ ଜୀବିକା ନିର୍ବାହ କରିବା ବୋଲି ମତ ରଖିଥିଲେ । କ୍ୟାରିୟର କାଉସିଲିଂ କାର୍ଯ୍ୟକ୍ରରେ ମୁଖ୍ୟଅତିଥି ଭାବରେ ଯୋଗ ଦେବା ପାଇଁ ଯାଇଥିବା ଜିଲାପାଳଙ୍କୁ ଗଣ୍ଡୱାନା ସେବା ସଂଘ ଓ ଟ୍ରଷ୍ଟି ପକ୍ଷରୁ ବିଭିନ୍ନ ସମସ୍ୟାକୁ ନେଇ ୩ଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ଫ୍ଲଡଲାଇଟ ତରବୋଡ ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଘାଟିତ




ଅତିଥିଙ୍କ ଗହଣରେ ଖେଳାଳିମାନେ।

**ନୂଆପଡ଼ା,୧୩।୪ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମଠାରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଫ୍ଲଡଲାଇଟ ତରବୋଡ ପ୍ରିମିୟର ଲିଗ (ଟିପିଏଲ) କ୍ରକେଟ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଟିପିଏଲ ଆୟୋଜକ କମିଟି, ଉପଦେଷ୍ଟା,ଟିମ ମାଲିକ ଓ ସମସ୍ତ ଖେଳାଳିମାନଙ୍କ ଦ୍ୱାରା ଗ୍ରାମ ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କରି ଏକ ମଶାଲ ଶୋଭାଯାତ୍ରା

## ୱାରିୟର, ପେନ୍ଥର ବିଜୟୀ

ବାହାରି ନଗର ପରିକ୍ରମା କରି ଖେଳ ପଡ଼ିଆ ପର୍ଯ୍ୟନ୍ତ ଆସିଥିଲା। ଉଦ୍‌ଘାଟନୀ ମ୍ୟାଚ ୱାରିୟର ଓ ସୁପର କିଙ୍ଗ ମଧରେ ଅନୁଷ୍ଠିତ ହୋଇଥିଲା। ସୁପର କିଙ୍ଗକୁ ହରାଇ ୱାରିୟର ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପେନ୍ଥର ଓ ବ୍ଲାଷ୍ଟର ମଧରେ ହୋଇଥିଲା । ବ୍ଲାଷ୍ଟରକୁ ହରାଇ ପେନ୍ଥର ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ମୁଖ୍ୟ ଅତିଥି, ସମାଜବାଦୀ ପାର୍ଟି ଜିଲା ସଭାପତି ବେଣୁଧର ଗହିର, ସାମାଜିକ କର୍ମୀ ମାଧୋ ପ୍ରସାଦ ସାହୁ, ପ୍ରଧାନ ଶିକ୍ଷକ ସରଜୁ ନିଆଲ, ଯୁବ ମୋର୍ଚ୍ଚ ଜିଲା ସମ୍ପାଦକ ସଦାନନ୍ଦ ଯୋଶୀ, ତୁଲାରାମ ପ୍ରଧାନ, ଅର୍ଜୁନ ଜଗତ, ସଞ୍ଜିବ ପାଣିଗ୍ରାହୀ,ସତ୍ୟବ୍ରତ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଚୁନେଶ ହଂସ ଓ ସୁରେଶ ସାହୁ ଖେଳ ପରିଚାଳନା କରୁଥିବା ବେଳେ ଦୀପକ ସେଠୀ ଓ ବିକ୍ରମ ମହାରଥା ସ୍କୋର ଦାୟୀତ୍ୱ ଅଛନ୍ତି। ଦୁଷ୍ମନ୍ତ ମାଝି ଓ ସୁମିତ ଭାଷାଣୀ ଧାରା ବିବରଣି ଶୁଣାଉଛନ୍ତି। ଆୟୋଜକ କମିଟି ସଭାପତି ଅଜୟ ଗହିର, ଦୀପକ ଦଣ୍ଡସେନା, ନିର୍ମଳ ଗହିର, ସୁମିତ ଦୁରିଆ ଆୟୋଜନ କରୁଥିବା ବେଳେ ଟିମ ମାଲିକ ଭୋଜରାମ ଅହିର, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଅଜୟ ଅହିର, ଶ୍ରୀକାନ୍ତ ପ୍ରଧାନ, ଜିତେନ୍ଦ୍ର ପ୍ରଧାନୀ, ବିକାଶ ଦେଓ, ସୁନୀଲ ହଂସ, ଉମେଶ ଅଦା, ପିୟୁଷ ରାଉତ ରାୟ, ବିଜୁଳ ଗହିର ପ୍ରମୁଖ ଉପସ୍ଥିତ ଥିଲେ।



# ଓଡ଼ିଆ ନୂଆବର୍ଷର ସଂକଳ୍ପ



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଜି ପବିତ୍ର ଓଡ଼ିଆ ନୂଆବର୍ଷ। ମହାବିଷୁବ ସଂକ୍ରାନ୍ତି ମହାବୀର ହନୁମାନ ଜୟନ୍ତୀ। ଆଜି ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଓଡ଼ିଆ ପାଞ୍ଜିର ହେବ ଶୁଭାରମ୍ଭ। ଆଜି ଭାରତର ସମ୍ବିଧାନ ପ୍ରଣେତା, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ଅବହେଳିତ, ଦଳିତଙ୍କ ସ୍ୱାର୍ଥ ଓ ସମ୍ମାନ ତଥା ସାମାଜିକ ସମରସତାର ମୂର୍ତ୍ତିମନ୍ତ ପ୍ରତୀକ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ। ଆଜିର ଏହି ପବିତ୍ର ଶୁଭଦିନରେ ଆମ ରାଜ୍ୟର, ରାଜ୍ୟ ବାହାରେ ଏବଂ ସାରା ବିଶ୍ୱରେ ବସବାସ କରୁଥିବା ଓଡ଼ିଆମାନଙ୍କୁ ଅଭିନନ୍ଦନ ଜଣାଉଛି। ଆଗାମୀ ବର୍ଷ ଓ ଆଗକୁଆହୁରିଅନେକଅନେକବର୍ଷଆପଣଙ୍କଉପରେମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦର ହାତ ରହୁ ଏହା ହିଁ କାମନା କରୁଛି।

ଗତ କିଛିଦିନ ତଳେ ଚଳିତ ଏପ୍ରିଲ ମାସ ୧ ତାରିଖରେ ଆମେ ଓଡ଼ିଶା ଦିବସ ପାଳନ କରିଛେ। ଏପ୍ରିଲ ୧ ଓଡ଼ିଶା ଦିବସରୁ ଏପ୍ରିଲ ୧୪ ଓଡ଼ିଆ ନୂଆବର୍ଷ ପର୍ଯ୍ୟନ୍ତ ଆମେ ଓଡ଼ିଆ ଭାବରେ ଆମ ସ୍ୱାଭିମାନ, ପରିଚୟ ଓ ଅସ୍ମିତାରେ ଯୋଡ଼ି ହେବା ପାଇଁ ଓ ଏଥିରୁ ପ୍ରେରଣା ନେବା ଲାଗି ପ୍ରତିଦିନ ଓଡ଼ିଆ ସ୍ୱତନ୍ତ୍ର ପରିଚୟର ଉତ୍ସବ ପାଳନ କରିଛେ। ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିକୁ ନେଇ ଗତ ୧୪ ଦିନ ଧରି ଆମ ପରିଚୟକୁ ଖୋଜିବା ସହ ନୂଆ ପିଢ଼ି ପାଖକୁ ବାର୍ତ୍ତା ପହଞ୍ଚାଇବା ପାଇଁ ଚେଷ୍ଟା କରିଛେ। ଏହି ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣି ମହାପୁରୁଷ ଓ ମହୀୟସୀମାନଙ୍କୁ, ଯେଉଁମାନଙ୍କ ତ୍ୟାଗ, ବଳିଦାନ ଯୋଗୁଁ ସମ୍ଭବ ହୋଇଥିଲା ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ, ସେମାନଙ୍କୁ ଯଥୋଚିତ ସମ୍ମାନ ଦେଉଛୁ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୯୧ତମ ପ୍ରତିଷ୍ଠା ଦିବସରୁ ଆଜି ୧୪ ଏପ୍ରିଲ ମହାବିଷୁବ ପଣାସଂକ୍ରାନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂଆ ଅବସର ପାଇଁ ସୁଯୋଗ ସୃଷ୍ଟି କରୁ, ଆଜି ଦିନରେ ଏହା ହିଁ କାମନା।

ଆସନ୍ତୁ ମନ, ପ୍ରାଣ, ହୃଦୟରୁ ଓଡ଼ିଆ ହେବା। ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମର ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଠନ କରିବାକୁ ସଂକଳ୍ପ ନେବା।

ଓଡ଼ିଆ ଆଜି ଯାହା ଚିନ୍ତା କରେ, ସାରା ଦେଶ ଆଗାମୀ ଦିନରେ ସେହି ରାସ୍ତାରେ ଯାଏ। ସ୍ୱାଧୀନତା ପୂର୍ବରୁ ଆମ ଜାତି ଭାଷା ଆଧାରିତ ରାଜ୍ୟ ଗଠନ ପାଇଁ ଦୀର୍ଘ ଦଶନ୍ଧି ଧରି ଲଢ଼େଇ କରିଥିଲା। ସ୍ୱାଧୀନତା ପରେ ଆମ ଦେଶରେ ରାଜ୍ୟ ଗଠନର ଆଧାର ହେଲା ଭାଷା। ଉତ୍କଳଗୌରବ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଦାସ, କର୍ମବୀର ଗୌରୀଶଙ୍କର, ସ୍ୱଭାବକବି ଗଙ୍ଗାଧର, ବ୍ୟାସକବି ଫକୀର ମୋହନ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏମିତି ଆହୁରି ଅନେକ ନେତୃତ୍ୱଙ୍କର ଦୂରଦୃଷ୍ଟିର ଓଡ଼ିଆ ଜାତି ହିଁ ଦାୟାଦ।

ଥରେ ଭାବନ୍ତୁ- ଆମେ କଳିଙ୍ଗ ଯୁଦ୍ଧ ହାରିନଥିଲୁ। ବୀର ଓଡ଼ିଆଙ୍କ ଶକ୍ତି, ସାମର୍ଥ୍ୟ ଓ ସାହସ ଆଗରେ ସମ୍ରାଟ୍ ଅଶୋକଙ୍କ ମଥାନତ ହୋଇଥିଲା। ସଂସ୍କୃତ ପରେ ମହାଭାରତ ଓଡ଼ିଆ ଭାଷାରେ ହିଁ ପ୍ରଥମେ ରଚିତ ହୋଇଥିଲା। କାଳିଦାସ ତାଙ୍କ କାବ୍ୟ ମେଘଦୂତରେ କଳିଙ୍ଗର ରାଜାଙ୍କୁ ମହୋଦଧିପତି ଭାବରେ ଅଭିହିତ କରିଥିଲେ। ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ସାରା ବିଶ୍ୱରେ ମହିଳା ସଶକ୍ତୀକରଣର ନୂତନ ବାର୍ତ୍ତା ଦେଇଥିଲା। ମା' ଲକ୍ଷ୍ମୀ ତଥାକଥିତ ସମାଜର ପଛୁଆବର୍ଗର ମହିଳା ଶ୍ରୀୟା ଘରକୁ ଯାଇ ସ୍ୱଚ୍ଛତାର ବାର୍ତ୍ତା ଉପରେ ମୋହର ଲଗାଇଥିଲେ। କୋଣାର୍କର ସୂର୍ଯ୍ୟମନ୍ଦିର କେବଳ ଭାସ୍କର୍ଯ୍ୟର ପେଣ୍ଠସ୍ଥଳୀ ନୁହେଁ, ବରଂ ବାଳସୂର୍ଯ୍ୟ, ଉଦିତ ସୂର୍ଯ୍ୟ ଓ ଅସ୍ତଗାମୀ ସୂର୍ଯ୍ୟଙ୍କ ନିର୍ଦ୍ଦିଷ୍ଟ ସ୍ଥିତି ଓ ଅବସ୍ଥିତି ଏବଂ ଗଣନା ଆଧାରରେ ଆଷ୍ଟ୍ରୋ ଫିଜିକ୍ସର ଓଡ଼ିଆଙ୍କ ପାରଙ୍ଗମତାର ନିଦର୍ଶନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୮୦୦ ବର୍ଷ ପୁରୁଣା ମନ୍ଦିରର ଦୃଢ଼ତା ଓ ସ୍ଥାୟିତ୍ୱ ଓଡ଼ିଆ ଜାତିର, ଷ୍ଟ୍ରକ୍ଚରାଲ ଇଂଜିନିୟରିଂ ଓ କେମିକାଲ ଇଂଜିନିୟରିଂ କ୍ଷେତ୍ରରେ ନୈପୁଣ୍ୟତାର ପ୍ରମାଣ। ଏହାକୁ ମାନିବାକୁ ହେବ। ଭୀମ ଭୋଇଙ୍କ ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ କାଳଜୟୀ କବିତା ମହିମା ବିଚାର ଯେ, ବିଶ୍ୱର ସବୁଠୁ ବଡ଼ ଦର୍ଶନ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ହକ୍‌ଦାର, ଏଥିରେ କେହି ଦ୍ୱିମତ ହେବେ ନାହିଁ। ସମ୍ବଲପୁର, କୋଟପାଡ଼, ପଶାପାଳି, ମାଣିଆବନ୍ଧ ସମେତ ପ୍ରାୟ ସବୁ ଜିଲ୍ଲାର ବସ୍ତ୍ର ଓ ହସ୍ତକଳାର ପ୍ରାଚୁର୍ଯ୍ୟ ତଥା ଆମର କଳା ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ ବିଶ୍ୱକୁ ପ୍ରଭାବିତ କରିବା ପାଇଁ ବଡ଼ ସମ୍ଭାବନା ରଖିଛି, ଏହାକୁ ଯେ କେହି ବି ସ୍ୱୀକାର କରିବ।

ଦିଲ୍ଲୀରେ ମୋଦିଜୀଙ୍କର ହେଉ ବା ଓଡ଼ିଶାରେ ତାଙ୍କ ମାର୍ଗ ଦର୍ଶନରେ ଚାଲିଥିବା ସରକାର ସବୁବେଳେ ଲୋକଙ୍କ ସରକାର। ଯଦି ପ୍ରତି ଓଡ଼ିଆ ପାଦେପାଦେ ଆଗକୁ ଚାଲିବେ, ତା'ହେଲେ ଓଡ଼ିଶା ସାଢ଼େ ୪ କୋଟି ପାଦ ଆଗକୁ ଯିବ। କହିବାର ଉଦ୍ଦେଶ୍ୟ, ଆମେ ଓଡ଼ିଶାବାସୀ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରକ। ଯଦି ଏ ଜାତି ଆଗକୁ ବଢ଼ିବା ପାଇଁ ଦୃଢ଼ ନିଶ୍ଚିତ ହୁଏ, ଏହାର ପ୍ରଗତିକୁ କେହି ରୋକି ପାରିବେ ନାହିଁ।

ଜଣେ ରାଜନୈତିକ କାର୍ଯ୍ୟକର୍ତ୍ତା ହିସାବରେ ଓ ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ମୁଁ ଯେତେବେଳେ ନୂଆ ଓଡ଼ିଶାର ନୂଆ ପିଢ଼ି ସହ ମିଶିଛି, ସେମାନଙ୍କ ଆଖିରେ ନିଜେ ବଡ଼ ହେବାର ଓ ଆମ ମାତୃଭୂମିକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ଶପଥର ଝଲକକୁ ମର୍ମେ ମର୍ମେ ଅନୁଭବ କରିଛି।

ଓଡ଼ିଶା ମାଟିତଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅମାପ ଖଣିଜ ସମ୍ପଦ ଦେଇଛନ୍ତି। ଉଚ୍ଚମାନର ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍, ମାଙ୍ଗାନିଜ୍, କୋଇଲା, ଚୂନପଥର, ଲାଇମ୍‌ଷ୍ଟୋନ , ଡୋଲ୍‌ମାଇଟ, ଗ୍ରାଫାଇଟ୍‌ର ଅମାପ ଭଣ୍ଡାର ଦେଇଛନ୍ତି।

ଆମର ନଦନଦୀ, ଜଳଶକ୍ତିରେ ଓଡ଼ିଶାକୁ ବେଶ୍ ସମୃଦ୍ଧ କରିଛି। ୪୮୦ କିଲୋମିଟର ବ୍ୟାପୀ ସୁଦୀର୍ଘ ବେଳାଭୂମି ଆମର ଅନନ୍ୟ ସମ୍ପଦ। ନୀଳ ଅର୍ଥନୀତିର ବଡ଼ ସମ୍ଭାବନାର ସୁଯୋଗ ଆମକୁ ଦେଇଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଶା ପାଖରେ ଅଛି ଅମାପ ଜଙ୍ଗଲ ସମ୍ପଦ। ଜଙ୍ଗଲ ସହିତ ଜଡ଼ିତ ଆଦିବାସୀ ଓ ବନଜାତ ଦ୍ରବ୍ୟ ଏବଂ ଜଙ୍ଗଲ ସହିତ ଜଡ଼ିତ ଆର୍ଥିକ ବିକାଶର ଅନେକ ଦିଗ ବିକାଶର ବାଟରେ ଆମ ରାଜ୍ୟକୁ ଆଗେଇ ନେବା ପାଇଁ ଅନେକ ସୁଯୋଗ ସୃଷ୍ଟି କରିଛି।

ଓଡ଼ିଶା ଆଜିକା ଦିନରେ ଭୌତିକ ଦୃଷ୍ଟିରୁ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ହୁଏତ ପଛରେ ଥାଇପାରେ, ମାତ୍ର ଆମ ଯୁବପିଢ଼ିର ବୌଦ୍ଧିକ ଶକ୍ତି ଦେଶର କୌଣସି ବି ରାଜ୍ୟଠାରୁ ପଛରେ ନୁହେଁ; ଏକଥା ମୁଁ ଦୃଢ଼ତାର ସହିତ କହିପାରିବି। ଭାରତର ବଡ଼ ବୁଦ୍ଧି ଆଧାରିତ ସୂଚନା ଓ ପ୍ରଯୁକ୍ତି ବା ଆଇଟି ଶିଳ୍ପରେ ଓଡ଼ିଆ ନୂଆ ପିଢ଼ିର ଯୋଗଦାନକୁ ଯେ କେହି ବି ସ୍ୱୀକାର କରିବ।

ଓଡ଼ିଆ ଜାତି ପରିଶ୍ରମୀ। ଏକଥା ସତ, ଆମ ମାଟିରେ ଆମ ଲୋକମାନଙ୍କୁ ରୋଜଗାରର ସୁଯୋଗ ଯୋଗାଇ ଦିଆଯାଇ ପାରିନାହିଁ। ମାତ୍ର ଦଶନ୍ଧି ଦଶନ୍ଧି ଧରି ଆମ ଲୋକମାନଙ୍କ ଝାଳରେ ଦେଶର ପଶ୍ଚିମ ଓ ଦକ୍ଷିଣ ପ୍ରଦେଶମାନେ ଯେ, ଆର୍ଥିକ ପ୍ରଗତିର ଶୀର୍ଷକୁ ଯିବା ପାଇଁ ସଫଳ ହୋଇଛନ୍ତି, ଏଥିରେ କେହି ଦ୍ୱିମତ ହେବେ ନାହିଁ।

ଏସବୁ ପ୍ରସଙ୍ଗ ଉଠାଇବା ପଛରେ ମୋ ମନରେ ଏକ ଆବେଗ ଅଛି। ଆମେ ଆମର ଅପାର ସମ୍ଭାବନାକୁ ସଠିକ୍ ଉପଯୋଗ ନ କରିବା କାରଣରୁ ଆମେ ସାରା ଦେଶରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ପ୍ରଗତିର ମାପଦଣ୍ଡରେ ପଛରେ ପଡ଼ିଛେ। କାହାକୁ ଦୋଷ ଦେଇ ନିଜ ଦାୟିତ୍ୱରୁ ହଟିଯିବା ମୋ ଭଳି ଗରିବ ପୃଷ୍ଠଭୂମିରୁ ସଂଘର୍ଷର ରାସ୍ତା ଆପଣାଇ ଏହି ସ୍ଥାନରେ ପହଞ୍ଚିଥିବା ମେହନତୀ ମଣିଷ ପକ୍ଷରେ ସମ୍ଭବ ନୁହେଁ।

ଭଗବାନ୍ ଆମକୁ ଖଣି ଦେଇଛନ୍ତି। ଗତ କିଛି ବର୍ଷରେ ମୋଦୀ ସରକାରଙ୍କର ଖଣି ଓ ଖଣି ଆଧାରିତ ନୀତିରେ ପରିବର୍ତ୍ତନ ଏବଂ ଖଣିଥିବା ରାଜ୍ୟକୁ ଏହାର ସବୁ ଫାଇଦା ଦେବା କାରଣରୁ ଓଡ଼ିଶାର ବଜେଟ ଆକାରକୁ ବହୁତ ବଢ଼ାଇଛି। ସରକାରଙ୍କର ବଜେଟ ସାଇଜ୍ ବଡ଼ ହୋଇଛି ସତ, କିନ୍ତୁ ଓଡ଼ିଆ ଲୋକଙ୍କର ରୋଜଗାର ଯେତିକି ବଢ଼ିବା କଥା ତାହା ବଢ଼ି ପାରିନାହିଁ।

ଖଣି ଆଧାରିତ ରାଜ୍ୟ ରାଜସ୍ୱ ତ ମିଳିବ, କିନ୍ତୁ ଆମକୁ ଖଣି ବାହାରେ ପୁରୁଷାର୍ଥ କରିବାକୁ ପଡ଼ିବ। କୃଷି, କୃଷି ଆଧାରିତ ଆନୁଷଙ୍ଗିକ କ୍ଷେତ୍ର ଓ କୃଷି ଉତ୍ପାଦର ପ୍ରକ୍ରିୟାକରଣର ସମ୍ଭାବନାକୁ ମୋ ସରକାର ପ୍ରାଥମିକତା ଦେଇଛି। ଓଡ଼ିଆ ଲୋକଙ୍କୁ ଚାକିରିଆ ନୁହେଁ, ରୋଜଗାର ସୃଷ୍ଟି କରିବା ପାଇଁ ଉଦ୍ୟମୀ ହେବା ଲାଗି ମାନସିକ ସ୍ତରରେ ପ୍ରସ୍ତୁତ କରିବାକୁ ଆମେ ଉଦ୍ୟମରତ। ଶିଳ୍ପ, କ୍ଷୁଦ୍ର, ଲଘୁ ଉଦ୍ୟୋଗ ଏବଂ ଓଡ଼ିଶାର ପାରମ୍ପରିକ ଶିଳ୍ପ ଯଥା ବୟନ ଶିଳ୍ପ, ହସ୍ତକଳା ଆଦିକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ବଡ଼ ଯୋଜନାକୁ କ୍ରିୟାନ୍ୱିତ କରିବା ପ୍ରକ୍ରିୟାରେ ଆମେ ଲାଗି ପଡ଼ିଛୁ।

ଦେଶ ଏବେ ଅମୃତକାଳରେ। ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବ। ମାତ୍ର ଏହା ପୂର୍ବରୁ ୨୦୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ଆମର ସଂକଳ୍ପ ଦେଶ ଯେତେବେଳେ ୧୦୦ ବର୍ଷ ପୂରଣ କରିବ, ଦେଶକୁ ବିଶ୍ୱର ଏକ ନମ୍ବର ଅର୍ଥନୀତି କରିବାରେ ଓଡ଼ିଶା ଏକ ନିର୍ଣ୍ଣାୟକ ଭୂମିକା ନେବ। ସେଥିପାଇଁ ୨୦୩୬ ସୁଦ୍ଧା ଓଡ଼ିଶାକୁ ଖାଲି ଭାରତର ନୁହେଁ, ବିଶ୍ୱର ଆର୍ଥିକ ଦୃଷ୍ଟିରୁ ଆଗୁଆ ଭୂଖଣ୍ଡ ଭାବେ ଗଢ଼ି ତୋଳିବା ପାଇଁ ଆମକୁ ଯୋଜନାରେ ସଫଳ ହେବାକୁ ପଡ଼ିବ। ହାତରେ ମାତ୍ର ୧୧ ବର୍ଷ, ମାନେ ୧୧ X ୩୬୫ ଏପରି ମୋଟ ୪୦୧୫ ଦିନ। ଯୋଜନାବଦ୍ଧ କଠିନ ପରିଶ୍ରମ ହିଁ ଆମର ନିଷ୍ଠା। ଆମ ଆତ୍ମବିଶ୍ୱାସ ଆମର ଶକ୍ତି। ଆମ ରାଜାଙ୍କ ବିଜୟ ପାଇଁ କଳା ଧଳା ଘୋଡ଼ାରେ ଚଢ଼ି ଆମ ବଡ଼ଠାକୁର ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇବା ଓଡ଼ିଆଙ୍କ ଲୋକବିଶ୍ୱାସ। ଓଡ଼ିଆ ସାଧବପୁଅ ସାତ ଦରିଆ ତେର ନଈ ଡେଇଁ ସମୁଦ୍ର ପଥରେ ବେପାର ବଣିଜ କରି ଆମ ରାଜ୍ୟକୁ ଧନଧାନ୍ୟରେ ପୂର୍ଣ୍ଣ କରିଥିଲା। ଓଡ଼ିଆଙ୍କ ଆତ୍ମବିଶ୍ୱାସକୁ ଆହୁରି ଦୃଢ଼ କରି ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ଆଜି ଓଡ଼ିଆ ନୂଆବର୍ଷରେ ଆସନ୍ତୁ ଦୃଢ଼ ସଂକଳ୍ପ ନେବା।

## ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟକୁ ବିଶ୍ୱବିଦିତ କରିବାକୁ ଆହ୍ୱାନ



ଓଡ଼ିଆ ପକ୍ଷ ପାଳନ ଅବସରରେ ମହିଳାମାନେ ନିଜେ ପ୍ରସ୍ତୁତ କରିଥିବା ପିଠା ଓ ବିଭିନ୍ନ ପାରମ୍ପାରିକ ଖାଦ୍ୟ।

ଓଡ଼ିଆ ପକ୍ଷର ୧୩ଶ ଦିବସ

### ଆମ ରୁଚି ଆମ ଖାଦ୍ୟ ଉତ୍ସବ

ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୪
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ପକ୍ଷ ପାଳନର ୧୩ଶ ଦିବସ ରବିବାର 'ଆମ ରୁଚି ଆମ ଖାଦ୍ୟ' ଉତ୍ସବ ରାଜ୍ୟବ୍ୟାପୀ ପାଳିତ ହୋଇଯାଇଛି। ଆମ ଓଡ଼ିଆ ହାଣ୍ଡିଶାଳର ବିଭିନ୍ନ ବ୍ୟଞ୍ଜନ ଯଥା ପିଠାପଣା, ପଖାଳ ଭାତ, ବେସର-ମହୁର, ନଅ ତିଅଣ ଛଅ ଭଜା ଆଦି ପାରମ୍ପରିକ ଖାଦ୍ୟର ବହୁଳ ପ୍ରଚାର ଓ ପ୍ରସାର ସହ ଯୁବପିଢ଼ିଙ୍କ ମଧ୍ୟରେ ଏହାକୁ ପୁନଃ ଆଦୃତ କରିବା ଲକ୍ଷ୍ୟରେ ଏପରି ସ୍ୱତନ୍ତ୍ର ତଥା ନିଆରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ ଜିଲା, ବ୍ଲକ, ପୌରାଞ୍ଚଳ, ପୌର ପରିଷଦ ପକ୍ଷରୁ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟକୁ ନେଇ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଜନସାଧାରଣ, ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ, ଯୁବବର୍ଗ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଓଡ଼ିଆ ବ୍ୟଞ୍ଜନକୁ ଭରପୂର ଉପଭୋଗ କରିବା ସହିତ ପାରମ୍ପରିକ ଖାଦ୍ୟର ବୈଶିଷ୍ଟତା ଓ ଉପାଦେୟତା ସମ୍ପର୍କରେ ଭାବ ବିନିମୟ କରିଥିଲେ। ଏଥିସହିତ ଫଟୋ ଉଠାଇ ଓଡ଼ିଆ ପକ୍ଷ ୱେବ୍‌ସାଇଟ୍ www.odiapakhya.comରେ ଅପ୍‌ଲୋଡ୍ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟକୁ ପୁନଶ୍ଚ ବିଶ୍ୱବିଦିତ କରିବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ।


DADLS-13

ଭାରତରତ୍ନ ବାବାସାହେବ
ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୧୪ ଅପ୍ରେଲ - ୨୦୨୫

ସକାଳ ଘ.୮.୩୦ ମିନିଟ୍ : ଏଜି ଛକ, ଭୁବନେଶ୍ୱରସ୍ଥିତ ଭାରତରତ୍ନ ବାବାସାହେବ ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ



"ଗଣତନ୍ତ୍ର ହେଉଛି ଏପରି ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ବିନା ରକ୍ତପାତରେ ଜନଗଣଙ୍କ ଆର୍ଥିକ ଏବଂ ସାମାଜିକ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସମ୍ଭବ ହୋଇଥାଏ ।"
- ଡଃ. ବି. ଆର୍. ଆମ୍ବେଦକର୍

ସଂନ୍ଧ୍ୟା ୭ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ସମ୍ମାନନୀୟ ଅତିଥି -
ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ
ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି
ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ, ସାଂସଦ, ଜଗତସିଂହପୁର
ଡ. ରବିନ୍ଦ୍ର ନାରାୟଣ ବେହେରା, ସାଂସଦ, ଯାଜପୁର

- ମୁଖ୍ୟବକ୍ତା -
ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0513/2526

# ଶୃଙ୍ଖଳିତ ଢଙ୍ଗରେ ହନୁମାନ ଜୟନ୍ତୀ ପାଳନକୁ ଗୁରୁତ୍ୱ



ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଡିଜିପି ୱାଇ. ବି. ଖୁରାନିଆଙ୍କ ସହ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

- ସୋସିଆଲ ମିଡିଆ ଗୁଜବ ଉପରେ ନଜର ରଖିବାକୁ ଡିଜିପିଙ୍କ ନିର୍ଦ୍ଦେଶ
- ସମ୍ବେଦନଶୀଳ ଜିଲ୍ଲାରେ ବ୍ୟାପକ ଫୋର୍ସ ମୁତୟନ

ଭୁବନେଶ୍ୱର,୧୩।୪ (ସତ୍ୟଜିତ୍ ରାଉତ)

ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଶୃଙ୍ଖଳିତ ଢଙ୍ଗରେ ପାଳିବାକୁ ପୋଲିସ ଓ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ହୋଇଛି। ରବିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସରେ ଆୟୋଜିତ ସମୀକ୍ଷା ବୈଠକରେ ବିଭିନ୍ନ ଦିଗକୁ ନେଇ ଆଲୋଚନା ହୋଇଥିଲା। ଡିଜିପି ୱାଇ.ବି. ଖୁରାନିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଇଜ ଓ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ଗୋଇନ୍ଦା ଆଇଜି ଜୟ ନାରାୟଣ ପଙ୍କଜ, ଗୋଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେଙ୍କ ସହ ସବୁ ରେଞ୍ଜର ଆଇଜି, ଡିଆଇଜି, ଜିଲ୍ଲାପାଳ ଓ ଏସ୍‌ପି ପ୍ରମୁଖ ଭର୍ଚୁଆଲରେ ଯୋଡ଼ି ହୋଇଥିଲେ। ରାମ ନବମୀକୁ ରାଜ୍ୟରେ ଶୃଙ୍ଖଳିତ ଭାବେ ପାଳନ କରାଯାଇଥିବାରୁ ମୁଖ୍ୟ ଶାସନ ସଚିବ ପୋଲିସକୁ ସାଧୁବାଦ ଜଣାଇଥିଲେ। ତେଣୁ ହନୁମାନ ଜୟନ୍ତୀକୁ ମଧ୍ୟ ଶୃଙ୍ଖଳିତ ଢଙ୍ଗରେ ପାଳିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ସେପରି ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ବ୍ୟାପକ ପୋଲିସ ଫୋର୍ସ ବ୍ୟବସ୍ଥା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ସବୁବେଳେ ସତର୍କ ରହିବା ସହ କୌଣସି ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇଲେ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି ପରାମର୍ଶ ଦେଇଥିଲେ। ବିଶେଷକରି ସୋସିଆଲ ମିଡିଆରେ ଗୁଜବ ଓ ବିଭ୍ରାନ୍ତିକର ତଥ୍ୟ ପ୍ରଘଟ ସଂକ୍ରାନ୍ତରେ ନଜର ରଖିବାକୁ କହିଥିଲେ। ଏହାଛଡ଼ା ସମ୍ବେଦନଶୀଳ ସ୍ଥାନରେ ପାଟ୍ରୋଲିଂ, ସିସିଟିଭି କ୍ୟାମେରା ସ୍ଥାପନ, ସନ୍ଦିଗ୍ଧ ଗାଡ଼ି, ମଦ୍ୟପାନ କରି ଗାଡ଼ି ଚାଳନା, ଚୋରା ମଦ ବିକ୍ରି ଆଦି ଉପରେ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ ଯେପରି ସାଧାରଣ ଲୋକେ ହଇରାଣ ନ ହେବେ, ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କହିଥିଲେ। ତାପମାତ୍ରା ଅଧିକ ରହିବା ସହ କାଳବୈଶାଖୀ ସମ୍ଭାବନା ଥିବାରୁ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ଓ ଲୋକଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ତେବେ ପର୍ବପର୍ବାଣିର ଶାନ୍ତିପୂର୍ଣ୍ଣ ତଥା ଶୃଙ୍ଖଳିତ ପାଳନ ପାଇଁ ମୁଖ୍ୟଶାସନ ସଚିବ ଓ ଡିଜିପି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ୨୦୦ ପ୍ଲାଟୁନ୍ ଫୋର୍ସ, ୬୫୦ ସିସିଟିଭି କ୍ୟାମେରା

ଆଇନଶୃଙ୍ଖଳା ଏଡିଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସାରା ରାଜ୍ୟରେ ୧୦ କମ୍ପାନୀ ସିଏପିଏଫ୍ ସହ ୨୦୦ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି। ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ କରାଯାଇଛି। ଫୋକସ ବା ସମ୍ବେଦନଶୀଳ ଅଞ୍ଚଳରେ ପ୍ରାୟ ୬୫୦ ସିସିଟିଭି କ୍ୟାମେରା ସହ ୫୦ଟି ଡ୍ରୋନ୍ ମଧ୍ୟ ନଜର ରଖିବ। ସବୁ ଜିଲ୍ଲାରେ ଗୋଟିଏ ଲେଖାଏ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ କରାଯାଇଥିବା ବେଳେ ସେଠାରେ ବରିଷ୍ଠ ପୋଲିସ ଅଧିକାରୀ ରହି ସ୍ଥିତି ଉପରେ ନଜର ରଖିବେ। ବଡ଼ ଜିଲ୍ଲାରେ ଦୁଇ କିମ୍ବା ୩ଟି ସବ୍ କଣ୍ଟ୍ରୋଲ ରୁମ୍ କରାଯାଇଛି। ସମ୍ବଲପୁରରେ କ୍ୟାମେରା ଲାଗିଥିବା ଅତିରିକ୍ତ ସ୍ୱତନ୍ତ୍ର ପୋଲିସ ଗାଡି ଦିଆଯାଇଛି। ସମ୍ବେଦନଶୀଳ ଧାର୍ମିକ ସ୍ଥଳଗୁଡ଼ିକରେ ପୋଲିସ ଫୋର୍ସ ମୁତୟନ ସହ କିଛି ଜାଗାରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଭିଡ଼ରେ ନିୟୋଜିତ କନ୍‌ଷ୍ଟେବଲଙ୍କ ବଡିରେ କ୍ୟାମେରା ଲଗାଯାଇଛି। ତେବେ ସମ୍ବଲପୁରରେ ୧୦ଟି ଏଲ୍‌ସିଡି ଲଗାଯାଇ ସିସିଟିଭି ସହ ଲିଙ୍କ୍ କରାଯାଇଛି। ଶୃଙ୍ଖଳାର ସହ ଆୟୋଜନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ଏଡିଜି କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

## ଶ୍ରୀମନ୍ଦିର ନିକଟରେ ଭକ୍ତଙ୍କୁ ଟଙ୍କତୋରାଣି ବାଣ୍ଟିଲେ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭକ୍ତଙ୍କୁ ଟଙ୍କତୋରାଣି ବଣ୍ଟନ କରୁଛନ୍ତି।

ପୁରୀ,୧୩।୪ (ଅଜିତ୍ କୁମାର ମହାନ୍ତି)

ପୁରୀଠାରେ ଅନୁଷ୍ଠିତ ଭାଜପାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ପୂର୍ବାହ୍ନରେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଡ଼ା ସୁରକ୍ଷା ମଧ୍ୟରେ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସହ ଆସିଥିବା ଅନ୍ୟ ମନ୍ତ୍ରୀମାନେ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନରୁ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ଏଥିସହ ଭିତରବେଢ଼ାରେ ଥିବା ମା' ମହାଲକ୍ଷ୍ମୀ, ମା' ବିମଳା ଓ ପ୍ରଭୁ ବଟ ଗଣେଶଙ୍କ ସମେତ ଅନ୍ୟ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିସାରି ଶ୍ରୀମନ୍ଦିର ପରିସରରେ କିଛି ସମୟ ଅବସ୍ଥିତ କରିଥିଲେ। ପରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ ସମୟରେ କିଛି ସମୟ ପାଇଁ ବାଇଶିପାହାଚରେ ବସିଥିଲେ। ପ୍ରସ୍ଥାନ ସମୟରେ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ପତିତପାବନ ବାନା ପ୍ରଦାନ କରାଯାଇଥିଲା। ସେହିଭଳି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ସୁଆର ମହାସୁଆର ନିଯୋଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁଙ୍କ ଶୁଖିଲା ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପ୍ରଶାସନର ନୂଆ ଓଡ଼ିଆ ବର୍ଷର ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। ପରେ ଶ୍ରୀମନ୍ଦିର ନିକଟରେ ଟଙ୍କ ତୋରାଣି ଶିବିରକୁ ଉଦ୍‌ଘାଟନ କରିବା ସହ ଭକ୍ତଙ୍କୁ ଟଙ୍କତୋରାଣି ବଣ୍ଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ମହାପ୍ରଭୁଙ୍କୁ ଦର୍ଶନ କରି ଓଡ଼ିଶାବାସୀଙ୍କ ମଙ୍ଗଳ ଓ ଉନ୍ନତି କାମନା କରିଥିବା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ତଥା ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନିତ୍ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ

### ୱାକ୍‌ଫ ଆଇନକୁ...

ସଂଶୋଧିତ ୱାକ୍‌ଫ ଆଇନ (ଏନ୍‌ଏସ୍‌ଏଫ୍) ଆଇନ (ଏନ୍‌ଏସ୍‌ଏଫ୍) ଲାଗୁ କରିବାକୁ ଭାଜପାର ପୁରୁଲିଆ ଏମ୍‌ପି ଜ୍ୟୋତିର୍ମୟ ସିଂ ମହତୋ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନିକଟକୁ ପତ୍ର ଲେଖିଛନ୍ତି। ସେହିପରି ଭାଜପାର ଦାର୍ଜିଲିଂ ଏମ୍‌ପି ରାଜୁ ବିଷ୍ଟା ସମ୍ପୃକ୍ତ ଅଞ୍ଚଳରେ ମୁସଲମାନ ସମ୍ପ୍ରଦାୟର କୌଣସି ଗାଲି କରାଇ ନ ଦେବାକୁ ମମତାଙ୍କୁ ପରାମର୍ଶ ଦେଇଛନ୍ତି। ପଶ୍ଚିମବଙ୍ଗର ଜଣେ ଅଧିକାରୀ କହିଛନ୍ତି, ସାମ୍ପ୍ରଦାୟିକ ହିଂସା ଯୋଗୁ ମୁର୍ଶିଦାବାଦର ମୁସଲମାନବହୁଳ ସୁତି, ଧୁଲିଆନ୍, ଜାଙ୍ଗିପୁର ଓ ଶମସେରଗଞ୍ଜ ଅଞ୍ଚଳରୁ ଅନେକ ହିନ୍ଦୁ ଲୋକ ଭାଗୀରଥୀ ନଦୀ ଅତିକ୍ରମ କରି ମାଲଦାରେ ଆଶ୍ରୟ ନେଇଛନ୍ତି। ସ୍ଥାନୀୟ ପ୍ରଶାସନ ସେମାନଙ୍କ ପାଇଁ ଶରଣ ରହିବା ବ୍ୟବସ୍ଥା କରୁଥିବା ସେ ସୂଚନା ଦେଇଛନ୍ତି। ଅନେକ ଘର, ଦୋକାନ, ହୋଟେଲ ଜଳୁଥିବା ଦୃଶ୍ୟ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ଇତିମଧ୍ୟରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ୫ କମ୍ପାନୀ ଫୋର୍ସକୁ ହିଂସା ପ୍ରଭାବିତ ଅଞ୍ଚଳରେ ମୁତୟନ କରାଯାଇଛି। ସାଉଥ୍ ବେଙ୍ଗଲ ଫ୍ରଣ୍ଟିଅର୍ର ଡିଆଇଜି କହିଛନ୍ତି, ସ୍ଥିତି ଉପରେ କଡ଼ା ନଜର ରଖାଯାଉଛି ବିଏସ୍‌ଏଫ୍ ଟିମ୍ ରାଜ୍ୟ ପୋଲିସକୁ ସହଯୋଗ କରୁଛି ଯଥାଶୀଘ୍ର ସମସ୍ତ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରାଯାଉଛି। ସେ କହିଛନ୍ତି ଶନିବାରଠାରୁ ମୁର୍ଶିଦାବାଦ ସ୍ଥାନରୁ ରବିବାର ଆଉ ୧୨ ଜଣଙ୍କୁ ଗିରଫ କରାଯାଇଛି। ଏହାକୁ ମିଶାଇ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ୧୫୦ରେ ପହଞ୍ଚିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଦଫା ୧୬୩ ଜାରି କରାଯାଇଛି। ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ତେବେ ରବିବାର କୌଣସି ପ୍ରକାର ସାନି ହିଂସା ଘଟି ନ ଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। କଲିକତା ହାଇକୋର୍ଟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସ୍ଥିତି ଉପରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଏପ୍ରିଲ ୧୭ରେ ଏହା ଉପରେ ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ସ୍ୱତନ୍ତ୍ର ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

ବ୍ୟକ୍ତି ଭାଜପା ସରକାର ବିରୋଧରେ ସ୍ଲୋଗାନ ଦେବା ସହ ପୋଲିସକୁ କଳାପତାକା ଦେଖାଇ ଟେକାମାଡ଼ କରିବାରୁ ପୋଲିସ ଲାଠିଚାର୍ଜ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୱାକ୍‌ଫ ଆଇନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବାର ଦିନକ ପରେ ଆସାମରେ ଏହି ବିକ୍ଷୋଭ ମୁଣ୍ଡ ଟେକିଛି।

### ଶ୍ରୀମନ୍ଦିର କ୍ୟାଲେଣ୍ଡର...

ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନିତ୍ ଅଗ୍ରୱାଲଙ୍କ ସମେତ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ କ୍ୟାଲେଣ୍ଡରରେ ବର୍ତ୍ତମାନ (୨୦୨୫ ମସିହାର ମହାବିଷୁବ ସଂକ୍ରାନ୍ତିଠାରୁ ୨୦୨୬ ମସିହାର ରାମାଭିଷେକ ନୀତି ପର୍ଯ୍ୟନ୍ତ) ଶ୍ରୀମନ୍ଦିରରେ ପାଳନ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ଦିନ ତଥା ଯାନିଯାତ୍ରା ଦିବସର ସୂଚନା ପ୍ରଦାନ କରାଯାଇଛି। ଶ୍ରୀମନ୍ଦିର ସେବକ ନିଯୋଗଗୁଡ଼ିକ ସହ ମୁକ୍ତିମଣ୍ଡପ ଏବଂ ରାଜ୍ୟର ପ୍ରମୁଖ ପାଞ୍ଜିକାରଙ୍କ ସହ ବିସ୍ତୃତ ଆଲୋଚନା ପରେ ଶ୍ରୀମନ୍ଦିରରେ ପାଳନ ହେବାକୁ ଥିବା ପର୍ବପର୍ବାଣି ଗୁଡ଼ିକ ସ୍ଥିରୀକୃତ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ସୂଚନାକେନ୍ଦ୍ରଗୁଡ଼ିକରେ ଏହି କ୍ୟାଲେଣ୍ଡର ଶ୍ରଦ୍ଧାଳୁଙ୍କ ସକାଶେ କ୍ରୟ ପାଇଁ ଉପଲବ୍ଧ ହେବ। ଓଡ଼ିଆ ନବବର୍ଷ ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜଣାଇବା ସହ ମହାପ୍ରଭୁଙ୍କ ପାଦପଦ୍ମରେ ସମସ୍ତଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି।

### ଚିଲ ନେଇଗଲା...

ନିକଟରେ କିଛି ସମୟ ଉଡ଼ିବୁଲିଥିଲା। ପରେ ସେ ଚିଲ ଥରେ ପତିତପାବନ ବାନାକୁ ନେଇ ଉଡ଼ି ଉଡ଼ି ସମୁଦ୍ର ଆଡ଼କୁ ଯାଇ ଅଦୃଶ୍ୟ ହୋଇଯାଇଛି। ଅନ୍ୟପକ୍ଷରେ ଚିଲଟି ପତିତପାବନ ବାନା ନୁହେଁ, ବରଂ ଏକ ବାନା ପରି ଦେଖାଯାଉଥିବା ହଳଦିଆ କପଡ଼ା ଧରି ଉଡ଼ୁଥିବା ନେଇ କେତେକ ବ୍ୟକ୍ତି ମତ ରଖୁଛନ୍ତି। ତେବେ ଏପରି ଘଟଣା ପୁରୀରେ ପ୍ରଥମଥର ଦେଖିବାକୁ ମିଳିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ଘଟଣାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ଆଗକୁ କିଛି ନା କିଛି ଘଟଣା ଘଟିପାରେ ବୋଲି ଆଶା ଓ ଆଶଙ୍କା କରାଯାଉଛି। ତେବେ କେହି ଏପରି ଘଟଣାକୁ ଅଶୁଭ ମନେ କରୁଥିବାବେଳେ ଆଉ କେହି ଏହାକୁ ଶୁଭ ବୋଲି କହୁଛନ୍ତି। ଏନେଇ ପୁରୀ ବାସିନ୍ଦା ତଥା ଜଗନ୍ନାଥପ୍ରେମୀ ମନୋଜ କୁମାର ବାରିକ କହିଛନ୍ତି, ପୂର୍ବରୁ ଶୁଣିଛି ଯେ, ଶ୍ରୀମନ୍ଦିର ଉପରେ ଚିଲ ବସିବା ଦ୍ୱାରା ଦେଶ ତଥା ରାଜ୍ୟ ପ୍ରତି ବିପଦ ଦେଖାଯାଉଥିଲା। ତେଣୁ ଚିଲ ପତିତପାବନ ବାନା ଧରି ଶ୍ରୀମନ୍ଦିର ଚାରିପଟେ ଉଡ଼ିବା ଓ କେଉଁଆଡେ ନେଇ ପଳାଇବା ଘଟଣା ମନରେ ଅନେକ ଆଶଙ୍କା ସୃଷ୍ଟି କରୁଛି। ଆଗକୁ କିଛି ଅଘଟଣ ଶ୍ରୀମନ୍ଦିର ଘଟିପାରେ, ଯାହା ନି ହେବ ମହାପ୍ରଭୁଙ୍କ ନିର୍ଦ୍ଦେଶରେ ହେବ ଏବଂ ମହାପ୍ରଭୁ ଆମକୁ ରକ୍ଷା କରିବେ ବୋଲି ବାରିକ ମତବ୍ୟକ୍ତ କରିଛନ୍ତି। ସେହିପରି ଭକ୍ତ ବିନୋଦ ସାହୁ କହିଛନ୍ତି, ଶ୍ରୀମନ୍ଦିର ଉପରେ ଚିଲ ବସିବା ଓ ଉଡ଼ିବା ଅନେକ ସମୟରେ ଦେଖିବାକୁ ମିଳିଥାଏ। ତେବେ ଚିଲ କପଡ଼ାଟି ପତିତପାବନ ବାନା କି ନୁହେଁ ତାହା ସ୍ପଷ୍ଟ ଜଣାପଡ଼ୁନାହିଁ। ଏପରିକି ତାହା ଏକ ହଳଦିଆ ରଙ୍ଗର କପଡ଼ା କି ନୁହେଁ ତାହା ମଧ୍ୟ ସ୍ପଷ୍ଟ ନୁହେଁ। ତେଣୁ ଏଥିରେ ଆଶଙ୍କା କରିବାର କିଛି ନାହିଁ। କୌଣସି ଆଶଙ୍କା କରିବା କିମ୍ବା ଭୟଭୀତ ହେବା ପରିବର୍ତ୍ତେ ରାମ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବା ଉଚିତ ବୋଲି ସାହୁ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ବ୍ରହ୍ମା ସେବାୟତ ଶରତ କୁମାର ମହାନ୍ତି କହିଛନ୍ତି, ବହୁ ଉଚ୍ଚରେ ନୀଳଚକ୍ରରେ ବାନା ରହିଥାଏ। ତେଣୁ ଅନେକ ସମୟରେ ଦେଖିବାକୁ ମିଳିଥାଏ ଯେ, ଚିଲ ଶ୍ରୀମନ୍ଦିର ଉପରେ ବିଶ୍ରାମ ନେଇଥାନ୍ତି। ସେମାନେ ଉଡ଼ୁଥିବା ସମୟରେ ପତିତପାବନ ବାନା ଧରି ଉଡ଼ିଯିବା କୌଣସି ବିଚିତ୍ର କଥା ନୁହେଁ। ଏହା ଏକ ସଂଯୋଗ ବୋଲି ସେ କହିଛନ୍ତି। ହେବନାହିଁ କାରଣ ରାମନବମୀଠାରୁ ମହାପ୍ରଭୁଙ୍କ ରାମଲୀଳା ଆରମ୍ଭ ହୋଇଛି। ଏହି କ୍ରମରେ ଶନିବାର ଶ୍ରୀକ୍ଷେତ୍ରରେ ଲଙ୍କାପୋଡ଼ି ନୀତି ଥିଲା। କୁହାଯାଏ ଯେ, ଲଙ୍କାପୋଡ଼ିରେ ହନୁମାନ ହାତରେ ଝଣ୍ଡା ଧରି ସମୁଦ୍ରକୁ ଲଙ୍ଘି ଲଙ୍କାକୁ ଉଡ଼ି ଯାଉଥିଲେ। ତେଣୁ ଏହା ପ୍ରକୃତରେ ମହାପ୍ରଭୁଙ୍କ ଲୀଳା। ଚାରିଯୁଗର ଲୀଳା ମହାପ୍ରଭୁ ଏଠାରେ କରିଥାନ୍ତି। ତେଣୁ ଏପରି ଘଟଣାରେ କୌଣସି ପ୍ରକାର ଆତଙ୍କିତ କିମ୍ବା ଭୟଭୀତ ହେବାର କଥା ନାହିଁ। ଯାହା କି ହୋଇଛି ଶେଷର ମଙ୍ଗଳ ହେବ ଲୋକ ମଙ୍ଗଳ ଚିନ୍ତା କରନ୍ତୁ ଓ ଯେଉଁମାନେ ଦର୍ଶନ କରିଛନ୍ତି ସେମାନଙ୍କ ମଙ୍ଗଳ ହେବ ବୋଲି ମହାନ୍ତି ମତବ୍ୟକ୍ତ କରିଛନ୍ତି। ତେବେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

## ୧୯ରେ ହାଇଦ୍ରାବାଦରେ ବିକ୍ଷୋଭ ବୈଠକ: ଓ୍ୱାଇସି

ହାଇଦ୍ରାବାଦ,୧୩।୪

ଏପ୍ରିଲ ୧୯ରେ ହାଇଦ୍ରାବାଦରେ ୱାକ୍‌ଫ ଆଇନ ବିରୋଧରେ ଅଲ୍ ଇଣ୍ଡିଆ ମୁସଲିମ ପର୍ସନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ପକ୍ଷରୁ ଏକ ବିକ୍ଷୋଭ ବୈଠକ କରାଯିବ ବୋଲି ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସି ରବିବାର ଏନେଇ ସୂଚନା ଦେଇଛନ୍ତି। ଓ୍ୱାଇସି ଗଣମାଧ୍ୟମକୁ କହିଛନ୍ତି, ୧୯ ତାରିଖରେ ଦଳୀୟ ମୁଖ୍ୟାଳୟ ଦାରୁସଲାମରେ ଏଆଇଏମ୍‌ପିଏଲ୍‌ବିର ପ୍ରତିବାଦ ବୈଠକ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ ଘଣ୍ଟାରୁ ଚାଲିବାକୁ ଥିବା ଉକ୍ତ ବୈଠକରେ ଲ' ବୋର୍ଡ ଅଧ୍ୟକ୍ଷ ଖାଲିଦ ସୈଫୁଲ୍ଲାହ ସଭାପତିତ୍ୱ କରିବେ। ଏଥିରେ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ମୁସଲିମ ପର୍ସନାଲ ଲ' ବୋର୍ଡ ଅନୁମୋଦିତ ମୁସଲମାନ ସଙ୍ଗଠନର ସଦସ୍ୟମାନେ ଯୋଗଦେବେ। ୱାକ୍‌ଫ ଆଇନ କିପରି ମୁସଲମାନ ବିରୋଧୀ ସେନେଇ ସେମାନେ ନିଜ ନିଜ ବକ୍ତବ୍ୟ ରଖିବେ। ଓ୍ୱାଇସି ଆହୁରି କହିଛନ୍ତି, ସଂସଦର ୱାକ୍‌ଫ କମିଟି ସଦସ୍ୟମାନଙ୍କୁ ମଧ୍ୟ ଏଥିରେ ସାମିଲ ହେବାକୁ ଅନୁରୋଧ କରାଯିବ। ନରେନ୍ଦ୍ର ମୋଦି ସରକାର ଆଣିଥିବା ଏହି ଅସାମ୍ବିଧାନିକ ଆଇନ ସମ୍ବିଧାନ ଅନୁଚ୍ଛେଦ ୧୪,୧୫,୨୫,୨୬ ଓ ୨୯କୁ ଉଲ୍ଲଙ୍ଘନ କରୁଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉକ୍ତ ବିଲ୍‌ରେ ଏପ୍ରିଲ ୫ରେ ସ୍ୱାକ୍ଷର କରିଥିବାବେଳେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ୮ ତାରିଖରେ ଏହା ଲାଗୁ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲା। ପ୍ରଧାନମନ୍ତ୍ରୀ ଦେଶ ଉପରେ ନିଜ ବିଚାରଧାରାକୁ ଲଦି ନ ଦେଇ ଉକ୍ତ ଆଇନ ଉପରେ ପୁନର୍ବିଚାର କରିବାକୁ ଓ୍ୱାଇସି ଅନୁରୋଧ କରିଛନ୍ତି।

## ସିଲଚରରେ ବିକ୍ଷୋଭକାରୀଙ୍କ ଟେକାମାଡ଼, ପୋଲିସର ଲାଠିଚାର୍ଜ

ଗୁଆହାଟୀ,୧୩।୪

ପଡ଼ୋଶୀ ପଶ୍ଚିମବଙ୍ଗରେ ଲାଗିଥିବା ୱାକ୍‌ଫ ଆଇନ ବିରୋଧୀ ଆନ୍ଦୋଳନର ନିଆଁ ରବିବାର ଆସାମକୁ ବ୍ୟାପିଛି। କେନ୍ଦ୍ର ସରକାରଙ୍କ ଏହି ସଂଶୋଧିତ ଆଇନ ବିରୋଧରେ ଜିଲ୍ଲାର ଚମରାଗୁଡ଼ମ୍, ବେରେଙ୍ଗା ଆଦି ସ୍ଥାନରେ ମୁସଲମାନ ସମ୍ପ୍ରଦାୟର ୪୦୦ରୁ ଉର୍ଦ୍ଧ୍ୱ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବେରେଙ୍ଗାରେ ଶତାଧିକ ଲୋକ ପ୍ରଶାସନର ବିନା ଅନୁମତିରେ ବିକ୍ଷୋଭ କରୁଥିବାବେଳେ ପୋଲିସ ସେମାନଙ୍କୁ ହଟିବାକୁ କହିଥିଲା। କେତେଜଣ

## ଅଟୋ ସହ ୧୦୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି, ୧୩।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ଅବକାରୀ ଅଧୀକ୍ଷକ ବିଧାତ୍ର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଥାନା କର୍ମଚାରୀମାନେ ଚଳାଣଗୁଡ଼ା ପଞ୍ଚାୟତ ଟିଟିବେରି ଗ୍ରାମ ମୁଖ୍ୟରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ଅଟୋ ଦ୍ରୁତଗତିରେ ଆସୁଥିବା ଦେଖି ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ଅଟୋରେ ଗଞ୍ଜେଇ ଥିବା ଜାଣି ଅଟୋ ସହ ଚାଳକଙ୍କୁ ଗିରଫ କରିଥିଲେ। ଅଟୋରେ ମୋଟ ଚାରିଟି ବସ୍ତାରେ ୧୦୦ ଗଞ୍ଜେଇ ଥିବା ବେଳେ ଏହା ଛତିଶଗଡ଼ ଚୋରାଚାଲାଣ ହେଉଥିଲା। ଗିରଫ ଅଟୋ ଡ୍ରାଇଭରଙ୍କ ସ୍ୱୀକାର ଉକ୍ତି ଅନୁସାରେ ଡ୍ରାଇଭର ଚିତ୍ରକୋଣ୍ଡା ବ୍ଲକ୍ ନିଲାପାର ଗ୍ରାମର ପ୍ରଶାନ୍ତ ଖରା। ଗଞ୍ଜେଇ ଚିତ୍ରକୋଣ୍ଡା ଅଞ୍ଚଳରୁ କିଣି ଆଣିଥିବା ତଦନ୍ତରୁ ଜଣାପଡ଼ିଛି। ନଂ. ୯/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପୃଥକ୍ ସ୍ଥାନରେ ୧୩ ମାଓବାଦୀଙ୍କ ଆତ୍ମସମର୍ପଣ, ୨ ଗିରଫ

ମାଲକାନଗିରି, ୧୩।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ଦୁଇଟି ପୃଥକ୍ ସ୍ଥାନରେ ୧୩ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ୨ଜଣ ଗିରଫ ହୋଇଛନ୍ତି। ନାରାୟଣପୁର ଜିଲ୍ଲା କାନ୍ଧୁଲପାରରେ ଗତ ଦୁଇଦିନ ପୂର୍ବେ ନୂତନ ସୁରକ୍ଷା କର୍ମୀଙ୍କ କ୍ୟାମ୍ପ ପ୍ରତିଷ୍ଠା ହୋଇଥିବା ବେଳେ ସେଠାରେ ରବିବାର ୫ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଲିମ୍ବୁ ବଡ଼ଦା, ଗୁଲୁ ନୁରେଟି, କୃଷ୍ଣ ନୁରେଟି, ଲାଲୁରାମ ଓ କୋସାରାମ ମାଣ୍ଡବି। ଏମାନେ ଜନତାନା ସରକାର ସଂଗଠନରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ। ଏମାନଙ୍କ ମଧ୍ୟରୁ ଲିମ୍ବୁ ବଡ଼ଦାଙ୍କ ନାମରେ ୧ ଲକ୍ଷ ଓ ଗୁଲୁ ନୁରେଟିଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏମାନଙ୍କୁ ଛତିଶଗଡ଼ ସରକାରଙ୍କ ଦ୍ୱାରା ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଚେକ୍ ପ୍ରଦାନ କରାଯାଇଛି। ସେହିପରି ଛତିଶଗଡ଼ ଦାନ୍ତେୱାଡ଼ା ଜିଲ୍ଲା ପୋଲିସ ନିକଟରେ ୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ହେଲେ ୫୦ ହଜାର ଟଙ୍କା ପୁରସ୍କାର ଘୋଷିତ ମଙ୍ଗତୁ ମଡକମ, ରାମ କୁଞ୍ଜାମ, ହଡମା ସୋଡି, ବୁଧରାମ ମାଡକାମ, ଜୋଗା ମାଡକାମ, ପାଣ୍ଡୁ କବାସୀ, ସିଗରେଟ୍ କୁଞ୍ଜାମୀ ଓ ପାଯକୁ କୁଞ୍ଜାମି। ଏମାନଙ୍କୁ ଛତିଶଗଡ଼ ପୋଲିସ ତରଫରୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଛତିଶଗଡ଼ ସୁକ୍ମା ଜିଲ୍ଲା ପୋଲିସ ଦୁଇଜଣ ମାଓବାଦୀଙ୍କୁ ଗିରଫ କରିଛି। ୨୨୩ ବାହିନୀ ସିଆରପିଏଫ୍ ଜାଗୁରଗୋଣ୍ଡା ଥାନା ଅଞ୍ଚଳରେ କୋମ୍ବିଂ କରୁଥିବା ସମୟରେ କେତେଜଣ ଲୋକ ସୁରକ୍ଷା କର୍ମୀଙ୍କୁ ଦେଖି ସେଠାରୁ ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ୨ ଜଣଙ୍କୁ ଗିରଫ କରିଥିଲେ। ଗିରଫ ଦୁଇଜଣ କୁହଡାମ ହାଡମା ଓ ବାର୍ସେ ହିଡମା। ଏହି ଦୁଇଜଣ ମାଓବାଦୀ ବୋଲି ସ୍ୱୀକାର ବେଳେ ଜାଗୁରଗୋଣ୍ଡା ଥାନା ଅଞ୍ଚଳରେ ଅସ୍ତ୍ରଶସ୍ତ୍ର ଲୁଟ, ପୋଲିସ ଉପରେ ଆକ୍ରମଣ ଘଟଣାରେ ସାମିଲ ଥିବା କହିଛନ୍ତି। ଏହି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ୧୫ରୁ ୨ମାସ ସାମୁଦ୍ରିକ କଟକଣା ଲାଗୁ

### ମତ୍ସ୍ୟଜୀବୀ ଏବେ ଘରମୁହାଁ

ପାରାଦୀପ, ୧୩।୪ (ଶରତ ରାଉତ)

ସମଗ୍ର ରାଜ୍ୟର ପୂର୍ବ ଉପକୂଳରେ ଆସନ୍ତା ୧୫ ତାରିଖରୁ ସାମୁଦ୍ରିକ କଟକଣା ଲାଗୁ ହେବ। ଏ ନେଇ ଓଡ଼ିଶା ସରକାରଙ୍କ ମତ୍ସ୍ୟ ନିର୍ଦ୍ଦେଶାଳୟ ୧୧ ତାରିଖରେ ନୋଟିସ ନଂ. ୪୦୩ ଜାରି କରିଛନ୍ତି। ଏଥିରେ ବର୍ଣ୍ଣାଯାଇଛି, ଏପ୍ରିଲ ୧୫ରୁ ଜୁନ ୧୪ ପର୍ଯ୍ୟନ୍ତ ୬୧ଦିନ ସମୁଦ୍ର ମଧ୍ୟରେ ମାଛଧରା କଟକଣା ଲାଗୁ କରାଯିବ। କାରଣ ଏହି ସମୟରେ ସମୁଦ୍ରରେ ମାଛ ବଂଶ ବୃଦ୍ଧି ଓ ଯାଆଁଳ ସୁରକ୍ଷା ପାଇଁ ଏହା ପାଳନ ଅନିବାର୍ଯ୍ୟ। ଉକ୍ତ ନିୟମ ରାଜ୍ୟର ସବୁ ମାଛଧରା ବନ୍ଦର ପାଇଁ ଲାଗୁ ହେବ। ଏକ୍ଷିମ୍ନରେ ରାଜ୍ୟର ବୃହତ୍ତମ ପାରାଦୀପ ମାଛଧରା ବନ୍ଦରରେ ରବିବାରଠାରୁ ବୋଟ୍‌ଗୁଡ଼ିକ ବର୍ଥରେ ବନ୍ଧା ଯାଉଛି। ପ୍ରାୟ ୯୦ ପ୍ରତିଶତ ବୋଟ୍ ବର୍ଥରେ ପହଞ୍ଚିଛି। ଅବଶିଷ୍ଟ ବୋଟ୍ ସୋମବାର ସନ୍ଧ୍ୟା ସୁଦ୍ଧା ଫେରିବ ବୋଲି ଜଣାପଡ଼ିଛି। ଏଥିପାଇଁ ବନ୍ଦର ପହଞ୍ଚିଥିବା ବୋଟ୍‌ର ମତ୍ସ୍ୟଜୀବୀ ଏବେ ଘରମୁହାଁ ହେଉଛନ୍ତି। ଏହି କଟକଣା ସମୟରେ ସାମୁଦ୍ରିକ ମାଛ ବଜାରରେ ଉପଲବ୍ଧ ହେବ ନାହିଁ। ମାଛଧରା ବନ୍ଦ ରହିବା ଯୋଗୁ ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀ ପରିବାର ଲୋକଙ୍କ ରୋଜଗାର ବାଧାପ୍ରାପ୍ତ ହେବ। ଯଦିଓ ଏହି ସମୟରେ ସରକାର ମତ୍ସ୍ୟଜୀବୀଙ୍କ ପାଇଁ ଚାଉଳ ଓ ଅନ୍ୟ ସହାୟତା ବ୍ୟବସ୍ଥା କରିଛନ୍ତି ସେସବୁ ସେମାନେ ପାଉନାହାନ୍ତି। କାରଣ ପାରାଦୀପ ମତ୍ସ୍ୟଜୀବୀଙ୍କ ମତ୍ସ୍ୟ ବିଭାଗ ପାଖରେ ପଞ୍ଜୀକରଣ ନାହିଁ। କେବଳ ପାରମ୍ପରିକ ମତ୍ସ୍ୟଜୀବୀ ଏହାର ସୁବିଧା ପାଉଛନ୍ତି। ଏହି ସମୟରେ ଆମ ପରିବାର ଲୋକେ ଅସୁବିଧା ଭୋଗୁଥିବା ସାମୁଦ୍ରିକ ମତ୍ସ୍ୟଜୀବୀ ସୁବା ରାଓ କହିଛନ୍ତି। ପ୍ରାୟ କୋଳିଆ ସମ୍ପ୍ରଦାୟର ମତ୍ସ୍ୟଜୀବୀ ଏହି ୨ମାସ ନିଜ ରାଜ୍ୟ ଆନ୍ଧ୍ରପ୍ରଦେଶ ପଳାଉଥାନ୍ତି ବୋଲି ସେ କହିଛନ୍ତି।


**OFFICE OF THE PRINCIPAL**
**EKAMRA COLLEGE**
BHUBANESWAR- 751002, Ph:2592343 (Off)
No.437/25 Date:11.4.25

**EKAMRA COLLEGE,BHUBANESWAR**
**QUOTATION CALL NOTICE**

No.N-08:Sealed quotations are invited from GST registered firms/ Agencies on or before 30.04.2025 to supply Desktop Computers, UPS System, Multifunction Printers (MFM), LED TV (65 inch), wireless mice, cameras for virtual meetings and internet facilities, etc. under Govt. of Odisha upgrading IT infrastructure fund. For details log on to www.ekamracollege.edu.in.

Sd./- Principal,
OIPR-11171/11/0001/2526 Ekamra College, Bhubaneswar-2

idco Your power to grow — ODISHA NEW OPPORTUNITIES
No.CAD-107

**OFFICE OF THE DIVISIONAL HEAD, IDCO**
**IDCO BALASORE DIVISION**
Tender Call Notice No.
BLS/CIV/EST/3846/ 550, dated: 04.04.2025
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT

1. Name of the Work: Construction of shed for housing of 750 Kva, 3.3 Kv DG Set with other equipments at Intake Well of river Budhabalanga at Balasore.
2. Value of the work: Rs.10.73 Lakhs
3. Period of Completion: 02 (Two) Calendar Months
4. Other details :

| Procurement Officer | Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, Balasore Division, IDCO, Balasore | BLS/CIV/EST-01/2025-26 | 15.04.2025 at 17.00 Hrs. | 25.04.2025 upto 17.00 Hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Divisional Head
OIPR-04075/11/0001/2526 IDCO, Balasore

GOVERNMENT OF ODISHA, DEPARTMENT OF WATER RESOURCES
**OFFICE OF THE ENGINEER-IN-CHIEF, WATER RESOURCES, SECHA SADAN, BHUBANESWAR**
No.A-35 Email Address:cemech.eicwr.od@gmail.com

**e-Procurement Notice**
**Bid Identification No.CEM/MDC-01/2025-26**

| | | |
|---|---|---|
| 1. Name of the Work | : | Mechanical Gate Works |
| 2. No. of Works | : | 01 (One) |
| 3. Category of Executors | : | SSI Units registered under DIC/ NSIC/MSME for Irrigation Shutters/ Hydro mechanical gates. |
| 4. Bid Identification No. | : | CEM/MDC-01/2025-26 |
| 5. Estimated Cost | : | Rs.47,51,250.00 |
| 6. Period of Completion | : | 03 (Three) Calendar Months |
| 7. Date & Time of availability of bid documents in the portal | : | From dt.16.04.2025 (10.00 AM) to Dt.29.04.2025 (5.30 PM) |
| 8. Last date/time for receipt of bid in the portal | : | Dt.29.04.2025 (upto 5.30 PM) |
| 9. Date and Place of opening of Technical Bid | : | Dt.30.04.2025 (12.00 Noon onwards in the O/o the undersigned) |
| 10. Date and Place of opening Financial Bid | : | To be intimated to the qualified Bidders after evaluation of Technical Bid |
| 11. Name of the Officer Inviting Bid | : | Chief Engineer, Mechanical, O/o the E.I.C., Water Resources, Odisha Bhubaneswar. |

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief,
OIPR-32520/11/0033/2526 Secha Sadan, Bhubaneswar

**OFFICE OF THE EXECUTIVE ENGINEER, R.W.S&S DIVISION, SAMBALPUR**
Brooks Hill, Infront of VSS Stadium Main Gate, Pin-768001
e-mail ID: eerwsssbp@gmail.com

SHORT QUOTATION CALL NOTICE No.02/2025-26

No.O-47:Sealed Quotations are invited from interested reputed Travel Agencies/ Tour Operators/ Private individuals having valid GST and PAN Card for providing one number of AC diesel/ petrol driven vehicle BS-VI compliant having seating capacity not less than five including Driver (which shall confirm to the terms & conditions of the quotation call notice) for official use of the following offices for inspection of the official work on monthly rent basis.

| Sl. No. | Name of the Work | Type of Vehicle | Fuel Used | Required No. |
|---|---|---|---|---|
| 1 | Hiring of one private vehicle for official use of Asst. Executive Engineer, RWS&S Sub-Division, Rairakhol for the year 2025-26 (From 01.05.2025 to 31.03.2026) | TUV 300/ Bolero/ Ertiga/ Sumo Gold | Diesel | 01 (One) |
| 2 | Hiring of one private vehicle for official use of Asst. Executive Engineer, RWS&S Sub-Division, Kuchinda for the year 2025-26 (From 01.05.2025 to 31.03.2026) | -do- | Diesel | 01 (One) |
| 3 | Hiring of one private vehicle for official use of Addl. Chief Engineer, RWS&S Circle, Sambalpur for the year 2025-26 (From 01.05.2025 to 31.03.2026) | -do- | Diesel | 01 (One) |

| Cost of Quotation Document (Non-refundable) | Sale of Quotation Document | | Last Date of Drop of Quotation | Opening of Quotation |
|---|---|---|---|---|
| | From | To | | |
| Rs.1000/- (One thousand) (Cash/DD By Hand) per each work, Rs.1000/- (One thousand) (DD) (In case of download of document) per each work | 16.04.2025 At 07.00 AM | 25.04.2025 Upto 01.00 PM | 25.04.2025 Upto 01.00 PM | 28.04.2025 At 09.30 AM |

Further details can be seen from the DQCN.

Sd./- Executive Engineer
OIPR-25015/11/0005/2526 RWS&S Division, Sambalpur

# ସୀତାରାମଙ୍କୁ ପୋଲିସ ଗୁଳି

**ରାଜ୍ୟରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ସହ ଅପରାଧୀଙ୍କୁ ଦମନ ପାଇଁ ପୋଲିସ ଏବେ ମୁହାଁମୁହିଁ ନୀତି ଆପଣାଇଛି। ଗତ ୩ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଅପରାଧୀଙ୍କୁ ପୋଲିସ ଗୁଳି କରି ଆହତ କଲାଣି। ରାଜଧାନୀ ଭୁବନେଶ୍ୱର ସମେତ ଅନୁଗୋଳ, ତାଳଚେର, ଝାରସୁଗୁଡ଼ା, ସମ୍ବଲପୁର ଏବଂ ରାଉରକେଲା ଆଦି ବିଭିନ୍ନ ସ୍ଥାନରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଟାର୍ଗେଟ କରୁଛି ପୋଲିସ। ପୋଲିସର ଏଭଳି କଠୋର ଆଭିମୁଖ୍ୟ ଦେଖି ଅପରାଧୀଙ୍କ ମଧ୍ୟରେ ଛନକା ପଶିଲାଣି। ଶନିବାର ସକାଳେ ୨ବଳାତ୍କାରୀ ଅଭିଯୁକ୍ତଙ୍କୁ ବେଲପାହାଡ଼ରୁ ଝାରସୁଗୁଡ଼ା କୋର୍ଟ ଚାଲାଣ ପାଇଁ ଅଣାଯାଉଥିଲା। ବାଟରେ ପୋଲିସଠାରୁ ବନ୍ଧୁକ ଛଡ଼ାଇ ଗୁଳି କରି ଅଭିଯୁକ୍ତଦ୍ୱୟ ଫେରାର ହେଉଥିବାବେଳେ ପୋଲିସ ସେମାନଙ୍କୁ ପାଲଟା ଗୁଳି ମାଡ଼ କରିଥିଲା। ସେହିପରି ରବିବାର ସମ୍ବଲପୁରରେ ଦୁର୍ଦ୍ଦାନ୍ତ ଅପରାଧୀ ସୀତାରାମ ଷଡ଼ଙ୍ଗୀଙ୍କୁ କାବୁ କରିବାକୁ ପୋଲିସ ଚେଷ୍ଟା କରିବା ବେଳେ ପୋଲିସ ଉପରକୁ ଗୁଳି କରି ଖସିଯିବାକୁ ଚେଷ୍ଟା କରିଥିଲେ ଅଭିଯୁକ୍ତ। ପରେ ପୋଲିସ ଆତ୍ମରକ୍ଷା ପାଇଁ ସୀତାରାମଙ୍କୁ ଗୁଳି କରି କାବୁ କରିଛି। ସୀତାରାମଙ୍କ ବିରୋଧରେ ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ର ବିଭିନ୍ନ ଥାନାରେ ୨୫ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ଜଣାପଡ଼ିଛି।**



ଭିମ୍‌ସାରରେ ଆହତ ଅପରାଧୀ ସୀତାରାମ ଷଡ଼ଙ୍ଗୀ।



ଏନ୍‌କାଉଣ୍ଟର ସ୍ଥଳରେ ପଡ଼ିଥିବା ବାଇକ୍।

## ୩ ମାସରେ ୧୫ ଅପରାଧୀଙ୍କୁ ଟାର୍ଗେଟ

ସମ୍ବଲପୁର/ କୁଚିଣ୍ଡା, ୧୩।୪
(ପ୍ରମୋଦ ବହିଦାର/ ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ରଙ୍ଗିଆଟିକିରା ଗ୍ରାମ ରାସ୍ତାରେ ରବିବାର ସକାଳେ ପୋଲିସ ଓ ଅପରାଧୀ ମୁହାଁମୁହିଁ ହୋଇଛନ୍ତି। ପୋଲିସ ଗୁଳିରେ ଗୋବିନ୍ଦପୁର ଥାନା ବାମରା ବାଉଁଶଲଗା ପଞ୍ଚାୟତର ଅପରାଧୀ ସର୍ଗିଡିହି ଗ୍ରାମର ସୀତାରାମ ଷଡ଼ଙ୍ଗୀ(୩୪) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମଗୋଡ଼ ଆଣ୍ଠୁତଳକୁ ଗୁଳି ବାଜିଛି। ବୁର୍ଲା ଭିମ୍‌ସାରରେ ତାଙ୍କୁ ଭର୍ତ୍ତି କରାଯାଇଛି। ସୀତାରାମଙ୍କ ନିକଟରୁ ଏକ ୭.୬୫ ମିମି ଦେଶୀ ପିସ୍ତଲ, ୧ ରାଉଣ୍ଡ ଜୀବନ୍ତ ଗୁଳି, ୨ଟି ଖାଲି କାର୍ତ୍ତୁସ (ପୋଲିସ ଉପରକୁ ଚଲାଇଥିବା ଗୁଳି), ନମ୍ବର ବିହୀନ ବାଇକ୍ ଓ ନଗଦ ୧ ଲକ୍ଷ ଟଙ୍କା ଜବତ କରାଯାଇଛି। ତାଙ୍କ ନାମରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ସମ୍ବଲପୁରର ଜିଲାର ବିଭିନ୍ନ ଥାନାରେ ୨୫ରୁ ଊର୍ଦ୍ଧ୍ୱ ସଙ୍ଗିନ ମାମଲା ରହିଥିବା ସୂଚନା ମିଳିଛି।

ସମ୍ବଲପୁର ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଗୋବିନ୍ଦପୁର ଥାନାରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୩୧୦(୨) ଓ ଅସ୍ତ୍ରଶସ୍ତ୍ର ଆଇନରେ ରୁଜୁ ଆପରାଧିକ ମାମଲା(ନଂ.୪୬/୨୫)ରେ ପୋଲିସ ସୀତାରାମଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଥିଲା। ସୀତାରାମ ଭୋର ସାଢ଼େ ୫ଟାରେ କୁଚିଣ୍ଡାରୁ ନିଜ ଗାଁ ସର୍ଗିଡିହି ଫେରୁଥିବା ଖବର ପାଇ ଗୋବିନ୍ଦପୁର ପୋଲିସ ରଙ୍ଗିଆଟିକିରାଠାରେ ତାଙ୍କୁ ଅଟକାଇଥିଲା। ପୋଲିସକୁ ଦେଖି ସେ ଏକ ବାଇକ୍‌ରେ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ତାଙ୍କ ପିଛା କରିଥିଲା। କିଛି ଦୂର ଯିବା ପରେ ତାଙ୍କୁ ପିଛା କରୁଥିବା ଦେଖି ସୀତାରାମ ପୋଲିସ ଉପରକୁ ୨ରାଉଣ୍ଡ ଗୁଳ ଚଳାଇଥିଲେ। ପୋଲିସ ପକ୍ଷରୁ ମଧ୍ୟ ପାଲଟା ଗୁଳି ଚାଳନା କରାଯାଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇ ବାଇକ୍‌ରୁ ପଡ଼ିଯାଇଥିଲେ। ପୋଲିସ ତାଙ୍କୁ ଗୁଳିବିଦ୍ଧ ଅବସ୍ଥାରେ ଉଦ୍ଧାର କରି କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟ ନେଇଥିଲା। ପରେ ତାଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଥିଲା।

ଏନେଇ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ସୀତାରାମଙ୍କ ବିରୋଧରେ ସମ୍ବଲପୁର ସମେତ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର ଝାଡ଼ଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳ, ରାଜଗାଙ୍ଗପୁର, ରାଉରକେଲା ଆଦି ବିଭିନ୍ନ ଥାନାରେ ଡକାୟତି, ଲୁଟ, ହତ୍ୟା ଉଦ୍ୟମ ଭଳି ୨୫ରୁ ଅଧିକ ସଙ୍ଗିନ ମାମଲା ରହିଛି। ବିଶେଷ କରି ସେ ଝାଡ଼ଖଣ୍ଡର ଅପରାଧୀମାନଙ୍କ ସହ ମିଶି ସୀମାବର୍ତ୍ତୀ ଅଞ୍ଚଳରେ ଦିନ ସମୟରେ ବୁଲାବୁଲି କରି ରାତିରେ ଡକାୟତି, ଚୋରି, ଲୁଟ୍ ଆଦି ଅପରାଧକୁ ରୂପ ଦେଉଥିଲେ। ତାଙ୍କୁ ଧରିବାକୁ ଯାଇଥିବା ପୋଲିସ ଦଳ ଉପରକୁ ସୀତାରାମ ପ୍ରଥମେ ଗୁଳିଚାଳନା କରିଥିଲେ। ତେଣୁ ଆତ୍ମରକ୍ଷା ସ୍ୱରୂପ ପୋଲିସ ପାଲଟା ଗୁଳିଚାଳନା କରିଥିଲା। ତଦନ୍ତ ସମୟରେ ତାଙ୍କର କେତେକ ସହଯୋଗୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ କେତେକ ଝାଡ଼ଖଣ୍ଡର କୁଖ୍ୟାତ ଅପରାଧୀ ମଧ୍ୟ ରହିଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଛି। ତାଙ୍କ ନିକଟରୁ ଜବତ ୧ଲକ୍ଷ ଟଙ୍କା କେଉଁଠାରୁ ଆସିଲା ତାହାର ତଦନ୍ତ ଚାଲିଛି ବୋଲି ଏସ୍‌ପି ଭାମୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୧ତାରିଖରେ ଧନୁପାଲି ଥାନା ପୋଲିସ ସିଟି ରେଲ୍‌ୱେ ଷ୍ଟେଶନ ନିକଟରେ ୨ ଗୋଚାଲାଣକାରୀ ଗୁଳି ଚଳାଇବା ପରେ ପୋଲିସ ପାଲଟା ଗୁଳି କରିଥିଲା।

## ଜମି ବିବାଦରୁ ମହିଳାଙ୍କୁ ହତ୍ୟା ପରେ ଜାଳିଦେଲେ

ଇଟାୱା, ୧୩।୪

ଉତ୍ତରପ୍ରଦେଶର ଇଟାୱାରେ ଏକ ଜମି ବିବାଦକୁ କେନ୍ଦ୍ରକରି ଅଞ୍ଜଳି (୨୫) ନାମ୍ନୀ ଜଣେ ମହିଳାଙ୍କୁ ଗଳାଚିପି ହତ୍ୟା ପରେ ଜାଳି ଦେଇଛନ୍ତି ୨ ଅଭିଯୁକ୍ତ। ଜମିର କାଗଜ ଦେବା ବାହାନାରେ ୨ ପ୍ରପର୍ଟି ଡିଲର ଶିବେନ୍ଦ୍ର ଯାଦବ (୨୬) ଏବଂ ଗୌରବ (୧୯) ଅଞ୍ଜଳିଙ୍କୁ ନିଜ ଅଫିସ ଡକାଇ ନିର୍ମମ ଭାବେ ହତ୍ୟା କରିଛନ୍ତି। ରବିବାର ଉଭୟ ଅଭିଯୁକ୍ତ ପ୍ରପର୍ଟି ଡିଲରଙ୍କୁ ପୋଲିସ ଗିରଫ କରିଛି। ୨ ଅଭିଯୁକ୍ତଙ୍କ ସହ ଅଞ୍ଜଳିଙ୍କର ଦୀର୍ଘ ଦିନ ଧରି ଜମି ବିବାଦ ଚାଲିଥିବା ନେଇ ପୋଲିସ ସୂଚନା ଦେଇଛି। ଗତ ୭ ତାରିଖରେ ଉଭୟ ଶିବେନ୍ଦ୍ର ଓ ଗୌରବ ଜମି କାଗଜ ଦେବା ବାହାନାକରି ଅଞ୍ଜଳିଙ୍କୁ ନିଜ ଅଫିସକୁ ଡକାଇଥିଲେ। ସେଠାରେ ଉଭୟେ ଅଞ୍ଜଳିଙ୍କୁ ମଦ୍ୟପାନ କରିବାକୁ ବାଧ କରିଥିଲେ। ପରେ ଉଭୟ ସେଠାରେ ଅଞ୍ଜଳିଙ୍କ ଗଳା ଚିପି ହତ୍ୟା କରିବା ସହ ତାଙ୍କ ମୃତଦେହରେ ନିଆଁ ଲଗାଇ ଦେଇଥିଲେ। ସେମାନେ ଅଞ୍ଜଳିଙ୍କ ମୃତଦେହକୁ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ। ୫ ଦିନ ଧରି ଅଞ୍ଜଳି ନିଖୋଜ ରହିବା ପରେ ଶନିବାର ପୋଲିସ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ଜବତ କରିଥିଲା। ଅଞ୍ଜଳିଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଶିବେନ୍ଦ୍ର ଓ ଗୌରବଙ୍କୁ ଗିରଫ କରିଛି।



## ପୁଣି ଜଣେ ଯୁବକଙ୍କୁ ପିଟି ମାରିଦେଲେ

ବଲାଙ୍ଗୀର, ୧୩।୪(ବୀରେନ୍ଦ୍ର କୁମାର ଝାଙ୍କର)

ଶନିବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ହତ୍ୟା କରିବାର ୨୪ ଘଣ୍ଟା ନ ପୂରୁଣୁ ରବିବାର ରାତିରେ ବଲାଙ୍ଗୀର ସହରରେ ପୁଣି ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ ମନୋଜ ନାଏକ (୪୦)।

ରବିବାର ରାତି ପ୍ରାୟ ୮ଟାରେ ବଲାଙ୍ଗୀର ମ୍ୟୁନିସିପାଲଟି ଅନ୍ତର୍ଗତ ବିଷ୍ଣୁମୁଣ୍ଡା ଛକର ଏକ ଦୋକାନ ସମ୍ମୁଖରେ ମନୋଜ ତାଙ୍କର କେତେଜଣ ସାଙ୍ଗଙ୍କ ସହିତ ବସିଥିଲେ। ଏତିକି ବେଳେ ଲାଇନ ଚାଲିଯାଇଥିଲା । ଲାଇନ କଟିବାର କିଛି ସମୟ ମଧ୍ୟରେ କେହି ଜଣେ ଆସି ଏକ ଅସ୍ତ୍ରରେ ମନୋଜଙ୍କ ମୁଣ୍ଡ ଉପରେ ୪/୫ ଚୋଟ ମାରିଥିଲେ। ଆକ୍ରମଣ ପରେ ଘଟଣାସ୍ଥଳରେ ମନୋଜ ପଡି ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁର ଜଣେ ନିଶାସକ୍ତ ଯୁବକ ତାଙ୍କୁ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ମୃତ ଯୁବକ ମନୋଜଙ୍କ ସ୍ତ୍ରୀ, ଦୁଇ ଝିଅ ଓ ପୁଅ ଅଛନ୍ତି। ଗତ କିଛିଦିନ ମଧ୍ୟରେ ବଲାଙ୍ଗୀର ସହରରେ ହତ୍ୟା ଓ ଆପରାଧିକ କାର୍ଯ୍ୟକଳାପ ଆଶାତୀତ ବୃଦ୍ଧି ପାଇଛି। ମୁରିବାହାଲ, ସରଗାଡ଼, ବଲାଙ୍ଗୀର ସହରରେ ୪ଟି ମୁଣ୍ଡ ଗଡ଼ିଲାଣି। ପୋଲିସ ନିଷ୍କ୍ରିୟତା ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି କରିବାରେ ସହାୟକ ହେଉଛି ବୋଲି ମତପ୍ରକାଶ ପାଉଛି। ସୂଚନାଯୋଗ୍ୟ, ମନୋଜ ବଲାଙ୍ଗୀର ଜିଲାପାଳଙ୍କ ପିଏସଓଙ୍କ ସମ୍ପର୍କୀୟ ଭାଇ ବୋଲି ଜଣାପଡିଛି।

## ବଚସାରୁ ଯୁବକଙ୍କ ଗଳାକାଟି ହତ୍ୟା

ରାଉରକେଲା, ୧୩।୪(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ରଘୁନାଥପାଲି ଥାନା ଅଧୀନ ଏସ୍‌ଟିଆଇ ରେଲଲାଇନ୍‌ର କିଛିଦୂରରେ ରବିବାର ସକାଳ ପ୍ରାୟ ୭ଟା ସମୟରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ଅମୃତ ମହାକୁଡ(୪୨)। ଏହି ଘଟଣାରେ ପୋଲିସ ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ ଜିଲା ମୂଳନିବାସୀ ତଥା ବର୍ତ୍ତମାନ ଏସ୍‌ଟିଆଇ ଗଜପତିପାଲିରେ ରହୁଥିବା ବିକାଶ ଗୋଛାୟତ(୨୪)। ହତ୍ୟାରେ ବ୍ୟବହୃତ ଛୁରି ତାଙ୍କଠାରୁ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୨୭/୨୫) ରୁଜୁ କରି ଅପରାହ୍ନ ୨ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ବୋଲି ଏସ୍‌ଡିପିଓ ଅମିତ ମହାନ୍ତି ରଘୁନାଥପାଲି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।

ଏସ୍‌ଡିପିଓ ମହାନ୍ତି କହିଥିଲେ, ଅମୃତ ଚାନ୍ଦିପୋଷ ଥାନା ମହୁପଦା ଅଞ୍ଚଳର ବାସିନ୍ଦା। ସେ ପ୍ରାୟ ମାସେ ତଳେ ରାଉରକେଲା ଆସି ସିଭିଲଟାଉନଶିପ୍ ଯୋଡା ପାଣିଟାଙ୍କିରେ କାମ କରୁଥିଲେ। ଏହି ସମୟରେ ବିକାଶଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ରବିବାର ସକାଳେ କୌଣସି କଥାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିକାଶ ଘରୁ ଏକ ଧାରୁଆ ଛୁରି ଆଣି ଅମୃତଙ୍କ ଗଳାକୁ କାଟିଦେଇଥିଲେ।

## ପୋଷ୍ଟ ମାଷ୍ଟରଙ୍କ ହାତଗୋଡ଼ ବାନ୍ଧି ଲୁଟ୍

ସୋର, ୧୩।୪(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅନନ୍ତପୁର ପାଣ୍ଡି ଅଧୀନ ଟେଣ୍ଟେଇ ଗ୍ରାମରେ ଶନିବାର ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଉକ୍ତ ଗ୍ରାମର ପୋଷ୍ଟ ମାଷ୍ଟର ବଟକୃଷ୍ଣ ମଲିକ ଓ ତାଙ୍କ ସ୍ତ୍ରୀଙ୍କ ହାତଗୋଡ଼ ବାନ୍ଧି ଝିଅ ବାହାଘର ପାଇଁ ରଖିଥିବା ନଗଦ ୫ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଖବରପାଇ ସୋର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପରିବାର ଲୋକେ ଶୋଇଥିବା ବେଳେ ରାତି ପ୍ରାୟ ୨ଟା ସମୟରେ ୪ ଜଣ ଦୁର୍ବୃତ୍ତ ଘର ପଛ କବାଟ ଭାଙ୍ଗି ଭିତରେ ପଶିଥିଲେ। ବଟକୃଷ୍ଣ ଓ ସ୍ତ୍ରୀ ସୁରତିଙ୍କ ହାତଗୋଡ଼ ବାନ୍ଧି ଭୁଜାଲି ଦେଖାଇ ଭୟଭୀତ କରାଇଥିଲେ। ଏହି ସମୟରେ ବଟକୃଷ୍ଣଙ୍କ ଝିଅ ସୁନନ୍ଦା ଫୋନ୍ କରିବାରୁ ତାଙ୍କ ବେକରେ ଭୁଜାଲି ଲଗାଇ ଗଡ୍‌ରେଜ୍ ଚାବି ନେଇ ସେମାନେ ନଗଦ ୫ ଲକ୍ଷ ଟଙ୍କା, ଏକ ସୁନାହାର, ୨ ହଳ କାନଫୁଲ ଓ ଏକ ସୁନାଚେନ୍ ଲୁଟି ନେଇ ପଳାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନ ଦେଖିଲା ପୁଏ ଦେଖ**
**କଇଁଛ କାଢ଼ିଛି ବେକ ।**

ହାତରେ ଧନ ଓ କ୍ଷମତା ମିଳିଗଲେ ଲୋକେ ଧରାକୁ ସରା ମନେକରିଥାନ୍ତି। ନିଜର ପଦମର୍ଯ୍ୟାଦା ତଥା ଐଶ୍ୱର୍ଯ୍ୟକୁ ଆଳ କରି ସେମାନଙ୍କଠାରେ ଆତ୍ମବଡ଼ିମା ପ୍ରକାଶ ପାଇଥାଏ। ଏହିପରି ନୂଆ କ୍ଷମତାଧାରୀ ଓ ଧନଶାଳୀ ବ୍ୟକ୍ତିଙ୍କ ମତ୍ତଗର୍ବକୁ ଇଙ୍ଗିତ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନଈକେ ବାଙ୍କ,**
**ଦେଶକେ ଫାଙ୍କ।**

ଦେଶର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳଣି ପ୍ରଭୃତି ରହିଥିବାର ଦେଖିବାକୁ ମିଳିଥାଏ। ଯେଉଁଠି ଯେପରି ଚଳଣି ଥାଏ, ସେଠି ବାହାରୁ ଆସିଥିବା ବ୍ୟକ୍ତିଙ୍କୁ ସେଥିରେ ଅଭ୍ୟସ୍ତ ହେବାକୁ ହିଁ ପଡ଼ିଥାଏ। ଚଳଣିକୁ ବଦଳାଇ ଦେଇ ହେବ ନାହିଁ ଏବଂ ସ୍ଥାନ ଅନୁସାରେ ଏହାର ସୃଷ୍ଟି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଆକ୍ରମଣ

### ୨ ଗୋଷ୍ଠୀ ମଧ୍ୟରେ ବଚସା, ଠେଙ୍ଗାମାଡ଼

ଯାଜପୁର/ କାଏମା, ୧୩।୪
(ହର୍ଷବର୍ଦ୍ଧନ ବେହେରା/ ଶିବ ପ୍ରସାଦ ମହାନ୍ତି)



ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୁଣି ରାଜନୈତିକ ହିଂସା ଦେଖିବାକୁ ମିଳିଛି। ଆରୁହା ଆଞ୍ଚଳିକ ହିଙ୍ଗୁଳା କମିଟି ପକ୍ଷରୁ ଆୟୋଜିତ ହିଙ୍ଗୁଳା ଯଜ୍ଞରେ ଯୋଗଦେବାକୁ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ରବିବାର ଅପରାହ୍ନ ପ୍ରାୟ ୧ଟା ସମୟରେ ନିଜ କାର୍‌ରେ ଯାଉଥିଲେ। ଏହି ସମୟରେ ତାଙ୍କୁ ୩୦ରୁ ଊର୍ଦ୍ଧ୍ୱ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ତାଙ୍କୁ ମାରି ଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଭାଜପା ପକ୍ଷରୁ ବି ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

ଏନେଇ ପ୍ରଣବ କହିଛନ୍ତି, ସେ ଆରୁହା ଗ୍ରାମକୁ ଯିବା ପୂର୍ବରୁ ଏସ୍‌ପିଙ୍କୁ ଜଣାଇଥିଲେ। ହେଲେ ପୋଲିସ ଉପସ୍ଥିତିରେ ତାଙ୍କୁ ଆକ୍ରମଣ ଉଦ୍ୟମ ହୋଇଥିଲା। ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ବୋଲେରୋରେ ଆସି ଗୁଣ୍ଡାଶ୍ରେଣୀର କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ପ୍ରଣବ କହିଛନ୍ତି। ଏହି ଅଭିଯୋଗକୁ ବିଧାୟକ ସାହୁ ଖଣ୍ଡନ କରିବା ସହ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରସ୍ପରକୁ ଠେଙ୍ଗାବାଡ଼ିରେ ଆକ୍ରମଣ କରିଥିଲେ। ଏହି ଘଟଣାକୁ ସେ ନିନ୍ଦା କରୁଛନ୍ତି ବୋଲି କହିଛନ୍ତି। ଏଥିରେ କୌଣସି ଭାଜପା କର୍ମୀଙ୍କ ହାତ ନାହିଁ। ଏଥିରେ ସଂପୃକ୍ତ ଦୋଷୀମାନେ ନିଶ୍ଚିତ ଦଣ୍ଡ ପାଇବେ ବୋଲି ବିଧାୟକ ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ଆରୁହା ଆଞ୍ଚଳିକ ହିଙ୍ଗୁଳା ଯଜ୍ଞ କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ପୂର୍ବତନ ବିଧାୟକ ପ୍ରଣବ ଯୋଗଦେବାକୁ ଯାଉଥିଲେ। ହିଙ୍ଗୁଳା ଗ୍ରାମର ପ୍ରବେଶ ପଥରେ କେତେଜଣ ଯୁବକ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ଏହାକୁ ପ୍ରଣବଙ୍କ ସମର୍ଥକମାନେ ବିରୋଧ କରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ଏବଂ ଠେଙ୍ଗାବାଡ଼ିରେ ମାରପିଟ ହୋଇଥିଲା। ଖବର ପାଇ ଜେନାପୁର ଥାନା ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିଲେ। କିଛି ସମୟ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାପରେ ଗ୍ରାମବାସୀ ପ୍ରଣବଙ୍କୁ ଯଜ୍ଞସ୍ଥଳକୁ ପାଛୋଟି ନେଇଥିଲେ।

ସୂଚନାଯୋଗ୍ୟ, ୧୭।୧୦।୨୦୨୪ରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପ୍ରଥମେ ରାଜନୈତିକ ଆକ୍ରୋଶ ଦେଖା ଦେଇଥିଲା। ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ପ୍ରଣବ ଜେନାପୁର ଥାନା ଅନ୍ତର୍ଗତ ୧୨ନଂ. ଜୋନ୍ କୁରିକଣା ଗ୍ରାମକୁ ଲକ୍ଷ୍ମୀପୂଜା ନିମନ୍ତ୍ରଣ ପାଇ ସେଠାକୁ ଯାଇଥିଲେ। ସେଠାରୁ ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ଫେରୁଥିବା ବେଳେ କୁରିକଣା ଛକ ନିକଟରେ ତାଙ୍କ ଗାଡ଼ି ଉପରକୁ କେତେଜଣ ଯୁବକ ଅଣ୍ଡା ମାଡ଼ କରିଥିଲେ। ଏହାସହ ପୂର୍ବତନ ବିଧାୟକ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା।

## ବନ୍ଦ ଘରୁ କନଷ୍ଟେବଲ୍‌ଙ୍କ ମୃତଦେହ ଜବତ

ଅସ୍ତରଙ୍ଗ, ୧୩।୪ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନାରେ କାର୍ଯ୍ୟରତ କନଷ୍ଟେବଲ୍ ତଥା ଗାଡ଼ିଚାଳକ ସନ୍ତୋଷ କୁମାର ସେଠୀଙ୍କ ମୃତଦେହ ରବିବାର ସକାଳୁ ରାଇକଣାସ୍ଥିତ ନିଜ ବାସଭବନରୁ ପୋଲିସ ଜବତ କରିଛି। ସେ ଥାନାରେ ୬ମାସ ହେବ କାର୍ଯ୍ୟରତ ଥିଲେ। ଏନେଇ ପୋଲିସ୍ ଏକ ଅପମୃତ୍ୟୁ ମାମଲା ୫/୨୫ରେ ରୁଜୁ କରି ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ନିମାପଡ଼ା ଉପଖଣ୍ଡ ଅଧିକାରୀ ପାଢ଼ୀ ସୂଚନା ଦେଇଛନ୍ତି।

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
Email Address : cemech.eicwr.od@gmail.com
No.A-36
**e-Procurement Notice**
**Bid Identification No. - CEM/MDS-01/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDS - 01/2025-26
5. Estimated Cost : Rs. 51,38,087.00
6. Period of Completion : 03 (Three) calendar months
7. Date & time of availability of bid documents in the Portal : From dt. 16.04.2025 (10.00 A.M.) to dt. 29.04.2025 (5.30 P.M.)
8. Last date / time for receipt of bid in the portal : Dt. 29.04.2025 (up to 5.30 P.M.)
9. Date and Place of opening of Technical Bid : Dt.30.04.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/O - Engineer-In-Chief, Secha Sadan, Bhubaneswar
OIPR-32520/11/0034/2526

**DEPUTY DIRECTOR**
**NANDANKANAN ZOOLOGICAL PARK**
P.O.:BARANG, DIST-KHURDA,PIN-754005, PHONE (M) 9437022023
Email: deputydirector.kanan@gmail.com
NANDANKANAN Web: www.nandankanan.org
**Tender Notice No.69/PMU/NKZP/2024-25 Dated:11.04.2025**
**E-TENDER NOTICE**
**FOR OPERATION AND MAINTENANCE OF BOATINQ FACILITY OVER BOATING ZONE- A OF KANJIA LAKE AT NANDANKANAN ZOOLOGICAL PARK**

**No.MM-07:**Deputy Director, Nandankanan Zoological Park invites sealed tenders online from interested persons/ firms/ entrepreneurs for operation and maintenance of Boating Facility over Zone A of Kanjia lake of Nandankanan Zoological Park. The detailed tender document can be downloaded - and apply online through Odisha e-procurement website: www. tendersodisha.gov.in from 11.04.2025 of 2.00 PM to 5.00 PM of 28.04.2025. The detailed tender document can also be downloaded from the website of Nandankanan Zoological Park: www.nandankanan.org. The last date of receipt of technical and financial bids is till 5.00 PM of 28.04.2025. The technical bids shall be opened on 29.04.2025 at 11.00 AM. Please refer the tender documents for further details. Nandankanan Zoological Park reserves the right to cancel this Invitation and / or invite fresh Bid with or without amendments to this invitation without liability or any obligation for such invitation and without assigning any reason. NKZP reserves the right to accept or reject any or all proposals without assigning any reason whatsoever.

OIPR-08070/11/0065/2526
Sd./- Deputy Director, Nandankanan Zoological Park

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION**
Ph.No.06724-220038, E-mail-eejspurirr@gmail.com
**"e" Procurement Notice No.JID-01 of 2025-26**

**No.A-39:**1. Total No. of Works: 65 (Sixty Five) Nos. 2. Tender Amount (Approx.): Rs. 5.24 Lakh to Rs.83.65 Lakh. 3. Tender Paper Cost: Rs.4,000/-, Rs.6,000/- & Rs.10,000/- (On-line payment) (Non-Refundable). 4. Class of Contractor: "D", "C" & "B" Class Contractor. 5. Other details are as follows.

| Procurement Officer | Bid Identification No. | Availability of Tender | | Last date & time for seeking tender clarification in e-Procurement portal. | Place of opening of Tender O/o the Superintending Engineer, Jagatsinghpur Irrigation Division, Jagatsinghpur | | |
|---|---|---|---|---|---|---|---|
| | | From | To | | Technical Bid (Cover-I) | Financial Bid (Cover-II) | Date and time of lottery if required |
| Superintending Engineer, Jagatsinghpur Irr. Division, Jagatsinghpur | JID-01/ 2025-26 | 16.04.2025 at 10.00 Hours | 29.04.2025 at 17.30 Hours | 25.04.2025 Upto 1.00 PM during office hours | 30.04.2025 at 11.00 Hours | Will be intimated while uploading the Technical Evaluation Summary | Will be intimated while uploading the Financial Bid Opening Summary |

Further details can be seen from the Govt. website "https://tendersodisha.gov.in"
All corrigendum/ cancellation of tender if any, will only be uploaded in the above website.

Sd./- Superintending Engineer,
Jagatsinghpur Irrigation Division, Jagatsinghpur
OIPR-32050/11/0003/2425

Email ID- eeliangul@gmail.com
**ODISHA LIFT IRRIGATION CORPORATION LIMITED**
( A Government of Odisha Undertaking)
**OFFICE OF THE EXECUTIVE ENGINEER, L.I.DIVISION, ANGUL**
**e-Tender Notice**
**Bid Identification No.E.E.,ANGUL (OLIC) 01/2025-26, Date 10.04.2025**

**No.CAD-103:**The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of **percentage rate** bids in online mode only for the work "installation and energisation of following L.I. Projects under **Athamallik, Banarpal, Chhendipada, Kishorenagar and Pallahara** blocks in Angul district on turn-key basis as detailed in the table below. The Bid should be submitted by bidder holding CIVIL Contractors Licence with HT Licence. The H.T. Electrical Licence should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. In case the contractor has either only HT Licence or Civil Licence, then he may go for a joint venture with the other one. The scanned copy of the joint venture agreement should be uploaded along with the bid, any deviations found will be summarily rejected. The bids should be submitted online on the website: **www.tendersodisha.gov.in.**

**1. Name of Works : Installation & energisation of River Lift Projects with supply of all materials on Turnkey basis.**
**2. Total Nos. of Packages : 15 Nos**
**3. Approximate Estimated Cost : Rs. 23.070 Lakh to Rs. 50.215 Lakh**
**4. Class of Contractor : "C" & "B" valid civil Class with H.T. valid License.**
**5. Period of completion : 90 Days from the date of issue of work order.**
**6. Other details as follows.**

| Procurement Officer | Bid Identification No. | Availability of tender On-line for bidding | | Last date & time of seek-ing ten der clarification | Date & Time of Opening of tender in the office of the Executive Engineer, L.I.Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Angul | 01/2025-26 | 16.04.2025 10.00 A.M. | 29.04.2025 Upto 5.00 PM | 25.04.2025 | 30.04.2025 11.00 AM |

• Details can be seen from the Website www.tendersorissa.gov.in
• Any Corrigendum/ Addendum will be displayed in the above website only.

OIPR-32547/11/0001/2526
Sd./- (Er. Debaraj Sethi), Executive Engineer, L.I. Division, Angul

# ବିଜ୍ଞାନର ଉନ୍ନତିରେ ଜର୍ମାନୀ ବୈଜ୍ଞାନିକଙ୍କ ଭୂମିକା



ପ୍ର. ଡ. ହାର୍ଟମୁର୍ଟ ଜାବେଲ୍

''ଜର୍ମାନ ଗବେଷକ ନିକୋଲାସ୍ କୋପରନିକସ୍ (୧୪୭୩-୧୫୪୩) ସ୍ପଷ୍ଟ ଭାବେ କହିଲେ, 'ସୌରଜଗତର କେନ୍ଦ୍ରରେ ସୂର୍ଯ୍ୟ ରହିଛି ଓ ପୃଥିବୀ ପ୍ରଭୃତି ଗ୍ରହମାନେ ସୂର୍ଯ୍ୟକୁ ପ୍ରଦକ୍ଷିଣ କରୁଛନ୍ତି। ଏଇ ସୌରକୈନ୍ଦ୍ରିକ ସିଦ୍ଧାନ୍ତ ଆଧୁନିକ ଜ୍ୟୋତିର୍ବିଜ୍ଞାନର ମୂଳଦୁଆ ପକାଇଛି। ଜ୍ୟୋତିର୍ବିଜ୍ଞାନରେ ବିପ୍ଳବ ସମ୍ଭବ ହୋଇଛି ଏଇ ତତ୍ତ୍ୱ ପାଇଁ। ସୌରକୈନ୍ଦ୍ରିକ ସିଦ୍ଧାନ୍ତର ମହତ୍ତ୍ୱପୂର୍ଣ୍ଣ ଗାଣିତିକ ତତ୍ତ୍ୱ ପ୍ରଦାନ କରିଛନ୍ତି ଆଉ ଜଣେ ଜର୍ମାନ ବୈଜ୍ଞାନୀ ଜୋହାନ୍ସ କେପଲର୍ (୧୫୭୧-୧୬୩୦), ଯିଏ ଗ୍ରହମାନଙ୍କ ଗତି ନିରୂପଣ ପାଇଁ ତିନୋଟି ନିୟମ ନିଗମନ କରିଛନ୍ତି।''



ମାର୍ଟିନ୍ ଲୁଥର



ନିକୋଲାସ୍ କୋପରନିକସ




ମଧ୍ୟଯୁଗୀୟ ୟୁରୋପରେ ନିରୀକ୍ଷଣ, ପରୀକ୍ଷଣ ଓ ଗହନ ଗଣିତର ପରମ୍ପରା ନଥିଲା। ପଠନ ଓ ଅନୁଶୀଳନ ବୈଜ୍ଞାନିକ ଗତିବିଧିର ମାନଦଣ୍ଡ ଥିଲା। ପଣ୍ଡିତମାନେ ମୁଖ୍ୟତଃ ଦାର୍ଶନିକ ପୁସ୍ତକ ବା ଧର୍ମଗ୍ରନ୍ଥ ପଢ଼ାପଢ଼ି ଓ ତର୍ଜମା କରୁଥିଲେ ଏବଂ ବିଜ୍ଞାନର ଯାତ୍ରା ଏଇ ମାଧ୍ୟମ ଦେଇ ଯାହାକିଛି ଚାଲୁଥିଲା। ଆରିଷ୍ଟଟଲ୍‌ଙ୍କ ଲେଖା ଓ କଥା ତଥା ଖ୍ରୀଷ୍ଟିଆନ୍‌ମାନଙ୍କ ଧର୍ମଗ୍ରନ୍ଥ ବାଇବେଲ୍‌କୁ ଆଧାର କରି ବୈଜ୍ଞାନିକ ଗତିବିଧି ଚାଲୁଥିଲା।

ପଞ୍ଚଦଶ ଶତାବ୍ଦୀ ବେଳକୁ ବିଜ୍ଞାନର ଅବଧାରଣା ପ୍ରାୟତଃ ଏହିପରି ଥିଲା। ଜ୍ୟୋତିର୍ବିଜ୍ଞାନ, ବିଜ୍ଞାନର ସର୍ବପ୍ରାଚୀନ ଓ ସର୍ବଜନାଦୃତ ବିଷୟ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ସୌର ପରିବାର ଜ୍ୟୋତିର୍ବିଜ୍ଞାନର ଏକ ମୌଳିକ ଓ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ପୃଥିବୀକୁ ବ୍ରହ୍ମାଣ୍ଡର କେନ୍ଦ୍ର ଭାବେ ଗ୍ରହଣ କରି ଗଣନା ଓ ତାତ୍ତ୍ୱିକ ତର୍ଜମା ସର୍ବମାନ୍ୟ ଥିଲା। ସମ୍ପ୍ରତି ଇଜିପ୍ଟର ଏଲ୍ ମାନସେ(ଟଲେମାଇସ୍ ହରମିଅସ୍) ତତ୍କାଳୀନ ରୋମାନ ସାମ୍ରାଜ୍ୟର ଗୋଟିଏ ସହର ଥିଲା ଓ ଏଇଠାରେ ଜନ୍ମଗ୍ରହଣ କରିଥିବା କ୍ଲାଉଡିଅସ୍ ଟଲେମୀ ଭୂ-କୈନ୍ଦ୍ରିକ ବ୍ରହ୍ମାଣ୍ଡ ସିଦ୍ଧାନ୍ତକୁ ତାତ୍ତ୍ୱିକ ରୂପ ଦେଇଥିଲେ ଓ ଏହା ବହୁ ଶତାବ୍ଦୀ ଧରି ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ବାଇଜାଣ୍ଟାଇନ୍, ୟୁରୋପୀୟ ଓ ମୁସଲମାନ ଜ୍ୟୋତିର୍ବିଜ୍ଞାନର ଆଧାରଶିଳା ଥିଲା।

ଜର୍ମାନୀ ପ୍ରଥମେ ଏଇ ପ୍ରାଚୀନ ପ୍ରମାଦକୁ ସଠିକ୍ ସ୍ୱରୂପ ପ୍ରଦାନ କଲା, ଯେତେବେଳେ ଜର୍ମାନ ଗବେଷକ ନିକୋଲାସ୍ କୋପରନିକସ୍ (୧୪୭୩–୧୫୪୩) ସ୍ପଷ୍ଟଭାବେ କହିଲେ, 'ସୌରଜଗତର କେନ୍ଦ୍ରରେ ସୂର୍ଯ୍ୟ ରହିଛି ଓ ପୃଥିବୀ ପ୍ରଭୃତି ଗ୍ରହମାନେ ସୂର୍ଯ୍ୟକୁ ପ୍ରଦକ୍ଷିଣ କରୁଛନ୍ତି। ଏଇ ସୌରକୈନ୍ଦ୍ରିକ ସିଦ୍ଧାନ୍ତ ଆଧୁନିକ ଜ୍ୟୋତିର୍ବିଜ୍ଞାନର ମୂଳଦୁଆ ପକାଇଛି। ଜ୍ୟୋତିର୍ବିଜ୍ଞାନରେ ବିପ୍ଳବ ସମ୍ଭବ ହୋଇଛି ଏଇ ତତ୍ତ୍ୱ ପାଇଁ। ସୌରକୈନ୍ଦ୍ରିକ ସିଦ୍ଧାନ୍ତର ମହତ୍ତ୍ୱପୂର୍ଣ୍ଣ ଗାଣିତିକ ତତ୍ତ୍ୱ ପ୍ରଦାନ କରିଛନ୍ତି ଆଉ ଜଣେ ଜର୍ମାନ ବୈଜ୍ଞାନିକ ଜୋହାନ୍ସ କେପଲର୍ (୧୫୭୧–୧୬୩୦), ଯିଏ ଗ୍ରହମାନଙ୍କ ଗତି ନିରୂପଣ ପାଇଁ ତିନୋଟି ନିୟମ ନିଗମନ କରିଛନ୍ତି। ଗ୍ରହୀୟ ଗତିର ସଠିକ୍ ଆକଳନ ଜ୍ୟୋତିର୍ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ଓ ପରବର୍ତ୍ତୀ ସମୟରେ ଫିରିଙ୍ଗୀ ବୈଜ୍ଞାନିକ ସାର୍ ଆଇଜାକ୍ ନ୍ୟୁଟନ୍‌ଙ୍କୁ ମାଧ୍ୟାକର୍ଷଣ ନିୟମ ନିଗମନ କରିବା ପାଇଁ ପ୍ରେରିତ କରିଛି।

ଏଇ ସମୟରେ ମାର୍ଟିନ୍ ଲୁଥର ଖ୍ରୀଷ୍ଟିଆନ୍ ଚର୍ଚ୍ଚରେ ସଂସ୍କାର ପାଇଁ ଯେଉଁ ଲଢ଼େଇ ଲଢ଼ିଥିଲେ, ତାହା ପ୍ରାୟ ୩୦ ବର୍ଷ ଧରି ଚାଲିଲା ଓ ଜର୍ମାନ ବିଜ୍ଞାନରେ ଶହେବର୍ଷ ପର୍ଯ୍ୟନ୍ତ ଯଥା ସ୍ଥିତି ଲାଗିରହିଲା। ତତ୍କାଳୀନ ସାମାଜିକ ଓ ସାଂସ୍କୃତିକ ଚାପ ଦୂର ହେବାବେଳକୁ ବାୟୁମଣ୍ଡଳର ଚାପ ଆବିଷ୍କାର କରି ଆଧୁନିକ ବିଜ୍ଞାନର ଏକ ମହତ୍ତ୍ୱପୂର୍ଣ୍ଣ ମାଇଲ୍ ଖୁଣ୍ଟି ସ୍ଥାପନ କଲେ ଜର୍ମାନ ବୈଜ୍ଞାନିକ ଅଟୋ ଭନ୍ ଗୁଏରିକେ (୧୬୦୨–୧୬୮୬)। ବ୍ରାଉନ୍‌ସ୍ୱେଗ୍ ସହରର ତତ୍କାଳୀନ ମେୟର ଓ କୁଶଳୀ ଗବେଷକ ଗୁଏରିକେ ପରୀକ୍ଷଣ ମାଧ୍ୟମରେ ପ୍ରଦର୍ଶନ କଲେ ବାୟୁଚାପର ତୀବ୍ରତା। ସେ ଗୋଟିଏ ପୋଲା ଗୋଲକକୁ ଭାକୁମ୍ ଚାମ୍ବର ଭାବେ ରୂପାୟିତ କରି ଦେଖାଇଲେ ଏହାର ଅପରିମିତ ବଳ ଓ କିପରି ଛଅଟି ଘୋଡ଼ାର ବଳଠାରୁ ମଧ୍ୟ ଏଇ ପୋଲା ଗୋଲକରୂପୀ ଭାକୁମ୍ ଚାମ୍ବରର ବାୟୁଚାପ ଅଧିକ। ବାୟୁଚାପର ଆବିଷ୍କାର ଓ ତାତ୍ତ୍ୱିକ ଅବଧାରଣା ଆଧୁନିକ ବିଜ୍ଞାନର ବିକାଶରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଦ୍ୟୁତ୍‌ର ତାତ୍ତ୍ୱିକ ଅବଧାରଣାକୁ ବୁଝିବା ପାଇଁ ଗୋଟିଙ୍ଗେନ୍‌ର ଜର୍ମାନ ପ୍ରାଧ୍ୟାପକ ଜର୍ଜ ଖ୍ରୀଷ୍ଟୋଫ୍‌ର ଲିଷ୍ଟେନ୍‌ବର୍ଗ (୧୭୪୨–୧୭୯୯)ଙ୍କ ଗଛର ଶାଖା ପରି ବୈଦ୍ୟୁତିକ ବିସର୍ଜନ (ଡିସ୍‌ଚାର୍ଜ) ପ୍ରକ୍ରିୟାକୁ ଗବେଷଣାଗାରରେ ଆବିଷ୍କାର କରିବା ଓ ଜର୍ଜ ସାଇମନ୍ ଓମ୍ (୧୭୮୯–୧୮୫୪)ଙ୍କ ବିଦ୍ୟୁତ୍ ସୁପରିବାହୀରେ ବୈଦ୍ୟୁତିକ ବିଭବ ଓ ବିଦ୍ୟୁତ୍ ସ୍ରୋତ ମଧ୍ୟରେ ସରଳରୈଖିକ ସମ୍ପର୍କ ଅନାବରଣ ପୂର୍ବକ ବୈଦ୍ୟୁତିକ ପ୍ରତିରୋଧର ଗାଣିତିକ ସ୍ୱରୂପ ଆବିଷ୍କାର କରିବା ଐତିହାସିକ ଗୁରୁତ୍ୱ ବହନ କରେ। ଆମେ ଏବେ ବି ବୈଦ୍ୟୁତିକ ପ୍ରତିରୋଧର ଏକକକୁ ଓମ୍ କହୁ। ଜର୍ମାନ୍ ଇଞ୍ଜିନିୟର୍ ଗୋଟ୍‌ହିଲଫ ହାଗେନ୍ (୧୭୯୭–୧୮୬୯) ନଳୀ ଦେଇ ଗତି କଲାବେଳେ ତରଳ ପଦାର୍ଥର ଚାପ ଅନ୍ତର ଓ ତରଳର ଗତି ମଧ୍ୟରେ ସରଳରୈଖିକ ସମ୍ପର୍କ ପ୍ରଦର୍ଶନ କରିଥିଲେ ଓ ତରଳ ପଦାର୍ଥରେ ପ୍ରତିରୋଧର ଗାଣିତିକ ସ୍ୱରୂପ ଜଣାପଡ଼ିଥିଲା।

ଜର୍ମାନ୍ ଗବେଷକ ଗୁସ୍ତାଭ ରବର୍ଟ କିରକଫ୍ (୧୮୨୪–୧୮୮୭) ପାରମ୍ପରିକ ବୈଦ୍ୟୁତିକ ବିଜ୍ଞାନର ବିକାଶ ପାଇଁ ଯେଉଁ 'ଲୁପ୍ ନିୟମ' ଆବିଷ୍କାର କରିଥିଲେ, ତାହା 'କିରକଫ୍ ଲୁପ୍ ନିୟମ' ଭାବେ ପ୍ରସିଦ୍ଧ। ଶୃଙ୍ଖଳା ଓ ସମାନ୍ତରାଳ ବୈଦ୍ୟୁତିକ ପରିପଥରେ ବିଦ୍ୟୁତ୍ ପ୍ରବାହ ବୁଝିବା ପାଇଁ ଏଇ ନିୟମ ବ୍ୟବହୃତ ହୁଏ। ଉତ୍ତପ୍ତ ବସ୍ତୁରୁ ନିର୍ଗତ ଦୃଶ୍ୟମାନ ଓ ଅଦୃଶ୍ୟ ବିକିରଣର ପରିମାଣ ବସ୍ତୁର ତାପମାତ୍ରା ଉପରେ ନିର୍ଭରଶୀଳ ବୋଲି କିରକଫ୍ ପ୍ରମାଣିତ କରିଥିଲେ, ଯାହା କ୍ୱାଣ୍ଟାମ୍ ବିଜ୍ଞାନର ଆଧାରଶିଳା ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଜର୍ମାନ୍ ବୈଜ୍ଞାନିକ ଯୋଶେଫ୍ ରିଟର ଭନ୍ ଫ୍ରାଉନହୋଫର (୧୭୮୭–୧୮୨୬) ଉଚ୍ଚ ପ୍ରତିସରଣ କ୍ଷମତାଯୁକ୍ତ ଲେନ୍ସ ଆବିଷ୍କାର କରି ମହାଜାଗତିକ ପିଣ୍ଡ ନିରୀକ୍ଷଣ ପାଇଁ ବ୍ୟବହୃତ ଦୂରବୀକ୍ଷଣ ଯନ୍ତ୍ରର ବିକାଶରେ ସହାୟତା କରିଥିଲେ। ଲେନ୍ସ ପରିସ୍କରଣ, ଆକ୍ରୋମାଟିକ ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ, ଉଚ୍ଚମାନର ଲେନ୍ସ ନିର୍ମାଣ ପାଇଁ ଫ୍ରାଉନହୋଫର ସର୍ବଦା ମନେରହିବେ। ବିଚ୍ଛୁରଣ କାଚ ବା ଡିଫ୍ରାକ୍ସନ ଗ୍ରେଟିଂ ଓ ସ୍ପେକ୍ଟ୍ରୋସ୍କୋପ୍ ଉଦ୍ଭାବନ କରିଥିଲେ ଫ୍ରାଉନ୍‌ହୋଫର। ସୂର୍ଯ୍ୟ ଓ ପୃଥିବୀର ବାୟୁମଣ୍ଡଳ ବିଷୟରେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲା ସୌରବର୍ଣ୍ଣାଳୀରେ ଅବଶୋଷଣ ରେଖାମାନଙ୍କ ଆବିଷ୍କାର, ଯାହା ଫ୍ରାଉନ୍‌ହୋଫରଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା ଓ ଫ୍ରାଉନ୍‌ହୋଫର ରେଖା ଭାବରେ ବିଖ୍ୟାତ। ଜର୍ମାନ୍ ବୈଜ୍ଞାନିକ ହେରମାନ୍ ଭନ୍ ହେଲମୋଲ୍‌ଜ (୧୮୨୧–୧୮୯୪) ଜଳଗତି ବିଜ୍ଞାନ, ତାପଗତି ବିଜ୍ଞାନ, ଆଲୋକ ବିଜ୍ଞାନକୁ ନୂଆ ଦିଗ ଓ ଦିଗନ୍ତ ପର୍ଯ୍ୟନ୍ତ ପ୍ରଦାନ କରିଥିଲେ ନିଜ ତାତ୍ତ୍ୱିକ ନିଷ୍କର୍ଷଗୁଡ଼ିକ ମାଧ୍ୟମରେ। ଆର୍.ଜି.ବି. କୋଡିଂ, କର୍ଟି ରୂପକ କାନର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଆବିଷ୍କାର ଓ ତାପଗତି ବିଜ୍ଞାନର ନିୟମ ନିଗମନ ପାଇଁ ହେଲ୍‌ମୋଲଜ୍ ସର୍ବଦା ମନେରହିବେ। ଜର୍ମାନ୍ ବୈଜ୍ଞାନିକ ହାଇନ୍‌ରିଚ୍ ହର୍ଜ୍ଜ (୧୮୫୭–୧୮୯୪) ମାକ୍ସୱେଲଙ୍କ ପ୍ରଦତ୍ତ ବିଦ୍ୟୁତ୍ ଚୁମ୍ବକୀୟ ତତ୍ତ୍ୱକୁ ଠିକ୍ ପ୍ରମାଣିତ କରିଥିଲେ ଗବେଷଣାଗାରରେ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ଠାବ କରି। ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ଆବୃତ୍ତି ବା ଫ୍ରିକ୍ୱେନ୍ସି ଆମେ ହର୍ଜ୍ଜ ଏକକରେ ମାପୁଛେ।

ବିଂଶ ଶତାବ୍ଦୀ ପୂର୍ବରୁ ଆଧୁନିକ ବିଜ୍ଞାନକୁ ଆଧାରଶିଳା ପ୍ରଦାନ କରିବା ଓ ନୂଆ ଦିଗ ଓ ଦିଗନ୍ତ ପ୍ରଦାନ କରିବାରେ ଜର୍ମାନ୍ ଜାତିର ଅବଦାନ ଅନସ୍ୱୀକାର୍ଯ୍ୟ। ବିଂଶ ଶତାବ୍ଦୀ ଓ ପରବର୍ତ୍ତୀ କାଳଖଣ୍ଡରେ ନୋବେଲ୍ ପୁରସ୍କାର ମୁଖ୍ୟତଃ ଶ୍ରେଷ୍ଠ ଗବେଷଣାର ମାନଦଣ୍ଡ ଭାବେ ବ୍ୟବହୃତ ହୁଏ। ପଦାର୍ଥ ବିଜ୍ଞାନରେ ପ୍ରଥମ ନୋବେଲ୍ ପୁରସ୍କାର ମିଳିଥିଲା ୱିଲେମ୍ କନ୍‌ରାଡ଼ ରଣ୍ଟେଜେନ୍‌ଙ୍କୁ। ସେ ରଞ୍ଜନ ରଶ୍ମି ବା ଏକ୍ସରେ ଆବିଷ୍କାର କରି ଆଧୁନିକ ବିଜ୍ଞାନକୁ ଦିବ୍ୟଚକ୍ଷୁ ପ୍ରଦାନ କରିଥିଲେ।

**– ପ୍ର. ଡ. ହାର୍ଟମୁର୍ଟ ଜାବେଲ୍**
**(ମୂଳଲେଖା)**
ରୁର୍ ବିଶ୍ୱବିଦ୍ୟାଳୟ, ବୋଖୁମ୍, ଜର୍ମାନୀ
**ଅନୁବାଦ–ଦୁର୍ଗାମାଧବ ମିଶ୍ର,**
ଆସିଷ୍ଟାଣ୍ଟ ପ୍ରଫେସର, ଆଇଆଇଟି, ଯୋଧପୁର, ରାଜସ୍ଥାନ
ମୋ: ୬୩୭୦୩୩୫୧୫୦

## ଅତ୍ୟଧିକ ଖାଦ୍ୟ ଓ ସ୍ମରଣ ଶକ୍ତି



**ମ**ନଲୋଭା ଖାଦ୍ୟ ଖାଇବାକୁ କିଏ ବା ଭଲ ନ ପାଏ? ହେଲେ ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହା ହୁଏତ ମନକୁ ସାମୟିକ ଶାନ୍ତି ଦେଇପାରେ, ହେଲେ ଏହାର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଆବଶ୍ୟକତାଠାରୁ ସବୁବେଳେ ଯଦି ଅଧିକ ଖାଦ୍ୟ ଖାଆନ୍ତି ତେବେ ତାହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଏଭଳି ଅଭ୍ୟାସ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ଏମାନଙ୍କ ମଧ୍ୟରୁ ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ଖାଇବାକୁ ଏକ ଅଭ୍ୟାସରେ ପରିଣତ କରିଦେଇଥିଲେ ସେମାନଙ୍କର ସ୍ମରଣ ଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଇପାରନ୍ତି। ସବୁବେଳେ ଆବଶ୍ୟକତାଠାରୁ ଅଧିକ ଖାଇଲେ ତାହାର ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ପେଟଜନିତ ସମସ୍ୟା ଦେଖାଯିବାର ମଧ୍ୟ ଆଶଙ୍କା ରହିଛି।

## ଶ୍ୱାସକ୍ରିୟା ସମସ୍ୟା ଦୂର କରେ ଭିଟାମିନ୍ 'ସି'



**ଭି**ଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। କେତେକ କାରଣରୁ ଅନେକ ଶ୍ୱାସକ୍ରିୟାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ହେଲେ, ଏମାନେ ଯଦି ନିୟମିତ ଭାବେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟକୁ ପ୍ରତିଦିନ ଖାଉଥିବା ଖାଦ୍ୟ ତାଲିକାରେ ସାମିଲ୍ କରିବେ, ତେବେ ଅନେକାଂଶରେ ଏଥିରୁ ରକ୍ଷା ପାଇପାରିବେ। ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏଭଳି କଥା ଏକ ସଦ୍ୟତମ ସର୍ଭେରୁ ଜାଣିପାରିଛନ୍ତି। ପରୀକ୍ଷାମୂଳକ ଭାବରେ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା କେତେକ ବ୍ୟକ୍ତିଙ୍କୁ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଶ୍ୱାସକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡ଼ିଥିଲା। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍-ସି ଭରି ରହିଛି।

## ଜାଣି ରଖନ୍ତୁ




- ଆବଶ୍ୟକତାଠାରୁ ଅଧିକ ପରିମାଣର ଲୁଣଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ଏହା ବ୍ଲଡ୍‌ପ୍ରେସର ଏବଂ ହାର୍ଟ ଆଟାକ୍ ପରି ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣିଥାଏ।
- ନିଜ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ପ୍ରତିଦିନ ରାତିରେ ୭–୮ ଘଣ୍ଟା ଆରାମରେ ଶୁଅନ୍ତୁ। ନିଦ ଯଦି ଭଲ ହେଲା ତେବେ ତାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।
- ସକାଳର କଅଁଳ କିରଣ ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ତେଣୁ ପ୍ରତିଦିନ କିଛି ସମୟ ଏଭଳି କିରଣରେ ଠିଆ ହୁଅନ୍ତୁ। ଏହାଦ୍ୱାରା ଅସ୍ଥି ମଜଭୁତ ହୋଇଥାଏ।
- ଖାଦ୍ୟ ଖାଇବା ସମୟରେ ତରବର ନ ହୋଇ ଧୀରେ ଧୀରେ ଚୋବାଇ ଖାଆନ୍ତୁ। ଫଳରେ ଖାଦ୍ୟ ସହଜରେ ହଜମ ହୋଇଥାଏ ଏବଂ ପାଚନ ଶକ୍ତି ଦୃଢ଼ ହୋଇଥାଏ।
- ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ ରଖନ୍ତୁ। ତା'ସହ ନିକଟସ୍ଥ ଡାକ୍ତର ଏବଂ ପାଖ ହସ୍ପିଟାଲ୍‌ର ନମ୍ବର ରଖିବାକୁ ଭୁଲନ୍ତୁ ନାହିଁ। ଦରକାର ସମୟରେ ଏହା ନିହାତି ଆପଣଙ୍କର କାମରେ ଆସିବ।

## ଆଣ୍ଠୁଗଣ୍ଠି ସମସ୍ୟାରୁ ଉପଶମ ଦିଏ ଅଙ୍ଗୁର



**ଆ**ଜିକାଲି ଆଣ୍ଠୁଗଣ୍ଠି ସମସ୍ୟା ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଭୁଲ ହେବ ନାହିଁ। ବିଶେଷଭାବରେ ବୟସ ବଢ଼ିଲେ ଏହି ସମସ୍ୟା ଦେଖାଦେଇଥାଏ। ହେଲେ ଏବେ ଅସନ୍ତୁଳିତ ଜୀବନଶୈଳୀ ପାଇଁ ଯୁବପିଢ଼ି ମଧ୍ୟ ଏହାର ସମ୍ମୁଖୀନ ହେଉଛନ୍ତି। ତେବେ ଏଭଳି ସମସ୍ୟା ଦେଖାଯିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ନିୟମିତ ଅଙ୍ଗୁର ଖାଇଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ଏଭଳି ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ କିଛି ଅଙ୍ଗୁର ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଏହାସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ଆଣ୍ଠୁଗଣ୍ଠି ସମସ୍ୟାର କ'ଣ ଉନ୍ନତି ଘଟୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଏହାଦ୍ୱାରା ଆଣ୍ଠୁଗଣ୍ଠି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି। କେବଳ ସେତିକି ନୁହେଁ, ଅଙ୍ଗୁରରେ ଭିଟାମିନ୍-ସି ଭରି ରହିଛି।

## କାର୍ଯ୍ୟଦକ୍ଷତା ବୃଦ୍ଧି କରେ ମନ ପସନ୍ଦର ସଙ୍ଗୀତ



**ଯ**ଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ସଙ୍ଗୀତ ଶୁଣନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇପାରେ। ଏପରି ଆକଳନ କରିଛନ୍ତି ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ। ଏକ ସର୍ଭେରୁ ସେମାନେ ଏପରି ତଥ୍ୟ ଜାଣିବାକୁ ପାଇଛନ୍ତି। ପ୍ରତିଦିନ କିଛି ସମୟ ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନଯାପନ କରିବାକୁ କୁହାଯାଇଥିବା ବେଳେ ଅନ୍ୟ ଗ୍ରୁପ୍ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ମନ ପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। କିଛି ସପ୍ତାହ ପରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ କିଛି ଗୀତ ଶୁଣୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଛି ଜଣଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଥିଲେ।

## ସ୍ୱାସ୍ଥ୍ୟ ସୂଚନା

➤ସାଧାରଣତଃ ବୟସ ୪୦ ଟପିଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ସମୟରେ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➤ପ୍ରତିଦିନ ସକାଳ ଜଳଖିଆରେ ଗୋଟେ କିମ୍ବା ଦୁଇଟି ଟମାଟୋ ଖାଇଲେ ତାହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଏହା ଶରୀରରେ ଚର୍ବି ପରିମାଣ କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ।



➤ସବୁବେଳେ ମନକୁ ଟେନ୍‌ସନ ଏବଂ ଅବସାଦଠାରୁ ଦୂରେଇ ରଖନ୍ତୁ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ସୁରୁଖୁରୁରେ ଚାଲିଥାଏ।

➤କେତେକ ତରବର ହୋଇ ଦାନ୍ତ ଘଷିଥାଆନ୍ତି। ହେଲେ ଦାନ୍ତ ଘଷିବାର ଅବଧି ଅତିକମ୍‌ରେ ୨–୩ ମିନିଟ୍ ହେଲେ ଭଲ। ସବୁଦିନେ ସକାଳ ବ୍ୟତୀତ ରାତ୍ର ଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।

➤ଜଣେ ବ୍ୟକ୍ତି ଯଦି କିଛି ବି ରୋଗରେ ଆକ୍ରାନ୍ତ ହୋଇଥାନ୍ତି, ତେବେ ତାଙ୍କ ପାଖରେ ସେ ରୋଗ ବିଷୟରେ ଆଲୋଚନା କରନ୍ତୁ ନାହିଁ। ଏହାର ନକାରାତ୍ମକ ପ୍ରଭାବ ତାଙ୍କ ମାନସିକତାକୁ ପ୍ରଭାବିତ କରିଥାଏ।

➤ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବା ସହ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ୍ କରନ୍ତୁ।

## ସକାରାତ୍ମକ ରହିବ ମାନସିକତା

**ନି**ଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କିଛି ବ୍ୟକ୍ତି ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। କେବଳ ସେତିକି ନୁହେଁ, ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ଏହାର ଏକ ସରଳ ଉପାୟ ସମ୍ପର୍କରେ ମଧ୍ୟ ସୂଚିତ କରାଯାଇଛି। 'ସକାରାତ୍ମକ ମାନସିକତା ଏବଂ କଥାବାର୍ତ୍ତା' ଶୀର୍ଷକ ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିଜର କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ପରିଶେଷରେ ଜଣାପଡ଼ିଥିଲା ଯେ ଏହାଦ୍ୱାରା ସେମାନଙ୍କ ମାନସିକତା କେତେକାଂଶରେ ସକାରାତ୍ମକ ରହୁଥିଲା। ହେଲେ ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା ସମୟରେ ଯଦି ଜଣେ ନମ୍ରତା ସହ କଥା ହୁଅନ୍ତି, ତେବେ ତାଙ୍କର ମାନସିକତା ଆହୁରି ସକାରାତ୍ମକ ରହିଥାଏ ବୋଲି ରିପୋର୍ଟରେ ଦର୍ଶାଯାଇଛି।



## ସଂକ୍ଷେପରେ

### ବେଙ୍କମୁରାରେ ନାମଯଜ୍ଞ ସମାପନ

ଝାରସୁଗୁଡ଼ା,୧୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ପଣ୍ଡରି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବେଙ୍କମୁରାର ନାମଯଜ୍ଞ ଶନିବାର ସମାପନ ହୋଇଯାଇଛି। ହରେ କୃଷ୍ଣ ହରେ ରାମ ମହାମନ୍ତ୍ରରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ସମାପନ ହୋଇଯାଇଛି। ନାମଯଜ୍ଞରେ ଭଗବାନ ପଧାନ ଓ ସୁଜାତା ପଧାନ ଯଜ୍ଞକର୍ତା ଦାୟିତ୍ୱ ତୁଲାଇଥିବା ବେଳେ ଗୋବିନ୍ଦ ଛତ୍ରିଆ, କ୍ଷୀରୋଦ ପଧାନ, ରାଜେନ୍ଦ୍ର ଭୋଇ, ଭବାନୀ ଶଙ୍କର ପଧାନ, ଆଦିତ୍ୟ ପଧାନ, ଅନିଲ ପୋଢ଼ ପ୍ରମୁଖ ଶଡ ବୈଷ୍ଣବ ଦାୟିତ୍ୱ ତୁଲାଇଥିଲେ। ଯଜ୍ଞକାର୍ଯ୍ୟ ସନାତନ ଶତପଥୀ ତୁଲାଇଥିବା ବେଳେ ଦେଉଳତୁଣ୍ଡା, ବ୍ରାହ୍ମଣୀପାଲି, ବଲଣ୍ଡା, ପଣ୍ଡରୀ, ଗାଦିକଟା, ଟାଙ୍ଗରପାଲି, ବିଶିପାଲି, ଝାରକଣ୍ଟା, ରେମଣ୍ଡା ପ୍ରମୁଖ ସଙ୍କୀର୍ତ୍ତନ ମଣ୍ଡଳୀ ନାମ ନେଇଥିଲେ। ଦଧିଭଞ୍ଜି ଭଞ୍ଜନ କାର୍ଯ୍ୟକ୍ରମ ବରିଷ୍ଠ ଗାୟକ ରଥାଙ୍ଗ ସାହୁ ଓ ସାଥି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖରୁ ବହୁ ଭକ୍ତ ସାମିଲ ହୋଇଥିବାବେଳେ ରାଧାରାଣୀ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଅଲେଖ ପଧାନ, ରଘୁନାଥ ପଧାନ, ମକରଧ୍ୱଜ ମଲ୍ଲିକ, ଭକ୍ତରାମ ପ୍ରଧାନ, ଦିନାନାଥ ପଧାନ, ସୁଶାନ୍ତ ଯୁରିଆ, ରୂପଧର ପ୍ରଧାନ, ରୋହିତ ପ୍ରଧାନ, ଭକ୍ତରାମ୍ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଶିଳ୍ପ ବହୁଳ ଜିଲାରେ ସ୍ଥାନୀୟ ଯୁବତୀଯୁବକଙ୍କୁ ମିଳୁନି ନିଯୁକ୍ତି

ଝାରସୁଗୁଡ଼ା,୧୩।୪(ଆଶିଷ ରଞ୍ଜନ ଦାଶ)

**ଦାଦନ ଖଟିବାକୁ ଯାଇ ଜୀବନ ହରାଉଛନ୍ତି**

ଝାରସୁଗୁଡ଼ା ହେଉଛି ରାଜ୍ୟର ଶିଳ୍ପ ବହୁଳ ଜିଲା। ଦେଶର ସର୍ବବୃହତ କମ୍ପାନୀଗୁଡ଼ିକ ଏଠାରେ ଦୀର୍ଘ ଦିନ ଧରି ଚାଲୁଛି। କିନ୍ତୁ ଦୀପ ତଳ ଅନ୍ଧାର ଭଳି ଜିଲାର ବେକାର ଯୁବତୀଯୁବକମାନଙ୍କୁ ଏଠାରେ ନିଯୁକ୍ତି ମିଳୁନାହିଁ। ଏବେବି, ବି ଟେକ ଡିପ୍ଲୋମା, ଇଞ୍ଜିନିୟରିଂ ଡିଗ୍ରୀ ଧାରୀ ପିଲାଙ୍କ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ମଧ ପାଠ ପଢିଥିବା ପିଲାଙ୍କୁ ମଧ ଏଠାରେ ନିଯୁକ୍ତି ସୁଯୋଗ ନ ଥିବା ବେଳେ ପଡୋଶୀ ରାଜ୍ୟର ପିଲାମାନଙ୍କୁ କମ ଶିକ୍ଷାଗତ ଯୋଗ୍ୟତାରେ ଚାକିରି ମିଳିବା ସହିତ ଝାରସୁଗୁଡା ଜିଲାର ପିଲାମାନଙ୍କଠାରୁ ତାଙ୍କ ଦରମା ଢେର ଅଧିକ। ଏପରିକି ବାହାର ରାଜ୍ୟର ଅଧିକାଂଶ ପିଲା ଜାଲ ସାର୍ଟିଫିକେଟରେ କାମ କରୁଥିବା ଅନେକ ସମୟରେ ନଜରକୁ ଆସିଛି। ଝାରସୁଗୁଡା ଜିଲାର ପିଲାମାନେ ଚାକିରି ନ ପାଇ ବାହାର ରାଜ୍ୟକୁ କାମ କରିବା ତଥା ଦାଦନ ଖଟିବାକୁ ଯିବାକୁ ପଡୁଛି। ସେଠାରେ ଅଳ୍ପ ଦରମା ସହିତ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ଶ୍ରମିକମାନେ ନିଜର ହାତ, ଗୋଡ଼ ସହିତ ଜୀବନ ହରାଉଛନ୍ତି। ଗତ ଚାରିମାସ ତଳେ ସଦର ବ୍ଲକ ଏଚ.କଣ୍ଟାପାଲିର କରନ ନେତି ଦାଦନ ଖଟିବାକୁ ଯାଇ ଗତ ସୋମବାର ସୁରତରେ ପ୍ରାଣ ହରାଇଛନ୍ତି। ସେହିପରି ଗତ ଫେବୃଆରୀ ୨୪ ତାରିଖରେ ଲଖନପୁର ବ୍ଲକ କମଳିନୀ ନାଇକ ଦାଦନ ଖଟିବାକୁ ଯାଇ ଅହମଦାବାଦଠାରେ ପ୍ରାଣ ହରାଇଥିଲେ। ଆଜି ବି ଝାରସୁଗୁଡା ଜିଲାର ହଜାର ହଜାର ଯୁବତୀଯୁବକ ଏଠାରେ କାମ ନ ପାଇ ଦାଦନ ତଥା ପେଟ ପୋଷିବା ବାହାର ରାଜ୍ୟକୁ ଯାଇ ଅତ୍ୟାଚାରିତ ହେବା ସହିତ ଜୀବନ ହରାଉଛନ୍ତି। ଝାରସୁଗୁଡା ଜିଲା ପ୍ରଶାସନ ଏ ଦିଗରେ ତତ୍ପର ହୋଇ ଜିଲାର ବେକାର ଯୁବତୀଯୁବକଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ବ୍ୟବସ୍ଥା କରିବା ସହିତ କମ୍ପାନୀଗୁଡ଼ିକୁ ସ୍ଥାନୀୟ ନିଯୁକ୍ତି ପାଇଁ ଚାପ ପକାଇବା ଦରକାର ବୋଲି ଜିଲା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜିଲାରେ ଏହା ଏକ ଆନ୍ଦୋଳନ ହେବ ବୋଲି ଜଣାପଡ଼ିଛି। ଏ ବିଷୟରେ ଜିଲା ଶ୍ରମ ଅଧିକାରୀ ସୁନିତା ଲାକ୍ରାଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିବାରୁ ମତାମତ ମିଳିନାହିଁ।

# ଲୋକଙ୍କ ଅଭିଯୋଗ ଶୁଣିଲେ ବିଧାୟକ



ବିଧାୟକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼,୧୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ରବିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ଅଭିଯୋଗ ଗ୍ରହଣ କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୫ଟି ଅଭିଯୋଗ ହୋଇଥିବା ବେଳେ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଧାୟକ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପୌରାଞ୍ଚଳର ବିଭିନ୍ନ ରାସ୍ତା ଅତି ଶୋଚନୀୟ ହୋଇ ପଡିଥିବା ବେଳେ ତୁରନ୍ତ ମରାମତି ଏବଂ ବିଭିନ୍ନ ସାହିରେ ରାସ୍ତା ନିର୍ମାଣ, ଡ୍ରେନ ମରାମତି ଓ ପୁନରୁଦ୍ଧାର, ପକ୍କା ଘର ପ୍ରଦାନ ଆଦି ଅଭିଯୋଗ କରାଯାଇଥିବା ଜଣାପଡିଛି।

# ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ପ୍ରଶାସନ ପକ୍ଷରୁ ରବିବାର ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲାରେ ପାରମ୍ପରିକ ଖାଦ୍ୟ ଦିବସ ଉପଲକ୍ଷେ ଆମ ରୁଚି ଆମ ଖାଦ୍ୟକୁ ନେଇ ଜିଲାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସହରାଞ୍ଚଳ ଓ ନଗର ଉନ୍ନୟନ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲାର ପଞ୍ଚାୟତ ସମିତି, ପୌର ପରିଷଦ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଓଡ଼ିଶାର ବିଭିନ୍ନ ପାରମ୍ପରିକ ବ୍ୟଞ୍ଜନକୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୋର ନିର୍ବାହୀ ଅଧିକାରୀ ଓ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କ ପରିଚାଳନାରେ ଆୟୋଜିତ ଦିବସରେ ବହୁ ସଂଖ୍ୟାରେ ମହିଳାମାନେ ଅଂଶଗ୍ରହଣ କରି ରାଜ୍ୟ ତଥା ସ୍ଥାନୀୟ ବ୍ୟଞ୍ଜନକୁ ନେଇ ପ୍ରସ୍ତୁତ କରିଥିବା ଖାଦ୍ୟ ସାମଗ୍ରୀ ସମସ୍ତଙ୍କୁ ପ୍ରଦାର୍ଶିତ କରିଥିଲେ।



କାର୍ଯ୍ୟକ୍ରମରେ ପ୍ରଦର୍ଶିତ ପାରମ୍ପରିକ ଖାଦ୍ୟ ସାମଗ୍ରୀ।

ପଖାଳ, ଶାଗ, ଦହି ବାଇଗଣ, ଖଡ଼ା, ମାଛ ଭଜା, ବଡ଼ିଚୁରା, ଆରିଶା ସୁଜି ପିଠା, ସମେତ ମୁଗ ଓ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପିଠାପଣା, ଠେଟରି, ମାଣ୍ଡିଆ ଖିରି, କାଙ୍ଗୁ ଖିରି, ଗୁର୍ଜି ଖିରି ଓ ବରା ଆଦି ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ପଞ୍ଚାୟତ ସମିତି ଓ ପୌର ପରିଷଦ ଅଧକ୍ଷା/ଅଧକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପେର ନିର୍ବାହୀ ଅଧିକାରୀ, ସମାଜ କଲ୍ୟାଣ ଅଧିକାରୀ, ବ୍ଲକ ଓ ପୌରପାଳିକା କର୍ମଚାରୀ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କିର୍ମିରା ବ୍ଲକରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

ଝାରସୁଗୁଡ଼ା,୧୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକରେ ବହୁ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ପ୍ରଥମେ କିର୍ମିରା ବ୍ଲକ ଧୁତୁରା ଗ୍ରାମରେ ବିଧାନସଭା ସଦସ୍ୟ ଆଞ୍ଚଳିକ ଉନ୍ନୟନ କ୍ଷେତ୍ର ବିକାଶ ପକ୍ଷରୁ ୨ ଲକ୍ଷ ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ସେଣ୍ଟର୍, ବିରହମଡିହିଠାରେ ୨ ଲକ୍ଷ ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ସେଣ୍ଟର, ଡୁଡ଼ିବାହଲ ଗଡଦୋଠାରେ ବିଧାନସଭା ସଦସ୍ୟ ଆଞ୍ଚଳିକ ଉନ୍ନୟନ କ୍ଷେତ୍ର ବିକାଶ ପକ୍ଷରୁ ୩ ଲ' ଟଙ୍କା ବ୍ୟୟରେ କୀର୍ତ୍ତନ ମଣ୍ଡପ, କୁବାପଡ଼ାଠାରେ ଅଢେଇ ଲକ୍ଷ ଟଙ୍କା ବ୍ୟୟରେ ଏକ କୀର୍ତ୍ତନ ମଣ୍ଡପ, ଭଉଁରା ସିଂହିପଡାରେ ୩ ଲକ୍ଷ ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ସେଣ୍ଟର, ହଣ୍ଡାତୁପାଠାରେ ବିଧାନସଭା ସଦସ୍ୟ ଆଞ୍ଚଳିକ ଉନ୍ନୟନ କ୍ଷେତ୍ର ବିକାଶ ପକ୍ଷରୁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ସେଣ୍ଟର୍, ସାରସମାଲଠାରେ ନାଗୀନ ଚଉଠି ଗୁଡ଼ି ସମ୍ପୂର୍ଣ୍ଣ କରଣ ପାଇଁ ୨ ଲକ୍ଷ ଟଙ୍କାର ପ୍ରକଳ୍ପ, ଚନ୍ଦିନୀମାଲଠାରେ ବିଧାନସଭା ସଦସ୍ୟ ଆଞ୍ଚଳିକ ଉନ୍ନୟନ କ୍ଷେତ୍ର ବିକାଶ ପକ୍ଷରୁ ୨ ଲକ୍ଷ ଟଙ୍କାର ଏକ କମ୍ୟୁନିଟି ସେଣ୍ଟର୍, ବିଡମାଲ ହନୁମାନ ମନ୍ଦିରଠାରେ ୨ ଲକ୍ଷ ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ସେଣ୍ଟର ପରେ ବନ୍ଧପାଲିଠାରେ ଏକ କୀର୍ତ୍ତନ ମଣ୍ଡପର ଶିଳାନ୍ୟାସ କରିଥିଲେ ବିଧାୟକ ତ୍ରିପାଠୀ। ଜିଲା ପ୍ରଶାସନ ପକ୍ଷରୁ ସମନ୍ୱିତ ଆଦିବାସୀ ସମାଜ ପ୍ରକଳ୍ପ ପ୍ରଶାସକ ସଞ୍ଜୀବ ପଟେଲ ଓ କିର୍ମିରା ବ୍ଲକ ଅଧକ୍ଷା କୃଷ୍ଣପ୍ରିୟା ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ମଣ୍ଡଳ ସଭାପତି ଉଦ୍ଧବ ସିଂ ନାଏକ, ବଶିଷ୍ଠ ନେତା ବିଜୟ ଶର୍ମା, ମଣ୍ଡଳ ସାଧାରଣ ସମ୍ପାଦକ ଝସକେତନ ପ୍ରଧାନ, ବାବୁଲାଲ କିଷାନ, ଯାମିନିକାନ୍ତ ନାଏକ, ରସିକ ଆଢ଼େଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।

### ମାଉଲିବେର୍ଣ୍ଣାରେ ନାମଯଜ୍ଞ ସମାପନ



ନାମଯଜ୍ଞ ସମାପନ କାର୍ଯ୍ୟକ୍ରମ।

ଝାରସୁଗୁଡ଼ା,୧୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଲଖନପୁର ବ୍ଲକ ଲଖନପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଉଲିବେର୍ଣ୍ଣାର ନାମଯଜ୍ଞ ରବିବାର ସମାପନ ହୋଇଯାଇଛି। ନାମଯଜ୍ଞରେ ବରିଷ୍ଠ ବିଜେଡି ନେତା ରୋହିତ ପଧାନ ଓ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ପଙ୍କଜିନି ପଧାନ ଯଜ୍ଞକର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ମନିଶ ବିଶ୍ୱାଳ, ସୁଜିତ ପଧାନ, ଗୋବିନ୍ଦ ବଗାର, ଭବାନୀ ଶଙ୍କର ପଧାନ, ଦୋଳଗୋବିନ୍ଦ ବିଶ୍ୱାଳ ପ୍ରମୁଖ ଶଡ ବୈଷ୍ଣବ ଦାୟିତ୍ୱ ତୁଲାଇଥିଲେ। ଯଜ୍ଞକାର୍ଯ୍ୟ ଆଲୋକ ତ୍ରିପାଠୀ ତୁଲାଇଥିଲେ। ଲଖନପୁର ଆଶ୍ରମ, ସୋଲଦିଆ, କୁଡ଼ାଲୋଇ, ବଢେଇପରା, ଲଖନପୁର ମନ୍ଦିର, ତେଲେନପାଲି, ବାଘମୁଣ୍ଡା, ସାଗରପାଲି, ବେଲଡିହି, କଦେଲପିଟା, କତରବଗା ପ୍ରମୁଖ ସଂକୀର୍ତ୍ତନ ମଣ୍ଡଳୀ ନାମ ନେଇଥିଲେ। ହଜାର ହଜାର ଭକ୍ତଙ୍କ ସମାଗମରେ ଦଧିଭଞ୍ଜନ କାର୍ଯ୍ୟକ୍ରମ ବରିଷ୍ଠ ଗାୟକ ପ୍ରସନ୍ନ ବିଶ୍ୱାଳ ଓ ସାଥି ପରିଚାଳନା କରିଥିଲେ। ମାଉଲିବେର୍ଣ୍ଣା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ରବିଚନ୍ଦ୍ର ପଧାନ, ମକର୍ଦ୍ଧଜ ପ୍ରଧାନ, ଓକିଲ ବିଶ୍ୱାଳ, ରୋଷନ୍ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଯଜ୍ଞସ୍ଥଳରେ ଲଖନପୁର ବ୍ଲକ ଅଧକ୍ଷା ହୁତେଶ୍ୱରି ତିହୁରିଆ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ଲଖନପୁର ସରପଞ୍ଚ ଆରତୀ ପ୍ରଧାନ, ଲଖନପୁର ବ୍ଲକ ନାଗରିକ ପରିଷଦ ସଭାପତି ପୀତାମ୍ବର ମିଶ୍ର, ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ପ୍ରଧାନ, ସମିତି ସଭ୍ୟ ଗୁଣ ସାଗର ମାଝି, ପୂର୍ବତନ ସମିତି ସଭ୍ୟ ଅଭିନ ଚନ୍ଦ୍ର ମାଝି, ବରିଷ୍ଠ କଂଗ୍ରେସ ନେତା ଲିଙ୍ଗରାଜ ବଢେଇ, ପୁରୁଷୋତ୍ତମ ଯୟସ୍ୱଲ୍, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଆଶୀର୍ବାଦ ଗ୍ରହଣ କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଆମ ରୁଚି ଆମ ଖାଦ୍ୟ

ଦେବଗଡ଼,୧୩।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଡିଏମସି ପାର୍କଠାରେ ଓଡ଼ିଆ ପକ୍ଷ ପାଳନର ତ୍ରୋୟଦଶ ଦିବସରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ ଭୋଜ, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ ପ୍ରମୁଖ ସାମିଲ ହୋଇ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଏସ୍ଏଜି ଗ୍ରୁପ, ମିଶନ ଶକ୍ତି ପକ୍ଷରୁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାର ଓଡ଼ିଆ ଖାଦ୍ୟ ଯଥା ମାଣ୍ଡିଆ ଦ୍ୱରା ପ୍ରସ୍ତୁତ ପୋଡ଼ ପିଠା, ଇଟିଲି, କେକ, ମଣ୍ଡାପିଠା, ଆରିଶା, ଏଣ୍ଡୁରି



କାର୍ଯ୍ୟକ୍ରମରେ ପାରମ୍ପରିକ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଉଛି।

ପିଠା, କାକରା, ଦହିବରା, ଚକୁଳି, ସୁଜି କାକରା ପିଠା ପ୍ରଭୃତି ପ୍ରଦର୍ଶିତ କରିଥିଲେ। ଏଥିରେ ବହୁତ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଓଡ଼ିଆ ଖାଦ୍ୟ ଖାଇବାର ମଜା ନେଇଥିଲେ। କାର୍ଯ୍ୟକ୍ରମରେ ତହସିଲଦାର କର୍ଣ୍ଣ ମଲ୍ଲିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ତଥା ଜିଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୁତାର, ସିଏସ୍ଡିଆର, ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

# ନାରୀ ନିର୍ଯାତନା ପ୍ରତିବାଦରେ କଂଗ୍ରେସର ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୧୩।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କଂଗ୍ରେସ ପକ୍ଷରୁ ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ପ୍ରତିବାଦରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ମଶାଲ ଶୋଭାଯାତ୍ରା ପାଇଁ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବ୍ଲକ ଓ ନଗରରେ ମଶାଲ ଶୋଭାଯାତ୍ରା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତୁତି ବୈଠକରେ ଝାରସୁଗୁଡା ଜିଲା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ସିଦ୍ଧାର୍ଥ ସ୍ୱରୂପ ଦାସ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିବା ନିମନ୍ତେ କଂଗ୍ରେସର ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ। ପ୍ରସ୍ତୁତି ବୈଠକରେ ଦାସଙ୍କ ବ୍ୟତୀତ ଜିଲା ସଭାପତି ସୁବ୍ରତ ପ୍ରଧାନ, ପୂର୍ବତନ ସଭାପତି ଅଶୋକ ମିଶ୍ର, ଭରତ ଅବସ୍ତି, ସିଆରାମ ଦାସ, ପ୍ରଶାନ୍ତ ତ୍ରିପାଠୀ, ମନମୋହନ ଝା, ଦେବେଶ ପଣ୍ଡା, ଦେବାନନ୍ଦ ବାରିକ, ମଟରାଜ ଡୁଙ୍ଗ ଡୁଙ୍ଗ, ଏମ.ଡି. ୱାରୀଶ, ଅକବର କୁରେସୀ, ନିଖିଳ ଘୋଷ, ଦୀପକ କୁମାର, ଓମପ୍ରକାଶ ଠକ୍କର, ମହେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିରନବନ୍ଧ ଗ୍ରାମରେ ବାର୍ଷିକ ଚୈତ୍ରପୂର୍ଣ୍ଣିମା ପାଳିତ

ଲଖନପୁର,୧୩।୪(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ବିରନବନ୍ଧ ଗ୍ରାମରେ କୈବର୍ତ୍ତ ସମାଜ ପଣ୍ଡରୀ ଶାଖାର ୨୫ତମ ବାର୍ଷିକ ଚୈତ୍ର ପୂର୍ଣ୍ଣିମା ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପସଭାପତି ଅକ୍ଷୟ ସାହୁ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁନାରୀ ସରପଞ୍ଚ ନନ୍ଦିନୀ ସାହୁ, ପଣ୍ଡରୀ ସରପଞ୍ଚ ସୁବାସିନୀ ସାହୁ ଓ ରେମେଣ୍ଡା ସରପଞ୍ଚ ସୁଶାନ୍ତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଆଞ୍ଚଳିକ ବିଭିନ୍ନ କେନ୍ଦ୍ରଠାରୁ ଉପସ୍ଥିତ ସଭାପତି, ସମ୍ପାଦକ ଓ କୈବର୍ତ୍ତ ଭାଇମାନଙ୍କ ମଧ୍ୟରେ ନିଖିଳ ଓଡ଼ିଶା କୈବର୍ତ୍ତ ସମାଜ ସଭାପତି ଦେବେନ୍ଦ୍ର ବେହେରା, ଉପସଭାପତି ବିଷ୍ଣୁ ଚରଣ ବେହେରା, ଝାରସୁଗୁଡା କୈବର୍ତ୍ତ ସମାଜ ସଭାପତି ଧନୁର୍ଯ୍ୟ



କୈବର୍ତ୍ତ ସମାଜ ଦ୍ୱାରା ନୌକା ପୂଜା ସମୟର ଦୃଶ୍ୟ।

ସେଠ, ସମ୍ପାଦକ ଚୈତନ୍ୟ ତନସେନା ଯୋଗଦେଇଥିଲେ। ସ୍ଥାୟୀ ସଭାପତି ନରେନ୍ଦ୍ର ବେରିଆଙ୍କ ଅଧକ୍ଷତାରେ ସଭା କାର୍ଯ୍ୟ ପରିଚାଳନା ହୋଇଥିବା ବେଳେ ବିଜ୍ଞାନୀ କୈବର୍ତ୍ତର ଶ୍ରୀରାମଙ୍କ ପାଦୁକା ଧୌତ ନାବ ପୂଜା ଓ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନାରେ ନରେନ୍ଦ୍ର ନାଏକ, ଯୋଗେନ୍ଦ୍ର ବଗେଇ ଓ ଡୁଲେଶ୍ୱର ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ଶାଖା ସମ୍ପାଦକ ପଦ୍ମଲୋଚନ ପାଣ୍ଡେ ଆଗାମୀ ବର୍ଷ ପୂଜା ଯଥାରୀତିରେ ପାଳନ ହେବା ନେଇ ସୂଚନା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କୁ ଭେଟିଲେ ନବ ନିର୍ବାଚିତ ଓକିଲ ସଂଘ



ଜିଲାପାଳଙ୍କୁ ଓକିଲ ସଂଘ ସଦସ୍ୟମାନେ ଭେଟୁଛନ୍ତି।

**ଝାରସୁଗୁଡ଼ା,୧୩।୪(ଆଶିଷ ରଞ୍ଜନ ଦାଶ):** ଝାରସୁଗୁଡ଼ା ଜିଲା ନବ ନିର୍ବାଚିତ ଓକିଲ ସଂଘ ସଦସ୍ୟମାନେ ଶନିବାର ପୂର୍ବାହ୍ନ ୧୧ଟାରେ ବେହେରାମାଲସ୍ଥିତ ଜିଲାପାଳ ଆବୋଲି ସୁନୀଲ ନାରାୱାଣେଙ୍କ ବାସଭବନରେ ଭେଟିଛନ୍ତି। ଜିଲା ଓକିଲ ସଂଘ ପକ୍ଷରୁ ସଭାପତି ତ୍ରିନାଥ ଗୁଆଳ, ସମ୍ପାଦକ ନୀଳାଦ୍ରି ପଣ୍ଡା, ଉପସଭାପତି ଅମୀୟ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଲାଭା ସଂଘାଇ ତଥା ସଂଘର ବହୁ ସଦସ୍ୟ ଜିଲାପାଳଙ୍କୁ ଭେଟିବା ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଜିଲା ଓକିଲ ସଂଘ ଯେପରି ଆଗକୁ ମଜଭୁତ ହେବା ସହିତ ତାର ଉନ୍ନତି ହେବ ସେ ବିଷୟରେ ଜିଲାପାଳଙ୍କ ସହିତ ଆଲୋଚନା ହୋଇଥିଲା। ଜିଲାପାଳ ସବୁ ସମୟରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛି ଓ ଆଗାମୀ ଦିନରେ ମିଳିମିଶି ଜିଲାର ଉନ୍ନତି ପାଇଁ କାମ କରିବା ବୋଲି ଜିଲାପାଳ କହିଛନ୍ତି।












## ସଂକ୍ଷେପରେ

### ଯୁବ ଲେଖିକା, ଲେଖକ ସମ୍ମିଳନୀ

**କଣ୍ଟାବାଞ୍ଜି,୧୩।୪ (ଗୁରୁଦୟାଲ ହଂସ)**

ଓଡିଶା ସରକାରଙ୍କ ଦ୍ୱାରା ଓଡିଆ ପକ୍ଷ ପାଳନ ଅବସରରେ ଶନିବାର ଦିନ ଜିଲାସ୍ତରୀୟ ଯୁବ ଲେଖିକା ଲେଖକ ସମ୍ମିଳନୀ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ଟିନା ଠେଲା କବିତା ଲିଖନ ପ୍ରତିଯୋଗିତାରେ ଭାଗ ନେଇ ବିଶ୍ୱବିଦ୍ୟାଳୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମହାବିଦ୍ୟାଳୟ ତରଫରୁ ଅଧକ୍ଷ ରାଜେନ୍ଦ୍ର ପୁରୋହିତ ଏବଂ କର୍ମଚାରୀ ଟିନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ବଲାଙ୍ଗୀର ଆରଏମ୍‌ସି: ଜଣେ କର୍ମଚାରୀ ୩ ପଦବୀ

**ଲୋଇସିଂହା,୧୩।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଆରଏମ୍‌ସିରେ ବିଚିତ୍ର ନୀତି ଦେଖିବାକୁ ମିଳିଛି। ଆରଏମ୍‌ସି ସେକ୍ରେଟାରୀ ଛୁଟିରେ ଥିବାରୁ ଆବଶ୍ୟକ କର୍ମଚାରୀ ଥାଇ ସୁଦ୍ଧା ଜଣେ କର୍ମଚାରୀଙ୍କୁ ୩ଟି ପଦବୀରେ ଅବସ୍ଥାପିତ କରାଯିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଆରଏମସିର ଜଣେ ୟାର୍ଡ ମ୍ୟାନଙ୍କୁ ଅତିରିକ୍ତ ଭାବେ ଆକାଉଣ୍ଟାଣ୍ଟ ଦାୟିତ୍ୱ ଦିଆଯାଇଛି। ଅଭିଯୋଗ ଅନୁଯାୟୀ ଆରଏମ୍‌ସି ସେକ୍ରେଟାରୀ ୧୫ ଦିନିଆ ଛୁଟିରେ ଅଛନ୍ତି। ତେବେ ୟାର୍ଡମ୍ୟାନ ଓ ଆକାଉଣ୍ଟାଣ୍ଟ ଦାୟିତ୍ୱରେ ଥିବା ସମ୍ପୃକ୍ତ କର୍ମଚାରୀଙ୍କୁ ପୁଣି ଅତିରିକ୍ତ ଭାବେ ସେକ୍ରେଟାରୀ ଦାୟିତ୍ୱ ଦିଆଯାଇଛି। ଏହାକୁ ନେଇ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

### ପର୍ଶୁରାମ ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା ଚୟନ

**ଟିଟିଲାଗଡ,୧୩।୪(ସନ୍ତୋଷ ପଟ୍ଟନାୟକ)**

ଟିଟିଲାଗଡର ରାଜ କନୱର୍ ପାର୍କରେ ପର୍ଶୁରାମ ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ନୂତନ ସଭାପତି ଭାବରେ ଶ୍ୟାମ ଶର୍ମା, ଉପସଭାପତି ରାଜେଶ କୁମାର ଶର୍ମା, ସମ୍ପାଦକ ଆଶିଷ ଶର୍ମା, ସହ ସମ୍ପାଦକ ଗୋପାଳ ଶର୍ମା, କୋଷାଧ୍ୟକ୍ଷ ଭାବେ ଗଙ୍ଗାଧର ଶର୍ମାଙ୍କୁ ମନୋନୀତ କରାଯାଇଥିଲା। ସଭାରେ ଦିନେଶ ଶର୍ମା, ଦେବୀ ଶର୍ମା, ସଞ୍ଜୁ ଶର୍ମା, ମିଣ୍ଟୁ ଶର୍ମା, ଆରୁଶ ଶର୍ମା, ମୁନା ଭଟ୍ଟ, କିଶନ ଶର୍ମା, ଉମେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

### ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

**ମୁରିବାହାଲ,୧୩।୪(ଶ୍ରୀବସ୍ତ ବେହେରା)**

ମୁରିବାହାଲ ସଦର ମହକୁମା ବଜାରପଡାଠାରେ ନିର୍ମାଣ ହୋଇ ଥିବା ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ଶନିବାର ଦିନ ୧୦୮ ଜଣ ମହିଳାଙ୍କୁ ନେଇ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମୁରିବାହାଲ ସାପ୍ତାହିକ ବଜାରରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣ ନିକଟରୁ କଳସ ଯାତ୍ରା ବାହାରି ଖଜୁରୀ ବନ୍ଧରୁ ପାଣି ଆଣି ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପୂଜକ ଭାବରେ ପ୍ରଣବ କୁମାର ଦାଶ, କୃଷ୍ଣ ଚନ୍ଦ୍ର ଦାଶ ଓ ସ୍ୱାଗତ ମିଶ୍ର କାର୍ଯ୍ୟ ତୁଲାଇ ଥିବା ବେଳେ ମୁରିବାହାଲ ତଥା ଅନ୍ୟ ଗ୍ରାମରୁ ୧୦ ଜଣ କର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି । ରବିବାର ଦିନ ମନ୍ଦିର କୁମ୍ଭଭରଣ, ସୋମବାର ବିଗ୍ରହ ସ୍ଥାପନ, ପଞ୍ଚକୁଣ୍ଡୀୟ ହନୁମତ ମହାଯଜ୍ଞ ସହ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ୧୬ ତାରିଖ ପର୍ଯ୍ୟନ୍ତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ । ଏହାଛଡା ରାମକଥା ବିଷୟକୁ ନେଇ ପଣ୍ଡିତ ପ୍ରଣବ କୁମାର ଦାଶ ପ୍ରବଚନ ଦେବାର ଅଛି।

# ‘ଭଲ ଲୋକଙ୍କ କୃତି ଲିଭେନାହିଁ’

**ବଲାଙ୍ଗୀର,୧୩।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଂସ୍କୃତି ଭବନଠାରେ ଶନିବାର ବନ୍ଦନୀୟ ବରପୁତ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଅନୁଷ୍ଠିତ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ଦିବଙ୍ଗତ ମହାନ ସାରସ୍ୱତ ସାଧକଙ୍କ ଜୀବନୀ ଓ କୃତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଓଡିଶା ସାହିତ୍ୟ ଏକାଡେମୀ ପୂର୍ବତନ ସଦସ୍ୟ ତଥା ବିଶିଷ୍ଟ କବି ଡ. ପହଲ୍ଲାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ବିଜେତା ଗାଳ୍ପିକା ଗାୟତ୍ରୀ ସରାଫ ଯୋଗଦାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଜିଲାର ଦିବଙ୍ଗତ ମହାନ ଲେଖକଙ୍କ ଜୀବନୀ ବିଷୟରେ କହି ସେମାନଙ୍କ ଅମରକୃତି କେବେ ବି ଲିଭିବ ନାହିଁ ବୋଲି କହିଥିଲେ।



ଜିଲାସ୍ତରୀୟ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଆଲୋଚକ।

ବ୍ୟକ୍ତିଗତ ଭାବେ ସେ କିଭଳି ତାଙ୍କ ସାରସ୍ୱତ ଯାତ୍ରାରେ ସେହି ମହାମନୀଷୀମାନଙ୍କ ମଧ୍ୟରୁ ଅନେକଙ୍କ ଠାରୁ ପ୍ରେରଣା ପାଇଥିଲେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଭାରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଓଡିଆ ପକ୍ଷର ବଲାଙ୍ଗୀର ସଂଯୋଜକ ଡ. ସଞ୍ଜୟ କୁମାର ମିଶ୍ର, ଡ. ଗୋବର୍ଦ୍ଧନ ନାୟକ, ଅଧ୍ୟାପକ ସନ୍ଦୀପ କୁମାର କୁଅଁର, ସ୍ତମ୍ଭକାର ତୁଳସୀ ଜୈନ ମଞ୍ଚାସୀନ ଥିଲେ।

ବନ୍ଦନୀୟ ବରପୁତ୍ର କ୍ରମରେ ବଲାଙ୍ଗୀରର ଦିବଙ୍ଗତ ସାରସ୍ୱତ ସାଧକ ସନ୍ଥ ଚୈତନ୍ୟ ଦାସ, ବେଦବିଦ୍ୱାନ ବ୍ରଜବିହାରୀ, ବିଧୁଭୂଷଣ ଗୁରୁ, ରାମପ୍ରସାଦ ପୁରୋହିତ, ବିପ୍ଳବୀ କବି ଶିବପ୍ରସାଦ ପାଣ୍ଡିଆ, ପ୍ରଫେସର ନାରାୟଣ ପୃଷ୍ଟେଠ, ଗାଳ୍ପିକ ଅଶୋକ କୁମାର ଚନ୍ଦନ, ସ୍ତମ୍ଭକାର ଗୋରା ମହାନ୍ତି, ଗାଳ୍ପିକ ଗଗନ ସ୍ୱାଇଁ ଓ ମନୋଜ କୁମାର ପଣ୍ଡାଙ୍କ ସାରସ୍ୱତ

#### ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

କୃତି ଓ ଜୀବନୀ ବିଷୟରେ ଆଲୋଚନା କରାଯାଇଥିଲା। ଆଲୋଚକ ଭାବେ ଡ. ଗୋବର୍ଦ୍ଧନ ନାୟକ, ଅଧ୍ୟାପକ ସନ୍ଦୀପ କୁମାର କୁଅଁର, ତୁଳସୀ ଜୈନ, ଡ. ସଞ୍ଜୟ କୁମାର ମିଶ୍ର, ବୀରେନ୍ଦ୍ର କୁମାର ଝାଙ୍କର, ଶିକ୍ଷାବିତ ସନାତନ ଠାକୁର, ଗାଳ୍ପିକ ଆଶିଷ କୁମାର ଚନ୍ଦନ, ଡ. ପ୍ରେମଚାନ୍ଦ ମହାନ୍ତି, କବି ଭାଗୀରଥି ମିଶ୍ର ଓ ଆନନ୍ଦ ଚନ୍ଦ୍ର ସାହୁ ଯୋଗଦାନ କରି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସଭା ପରେ ସନ୍ଦୀପ କୁମାର କୁଅଁରଙ୍କ ଆବାହକତ୍ୱ ଏବଂ ଡ. ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ କବିତା ପାଠ ହୋଇଥିଲା। କବି ରାଜୀବ ଲୋଚନ ଆଚାର୍ଯ୍ୟ, କବି ରତ୍ନମୟ ତ୍ରିପାଠୀ ଓ କବୟିତ୍ରୀ ସସ୍ମିତା ନେପାକଙ୍କ ସଂଯୋଜନାରେ ଜିଲାର ବିଭିନ୍ନ ସ୍ଥାନରୁ ନିମନ୍ତ୍ରିତ କବି ଓ କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

# ‘ଯୁବ ଲେଖକଙ୍କ ଗୁରୁଦାୟିତ୍ୱ ରହିଛି’



ଅତିଥିମାନଙ୍କ ଗହଣରେ ଯୁବ ଲେଖକ ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ କଲେଜର ଛାତ୍ରୀଛାତ୍ର।

**ବଲାଙ୍ଗୀର,୧୩।୪(ବୀରେନ୍ଦ୍ର କୁମାର ଝାଙ୍କର)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦାନ କରି ଓଡ଼ିଆ ଜାତୀୟତାବାଦୀ କବିତା, ଓଡ଼ିଆ ସଂସ୍କୃତି ଆଧାରିତ ଗଳ୍ପ ଲିଖନ କରିଥିଲେ। ଏହାସହିତ ବିକଶିତ ଓଡ଼ିଶା ଗଠନରେ ଯୁବ ସମାଜର ଭୂମିକା ଶୀର୍ଷକ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ

#### ବଲାଙ୍ଗୀରରେ ଯୁବ ଲେଖକ ସମ୍ମିଳନୀ

ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଯୋଗଦେଇ ନିଜ ଭାଷାରେ ସାହିତ୍ୟ ସୃଷ୍ଟି କରିବା ଏକ ବଡ ଦାୟିତ୍ୱ ବୋଲି କହିଥିଲେ। ଓଡିଶାର ପ୍ରଥମ ଅକ୍ଷର ଓର ଅର୍ଥ ଓଁରୁ ଆରମ୍ଭ କହି ଓଡିଶା ମାଟି କଳା, ସଂସ୍କୃତିର ଗନ୍ତାଘର ବୋଲି କହିଥିଲେ। ଏହି ଅବସରରେ ସେ ଯୁବ ଲେଖକଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାରେ ଜିଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀର ସଂଯୋଜକ ଡ଼. ଗୋବର୍ଦ୍ଧନ ନାୟକ, ମହିଳା ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ସଦାଶିବ ମଲ୍ଲିକ, ଡ. ସରୋଜ ଜଗଦଲା, କବି ଡ଼ ସଞ୍ଜୟ କୁମାର ମିଶ୍ର, ଶିକ୍ଷାବିତ ସନାତନ ଠାକୁର, ଅଧାପକ ସନ୍ଦୀପ କୁମାର କୁଅଁର ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ କୁଅଁର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ କବିତା, ଗଳ୍ପ ଏବଂ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ କବି ଡ. ସଞ୍ଜୟ ମିଶ୍ର ଧନ୍ୟବାଦ ଦେଇଥିଲେ।

### ମାଲବାହୀ ଟ୍ରେନରୁ ଚାଉଳ ଚୋରି ଘଟଣାରେ ଯୁବକ ଗିରଫ

**କଣ୍ଟାବାଞ୍ଜି/ଟିଟିଲାଗଡ,୧୩।୪ (ଗୁରୁଦୟାଲ ହଂସ/ଶରତ ମିଶ୍ର)**

କଣ୍ଟାବାଞ୍ଜି- ଟିଟିଲାଗଡ ରେଳ ସେକ୍ସନର ରହେନଭଟା ରେଳଷ୍ଟେଶନ ନିକଟରେ ଏକ ଚଳନ୍ତା ମାଲବାହୀ ଟ୍ରେନରୁ ୯ ବସ୍ତା ଚାଉଳ ଚୋରି ଘଟଣାରେ ନରିନ ହାତୀ (୨୭) ନାମକ ଜଣେ ଯୁବକ ଗିରଫ ହୋଇଛନ୍ତି । ପ୍ରକାଶ ଯେ, କଣ୍ଟାବାଞ୍ଜି ଆରପିଏଫ ଥାନା ଅଧୀନ ରହେନଭଟା–ଟିଟିଲାଗଡ ମଧ୍ୟରେ ଏକ ଚାଉଳ ବୋଝେଇ ଚଳନ୍ତା ଟ୍ରେନର ୱାଗନରୁ ମୁରିବାହାଲ ଥାନା ଖଇରମାଲ ଗ୍ରାମର ନରିନ ୯ବସ୍ତା ଚାଉଳ ଫିଙ୍ଗି ଦେଇଥିଲେ । ଏହି ଟ୍ରେନ ଶନିବାର ରାତିରେ ଛତିଶଗଡର ବେଲସୋଣ୍ଡା ଷ୍ଟେଶନରୁ ଧାମରା ଷ୍ଟେଶନ ଅଭିମୁଖେ ଯାଉଥିବା ବେଳେ ମଧ୍ୟରାତ୍ରିରେ ରହେନଭଟା ଷ୍ଟେଶନରେ ଅଟକି ଥିଲା । ଏହି ସମୟ ମଧ୍ୟରେ ଅଭିଯୁକ୍ତ ୱାଗନକୁ ଚଢିଯାଇ ସିଲ୍ ଭାଙ୍ଗିବା ବେଳେ ଟ୍ରେନଟି ଛାଡିଥିଲା। ତେବେ ଟ୍ରେନ ଟିଟିଲାଗଡ ଅଭିମୁଖେ ଯିବା ବେଳେ କୌଶଳକ୍ରମେ ଚାଉଳ ବସ୍ତା ଟ୍ରେନରୁ ଫିଙ୍ଗି ଦେବା ସହ ଟ୍ରେନରୁ ଡେଇଁ ପଳାଇ ଥିଲେ। ରବିବାର ସକାଳେ ଉକ୍ତ ଚାଉଳକୁ ନେବା ପାଇଁ ଆସିଥିବା ବେଳେ ଆରପିଏଫ ପୋଲିସ ଜଗି ରହି ଅଭିଯୁକ୍ତ ନରିନଙ୍କୁ କାବୁ କରିଥିଲେ। ଏନେଇ କଣ୍ଟାବାଞ୍ଜି ଆରପିଏଫ ଥାନାରେ ନଂ.୨/୨୦୨୫ରେ ମାମଲା ରୁଜୁ ହୋଇଛି। ରବିବାର ଅଭିଯୁକ୍ତଙ୍କୁ ଟିଟିଲାଗଡ ସ୍ୱତନ୍ତ୍ର ରେଲୱେ କୋର୍ଟକୁ ଚାଲାଣ କରାଯାଇଥିବା ଆରପିଏଫ. ଥାନା ସୂତ୍ରରୁ ପ୍ରକାଶ।

# ବିସ୍ଥାପିତଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

**ବଲାଙ୍ଗୀର,୧୩।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଲୋୟର ସୁକ୍‌ତେଲ ଡ୍ୟାମ୍ ନିକଟରେ ପାଞ୍ଚ ଦିନ ବ୍ୟାପୀ ଚାଲିଥିବା ବନଦୁର୍ଗା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ କମିଟି ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବିସ୍ଥାପିତଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା। ବିଭିନ୍ନ ସଭାର ଅତିଥିମାନେ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ଉପରେ ସୁଚିନ୍ତିତ ମତାମତ ଦେଇ ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ମିଶ୍ର ଶାନ୍ତି, ମୁକ୍ତି, ପ୍ରଗତି ନହେଲେ କ୍ରାନ୍ତି ହେବ ବୋଲି ବାର୍ତ୍ତା ଦେଇଥିଲେ।

ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦାନ କରି ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସାମୂହିକ ଉଦ୍ୟମ ଲୋଡା ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ବିସ୍ଥାପିତଙ୍କ

#### ବନଦୁର୍ଗା ମହୋତ୍ସବ ଉଦ୍‌ଯାପିତ

ମୌଳିକ ଅଧିକାରର ସୁରକ୍ଷା ନିଶ୍ଚିତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଓ ଦାବିପତ୍ର ଜରିଆରେ ଅବଗତ କରିବାକୁ କହିଥିଲେ। ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେଇ ଜଳସେଚନ ପ୍ରକଳ୍ପ ପାଇଁ ଜମି ହରାଇଥିବା ଲୋକଙ୍କୁ ସରକାର ଜମି ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗୋପାଳଜୀ ପାଣିଗ୍ରାହୀ ଯୋଗଦେଇ ଲୋୟର ସୁକ୍‌ତେଲ ପ୍ରକଳ୍ପ ଆନ୍ଦୋଳନର କଥା କହିଥିଲେ। ଗଣମାଧ୍ୟମ ପ୍ରତିନିଧି ଅଖିଳ ଚନ୍ଦ୍ର ହୋତା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉତ୍ସବ ସ୍ଥଳରେ ବିସ୍ଥାପିତମାନେ ସେମାନଙ୍କ ବିଭିନ୍ନ ଦାବିପତ୍ରକୁ ଅତିଥି ଓ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାକୁ ସହସମ୍ପାଦକ ବିକାଶ ରଞ୍ଜନ ରଥ ସଂଯୋଜନା କରିଥିଲେ। ସମ୍ପାଦକ ଜୟକୃଷ୍ଣ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି କୈଳାସ ଚନ୍ଦ୍ର ସିଂଦେଓ, କୋଷାଧ୍ୟକ୍ଷ ନରେନ୍ଦ୍ର ବିଶି, ସହକୋଷାଧ୍ୟକ୍ଷ ଭରତ ସାହୁ, କୁଶମେଲ ସରପଞ୍ଚ କୌସ୍ତୁଭ ସାହୁ, ରେଙ୍ଗାଲି ସରପଞ୍ଚ ହିମାଞ୍ଚଳ ମେହେର, ଲୋକନାଥ କୁମୁରା, ବେଲାରସିଂ ଭୋଇ, ସୁରୁ ମଟାରୀ, ଟଙ୍କଧର ଗଡତ୍ୟା, ଅଜୟ ଗଡତ୍ୟା, ବ୍ୟାସଦେବ ବନଛୋର, ପ୍ରମୋଦ ପଟେଲ, ଗିରିଧାରୀ ପୁଟା ସହଯୋଗ କରିଥିଲେ। ସଭା ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାର ଗୋପାଳ ପଣ୍ଡାଙ୍କ କଂସ ବଧ ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ପାଞ୍ଚ ଦିନ ଧରି ଚାଲିଥିବା ବନଦୁର୍ଗା ମହୋତ୍ସବର ଗୁରୁବାର ଦିନ ଅତିଥି ଭାବେ ଯୁବନେତା ଆକାଶ ମିଶ୍ର, ସମ୍ମାନିତ ଅତିଥି ଜତିନ୍ଦ୍ର ପଟେଲ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଶୁକ୍ରବାର ଅତିଥି ଭାବେ ପୂର୍ବତନ ଏମପି ବାଳଗୋପାଳ ମିଶ୍ର, ସତ୍ୟପ୍ରକାଶ ନାୟକ, ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ହେମନ୍ତ ପଣ୍ଡା, ଡ. ଶ୍ରୀକର ମିଶ୍ର ଯୋଗଦାନ କରିଥିଲେ।

### ସାଲେପାଲି ରାମଲୀଳା ଅଷ୍ଟମ ଦିବସ: ମହୀରାବଣ ବଧ ମଞ୍ଚସ୍ଥ

**ଦେଓଗାଁ,୧୩।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲିଠାରେ ଚାଲିଥିବା ରାମଲୀଳାର ଅଷ୍ଟମ ଦିବସରେ ମହିରାବଣ ବଧ ମଞ୍ଚସ୍ଥ ହୋଇଯାଇଛି। ଚଳିତବର୍ଷ ଏହି ନାଟ୍ୟାଭିନୟ ୪୪ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ଅନେକ ପୁରାତନ କଳାକାର ଓ କେତେଜଣ ଯୁବ କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିପାରିଛି। ଉକ୍ତ ନାଟ୍ୟାଭିନୟରେ ମହୀରାବଣ ଭୂମିକାରେ ଅଭିନୟ କରି ଆସୁଥିବା ବରିଷ୍ଠ କଳାକାର ଡ. ସୁଧାଂଶୁ ଭୂଷଣ ମେହେର ଜଣେ ସାହିତ୍ୟିକ, ଶିକ୍ଷାବିତ୍ ତଥା ମଞ୍ଚ ଅଭିନେତା । ଅନ୍ୟମାନଙ୍କ ମଧ୍ୟରେ ପୁରାତନ କଳାକାର ବିରୁଦ୍ର ଭୋଇ, ବୁଦ୍ଧଦେବ , ମୋହନ ସାମଲ, ନିତ୍ୟାନନ୍ଦ ଷଡଙ୍ଗୀ, ପ୍ରମୋଦ, ପ୍ରେମାନନ୍ଦ, ପିଣ୍ଟୁ, ବବଲୁ ତଥା ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି । ଏହି ଅବସରରେ ଗାଁରେ ଶ୍ରୀରାମ ଚରିତ ମାନସ ପାରାୟଣ ମଧ୍ୟ ଅନୁଷ୍ଠିତ ହେଉଛି।

### କରୁଆଁଝରରେ କୁଲୁତା ଦିବସ ପାଳିତ



କୁଲୁତା ଦିବସ ଅବସରରେ ପୂଜାର୍ଚ୍ଚନା ଚାଲିଛି ।

**ଦେଓଗାଁ,୧୩।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ଅନ୍ତର୍ଗତ କରୁଆଁଝର ଗାଁରେ ଶନିବାର କୁଲୁତା ଦିବସ ପାଳିତ ହୋଇଯାଇଛି । ସିକୁଆଁ ଆଞ୍ଚଳିକ କେନ୍ଦ୍ର କୁଲୁତା ସମାଜ ଅନ୍ତର୍ଗତ କରୁଆଁଝର କମିଟିତରଫରୁ ଚୈତ୍ର ପୂର୍ଣ୍ଣିମା ଉପଲକ୍ଷେ କୁଲୁତା ଦିବସ ପାଳିତ ହୋଇଥିଲା । ମା' ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ଅଫାମରା ଗ୍ରାମର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା ।ଏଥିରେ କର୍ତ୍ତା ଭାବେ ସୁଶାନ୍ତ କୁମାର ସାହୁ ଓ ପତ୍ନୀ ରମା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ସିକୁଆଁ ଆଞ୍ଚଳିକ କେନ୍ଦ୍ରର ସଭାପତି ଶିବ ବିଶ୍ୱାଳ, ଉପସଭାପତି ବ୍ରଜ ପଧାନ, ସମ୍ପାଦକ ସୁରେଶ ଚନ୍ଦ୍ର ଭୋଇ, କରୁଆଁଝର ଗ୍ରାମ୍ୟ କମିଟି ସଭାପତି ଅନ୍ତର୍ଯାମୀ ଭୋଇଙ୍କ ସମେତ କୁଲୁତା ସମାଜର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜୁନ୍‌ରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପାଇଁ ନିଷ୍ପତ୍ତି

**ଲୋଇସିଂହା,୧୩।୪(ସୁଶାନ୍ତ ବାରିକ)**

ଆସନ୍ତା ଜୁନ ମାସରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ହେବାର ଅଛି। ଏଥିରେ ରାଜ୍ୟର ପ୍ରାୟ ଦେଢ଼ଶହରୁ ଅଧିକ ସାମ୍ବାଦିକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡାଠାରେ ଅନୁଷ୍ଠିତ ଜିଲା ପେଶାଦାର ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସଂଘର ସଭାପତି ଅଶ୍ୱିନୀ କୁମାର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମେହେର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସଭାପତି ଆନନ୍ଦ ଚନ୍ଦ୍ର ସାହୁ, ସନ୍ଦୀପ କୁଅଁର, ବିମଳେନ୍ଦୁ ସାହୁ, ଶ୍ୟାମ ପ୍ରସାଦ ଗୁରୁ ମଞ୍ଚାସୀନ ଥିଲେ। ବୈଠକରେ ସାଙ୍ଗଠନିକ ସମ୍ପାଦକ ହୁଲେଶ୍ୱର ହଂସ, ଉପ ସଭାପତି ଅଶୋକ ନାରାୟଣ ଭୋଇ, ଗୁରୁଦୟାଲ ହଂସ, ସୁଧାକର ଦାସ, ସମ୍ପାଦକ ଦେବରାଜ ନାହାକ, ବରିଷ୍ଠ ସାମ୍ବାଦିକ ଡାକ୍ତର ପୁଟେଲ, ଅନ୍ତର୍ଯ୍ୟାମୀ ସାହୁ, ସୁଶିଲ ମିଶ୍ର, ସାରଙ୍ଗ ଭୋଇ, ସୁବାସ ମିଶ୍ର, ରାଜେଶ ଦଣ୍ଡସେନା, ବିମଳ କୁମାର ଦାସ, ଅଜିତ ମିଶ୍ର, କୈଳାସ ସଗରିଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।













**କଫ୍ ସିରପ୍ ଜବତ, ଜଣେ ଗିରଫ**

ଅତାବିରା (ଯୁଧିଷ୍ଠିର ମହାପାତ୍ର): ଅତାବିରା ଥାନା ପୋଲିସ ରବିବାର କଫ ସିରପ କାରବାରରେ ପତ୍ରାପାଲି ଗ୍ରାମର କିଶୋର ବଡେଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ପାଖରୁ ୨୨୦ ବୋତଲ କଫ ସିରପ ଜବତ ହୋଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ-୧୩୭/୨୫) ରୁଜୁ ହୋଇଛି।

# ଖାଦ୍ୟ ପରମ୍ପରା ହେଉଛି ଓଡ଼ିଆ ସଂସ୍କୃତିର ଅଂଶ



ଅତିଥିମାନେ ଆମ ରୁଚି, ଆମ ଖାଦ୍ୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।



ପ୍ରଦର୍ଶନୀରେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରାଯାଉଛି।

ବରଗଡ଼,୧୩।୪(ପ୍ରେମାନନ୍ଦ ଖମାରୀ)

**ଆମ ରୁଚି, ଆମ ଖାଦ୍ୟ ପ୍ରଦର୍ଶନୀ ଓ ପ୍ରତିଯୋଗିତା**

ଖାଦ୍ୟ ପରମ୍ପରା ହେଉଛି ଓଡ଼ିଆ ସଂସ୍କୃତିର ଅଂଶ। ଓଡ଼ିଆଙ୍କ ଘରେ କୌଣସି ପର୍ବପର୍ବାଣୀ ହେଲେ ଖାଦ୍ୟକୁ ପ୍ରାଧାନ୍ୟ ଦିଆଯାଇଥାଏ । ଭିନ୍ନ ଭିନ୍ନ ରୁଚି ରଖିଥିବାରୁ ଖାଦ୍ୟକୁ ନେଇ ମଧ୍ୟ ଓଡ଼ିଆ ଘରେ ପର୍ବ ପାଳନ ହୁଏ । ଦ୍ୱିତୀୟା ଘାଣ୍ଟ ଏହା ଭିତରୁ ଅନ୍ୟତମ । ସେହିପରି ରଜ, ପ୍ରଥମାଷ୍ଟମୀ, ଦୁର୍ଗାପୂଜା, ଚିତାଲାଗି ଅମାବାସ୍ୟା, ବକୁଳ ଅମାବାସ୍ୟା ଭଳି ପର୍ବରେ ଭିନ୍ନ ଭିନ୍ନ ରକମର ଖାଦ୍ୟ ତିଆରି ହୋଇଥାଏ । ଚିତଉ ପିଠାଠୁ ଆରମ୍ଭ କରି ସରସତିଆ ପର୍ଯ୍ୟନ୍ତ, ଘାଣ୍ଟଠୁ କାକରା ଯାଏ। ଓଡ଼ିଆ ପକ୍ଷ ପାଳନ ଅବସରରେ ଏହି ପରମ୍ପରାକୁ ବଜାୟ ରଖିବା ଓ ଏ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ ଆମ ରୁଚି, ଆମ ଖାଦ୍ୟ ପ୍ରଦର୍ଶନୀ ଓ ପ୍ରତିଯୋଗିତା ରବିବାର ବରଗଡ଼ ସଂସ୍କୃତି ଭବନ ପରିସରରେ ପାଳନ କରାଯାଇଛି। ଜିଲା କୃଷି ବିଭାଗ ସହଯୋଗରେ ଆୟୋଜିତ ଏହି ଖାଦ୍ୟ ପ୍ରଦର୍ଶନୀ ଓ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ମହିଳା ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ସେହି ସବୁ ଖାଦ୍ୟ ପ୍ରଦର୍ଶନ କରି ଲୋକଙ୍କୁ ପାରମ୍ପରିକ ଖାଦ୍ୟର ଉପାଦେୟତା ବିଷୟରେ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏଂ ଶ୍ରୀମତୀ ମଧୁଛନ୍ଦା ସାହୁ ଯୋଗ ଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହିତ ଜିଲାବାସୀଙ୍କୁ ନିଜ ଦୈନନ୍ଦିନ ଜୀବନରେ ପାରମ୍ପରିକ ଖାଦ୍ୟ ଯୋଡ଼ିବାକୁ ବାର୍ତ୍ତା ଦେଇଛନ୍ତି।ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲାଙ୍କ ସମେତ ଅତିରିକ୍ତ ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଡ଼ିଏସଡବ୍ଲୁଓ ସନ୍ଧ୍ୟାରାଣୀ ନେପାକ, ସଂସ୍କୃତି ଅଧିକାରୀ ତାହିର ହୁସେନ ଯୋଗଦେଇ ଥିବାବେଳେ ଅତିରିକ୍ତ କୃଷି ଅଧିକାରୀ ଅଞ୍ଜନ କୁମାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଡ.ଏପିଜେ ଅବଦୁଲ କଲାମ ବିଜ୍ଞାନ, ଗଣିତ ମେଳା

ପାଇକମାଳ,୧୩।୪(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଚେରେଙ୍ଗାଝାଞ୍ଜ କ୍ଲଷ୍ଟରର ବରତୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସୁନାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ଡ. ଏପିଜେ ଅବଦୁଲ କଲାମ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ଉଗ୍ରସେନ ପ୍ରଧାନ ଓ ସମ୍ମାନିତ ଅତିଥି ରୂପେ ବରିଷ୍ଠ ପ୍ରଧାନ ଶିକ୍ଷକ ଦୁବରାଜ ବେସରା ଓ ସହଦେବ ମାଝୀ ଏବଂ ସ୍ୱତନ୍ତ୍ର ଅତିଥି ରୂପେ ବିଜୟ କୁମାର ସ୍ୱାଇଁ ଯୋଗଦେଇ ବିଜ୍ଞାନ ଓ ଗଣିତ ମେଳାର ଉଦ୍‌ଘାଟନ କରିଥିଲେ। ଏଥିରେ କୁନି କୁନି ବୈଜ୍ଞାନିକମାନଙ୍କୁ ପ୍ରେରଣାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ୨୦ ଜଣରୁ ଅଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବରେ ଶିକ୍ଷୟିତ୍ରୀ ସବ୍‌ନମ ସାମଲ ଓ ବିଜୟ କୁମାର ସ୍ୱାଇଁ ଥିଲେ। ଏଥିରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ବାଦିବାହାଳ ବିଦ୍ୟାଳୟରେ ଅନୁଷ୍ଠିତ ମାଧବ ପୁରୋହିତଙ୍କ ଅଧକ୍ଷତାରେ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଥିଲା।

## ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ଛାତ୍ରୀମାନଙ୍କର ବିଦାୟ ଉତ୍ସବରେ ଅତିଥିମାନେ।

ବରପାଲି ୧୩।୪(ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଶେଷ ବର୍ଷ ଛାତ୍ରୀମାନଙ୍କର ବିଦାୟ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନା ସଭାରେ ହିନ୍ଦୀ ବିଭାଗର ଅଧ୍ୟାପିକା ଜ୍ୟୋତି ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରକୃତି ବନ୍ଧୁ ମିନକେତନ ସାହୁ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ପ୍ରକୃତି ବନ୍ଧୁ ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। ସହକର୍ମୀ ଶଶାଙ୍କ ଶେଖର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସ୍ମୃତି ଚିହ୍ନ ସରୂପ ଅନ୍ତିମ ବର୍ଷ ଛାତ୍ରୀମାନଙ୍କ ଦ୍ୱାରା ୨ଟି ଅଶୋକ ବୃକ୍ଷ,୨ଟି ବଉଳ ବୃକ୍ଷ ମହାବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ନେପାଲ ବିଶାଲ, ଶିବପ୍ରସାଦ ମେହେର, ସାର୍ଥକ ପାଣିଗ୍ରାହୀ, ଅଧ୍ୟାପିକା ନିଳୀମା ନାୟକ, ପିଙ୍କି ବାରିକ, ମନୀଷା ଭୋଇ, ଶୋଭାବତୀ ଥପା, ପୁନମ ସାହୁ, ସସ୍ମିତା ମେହେର, ପରିଣିତା ପଧାନ ସହକର୍ମୀ ବିରେନ୍ଦ୍ର ଖରୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସାମିଲ ହୋଇଥିଲେ। ପ୍ରାରମ୍ଭିକ ସଭାକାର୍ଯ୍ୟ ନିୟମାନୁସାରେ ହେଲା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଖଇରକାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ପଦ୍ମପୁର,୧୩।୪(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ବନ ବିଭାଗ ପକ୍ଷରୁ ଏକ ଖଇରକାଠ ବୋଝଇ ବୋଲେରୋ ପିକ୍‌ଅପ୍ (ଓଡି ୩୧ -୬୩୩୬) ଜବତ କରାଯାଇଛି। ବୋଲେରୋରେ ବେଆଇନ ଖଇରକାଠ ଚାଲାଣ ହେଉଥିବା ଖବର ପାଇ ବନ ବିଭାଗ କୁର୍ମା ଗୌଡ଼ମାଲ ରାସ୍ତାରେ ଅତର୍କିତ ଚଢ଼ାଉ କରିଥିଲା। ସେଠାରେ ଖଇର କାଠ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏହି ଚୋରା କାଠ ଚାଲାଣ ଅଭିଯୋଗରେ କଂସର ଗ୍ରାମର ତପୋବନ୍ତ କନ୍ଧ ନାମକକୁ ଅଟକ ରଖି ପଚରାଉଚରା କରାଯାଉଛି। ଏହି ଚଢ଼ାଉରେ ଡେପୁଟି ରେଞ୍ଜର ସୁଦାମ ଜଗଦଲା, ଫରେଷ୍ଟର ରାଧାକାନ୍ତ କୁମ୍ଭାର, ଫରେଷ୍ଟ ଗାର୍ଡ ପୃଥିରାଜ ଭୋଇ, ସ୍କ୍ୱାଡ୍ ରାଜା ଡନସେନା, ସ୍କ୍ୱାଡ୍ ବଳରାମ ସାହୁ ସାମିଲ ଥିଲେ।

## ବ୍ଲକସ୍ତରୀୟ ପରିବେଶ ଶିକ୍ଷା ଆଧାରିତ ପ୍ରଦର୍ଶନୀ



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼,୧୩।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀ ନାରାୟଣ ହାଇସ୍କୁଲ, ନୂଆଁଗଡ଼ରେ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ପରିପୋଷଣୀୟ ଜୀବନଶୈଳୀ ଉପରେ ଆଧାରିତ ବ୍ଲକସ୍ତରୀୟ ପ୍ରଦର୍ଶନୀ ବିଦ୍ୟାଳୟର ପ୍ରଧାଶିକ୍ଷକ ପରଦେଶୀ ବୁଧିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀରେ ମୁଖ୍ୟଅତିଥି ଭାବେ ବିଇଓ ସରୋଜ କୁମାର ଭୁଏ, ସମ୍ମାନିତ ଅତିଥି ଭାବରେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଜୟଶ୍ରୀ ମହାନ୍ତିଙ୍କ ସମେତ ବିଚାରକ ଭାବେ ବୈଲୋଚନ ପଧାନ, ସଞ୍ଜୟ ଖମାରୀ, ଭୀଷ୍ମ ଦେବ ପଧାନ ମଞ୍ଚାସୀନ ଥିଲେ। ବ୍ଲକ ବିଜ୍ଞାନ ଫୋରମର ସମ୍ପାଦକ ତଥା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତେଜଗୋଲାର ସହକାରୀ ଶିକ୍ଷକ ଉପେନ୍ଦ୍ର ଖମାରୀ ସଭା ସଂଯୋଜନା କରିଥିଲେ। ସମସ୍ତ ଅତିଥିବୃନ୍ଦ ଶୃଙ୍ଖଳିତ ଦୈନନ୍ଦିନ ଜୀବନ ଚର୍ଯ୍ୟା ମାଧ୍ୟମରେ ପରିବେଶର ଭାରସାମ୍ୟ ରକ୍ଷା କରାଯାଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ପରେ ବିଚାରକମାନେ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଜଳ ସମ୍ପଦର ସୁରକ୍ଷା, ଶକ୍ତି ସମ୍ପଦର ସୁରକ୍ଷା, ଏକକ ବ୍ୟବହୃତ ପ୍ଲାଷ୍ଟିକର ବ୍ୟବହାର କମାଇବା, ସୁସ୍ଥ ଜୀବନଶୈଳୀ, ପୋଷଣୀୟ ଖାଦ୍ୟ ଉତ୍ପାଦ ବିଷୟବସ୍ତୁ ଉପରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ଆଣିଥିଲେ। ପ୍ରଦର୍ଶନୀରେ ୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ଜ୍ୟୋର୍ତିମୟୀ ମେହେର, ସିମରନ ମେହେର, ରେଖା ଭୋଇ, ସୋନାକ୍ଷୀ ଭୁଏ, ଲିପ୍ସା ପଣ୍ଡା, ଦିବ୍ୟ କିଶୋର ସାଙ୍କ ପ୍ରକଳ୍ପ ମନୋନୀତ ହୋଇଥିଲା। ଅତିଥି ବୃନ୍ଦ ସମସ୍ତ ପ୍ରତିଯୋଗୀ ଓ ମାର୍ଗଦର୍ଶକ ଶିକ୍ଷକମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମନୋନୀତ ପ୍ରକଳ୍ପଗୁଡ଼ିକ ଜିଲାସ୍ତରୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଥିଲା। ଉପେନ୍ଦ୍ର ଖମାରୀ ମଞ୍ଚ ପରିଚାଳନା କରିଥିବା ବେଳେ କୁଳମଣି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ସମସ୍ତ ସିଆର୍‌ସିସି ଲୋକନାଥ ମେହେର, ସୁଜିତ ନନ୍ଦ, ରୋହିତ ମହାନନ୍ଦ, ବୀରେନ୍ଦ୍ର ପାଣ୍ଡେ, ସାନନ୍ଦ ସାହୁ, ସଞ୍ଜୟ ସାହୁ, ଶୁକ୍ରୁ ଗର୍ଡ଼ିଆ, ଜୟରାଜ ନାଏକ, ସୁଦାମ ସାହୁ, ସୁଶାନ୍ତ ସୁନା, ଶିକ୍ଷକ ଯୋଗେଶର ପଧାନ, ସର୍ଜନ ଦୀପ, ବିନୋଦ କୁମାର ଭୋଇ, ଭୁବନ ମୋହନ ମହାନ୍ତି, ବୈରାଗୀ ସାହୁ ଓ ବିଜ୍ଞାନ ଫୋରମର ସଦସ୍ୟଙ୍କ ସମେତ ଲକ୍ଷ୍ମୀ ନାରାୟଣ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ୨ ଫୁଲମାଳାରେ ବାଛିଲେ ଜୀବନସାଥୀ

ବରଗଡ଼,୧୩।୪(ପ୍ରେମାନନ୍ଦ ଖମାରୀ)

**ବରଗଡ଼ରେ ଆଦର୍ଶ ଗଣବିବାହ**

ବିବାହରେ ନଥିଲା ଯାନିଯୌତୁକ। କେବଳ ୨ଟି ଫୁଲମାଳା ବିନିମୟରେ ବାଛିଥିଲେ ଜୀବନସାଥୀ। ଏଭଳି ଏକ ଆଦର୍ଶ ଗଣବିବାହ ଶନିବାର ବରଗଡସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୭ଯୋଡି ବରକନ୍ୟାଙ୍କ ବିବାହ ହୋଇଥିଲା। ସ୍ଥାନୀୟ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଏହି ଆଦର୍ଶ ଗଣବିବାହରେ ହରଦୀପ ସିଂ ସସ୍ତ୍ରୀକ କନ୍ୟାପକ୍ଷ ମାତାପିତା ଏବଂ ଶ୍ରୀହରି ନାଗ ବରପକ୍ଷ ମାତାପିତା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମର ସଂସ୍ଥାପକ ପବିତ୍ର ଦେହେରୀଙ୍କ ସମେତ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ଏବଂ ସମ୍ବିଧାନ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଏବଂ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବରଗଡ଼ ନାଗରିକ ମଞ୍ଚ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟମାନେ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ଆର୍ଶିବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଟ୍ରଷ୍ଟର ଚେୟାରମ୍ୟାନ ଗୁଣମଣି ସୁନାନୀ ଅଧକ୍ଷତା କରିଥିଲେ। ଡା. ଶିଶିର କୁମାର ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ଟେକଚାନ୍ଦ ଦୁଆନ, ଅବସର ପ୍ରାପ୍ତ କୃଷି ଅଧିକାରୀ ଅମିୟ କୁମାର ସାହୁ, ବରଗଡ଼ ମ୍ୟୁନିସ୍ପାଲଟି ଅଧକ୍ଷା କଳ୍ପନା ମାଝୀ, ବରପାଲି ଫର୍ମାସିଉଟିକାଲ କଲେଜ ଚେୟାରମ୍ୟାନ ନରେନ୍ଦ୍ର ହୋତା, ଟ୍ରଷ୍ଟି ଉର୍କୁଲୁ ତାଣ୍ଡି, ପରମେଶ୍ୱର ଲୁହା ସମ୍ମାନିତ ଅତିଥି ଏବଂ ଅଜିତ ଶତପଥୀ ଓ ସୁବାସ ନନ୍ଦ ମୁଖ୍ୟବକ୍ତାଭାବେ ମଞ୍ଚାସୀନ ଥିଲେ। ସଭାକୁ ଜେଠୁ ଭୋଇ ପରିଚାଳନା କରିଥିଲେ। ଉତ୍ସବରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଲଲାଟ କୁମାର ଲୁହା, ସୁରେନ୍ଦ୍ର ଭୋଇ, ମନୋରଞ୍ଜନ ସାହୁ, ଗୌରଚନ୍ଦ୍ର ଖମାରୀ, ଟିଙ୍କୁ ନନ୍ଦ, ନିହଲା ସିଂ, ବିନ୍ଦୁ ମଲିକ, ରମେଶ ମହାପାତ୍ର, ସନୟ ପଣ୍ଡା, ଭବାନୀ ସାହୁ, ଅଲିମ ରିଜବି, ଉଦ୍ଧବ ମହାନନ୍ଦ, ବଳରାମ ଦୀପ, ସନ୍ତୋଷିନୀ ସାହୁ, ସନ୍ତୋଷିନୀ ନାଗ, ମେରୀୟମ ବାର୍ଲା, ଶ୍ୟାମସୁନ୍ଦର ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ରତନ ଅଗ୍ରୱାଲ, ଗୀତିକାର ନୁର ବେଗମ୍‌ଙ୍କ ସମେତ ମହିଳା ସମିତି ଅଞ୍ଜନା ଦାଶ, ମାମି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡା. ଶିଶିର କୁମାର ସାହୁ ଏବଂ କପିଳେନ୍ଦ୍ର ଦାଶଙ୍କୁ ସାମାଜିକ କର୍ମୀ ପାଇଁ ସମ୍ମାନିତ କରାଯାଇଥିଲା। ଉଦ୍ଧାବ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମେ ସମସ୍ତେ ଶୋଭାଯାତ୍ରାରେ ଯାଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ନବ ଦମ୍ପତିବୃନ୍ଦ।

## ଆନ୍ତଃ ବିଦ୍ୟାଳୟ ଭଲିବଲ, ଦ୍ୱାରୀ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ବରଗଡ଼,୧୩।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ପି.ଏମ୍.ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକ ସ୍ତରୀୟ ଆନ୍ତଃ ବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶାରୀରିକ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ନାୟକ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୀବର୍ଦ୍ଧନ ଦୁଆନ, ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ରୋହିତ ଭୁଏ, ଅମ୍ବାଭୋନା ବ୍ଲକ ଖେଳ ଓ କ୍ରୀଡ଼ା ସଂଗଠନ ସମ୍ପାଦକ ଜ୍ୟୋତିଷ ସାହୁ, ଅବସରପ୍ରାପ୍ତ ପୂର୍ବତନ ଖେଳ ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ଅବସର ପ୍ରାପ୍ତ ଶିକ୍ଷକ ଗଜେନ୍ଦ୍ର ଦାସ, ତୁଲରାମ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିଲେ।ଛାତ୍ର ଆକାଶ ନାୟକ ଶପଥ ଗ୍ରହଣ କରାଇଥିଲେ। ଦ୍ୱାରୀ ଓ ଅମ୍ବାଭୋନା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଦ୍ୱାରିକାଧିଶ ଉଚ୍ଚ ବିଦ୍ୟାଳୟ, ଦ୍ୱାରୀ ଚାମ୍ପିୟନ ଏବଂ ଅମ୍ବାଭୋନା ବିଦ୍ୟାଳୟ ରନର୍ସ ଅପ ହୋଇଥିଲା। ସେହିପରି ପ୍ରତିଯୋଗିତାର ମ୍ୟାନ୍ ଅଫ୍ ଦି ସିରିଜ ଅମ୍ବାଭୋନାର ପ୍ରିନ୍ସ ଦଣ୍ଡସେନା ହୋଇଥିବା ବେଳେ ଦ୍ୱାରୀର ଦୀନେଶ ଭୋଇ ପ୍ଲେୟାର ଅଫ ଦି ଫାଇନାଲ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଦ୍ୱାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଲାର୍ ସିଂ ପଟେଲ ଉପସ୍ଥିତ ଥିଲେ। ଶିକ୍ଷକ ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ସମସ୍ତ ଖେଳ ଶିକ୍ଷକ ଉପସ୍ଥିତ ଥିଲେ।




## ନୃସିଂହନାଥରେ ସମଲେଶ୍ୱରୀ ଦେବୀଙ୍କ ଚୈତ୍ର ବାସନ୍ତିକ ପୂଜା

ପାଇକମାଳ ୧୩।୪(ବଡ଼ ଶତପଥୀ):

ବରଗଡ ଜିଲା ନୃସିଂହ ନାଥ ସମଲେଶ୍ୱରୀ ମନ୍ଦିରଠାରେ ଯାଦବ ସମାଜ ତରଫରୁ ସମଲେଶ୍ୱରୀ ଦେବୀଙ୍କ ଚୈତ୍ର ବାସନ୍ତିକ ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂଜା କର୍ତ୍ତା ଭାବେ ଝାରବନ୍ଧ ବ୍ଲକର ଉମେଶ ଚନ୍ଦ୍ର ବନଛୋର ପତ୍ନୀ ମାଧବୀଲତା ବନଛୋର କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇ ଥିଲେ। ସେହିପରି ପଣ୍ଡିତ ଜୟ କୁମାର ଆଚାର୍ଯ୍ୟ ପୂଜକ ଭାବେ ଯୋଗଦେଇ ସମସ୍ତ ପୂଜା ପାଠ କରିଥିଲେ। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୌଡ଼ବାଡ଼ି ଖେଳ, ଦୁଲଦୁଲି, ଘଣ୍ଟ ବାଦ୍ୟ, ନାଚ ଗୀତ ସହ ଜମିଥିଲା ବ୍ୟଙ୍ଗ କବିମାନଙ୍କ ଆସର। ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟି ତରଫରୁ ସଭାପତି ମଧୁସୂଦନ ପାଣ୍ଡେ, ଡୋଳା ମଣି ମାହାର, ଅମୃତ ଲାଲ ବନଛୋର, ପାଇକମାଲ ବ୍ଲକ ସଭାପତି ବନମାଳୀ ଚଦନ ଝାରବନ୍ଧ ବ୍ଲକ ସଭାପତି ଧ୍ରୁବ ଚରଣ ହାତୀ, ବ୍ଲକ ସମ୍ପାଦକ ବାଲକୃଷ୍ଣ ବନଛୋର, ମନ୍ଦିର ସମ୍ପାଦକ ଦେବାର୍ଚ୍ଚନ ବାଗ, ଯୁବ ଯାଦବ ସଭାପତି ମାନସ ନାଗ, ଗାନ୍ଧୀ ବାଗ, ସଚ୍ଚିଦା ନାଗ, ନଳିନୀ ଥପା, ମନହର ପୁଞ୍ଜି, ଭାସ୍କର ଭୋଇ, ସତୁ ଥପା, ସୁବଳ ଥପା, କଂଗ୍ରେସ ହଂସ ହେମନ୍ତ ବାଗ, ଡିଲେଶ ଷଣ୍ଡ, ଚୂଡ଼ାମଣି ବନ୍‌ଛୋର, ହଜାର ହଜାର ଯାଦବପ୍ରେମୀ, ଯାଦବସମାଜର ମା' ମାଉସୀ ଚୈତ୍ର ବାସନ୍ତିକ ପୂଜା ମହୋତ୍ସବରେ ସାମିଲ ହୋଇଥିଲେ।






# ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ଅଧିବେଶନ

**ସୁନ୍ଦରଗଡ,୧୩।୪(ଜୟନାରାୟଣମେଣ୍ଡୁଲି)**






ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ଅଧିବେଶନରେ ଯୋଗ ଦେଇଥିବା ଅତିଥି ଓ ବିଭିନ୍ନ ଜିଲାର କର୍ମକର୍ତ୍ତା ତଥା ସଦସ୍ୟ।

ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ଅଧିବେଶନ ରବିବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଫେସର ଟହଲୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ଓ ସମ୍ମାନିତ ଅତିଥିଭାବେ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସୌମ୍ୟା ସହାୟ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ସୁଷମା ପଟେଲ, ଜୀବେଶରୀ ପଟେଲ ଓ ନିତମ୍ବିନୀ କର ମଞ୍ଚାସୀନ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପଶ୍ଚିମ ଓଡ଼ିଶା ମହାସଂଘର ଉପସଭାପତି ପ୍ରଫୁଲ୍ଲ କୁମାର ହୋତା, ପ୍ରଭାକର ମିଶ୍ର, କାର୍ଯ୍ୟକାରୀ ମହାସଚିବ ନାରାୟଣ ନାଏକ, କୋଷାଧ୍ୟକ୍ଷ କେଦାର ମିଶ୍ର, ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘର ସଭାପତି ଈଶର ଚନ୍ଦ୍ର ନାଏକ, ଉପ-ସଭାପତି ଗୁଣନିଧି ମହାନ୍ତି ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ସୁନ୍ଦରଗଡ଼ ପୌରାଧ୍ୟକ୍ଷା ମିଶ୍ର ଓ ସମ୍ମାନିତ ଅତିଥି ଜିଲା ପରିଷଦର ନିର୍ବାହୀ ଅଧିକାରୀ ସାହୁ ବରିଷ୍ଠ ନାଗରିକଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ସହ ବର୍ତ୍ତମାନ ଆରମ୍ଭ ହୋଇଥିବା ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ଯୋଡିହେବା ପାଇଁ ଆହ୍ୱାନ କରିଥିଲେ। ଏହି ଅଧିବେଶନରେ ପଶ୍ଚିମ ଓଡିଶାର ୧୧ଟି ଜିଲାରୁ ଆସିଥିବା ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ବାର୍ଷିକ ଆୟ ବ୍ୟୟ ବିବରଣୀ ସହ ତ୍ରୈମାସିକ ପତ୍ରିକା ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଗୁଡିକରେ ସହଭାଗିତା ବରିଷ୍ଠ ନାଗରିକଙ୍କ ପାଇଁ ପୋଲିସ କାର୍ଡ, ସଂଘକୁ ଗୃହ, ଜମି ଓ ପାଣି ଯୋଗାଣ ଆଦି ବିଷୟ ଉପସ୍ଥାପିତ ହୋଇଥିଲା। ଏଥିସହିତ ଜିଲା ସ୍ତରରେ ଜିଲା ପ୍ରଶାସନ ପକ୍ଷରୁ ପରିଚାଳିତ ବିଭିନ୍ନ କମିଟିରେ ସଂଘକୁ ସାମିଲ କରିବା, ବସ, ଟ୍ରେନ ଓ ଉଡାଜାହାଜରେ ରିହାତି , ବୟୋ ଯୋଜନାରେ ବୟସ ସୀମା ୬୦ ବର୍ଷକୁ ହ୍ରାସ, ବରିଷ୍ଠ ପେନସନ ଯୋଜନା ପ୍ରଚଳନ ସହ ମାସିକ ୫୦୦୦ ଟଙ୍କା ଭତ୍ତା, ଭିଡ ସ୍ଥାନରେ ସ୍ୱତନ୍ତ୍ର ଧାଡିର ବ୍ୟବସ୍ଥା ଆଦି ଦାବି ରଖାଯାଇଥିଲା। ଏହି ଅବସରରେ ସୁନ୍ଦରଗଡର ସମାଜସେବୀ ବିହାରିଲାଲ ପଟେଲଙ୍କୁ ବରିଷ୍ଠ ନାଗରିକ କୃଷକ ବନ୍ଧୁ ସମ୍ମାନ ଏବଂ ବରଗଡର ଶ୍ମଶାନ ବନ୍ଧୁ ସଂଘମିତ୍ରା ପଟେଲଙ୍କୁ ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ଶ୍ମଶାନ ମିତ୍ର ସମ୍ମାନ ରୂପେ ଭୂଷିତ କରାଯାଇଥିଲା। ବିଭିନ୍ନ ଜିଲାରୁ ଯୋଗଦେଇଥିବା ବହୁ ବିଦାନ ସଂଗଠକ ନିଜ ନିଜର ସୁଚିନ୍ତିତ ପରାମର୍ଶ ଓ ପ୍ରସ୍ତାବମାନ ଆଗତ କରିଥିଲେ। ସୁନ୍ଦରଗଡ଼ ସଂଘର କାର୍ଯ୍ୟକାରୀ ସଭାପତି ଚିରବ୍ରତ ଦତ୍ତ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଉପସଭାପତି ଗୁଣାନିଧି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଚିନ୍ମୟ ପାଣିଗ୍ରାହୀ, ସୁଷମା ପଟେଲ, ସମୀର କର, ଜୀବେଶରୀ ପଟେଲ, ଅଜିତ ପ୍ରସାଦ, ଗଗନ ସାଇଁ, ପ୍ରସନ୍ନ ମହାନ୍ତି, ବାସୁଦେବ ସରାଫ, ଶାନ୍ତନୁ ମହାପାତ୍ର, ପୂର୍ଣ୍ଣାନନ୍ଦ ବହିଦାର, ସୁବୋଧ ବକ୍ସି, ନିତ୍ୟାନନ୍ଦ ଦାସ, ଚନ୍ଦ୍ରମଣି ମିଶ୍ର, ସୌଦାମୀନ ବାବୁ, ସନ୍ତୋଷ ପାଲ, ହରିବନ୍ଧୁ ଠାକୁର, ମାୟାଧର ଚିନରା, ସୁବାସ ପାଲ, ଲଳିତ ମୋହନ ଦାସ, ପ୍ରଦୀପ ମିଶ୍ର, ଜଗଦୀଶ ସରାଫ, ପ୍ରଫୁଲ୍ଲ ଦାସ, କୁନିଆ ଦାସ, ମନୋଜ ପୁରୋହିତ, ତାରାଚାନ୍ଦ ପଟେଲ, ମନମୋହନ ପୁରୋହିତ, ଜିତେନ୍ଦ୍ର ନାଏକ, ବିଭୁଧେନ୍ଦ୍ର ଠାକୁର, ଶ୍ରୀବତ୍ସ ଚୌଧୁରୀ, ସୁବାସ ନାୟକ, ରବିନାରାୟଣ ପଣ୍ଡା, ସୁଧାଂଶୁ ଚୌଧୁରୀ, ପୁଷ୍ପଲତା ପାଣିଗ୍ରାହୀ, ନିତମ୍ବିନୀ କର, ଗୋବିନ୍ଦ ଚନ୍ଦ୍ର ସୁଆର, କିଶୋର ମୋହନ ପୁରୋହିତ, ବିମଳେନ୍ଦୁ ରାଏ, ରାଜକିଶୋରେ ମହାରଣା, ଚିରବ୍ରତ ଦତ୍ତ, ପଦ୍ମଲୋଚନ ସରାଫ, ଫକିର କର୍ଣ୍ଣ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

## ମୃତଦେହ ଛୁଇଁଲେନି, ସତ୍କାର କଲେ ଟିମ୍ ଶ୍ମଶାନ ବନ୍ଧୁ

**ସୁନ୍ଦରଗଡ଼,୧୩।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଭଷ୍ମା ଥାନା ଅନ୍ତର୍ଗତ ବୁରୋଭଗା ଗ୍ରାମରେ ରହୁଥିବା କୌଶଲ୍ୟା ସା(୩୦) ଗତ ୯ ତାରିଖରେ ଆତ୍ମହତ୍ୟା କରିଥିବା ସ୍ୱାମୀ ଅଭିଯୋଗ କରିଥିଲେ। ଭଷ୍ମା ଥାନା ପୋଲିସ ମୃତଦେହ ଜବତ କରି ଜିଲା ମର୍ଗ ହାଉସରେ ରଖି କୌଶଲ୍ୟାଙ୍କ ବାପା ସୁଦାମା ସାଙ୍କୁ ଖବର ଦେଇଥିଲା। ସୁଦାମା ସୁଦୂର ଝାଡ଼ଖଣ୍ଡରୁ ଆସି ଜ୍ୱାଇଁ ପଙ୍କଜଙ୍କ ନାଁରେ ହତ୍ୟା ଅଭିଯୋଗ ଆଣିଥିଲେ। ପୋଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। କୌଶଲ୍ୟା ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କ ବାପା ମୃତଦେହ ଦାହ ପାଇଁ ମନା କରି ଦେଇଥିଲେ। ଏପଟେ ହତ୍ୟା ଅଭିଯୋଗରେ ସ୍ୱାମୀ ଜେଲକୁ ଚାଲିଯାଇଥିବା ବେଳେ ମୃତଦେହ ଦାହ ପାଇଁ ସମସ୍ୟା ଉପୁଜିଥିଲା। ଚାରିଦିନ ଧରି ମର୍ଗ ହାଉସରେ ମୃତଦେହ ପଡିରହିବା ପରେ ଭଷ୍ମା ଥାନା ପୋଲିସ ସୁନ୍ଦରଗଡ଼ର ଟିମ ଶ୍ମଶାନ ବନ୍ଧୁଙ୍କ ସହଯୋଗ ଲୋଡିଥିଲା। ପଙ୍କଜଙ୍କ ସାନଭାଇ ବିକାଶଙ୍କ ଉପସ୍ଥିତିରେ ଭଷ୍ମା ପୋଲିସ ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନଙ୍କୁ କୌଶଲ୍ୟାଙ୍କ ମରଶରୀର ରବିବାର ହସ୍ତାନ୍ତର କରିଥିଲା। ଟିମ ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା ଓ ଟିଣ୍ଟୁ ରକ୍ସା ସୁନ୍ଦରଗଡ ସ୍ୱର୍ଗଦ୍ୱାରକୁ ନେବା ସହିତ ଭଷ୍ମା ଥାନା ପୋଲିସର ଉପସ୍ଥିତିରେ ଶେଷକୃତ ସମ୍ପନ୍ନ କରିଥିଲେ। ସୁନ୍ଦରଗଡ ଟ୍ରକ ଓନର୍ସ ଆସୋସିଏଶନ ତରଫରୁ ସହଯୋଗ କରାଯାଇଥିବା ବେଳେ ଭଷ୍ମା ଥାନା ଆଇଆଇସି ସୁଶାନ୍ତ କୁମାର ପରିଡା ଓ ତଦନ୍ତକାରୀ ଅଧିକାରୀ ପୃଥ୍ୱୀରାଜ ଦ୍ୱିବେଦୀ ଟିମ ଶ୍ମଶାନ ବନ୍ଧୁର ସଦସ୍ୟଙ୍କ ମାନବିକତାକୁ ପ୍ରଶଂସା କରିବା ସହିତ ଉତ୍ସାହିତ କରିଥିଲେ।

## ସଡ଼କ ଦୁର୍ଘଟଣା: ଜଣେ ମୃତ

**ଟେନସା,୧୩।୪(ସମୀର କୁମାର ପାଢ଼ୀ):** କୋଇଡା ଥାନା କାଲଟା ଫାଣ୍ଡିଅଧିନ ତୋଡା ଛକଠାରେ ଛିଡା ହୋଇଥିବା ଏକ ହାଇଓ୍ୱା ନଂ. ଓଡି୧୬ଜି୨୮୭୦ ପଛକୁ ଲୁହାପଥର ଗୁଣ୍ଡ ବୋଝେଇ ଅନ୍ୟ ଏକ ଟ୍ରଲର ନଂ. ଓଡି୧୬କେ୯୯୫୩ ଧକ୍କା ଦେଇଥିଲା। ଫଳରେ ହାଇଓ୍ୱା ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକହେଲେ ରାଜଗାଙ୍ଗପୁର ଅଞ୍ଚଳର ଅମିତ ବାଡା (୩୦)। ଅନ୍ୟପଟେ ଟ୍ରଲର୍ ଗାଡିଟି ରାସ୍ତାର ଅପର ପାର୍ଶ୍ୱରେ ଓଲଟି ପଡିବାରୁ ଲୁହାପଥର ଗୁଣ୍ଡ ଜାତୀୟ ରାଜପଥ ଉପରେ ପଡ଼ିଯାଇଥିଲା। ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ, ଏନଏଚ କର୍ତ୍ତୃପକ୍ଷ ଓ ପୋଲିସ ପହଞ୍ଚି ପ୍ରଥମେ ଟ୍ରଲର ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କେ. ବଲାଙ୍ଗ ହସ୍ପିଟାଲକୁ ନେଇଥିଲେ।

## କିଷାନ ସମାଜର ବାର୍ଷିକ ଉତ୍ସବ

**ବଡ଼ଗାଁ,୧୩।୪(ଅଶୋକ ଷଡଙ୍ଗୀ)**



ଉତ୍ସବରେ ଜଣେ କର୍ମକର୍ତ୍ତା ବକ୍ତବ୍ୟ ରଖୁଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ରାଏଡିହୀ ଗ୍ରାମରେ ବଫେଇ ଗଙ୍ଗାଘାଟି ଆନୁକୂଲ୍ୟରେ ୧୩ ପାଲି ଗ୍ରାମକୁ ନେଇ କିଷାନ ସମାଜର ବାର୍ଷିକ ଉତ୍ସବ ଈଶ୍ୱର ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ରବିବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଛି। ଉତ୍ସବକୁ ମାଧବ ଚନ୍ଦ୍ର ମାଝୀ ପରିଚାଳନା କରିଥିଲାବେଳେ ହରିହର ମିଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ବେଦବ୍ୟାସ ଗଙ୍ଗାଘାଟିର ସଭାପତି ବୁଧୁ କିସାନ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସମାଜର ପାରମ୍ପରିକ ରୀତିନୀତି ଓ ଶୃଙ୍ଖଳା ବିଷୟରେ ଆଲୋଚନା କରିଥିଲେ। ସମାଜର ଇତିହାସ ଓ ଉତ୍ପତ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଚାଲିଚଳନ, ଆର୍ଥିକ ସ୍ୱତନ୍ତ୍ରତା ଆଦି ବିଭିନ୍ନ ବିଷୟ ଉପରେ ସମାଜ କର୍ମକର୍ତ୍ତା ସୁରେନ୍ଦ୍ର ମାଝୀ, ସୋମବାରୀ ମାଝୀ, ସମରେନ୍ଦ୍ର କିସାନ, ତଳସରାର ପରମାନନ୍ଦ କିସାନ, ଗଏରବାହାଲର ଜିତେନ୍ଦ୍ର ବାରୁଆ ପ୍ରମୁଖ ବ୍ୟକ୍ତିମାନେ ଆଲୋଚନା କରିଥିଲେ। ଏହି ଉତ୍ସବରେ ରାଜ୍ୟ ସ୍ତରୀୟ ଉପଦେଷ୍ଟା ସ୍ୱପ୍ନ ମିଞ୍ଜ, ଚନ୍ଦ୍ରମଣି କିସାନ ସମ୍ପାଦକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଉତ୍ସବ ଶେଷରେ ମିନକେତନ କିସାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ସୁରେନ୍ଦ୍ର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ଗୋପନା ହତ୍ୟାକାଣ୍ଡର ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

**ଟେନସା,୧୩।୪(ସମୀର କୁମାର ପାଢ଼ୀ)**

୨୦୨୫ ଫେବୃଆରୀ ୧୮ରେ କୋଇଡା ବ୍ଲକ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ହତ୍ୟାକାଣ୍ଡର ଅନ୍ୟଜଣେ ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶମ୍ଭୁ ପୂର୍ତ୍ତୀ (୧୯)। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଗତ ୧୮ ଫେବୃଆରୀ ୨୦୨୫ ଜାମ୍ବିରା ବୁରୁଅଲି ତାଙ୍କ ସମ୍ପର୍କୀୟ ସମୀର ବୁକୁଅଲି ଏବଂ ସାଗର ପୁର୍ତ୍ତୀଙ୍କ ସହ ଆମରୁଢୀକୁ ମାଗେ ପରବ ଦେଖିବାକୁ ଯାଇ ନିଖୋଜ ଥିଲେ। ଏନେଇ ଜାମ୍ବିରାଙ୍କ ଭାଇ ମଞ୍ଜନ ସିଂ ବୁରୁଅଲି ଫେବୃଆରୀ ୨୧ରେ କେ. ବଲାଙ୍ଗ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ମାମଲା ନଂ. ୩୩/୨୦୨୫ ରୁଜୁ କରି ତଦନ୍ତ କରୁଥିଲା। ଜାମ୍ବିରା ଯାଇଥିବା ସମ୍ପର୍କୀୟ ତାଙ୍କୁ ଜମି ବିବାଦ ନେଇ ବାରମ୍ବାର ମାରିବାକୁ ଧମକ ଦେଉଥିବା ଏତଲାରେ ଉଲ୍ଲେଖ କରାଯାଇଥିଲା। ନିକଟସ୍ଥ ପଡିଆ ନିକଟରେ ଜାମ୍ବିଆଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତଦନ୍ତ ପରେ ସାଙ୍ଗରେ ଯାଇଥିବା ହତ୍ୟାକାରୀ ସମୀର ଓ ସାଗରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ହତ୍ୟାକାଣ୍ଡରେ ସମ୍ପୃକ୍ତ ତୃତୀୟ ଅଭିଯୁକ୍ତ ଫେରାର୍ ଥିଲେ। ରବିବାର କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳରୁ କେ. ବଲାଙ୍ଗ ପୋଲିସ ତାଙ୍କୁ ଗିରଫ କରିଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ,ଚାଳକ ଗିରଫ

**କୁଆଁରମୁଣ୍ଡା,୧୩।୪(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କଟାରୁ ନିକଟସ୍ଥ କୋଏଲ ନଦୀର ବିଜୁବନ୍ଧ ନଦୀଟୋଲାରୁ ଏକ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଥିବା ବେଳେ ଫାଣ୍ଡି ପୋଲିସ ଜବତ କରିଛି। ଏଥିସହ ଟ୍ରାକ୍ଟର ଚାଳକ ବିଜୁବନ୍ଧ ଗ୍ରାମର ସଞ୍ଜୟ ବଡାଇକ(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି।

## ଶୋଭାଯାତ୍ରାରେ ସ୍ୱଚ୍ଛତା ସଚେତନତା ବାର୍ତ୍ତା

**ସୁନ୍ଦରଗଡ଼, ୧୩।୪(ଜୟ ନାରାୟଣ ମେଣ୍ଡୁଲି)**

**ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ**

ସୁନ୍ଦରଗଡ଼ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟରେ ତିନିଧରି ଚାଲିଥିବା ସ୍ୱଚ୍ଛତା ପକ୍ଷ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ମ୍ୟୁନିସିପାଲଟି ଛକ, ବିବେକାନନ୍ଦ ଛକ ଏବଂ ପଞ୍ଚମୁଖୀ ହନୁମାନ ଛକ ଦେଇ ଯାଇ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା ବାର୍ତ୍ତା ପହଞ୍ଚାଇଥିଲେ। ଶୋଭାଯାତ୍ରାକୁ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ସମାବେଶୀ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ, ଜିଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ରଶେଖର ସା ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉପରୋକ୍ତ ସମସ୍ତ ଛକମାନଙ୍କରେ ବିଦ୍ୟାଳୟର କୁନିକୁନି ବାଳିକା ସ୍ୱଚ୍ଛତା ସଚେତନତା ଆଧାରିତ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ ସ୍ନେହାରାଣୀ ବେସନ ସ୍ୱଚ୍ଛତା ସଚେତନତା ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା ଆଧାରିତ ପ୍ରବନ୍ଧ, ସ୍ଲୋଗାନ ଲିଖନ, ଚିତ୍ରାଙ୍କନ ଓ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ହୋଇଥିଲା। ତୃତୀୟ ଦିବସରେ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ଏକ ଶିବିର ବିଦ୍ୟାଳୟ ପରିସରସ୍ଥ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗରେ ସମାପିତ ହୋଇଥିଲା।

## ବ୍ରାହ୍ମଣ ସମାଜ କର୍ମକର୍ତ୍ତାଙ୍କ ବିୟୋଗ

**ବଡ଼ଗାଁ,୧୩।୪( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ରହ୍ମପୁରା ବ୍ରାହ୍ମଣ ସମାଜର ପୂର୍ବତନ ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ (୬୯)ଙ୍କ ରବିବାର ଅପରାହ୍ନରେ ଦେହାନ୍ତ ଘଟିଛି। ଫୁସଫୁସ ସଂକ୍ରମଣ ହୋଇ ଗତମାସ ୨୫ ତାରିଖରେ ରାଉରକେଲା ସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି



କରାଯାଇଥିଲା। ସେଠାରୁ ଘରକୁ ଆସିଲା ପରେ ପୁଣି ଅସୁସ୍ଥ ହେବାରୁ ସୁନ୍ଦରଗଡ଼ ଏ ନ ର୍ଟ ପି ସି ମେ ଡି କା ଲ କୁ ନିଆଯାଇଥିଲା। ଶନିବାର ଘରକୁ ଅଣିଲା ପରେ ରବିବାର ଅପରାହ୍ନରେ ଦେହାନ୍ତ ହୋଇଛି। ତାଙ୍କ ବିୟୋଗ ଖବର ଶୁଣି ବ୍ରାହ୍ମଣ ସମାଜ ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି। ସେ ୨୦୧୧ ରୁ ୨୦୨୧ ମସିହା ପର୍ଯ୍ୟନ୍ତ ବ୍ରାହ୍ମଣ ସମାଜର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ।

## ହଜିଯାଉଥିବା ବ୍ୟଞ୍ଜନ ପୁନଃ ଆଦୃତ ଲକ୍ଷ୍ୟ

**ଓଡ଼ିଆ ପକ୍ଷ ନେଇ ପାରମ୍ପରିକ ଖାଦ୍ୟ ଦିବସ**

**ସୁନ୍ଦରଗଡ଼,୧୩।୪(ଜୟ ନାରାୟଣ ମେଣ୍ଡୁଲି)**



ପ୍ରସ୍ତୁତ ହୋଇଥିବା ପିଠାପଣା।

ଓଡ଼ିଆ ପକ୍ଷ ପାଳନର ୧୩ତମ ଦିବସକୁ ରବିବାର ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ- ଆମ ରୁଚି ଆମ ଖାଦ୍ୟ ଭାବେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ପୌରପାଳିକାଠାରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରାଯାଇ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାଶ, ଅନ୍ୟାନ୍ୟ ଅଧିକାରୀ, ପୌରପାଳିକା କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଆମ ପାରମ୍ପରିକ ଖାଦ୍ୟ କେବଳ ଯେ ସ୍ୱାଦ ଦୃଷ୍ଟିରୁ ଉନ୍ନତ ତାହା ନୁହେଁ, ବରଂ ସ୍ୱାସ୍ଥ୍ୟ ଓ ଶରୀର ମଧ୍ୟ ଲାଭଦାୟକ। ଏହି ସବୁ ଖାଦ୍ୟଗୁଡ଼ିକରେ କୌଣସି ରାସାୟନିକ ଦ୍ରବ୍ୟର ବ୍ୟବହାର କରାଯାଇ ନ ଥାଏ। ସେହିଭଳି ଆମ ହାଣ୍ଡିଶାଳରୁ ହଜି ଯାଉଥିବା ଏହିସବୁ ବ୍ୟଞ୍ଜନଗୁଡ଼ିକୁ ତଥା ଅନେକ ପାରମ୍ପରିକ ପିଠା, ପଣା ଆଦିକୁ ଆଜିର ପିଢ଼ି ମଧ୍ୟରେ ପୁନଃ ଆଦୃତ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ସମସ୍ତ ବ୍ଲକ ଅଞ୍ଚଳରେ ମଧ୍ୟ ଏହି ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ଏବଂ ଅଂଶଗ୍ରହକାରୀ ମାନେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଭିନ୍ନପ୍ରକାରର ଖାଦ୍ୟ ବ୍ୟଞ୍ଜନ,ପିଠାପଣା ଆଦିର ମଜା ନେଇଥିଲେ।

## ଯୋଗେଶ ହେବେ ବିଜେଡି ଜିଲା ସଭାପତି

**ସୁନ୍ଦରଗଡ,୧୩।୪(ଜୟ ନାରାୟଣ ମେଣ୍ଡୁଲି)**



ବିଧାୟକ ଯୋଗେଶ ସିଂହ।

ବିଜେଡିର ସାଙ୍ଗଠନିକ ପ୍ରକ୍ରିୟା ବର୍ତ୍ତମାନ ଚାଲିଥିବା ବେଳେ ନିକଟରେ ବିଭିନ୍ନ ଜିଲାର ସଭାପତି ନିର୍ବାଚନ ଅନୁଷ୍ଠିତ ହେବ। ଏହି କ୍ରମରେ ସୁନ୍ଦରଗଡ଼ ବିଜେଡି ସାଙ୍ଗଠନିକ ଜିଲାର ସଭାପତି ପଦ ପାଇଁ ରବିବାର ବିଧାୟକ ଯୋଗେଶ କୁମାର ସିଂହ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଯୋଗେଶ ବର୍ତ୍ତମାନ ସୁନ୍ଦରଗଡ଼ ବିଧାନସଭା ଆସନର ବିଧାୟକ ଅଛନ୍ତି। ଆସନ୍ତା ୧୫ତାରିଖରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଭିନ୍ନ ଜିଲାର ସଭାପତିଙ୍କ ନାମ ଘୋଷଣା କରିବାର ଜଣାଯାଇଛି। ନବୀନ ପଟ୍ଟନାୟକ ସୁନ୍ଦରଗଡ ଜିଲା ସଭାପତି ଭାବେ ଯୋଗେଶଙ୍କ ଉପରେ ଆସ୍ଥାପ୍ରକଟ କରିବାର ବିଶେଷ ସମ୍ଭାବନା ରହିଛି। କାରଣ ଯୋଗେଶ ହିଁ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୁନ୍ଦରଗଡ ସଦର, ତଳସରା ଓ ରାଜଗାଙ୍ଗପୁର ବିଧାନସଭା ଆସନକୁ ନେଇ ସୁନ୍ଦରଗଡ ସାଙ୍ଗଠନିକ ଜିଲା ଗଠିତ ହୋଇଛି।












ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୪/୨୦୨୫ Bhubaneswar, Monday, April 14/ 2025

# ଆର୍‌ସିବିର ସହଜ ବିଜୟ


ଦୃଢ଼ ଓପନିଂ ଭାଗୀଦାରି ଅବସରରେ ଆରସିବିର ବିରାଟ କୋହଲି ଓ ଫିଲ୍ ସଲ୍ଟ।

**ଜୟପୁର,୧୩।୪**

ବୋଲରଙ୍କ ମାପଚୁପ ବୋଲିଂ ଓ ପରେ ଫିଲ୍ ସଲ୍ଟ ଏବଂ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ବଳରେ ରବିବାର ଅପରାହ୍ଣରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ୯ ଉଇକେଟରେ ରାଜସ୍ଥାନ ରୟାଲ୍ସ(ଆର୍.ଆର୍.)କୁ ପରାସ୍ତ କରିଛି। ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୭୪ ରନ୍‌ର ଟାର୍ଗେଟକୁ ବେଙ୍ଗାଲୁରୁ ୧୭.୩ ଓଭରରେ ୧ ଉଇକେଟ ହରାଇ ହାସଲ କରିନେଇଥିଲା। ଏହା ବେଙ୍ଗାଲୁରୁର ଚତୁର୍ଥ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ଏହା ଚତୁର୍ଥ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୨୦ ଓଭରରେ ୪ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଦଳ ପକ୍ଷରୁ ଜଶସ୍ୱୀ ଜୟସ୍ୱାଲ ୪୭ ବଲରେ ସର୍ବାଧିକ ୭୫ ରନ୍‌ର ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସ୍‌ରେ ୧୦ ଚୌକା ଓ ୨ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ଜୁରେଲ ୨୩ ବଲରେ ୨ ଲେଖାଏ ଚୌକା ଓ ଛକା ସହିତ ୩୫ ରନ୍ କରି ଅପରାଜିତ ରହିଥିବା ବେଳେ ରିୟାନ ପରାଗ ୨୨ ବଲରେ ୩ ଚୌକା ଓ ୧ ଛକା ସହିତ ୩୦ ରନ୍ କରି ଆଉଟ୍ ହୋଇଥିଲେ। ଅଧିନାୟକ ସଞ୍ଜୁ ସାମ୍‌ସନ(୧୫) ଓ ଶିମରନ ହେଟମେୟର(୯) ବିଫଳ ହୋଇଥିଲେ। ଆର୍‌ସିବି ପକ୍ଷରୁ ଭୁବନେଶ୍ୱର କୁମାର, ୟଶ୍ ଦୟାଲ, ଜୋଶ୍ ହାଜେଲଉଡ୍ ଓ କୃନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଆର୍‌ସିବିକୁ ସଲ୍ଟ ଓ କୋହଲି ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ୮.୪ ଓଭରରେ ୯୨ ରନ୍ ଯୋଡ଼ିଥିଲେ। ରାଜସ୍ଥାନ ଫିଲ୍ଡରମାନେ ଅନେକ କ୍ୟାଚ୍ ହାତଛଡ଼ା କରି ଦୁହିଙ୍କୁ ଯଥେଷ୍ଟ ସହଯୋଗ କରିଥିଲେ। ସଲ୍ଟ ୩୩ ବଲରେ ୫ ଚୌକା ଓ ୬ ଛକା ସହିତ ୬୫ ରନ୍ କରି କୁମାର କାର୍ତ୍ତିକେୟଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଏହାପରେ ଦେବଦତ୍ତ ପଡିକଲଙ୍କ ସହ ମିଶି କୋହଲି ଅବିଭାଜିତ ଦ୍ୱିତୀୟ ଉଇକେଟରେ ୮୩ ରନ୍ ଯୋଡ଼ି ଦଳକୁ ଜିତାଇଥିଲେ। କୋହଲି ୪୫ ବଲରେ ୪ ଚୌକା ଓ ୨ ଛକା ସହ ୬୨ ଓ ପଡିକଲ ୨୮ ବଲରେ ୫ ଚୌକା ଓ ୧ ଛକା ସହ ୪୦ ରନ୍ କରି ଅପରାଜିତ ରହିଥିଲେ। ଚଳିତ ଆଇପିଏଲ୍‌ରେ କୋହଲିଙ୍କର ଏହା ତୃତୀୟ ଅର୍ଦ୍ଧଶତକ ଥିଲା। ରାଜସ୍ଥାନ ପକ୍ଷରୁ କାର୍ତ୍ତିକେୟ ଏକମାତ୍ର ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୭୩/୪(ୟଶସ୍ୱୀ ଜୟସ୍ୱାଲ-୭୫, ଧ୍ରୁବ ଜୁରେଲ-୩୫*, ରିୟାନ ପରାଗ-୩୦, ଜୋଶ୍ ହାଜେଲଉଡ୍-୧/୨୬, କୃନାଲ ପାଣ୍ଡ୍ୟା-୧/୨୯)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୭.୩ ଓଭରରେ ୧୭୫/୧(ଫିଲ ସଲ୍ଟ-୬୫, ବିରାଟ କୋହଲି-୬୨*, ଦେବଦତ୍ତ ପଡିକଲ-୪୦*, କୁମାର କାର୍ତ୍ତିକେୟ-୧/୨୫)।

## ଟି୨୦ରେ କୋହଲିଙ୍କ ୧୦୦ ଅର୍ଦ୍ଧଶତକ

**ଜୟପୁର,୧୩।୪:** ଭାରତୀୟ ଦଳର ଷ୍ଟାର୍ ବିରାଟ କୋହଲି ରବିବାର କ୍ରିକେଟ୍ ଇତିହାସରେ ନିଜ ନାମକୁ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ କରାଇଛନ୍ତି। ସେ ପ୍ରଥମ ଭାରତୀୟ କ୍ରିକେଟର ଭାବେ ଟି୨୦ରେ ୧୦୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଷ୍ଟାର୍ କୋହଲି ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ୪୫ ବଲରେ ୬୨ ରନ୍‌ର ଇନିଂସ ଖେଳିବା ଅବସରରେ ଏହି ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ଚଳିତ ଆଇପିଏଲ୍‌ରେ ଏହା ତାଙ୍କର ତୃତୀୟ ଅର୍ଦ୍ଧଶତକ ଥିଲା। ଏଥିଯୋଗୁ ଏପର୍ଯ୍ୟନ୍ତ ୪୦୫ ଟି୨୦ ମ୍ୟାଚ୍ ଖେଳିଥିବା କୋହଲିଙ୍କ କ୍ୟାରିୟରର ଅର୍ଦ୍ଧଶତକ ସଂଖ୍ୟା ୧୦୦ରେ ପହଞ୍ଚିଛି। ତାଙ୍କ କ୍ୟାରିୟରରେ ୯ ଶତକ ମଧ୍ୟ ରହିଛି। ଟି୨୦ କ୍ରିକେଟ୍ ଇତିହାସରେ ସର୍ବାଧିକ ସଂଖ୍ୟକ ଅର୍ଦ୍ଧଶତକ କରିଥିବା ବ୍ୟାଟରଙ୍କ ତାଲିକାରେ କୋହଲି ଏବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ଏବେ କେବଳ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନରଙ୍କ ପଛରେ ରହିଛନ୍ତି। ୪୦୦ ଟି୨୦ ମ୍ୟାଚ ଖେଳିଥିବା ୱାର୍ନରଙ୍କ ନାମରେ ୮ ଶତକ ସହ ୧୦୮ ଅର୍ଦ୍ଧଶତକ ରହିଛି। ଏହି ତାଲିକାରେ କୋହଲିଙ୍କ ପଛରେ ପାକିସ୍ତାନର ବାବର ଆଜାମ (୯୦ ଅର୍ଦ୍ଧଶତକ), ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ(୮୮), ଇଂଲଣ୍ଡର ଜୋଶ୍ ବଟଲର(୮୬) ରହିଛନ୍ତି।

## ସବୁଜ ଜର୍ସି ପଛର କାରଣ

**ଜୟପୁର,୧୩।୪:** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ରବିବାର ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ବିପକ୍ଷରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ସବୁଜ ରଙ୍ଗର ଜର୍ସି ବ୍ୟବହାର କରିଥିଲା। ଏହା ପଛର କାରଣ ସମ୍ପର୍କରେ ଆର୍‌ସିବି ଅଧିନାୟକ ରଜତ ପଟିଦାର ଟସ୍ ବେଳେ କହିଥିଲେ, ଆମେ ଅଧିକ ଗଛ ଲଗାଇବା ନିମନ୍ତେ ସଚେତନତା ସୃଷ୍ଟି କରିବା ପାଇଁ ସବୁଜ ଜର୍ସି ପିନ୍ଧୁଛୁ।

# ଦିଲ୍ଲୀର ପ୍ରଥମ ପରାଜୟ


ଅର୍ଦ୍ଧଶତକ ହାସଲ ପରେ ତିଳକ ବର୍ମା।

**ଦିଲ୍ଲୀ,୧୩।୪**

ଆଇପିଏଲ୍‌ର ପ୍ରତ୍ୟାବର୍ତ୍ତନ ମ୍ୟାଚରେ କରୁନ ନାୟରଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବେକାର ସାବ୍ୟସ୍ତ ହୋଇଛି। ରବିବାର ରାତିରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ) ୧୨ ରନରେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି)କୁ ପରାସ୍ତ କରିଛି। ଏହା ଦିଲ୍ଲୀ ଦଳର ପ୍ରଥମ ପରାଜୟ ହୋଇଥିବା ବେଳେ ମୁମ୍ବାଇ ଲାଗି ଏହା ଦ୍ୱିତୀୟ ବିଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୦୫ ରନ କରିଥିଲା। ଦଳ ପକ୍ଷରୁ ତିଳକ ବର୍ମା ସର୍ବାଧିକ ୫୯ (୬ ଚୌକା ଓ ୩ ଛକା) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିୟାନ ରିକଲଟନ ୪୧ (୫ ଚୌକା ଓ ୨ ଛକା), ସୂର୍ଯ୍ୟକୁମାର ଯାଦବ ୪୦ (୫ ଚୌକା ଓ ୨ ଛକା) ଓ ନମନ ଧିର ୩୮(୩ ଚୌକା ଓ ୨ ଛକା) ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ବିପ୍ରଜ ନିଗମ ଓ କୁଲଦୀପ ଯାଦବ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଆରମ୍ଭରୁ ଜେକ ଫ୍ରେଜର ମ୍ୟାକଗର୍କ(୦)ଙ୍କ ଉଇକେଟ ହରାଇଥିବା ଦିଲ୍ଲୀ ପାଇଁ ଦ୍ୱିତୀୟ ଉଇକେଟରେ ଅଭିଷେକ ପୋରେଲ ଓ କରୁନ ୧୦.୧ ଓଭରରେ ୧୧୯ ରନ ଯୋଡ଼ିଥିଲେ। ୩ ବର୍ଷ ପରେ ଆଇପିଏଲ୍‌କୁ ଫେରିଥିବା କରୁନ ୪୦ ବଲରେ ୧୨ ଚୌକା ଓ ୫ ଛକା ସହାୟତାରେ ୮୯ ରନ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ସର୍ବାଧିକ ସ୍କୋର। ପୋରେଲ ୩୩ (୩ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। ଦୁହେଁ ଆଉଟ ହେବା ପରେ ଦିଲ୍ଲୀ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ୧୯ ଓଭରରେ ୧୯୩ ରନରେ ଅଲଆଉଟ ହୋଇଯାଇଥିଲା। ମୁମ୍ବାଇ ପକ୍ଷରୁ କର୍ନ ଶର୍ମା ୩ଟି, ମିଚେଲ ସାଣ୍ଟନର ୨ଟି ଓ ଯଶପ୍ରୀତ ବୁମରା ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୦୫/୫ (ତିଳକ ବର୍ମା-୫୯, ରିୟାନ ରିକଲଟନ-୪୧, ସୂର୍ଯ୍ୟକୁମାର ଯାଦବ-୪୦, ନମନ ଧିର-୩୮, କୁଲଦୀପ ଯାଦବ-୨/୨୩, ବିପ୍ରଜ ନିଗମ-୨/୪୧)। ଦିଲ୍ଲୀ କ୍ୟାପିଟାଲ୍ସ: ୧୯ ଓଭରରେ ୧୯୩/ ଅଲଆଉଟ୍ (କରୁନ ନାୟର-୮୯, ଅଭିଷେକ ପୋରେଲ-୩୩, କର୍ନ ଶର୍ମା-୩/୩୬, ମିଚେଲ ସାଣ୍ଟନର-୨/୪୩, ଯଶପ୍ରୀତ ବୁମରା-୧/୪୪)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ଲକ୍ଷ୍ନୌ
ବନାମ ଚେନ୍ନାଇ
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୧.୦୦୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୬ | ୩ | ୩ | ୬ | +୦.୮୦୩ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | +୦.୦୬୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | +୦.୦୨୭ |
| ରାଜସ୍ଥାନ ରୟାଲ୍ସ | ୬ | ୨ | ୪ | ୪ | -୦.୮୩୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୧ | ୫ | ୨ | -୧.୫୫୪ |

# ରାଖାଲଙ୍କୁ ୩ ; ମାଳତି, ରମେଶଙ୍କୁ ପଦକ


ପଦକ ସହ ରମେଶ ରାଓ, ମାଳତି ପନୁରେ ଓ ରାଖାଲ ସେଠୀ।

**ଭୁବନେଶ୍ୱର, ୧୩।୪(ତପନ ସ୍ୱାଇଁ)**

**ପାରା ଫେନ୍‌ସିଂ ସାଟେଲାଇଟ କପ୍**

ହଂକଂରେ ଅନୁଷ୍ଠିତ ହୁଇଲ୍ ଚେୟାର ପାରା ଫେନ୍‌ସିଂ ସାଟେଲାଇଟ କପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ମୋଟ୍ ୫ଟି ପଦକ ହାସଲ କରିଛନ୍ତି। ଏକା ରାଖାଲ କୁମାର ସେଠୀ ପଦକ ହାସଲରେ ହାଟ୍ରିକ୍ କରିଛନ୍ତି। ସେ ସାବ୍ରେରେ ରୌପ୍ୟ ଏବଂ ଇପି ଓ ଫଏଲ୍ ଇଭେଣ୍ଟରେ ବ୍ରୋଞ୍ଜ ଜିତିଛନ୍ତି। ରମେଶ ରାଓ ବ୍ୟକ୍ତିଗତ ଫଏଲ୍‌ରେ ବ୍ରୋଞ୍ଜ ଏବଂ ମହିଳା ଇପିରେ ମାଳତି ପନୁରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ଓ ପାରା ଫେନ୍‌ସିଂ ଓଡ଼ିଶାର ଅଧ୍ୟକ୍ଷ ବେଲା ଜୟସ୍ୱାଲ୍ ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଲଗାତର ୪ ପରାଜୟ ମୋତେ ବ୍ୟଥିତ କରିଥିଲା

**ହାଇଦ୍ରାବାଦ,୧୩।୪(ପି.ଟି.)**

ଲଗାତର ୪ଟି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)ର ପରାଜୟ ଅଭିଷେକ ଶର୍ମାଙ୍କୁ ବ୍ୟଥିତ କରିଥିଲା। ଏଥିଯୋଗୁ ନିଜ ପ୍ରଦର୍ଶନ ବଳରେ ସେ ପରାଜୟ ଧାରାରେ ବ୍ରେକ୍ ଲଗାଇବାକୁ ଚାହୁଁଥିଲେ। ଆଇପିଏଲ୍ ଆରମ୍ଭରୁ ଖରାପ ଫର୍ମ ଦେଇ ଗତି କରୁଥିବା ଅଭିଷେକ ଶନିବାର ୫୫ ବଲରେ ୧୪୧ ରନ୍‌ର ବିସ୍ଫୋରକ ପାଳି ଖେଳିଥିଲେ। ତାଙ୍କର ଏଭଳି ପ୍ରଦର୍ଶନ ଯୋଗୁ ଟାର୍ଗେଟ୍‌ର ପିଛା କରି ମ୍ୟାଚ୍ ଜିତିବାରେ ଏସ୍‌ଆର୍‌ଏଚ୍ ଆଇପିଏଲ୍ ଇତିହାସର ଦ୍ୱିତୀୟ ସବୁଠୁ ବଡ଼ ବିଜୟ ହାସଲ କରିଥିଲା।

‘ଏହା ମୋ ପାଇଁ ଖୁବ୍ ସ୍ୱତନ୍ତ୍ର ଥିଲା। କାରଣ ମୁଁ ଦଳର ପରାଜୟଧାରା ଭାଙ୍ଗିବାକୁ ଚାହୁଁଥିଲି। ଲଗାତର ୪ ମ୍ୟାଚ୍‌ରେ ପରାଜିତ ହେବା ଖୁବ୍ କଷ୍ଟକର। କିନ୍ତୁ ଆମେ ଏ ସମ୍ପର୍କରେ ଦଳ ମଧ୍ୟରେ କଥା ହେଉନାହୁଁ। ବ୍ୟାଟରମାନେ ଭଲ କରୁ ନ ଥିଲେ ବି ଆମ ଦଳୀୟ ପରିବେଶରେ କୌଣସି ପରିବର୍ତ୍ତନ ଆସି ନ ଥିଲା’ ବୋଲି ଅଭିଷେକ ମ୍ୟାଚ୍ ପରେ କହିଛନ୍ତି।

# ସ୍କୁଲ୍ସ ଓପନ୍ ଚେସ୍ ; ତ୍ରିଦେବ ଚାମ୍ପିୟନ

**ଭୁବନେଶ୍ୱର, ୧୩।୪ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ୪ର୍ଥ କେ.ଡି. ପିଲାଇ ସ୍ମାରକୀ ସ୍କୁଲ୍ସ ଓପନ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ୪.୫ ଲେଖାଏ ପଏଣ୍ଟ ପାଇ ତ୍ରିଦେବ ତୀର୍ଥଙ୍କର ଚାମ୍ପିୟନ ଓ ମନୀଷ ରଞ୍ଜନ ଦାସ ରନରଅପ୍ ହୋଇଛନ୍ତି। ସତ୍ୟମ୍ ସ୍ୱରୂପ ସାହୁ, ନିରେକ ପରିଡ଼ା ଓ ସତ୍ୟମାଧବ ଶତପଥୀ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତାକୁ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିବାବେଳେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରିଥିଲେ।


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ।



MINERVA AUTOMOBILES: BOLANGIR, SONEPUR, NUAPADA: 7574891579, BHAWANIPATNA: 7574891577,
KRISHNA AUTOMOTIVE: ROURKELA, SUNDERGARH: 8929207509,
GN AUTONATION: SAMBALPUR, BARGARH: 9311772663, JHARSUGUDA: 9311772664

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ